# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଫେବୃୟାରୀ ୬/୨୦୧୯ (୨୦ ପୃଷ୍ଠା + ସାହିତ୍ୟାୟନ) | Sambalpur, Wednesday, February 6 / 2019 | ★★

୧୫ଶ ଭାଗ ୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




### ୪୩ରେ ପାଦ ଦେଲେ ଅଭିଷେକ

ବଲିଉଡ ଅଭିନେତା ଅଭିଷେକ ବଚ୍ଚନ ମଙ୍ଗଳବାର ୪୩ ବର୍ଷରେ ପଦାର୍ପଣ କରିଥିବା ବେଳେ ଅନେକ ସେଲିବ୍ରିଟି ଅଭିନନ୍ଦନ ବାର୍ତ୍ତା ଟୁଇଟ୍ କରିଛନ୍ତି।

୧୩

୧୬

### ଆରୋଜ ବିଜୟରେ ରହିମ ହିରୋ

ମଙ୍ଗଳବାର ଅନୁଷ୍ଠିତ ମିନର୍ଭା ପଞ୍ଜାବ ବିପକ୍ଷ ଆଇ-ଲିଗ୍ ମ୍ୟାଚରେ ଚମତ୍କାର ପ୍ରଦର୍ଶନ କରି ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି ଇଣ୍ଡିଆନ ଆରୋଜର ରହିମ ଅଲି।



■ ବିଧାନସଭାରେ ପ୍ରବଳ ହଟ୍ଟଗୋଳ

# ଚାଷୀ, ଚିଟ୍‌ଫଣ୍ଡ ତାତି

ଭୁବନେଶ୍ୱର, ୫।୨(ବ୍ୟୁରୋ)

ଚାଷୀ ଓ ଚିଟ୍‌ଫଣ୍ଡ ଦୁର୍ନୀତି ପ୍ରସଙ୍ଗକୁ ନେଇ ବିଧାନସଭା ହୁଲସ୍ଥୁଲ ହୋଇଛି। ଏହି ପ୍ରସଙ୍ଗରେ ସରକାରଙ୍କୁ ବିରୋଧୀ ସଣ୍ଟୁଆଶି ଆକ୍ରମଣ କରିଛନ୍ତି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ବୃଦ୍ଧି ଏବଂ ଚାଷୀଙ୍କୁ କୃଷିଋଣ ଛାଡ଼ ପ୍ରସଙ୍ଗକୁ ନେଇ କଂଗ୍ରେସ ସଦସ୍ୟମାନେ ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରିଥିବା ବେଳେ ଭାଜପା ଚିଟ୍‌ଫଣ୍ଡ ଦୁର୍ନୀତି ପ୍ରସଙ୍ଗ ଉଠାଇ ନାରାବାଜି କରିଥିଲା। ଉଭୟ ଦଳର ହଟ୍ଟଗୋଳ ଯୋଗୁ ବିଧାନସଭା ଗୃହ କାର୍ଯ୍ୟ ବାଏଁ ବାଏଁ ଉଡ଼ିଯାଇଥିଲା। ବାଚସ୍ପତି ଗୃହକୁ ୨ଟି ପର୍ଯ୍ୟାୟରେ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମୁଲତବୀ କରିବାକୁ ବାଧ୍ୟ ହୋଇଥିଲେ।

ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ମିନିଟରେ ସଭା କାର୍ଯ୍ୟ ଚଳାଇବା ପାଇଁ ବାଚସ୍ପତି ପ୍ରଦୀପ କୁମାର ଅମାତ ଗୃହକୁ ପ୍ରବେଶ କରିଥିଲେ। ପୂର୍ବତନ ମନ୍ତ୍ରୀ ହରିହର କରଣଙ୍କ ବିୟୋଗରେ ବିଧାନସଭାରେ ଶୋକପ୍ରସ୍ତାବ ଆଗତ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତିରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ☞ପୃଷ୍ଠା-୧୨

## ‘ଆବ୍‌ସୋଲ୍ୟୁଟ୍‌ଲି ନନ୍‌ସେନ୍ସ’

ଭୁବନେଶ୍ୱର, ୫।୨(ବ୍ୟୁରୋ)

■ ମୁଖ୍ୟମନ୍ତ୍ରୀଙ୍କ ସିବିଆଇ ଜେରା ନେଇ ପ୍ରଶ୍ନ ଉଠାଇଲେ କନକବର୍ଦ୍ଧନ

■ ଟିଏମ୍‌ସି ପକ୍ଷରୁ କେହି କଥା ହୋଇନାହାନ୍ତି: ମୁଖ୍ୟମନ୍ତ୍ରୀ

ଚିଟ୍‌ଫଣ୍ଡ ଦୁର୍ନୀତିରେ ସିବିଆଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜେରା କରିଛି। ଏନେଇ କିଛି ଗଣମାଧ୍ୟମରେ ଖବର ବାହାରିବା ପରେ ତାହା ଜଣାପଡିଛି। ଏହା ସତ୍ୟ ନା ନୁହେଁ, ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ଆଗରେ ସ୍ପଷ୍ଟ କରନ୍ତୁ ବୋଲି ଭାଜପା ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂହଦେଓ କହିଛନ୍ତି। ହେଲେ କନକବର୍ଦ୍ଧନଙ୍କ ଏଭଳି ଅଭିଯୋଗ ‘ଆବ୍‌ସୋଲ୍ୟୁଟ୍‌ଲି ନନ୍‌ସେନ୍ସ’ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ☞ପୃଷ୍ଠା-୧୨

କୋଲକାତା ପୋଲିସ କମିଶନରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ସିବିଆଇରେ ହାଜର ହୁଅ

ନୂଆଦିଲ୍ଲୀ/କୋଲକାତା,୫।୨(ପି.ଟି.)

■ ଗିରଫ କରାଯାଇପାରିବ ନାହିଁ

■ ନୈତିକ ବିଜୟ ଦାବି କଲେ ମମତା ଓ ଭାଜପା

■ ଧାରଣାରୁ ଓହରିଲେ ମମତା

କୋଲକାତା ପୋଲିସ କମିଶନର ରାଜୀବ କୁମାର ସିବିଆଇରେ ହାଜର ହୋଇ ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତରେ ବିଶ୍ୱସନୀୟ ଭାବେ ସହଯୋଗ କରିବା ଲାଗି ସୁପ୍ରିମକୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ତେବେ ତାଙ୍କୁ ଗିରଫ କରାଯାଇପାରିବ ନାହିଁ ବୋଲି ଅଦାଲତ କହିଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ଉଭୟ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ କେନ୍ଦ୍ର ସରକାର ସେମାନଙ୍କର ନୈତିକ ବିଜୟ ହୋଇଥିବା ଦାବି କରିଛନ୍ତି। ଅନ୍ୟପକ୍ଷରେ ସୁପ୍ରିମକୋର୍ଟଙ୍କ ରାୟ ପ୍ରକାଶ ପାଇବା ପରେ ☞ପୃଷ୍ଠା-୧୨

## ‘ରାଜୀବ କୁମାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ’

ନୂଆଦିଲ୍ଲୀ,୫।୨(ପି.ଟି.)

ବିଶୃଙ୍ଖଳା ଏବଂ ସେବା ନିୟମାବଳୀର ଉଲ୍ଲଂଘନ ଲାଗି କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି କେନ୍ଦ୍ର ମଙ୍ଗଳବାର ପଶ୍ଚିମବଙ୍ଗ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋଲକାତା ମେଟ୍ରୋ ଚ୍ୟାନେଲ ନିକଟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ରାଜୀବ କୁମାର ଧାରଣାରେ ବସିବା ସର୍ବଭାରତୀୟ ସେବା (ଆଚରଣ) ନିୟମାବଳୀ, ☞ପୃଷ୍ଠା-୧୨

**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**






# ତେଲେଙ୍ଗିରି ପ୍ରକଳ୍ପ ଲୋକାର୍ପିତ

ଜୟପୁର/ ନବରଙ୍ଗପୁର/ ଉମରକୋଟ,୫।୨ (ନି.ପ୍ର./ବି.ପ୍ର./ ଡି.ଏନ୍.ଏ.)



■ କୋରାପୁଟ ପାଇଁ ୩ ବୃହତ୍ ସେତୁ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

କୋରାପୁଟ ଓ ନବରଙ୍ଗପୁର ଜିଲା ପାଇଁ ୩ ହଜାର କୋଟି ଟଙ୍କା ମୂଲ୍ୟର ୧୫୩ଟି ଉନ୍ନୟନ ପ୍ରକଳ୍ପର ମଙ୍ଗଳବାର ଶୁଭାରମ୍ଭ ଏବଂ ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥିରେ କୋରାପୁଟ ଜିଲାର ବହୁ ପ୍ରତୀକ୍ଷିତ ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପ, କୋଲାବ ନଦୀ ଉପରେ ହାଇଲେଭଲ ସେତୁ, ୪୧ଟି ଅଙ୍ଗନୱାଡ଼ି କେନ୍ଦ୍ର ଓ ବାଗଦେରୀ ମେଗା ଉଠା ଜଳସେଚନ ପ୍ରକଳ୍ପ ସହ ନବରଙ୍ଗପୁର ଜିଲାରେ ୯ଟି ନୂତନ ସେତୁ ଭଳି ପ୍ରକଳ୍ପ ସାମିଲ ରହିଛି। ଏହାସହ କୋରାପୁଟ ଜିଲାରେ ୩ଟି ବୃହତ୍ ସେତୁ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ବେଳେ ଉମରକୋଟ କାର୍ଯ୍ୟକ୍ରମରେ ମଧୁବାବୁ ପେସନ ଯୋଜନାରେ ବର୍ଦ୍ଧିତ ଭତ୍ତାର ଶୁଭାରମ୍ଭ କରିଛନ୍ତି।

‘ସମସ୍ତଙ୍କୁ ନମସ୍କାର, ବିଜୁ ଯୁବ ବାହିନୀ କାର୍ଯ୍ୟକ୍ରମକୁ ଆପଣମାନଙ୍କୁ ସ୍ୱାଗତ କରୁଛି।’ ☞ପୃଷ୍ଠା-୪

■ ସଂରକ୍ଷିତ ଜଙ୍ଗଲରୁ ମିଳିଲା

# କଲରାପତରିଆ ବାଘର ମୃତଦେହ

ବଲାଙ୍ଗୀର ଅଫିସ/ସଇଁତଲା, ୫।୨(ଡି.ଏନ୍.ଏ.)

■ ଲୁହାତାର ଫାଶରେ ପଡ଼ି ମୃତ୍ୟୁ ସନ୍ଦେହ

■ ଡିଏଫ୍‌ଓ କହିଲେ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ବଡ଼ମାଳସ୍ଥିତ ଗୋଳାବାରୁଦ କାରଖାନାର ନିଷିଦ୍ଧାଞ୍ଚଳ ପରିସରସ୍ଥ ବର୍ଣ୍ଣେଇ ସଂରକ୍ଷିତ ଜଙ୍ଗଲରୁ ମଙ୍ଗଳବାର ସକାଳେ ଏକ ମାଈ କଲରାପତରିଆ ବାଘର ମୃତଦେହ ଉଦ୍ଧାର କରାଯାଇଛି। ମୃତ ବାଘର ବୟସ ଦେଢ଼ରୁ ଦୁଇବର୍ଷ ଭିତରେ ହେବ। ବାଘଟି ଲୁହାତାର ଫାଶରେ ଫସି ମରିଥିବା ସନ୍ଦେହ କରାଯାଉଛି। ବଲାଙ୍ଗୀର ଡିଏଫ୍‌ଓ ସମୀର ଶତପଥୀ ପ୍ରାରମ୍ଭିକ ତଦନ୍ତ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି। ଲୁହାତାର ସହ ବାଘ ମୃତ୍ୟୁର କୌଣସି ସମ୍ପର୍କ ନାହିଁ। ମୃତଦେହ ତାର ପାଖରୁ ଦୂରେଇ ପଡ଼ିଥିଲା ବୋଲି ସେ କହିଛନ୍ତି। ମଙ୍ଗଳବାର ସକାଳେ ଗୋଳାବାରୁଦ କାରଖାନା ଭିତରେ ଥିବା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ନିକଟସ୍ଥ ଜଙ୍ଗଲରେ ଏକ କଲରାପତରିଆ ବାଘ ମରି ପଡ଼ିଥିବା ଦେଖାଯାଇଥିଲା। ମୃତ ବାଘର ବାମ ଗୋଡ଼ର ପଞ୍ଝାରେ କ୍ଷତଚିହ୍ନ ଥିବା ଜଣାପଡ଼ିବା ପରେ ବାର୍‌ହା ଶିକାରୀମାନେ ଲଗାଇଥିବା ଫାଶରେ ପଡ଼ି ତା’ର ମୃତ୍ୟୁ ହୋଇଥିବା ଚର୍ଚ୍ଚା ଜୋର ଧରିଥିଲା। ଖବର ପାଇ ଡିଏଫ୍‌ଓ ଶତପଥୀ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଥିଲେ। ବାଘ ମରି ପଡ଼ିଥିବା ସ୍ଥାନ ଗୋଳାବାରୁଦ କାରଖାନା ☞ପୃଷ୍ଠା-୪


SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com



NECC NATIONAL EGG CO-ORDINATION COMMITTEE | 05.02.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 80 | 132 | 142 |
| CTC | 82 | 135 | 145 |
| DKL | 81 | 133 | 143 |
| BDK | 81 | 133 | 143 |
| BLS | 82 | 135 | 145 |
| ANG | 82 | 135 | 145 |

*Conditions Apply

Eggs Retail Price- 49/-Dozen
Issued in the Interest of Consumers


**ଆଜିର ସମ୍ପାଦକୀୟ**

ହଠାତ୍ ସଜାଗ

**ଆଜିର ମନ୍ତବ୍ୟ**

“ଆସନ୍ତା ବର୍ଷଗୁଡ଼ିକରେ ଭାରତ ପ୍ରତିରକ୍ଷା ଉଦ୍ୟୋଗରେ ପ୍ରଚୁର ପୁଞ୍ଜିନିବେଶ କରିବାକୁ ଯାଉଛି।
-ସୁଭାଷ ଭାମ୍‌ରେ, କେନ୍ଦ୍ରମନ୍ତ୍ରୀ

**କିଛି ତଥ୍ୟ**

ଗତ ୪ ବର୍ଷରେ ଦେଶର ଏମ୍ଏମ୍ଏମ୍ଇଗୁଡ଼ିକ ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି।
– ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟ




କ୍ରୋଧ ଏ ସଂସାରରେ ସୁଖରୂପୀ ବୃକ୍ଷର ମୂଳକୁ ସମୟେ ସମୟେ ଦୋହଲାଇ ଦୁର୍ବଳ କରିଦିଏ।

- ପ୍ରଜାପିତା ବ୍ରହ୍ମାକୁମାରୀ

# ବଦଳିପାରେ ୟୁପିଏସ୍‌ସି ନିୟମ

ଭୁବନେଶ୍ୱର,୫।୨(ବ୍ୟୁରୋ)

ସିଭିଲ ସର୍ଭିସ ପରୀକ୍ଷାର୍ଥୀଙ୍କ ପାଇଁ ଖୁସି ଖବର। କାରଣ ବଦଳିପାରେ କେନ୍ଦ୍ରୀୟ ଲୋକସେବା ଆୟୋଗ(ୟୁପିଏସ୍‌ସି) ନିୟମ। ଆୟୋଗର ନୂଆ ସର୍ତ୍ତାବଳୀ ସହଜ ଓ ସରଳ ହୋଇପାରେ। ଭୁବନେଶ୍ୱରରେ ଅନୁଷ୍ଠିତ ୟୁପିଏସ୍‌ସି ଓ ବିଭିନ୍ନ ରାଜ୍ୟର ପିଏସ୍‌ସି ଅଧ୍ୟକ୍ଷଙ୍କ ଦୁଇଦିନିଆ ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ଏଭଳି କେତେକ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ପ୍ରସ୍ତାବ ଅନୁସାରେ, ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ମେରିଟ୍ ଲିଷ୍ଟରେ ରହୁ ନ ଥିବା ପରୀକ୍ଷାର୍ଥୀମାନଙ୍କୁ ଗ୍ରାଜୁଏଟ୍ ସ୍ତରର ଗ୍ରେଡ୍ ୱାନ୍ ଓ ଗ୍ରେଡ୍ ଟୁ ପଦବୀ ଲାଗି ଆଉ ୟୁପିଏସ୍‌ସିର ପରୀକ୍ଷା ଦେବାକୁ

**ପରୀକ୍ଷା ଦେଇ ନ ପାରିଲେ ସୁଯୋଗ ହରାଇବେନି ପରୀକ୍ଷାର୍ଥୀ**

ପଡ଼ିବନି। ଗୋଟିଏ ପରୀକ୍ଷାରୁ ସଫଳ ପ୍ରାର୍ଥୀଙ୍କ ତାଲିକା ୟୁପିଏସ୍‌ସି ପ୍ରକାଶ କରିବ। ଏମାନଙ୍କୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟରେ ଅବସ୍ଥାପିତ କରାଯାଇପାରିବ। ସେହିପରି ପୂର୍ବରୁ ସିଭିଲ ସର୍ଭିସ ପରୀକ୍ଷା ପାଇଁ ଫର୍ମ ପୂରଣ କରିବା ପରେ କୌଣସି କାରଣରୁ ପରୀକ୍ଷା ଦେଇ ନ ଥିବା ପରୀକ୍ଷାର୍ଥୀଙ୍କୁ ଗୋଟିଏ ସୁଯୋଗ ହରାଇବାକୁ ପଡୁଥିଲା। କିନ୍ତୁ ଆଗକୁ ପରୀକ୍ଷାର୍ଥୀଙ୍କୁ ଏଭଳି ଅସୁବିଧାର ସାମ୍ନା କରିବାକୁ ପଡ଼ିବନି। କାରଣ ପରୀକ୍ଷା ପୂର୍ବରୁ ଓହରିଯିବା ଲାଗି ଏକ ବିକଳ୍ପ ବ୍ୟବସ୍ଥା ରଖିବାକୁ ବିଚାର କରାଯାଉଛି ବୋଲି ୟୁପିଏସ୍‌ସି ଅଧ୍ୟକ୍ଷ ଅରବିନ୍ଦ ସାକ୍ସେନା କହିଛନ୍ତି। ପରୀକ୍ଷାର୍ଥୀମାନେ ଏକାଧିକ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଉଥିବାରୁ ସେମାନଙ୍କୁ ପରୀକ୍ଷା କଷ୍ଟ ଓ ମାନସିକ ଚାପରୁ ମୁକ୍ତ କରିବାକୁ ଏହି ନୂଆ ନିୟମ ସମ୍ପର୍କରେ ଚିନ୍ତା କରାଯାଇଥିବା ୟୁପିଏସ୍‌ସି କର୍ତ୍ତୃପକ୍ଷ କହିଛନ୍ତି। ଉଦ୍‌ଯାପନୀ ସମ୍ମିଳନୀରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଓପିଏସ୍‌ସି ଅଧ୍ୟକ୍ଷ ବ୍ରିଗେଡିୟର ଏଲ୍.ସି. ପଟ୍ଟନାୟକ, ତେଲେଙ୍ଗାନା ଲୋକସେବା ଆୟୋଗ ଅଧ୍ୟକ୍ଷ ଘଣ୍ଟଚକ୍ର ପାଣି, ଓଡ଼ିଶା ମଣ୍ଡଳର ମୁଖ୍ୟ ମହାଡାକପାଳ ଡ. ସନ୍ତୋଷ କୁମାର କାମିଲା ପ୍ରମୁଖ ଉପସ୍ଥିତ ଥିଲେ।




ସମ୍ମିଳନୀରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି।




■ ଉଜ୍ଜ୍ୱଳା ଆଣିଦେଲା ବଡ଼ ଉପଲବ୍ଧି

# ଏଲ୍‌ପିଜି ବ୍ୟବହାରରେ ଭାରତ ବିଶ୍ୱରେ ଦ୍ୱିତୀୟ



- ୯୦ ପ୍ରତିଶତ ସ୍ଥାନରେ ଏଲ୍‌ପିଜି ପହଞ୍ଚିଛି: ଧର୍ମେନ୍ଦ୍ର
- ୨.୨୫ କୋଟି ଟନ ଏଲ୍‌ପିଜି ବ୍ୟବହାର ହେଉଛି
- ୨୦୧୪-୧୫ରେ ୧୪.୮ କୋଟି ଗ୍ରାହକ

ନୂଆଦିଲ୍ଲୀ,୫।୨

ଗରିବ ମହିଳାଙ୍କ ଘରେ ସ୍ୱଚ୍ଛ ଇନ୍ଧନ ପହଞ୍ଚାଇବା ଉଦ୍ଦେଶ୍ୟରେ ଏନ୍‌ଡିଏ ସରକାର ଆରମ୍ଭ କରିଥିଲେ ଉଜ୍ଜ୍ୱଳା ଯୋଜନା। ଏବେ ଏହି ଯୋଜନାରେ ୬ କୋଟି ଗରିବଙ୍କ ଘରେ ଏଲ୍‌ପିଜି ପହଞ୍ଚିପାରିଛି। ଦେଶରେ ୯୦ ପ୍ରତିଶତ ସ୍ଥାନରେ ଏବେ ଏଲ୍‌ପିଜି ପହଞ୍ଚିଯାଇଛି। ଏହା ୨୦୧୪ରେ ୫୫ ପ୍ରତିଶତ ଥିଲା ବୋଲି ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଉଜ୍ଜ୍ୱଳା ଯୋଗୁ ଭାରତ ଏଲ୍‌ପିଜି ବ୍ୟବହାରରେ ବିଶ୍ୱରେ ଦ୍ୱିତୀୟ ସ୍ଥାନ ହାସଲ କରିଛି ବୋଲି ପେଟ୍ରୋଲିୟମ ସଚିବ ଏମ୍.ଏମ୍.କୁଟ୍ଟୀ ପ୍ରକାଶ କରିଛନ୍ତି।

ଏଠାରେ ଆୟୋଜିତ ଏସିଆ ଏଲ୍‌ପିଜି ସମ୍ମିଳନୀକୁ ଉଦ୍‌ଘାଟନ କରି ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ୨୦୧୬ ମେ'ରେ ଉଜ୍ଜ୍ୱଳା ଯୋଜନା ଆରମ୍ଭ ହୋଇଥିଲା। ଏହା ଅଧୀନରେ ୩ ବର୍ଷ ମଧ୍ୟରେ ୫ କୋଟି ଗରିବ ମହିଳାଙ୍କୁ ଏଲ୍‌ପିଜି ସଂଯୋଗ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ଅଦ୍ୟାବଧି ୬ କୋଟି ସଂଯୋଗ ଏହା ଅଧୀନରେ ଦିଆସାରିଛି। ୨୦୨୦ ସୁଦ୍ଧା ଏହାକୁ ୮ କୋଟିରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ଏହା ହାସଲ ସମ୍ଭବ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ କୁଟ୍ଟୀ କହିଛନ୍ତି ଯେ, ଭାରତରେ ଏବେ ୨.୨୫ କୋଟି ଟନ ଏଲ୍‌ପିଜି ବ୍ୟବହୃତ ହେଉଛି। ୨୦୨୫ ସୁଦ୍ଧା ଦେଶରେ ଏଲ୍‌ପିଜି ଚାହିଦା ୩୪ ପ୍ରତିଶତ ବୃଦ୍ଧି ପାଇ ୩.୦୩ କୋଟି ଟନ ଓ ୨୦୪୦ ସୁଦ୍ଧା ଏହା ୪.୦୬ କୋଟି ଟନରେ ପହଞ୍ଚିଯିବ। ଏଲ୍‌ପିଜି ବ୍ୟବହାରରେ ଭାରତ ଦ୍ୱିତୀୟ ସ୍ଥାନକୁ ଉଠିଆସିଥିବା ବେଳେ ଚାଇନା ଶୀର୍ଷ ସ୍ଥାନ ବଜାୟ ରଖିଛି। ସେ କହିଛନ୍ତି ଯେ, ଦେଶରେ ବାର୍ଷିକ ଆଧାରରେ ୧୫% ହାରରେ ଏଲ୍‌ପିଜି ଗ୍ରାହକଙ୍କ ସଂଖ୍ୟା ବଢୁଛି। ୨୦୧୪-୧୫ ଆର୍ଥିକ ବର୍ଷରେ ଏଲ୍‌ପିଜି ଗ୍ରାହକଙ୍କ ସଂଖ୍ୟା ୧୪.୮ କୋଟି ଥିଲା ବେଳେ ୨୦୧୭-୧୮ରେ ଏହା ୨୨.୪ କୋଟିକୁ ବୃଦ୍ଧି ପାଇଛି। ଜନସଂଖ୍ୟା ହାର ଅଧିକ ହେବା ଏବଂ ଗ୍ରାମାଞ୍ଚଳରେ ଏଲ୍‌ପିଜି ପହଞ୍ଚିବା କାରଣରୁ ଉପଯୋଗ ସଂଖ୍ୟା ହାରାହାରି ୮.୪% ବୃଦ୍ଧି ପାଇଛି। କୁଟ୍ଟୀ କହିଛନ୍ତି ଯେ, ସରକାର ସାରା ଦେଶରେ ଏଲ୍‌ପିଜି ଉପଯୋଗକୁ ପ୍ରୋତ୍ସାହିତ କରିବା ଲାଗି ଅନେକ ପଦକ୍ଷେପ ନେଇଛନ୍ତି। ଗ୍ରାମାଞ୍ଚଳରେ ବସବାସ କରୁଥିବା ପରିବାର ପରମ୍ପରାଗତ ଇନ୍ଧନ ଉପରେ ନିର୍ଭରଶୀଳ ରହୁଛନ୍ତି। ଏଥିଯୋଗୁ ମହିଳାଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡୁଛି। ଏଥିସହିତ ପ୍ରଦୂଷଣ ବଢୁଛି। ଏହି କାରଣରୁ ଗ୍ରାମୀଣ ପରିବାରକୁ ଏଲ୍‌ପିଜି ଉପଯୋଗର ଗୁରୁତ୍ୱ ବୁଝାଇବା ଲାଗି ସରକାର ପଦକ୍ଷେପ ନେଇଛନ୍ତି।

■ ୭ରେ ଉପକୂଳରେ କୁହୁଡ଼ି

# ୮ରେ ଆଭ୍ୟନ୍ତରୀଣରେ କୁଆପଥର ବୃଷ୍ଟି

**ଉପରମୁହାଁ ହେଲା ପାରଦ**

**ଭୁବନେଶ୍ୱର,୫।୨(ବ୍ୟୁରୋ):** ରାଜ୍ୟରେ ଶୀତ ଉଭାନ ହୋଇଗଲାଣି। ପାରଦ ଉପରମୁହାଁ ହୋଇଛି। ଦିନରେ ତାତି ବଢ଼ିବା ଆରମ୍ଭ କଲାଣି। ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଉପରକୁ ଉଠି ଯାଇଥିବା ବେଳେ ସର୍ବନିମ୍ନ ତାପମାତ୍ରା ୧୦ରୁ ୧୬ ଡିଗ୍ରୀ ମଧ୍ୟରେ ରହିଛି। ଆସନ୍ତା ୭ ଓ ୮ ତାରିଖ ବେଳକୁ ଉପକୂଳ ଓଡିଶାରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ଖୋର୍ଦ୍ଧା, କଟକ, ପୁରୀ, ଯାଜପୁର, କେନ୍ଦ୍ରାପଡା, ଜଗତ୍‌ସିଂହପୁର ଆଦି ଜିଲାରେ ପ୍ରବଳ କୁହୁଡି ହେବ ବୋଲି ପାଣିପାଗ ବିଭାଗ ଚେତାବନୀ ଦେଇଛି। ସେହିପରି ୮ ଓ ୯ ତାରିଖରେ ଆଭ୍ୟନ୍ତରୀଣ ଓଡିଶାରେ କୁଆପଥର ବୃଷ୍ଟି ହେବ ବୋଲି ଅନୁମାନ କରାଯାଇଛି। ଏଥିସହିତ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ଅନୁଗୋଳରେ ୧୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗିବାଡିରେ ୧୦.୫, ଭୁବନେଶ୍ୱରରେ ୧୩.୮ ଏବଂ କଟକରେ ୧୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ସେହିପରି ତାଳଚେର ସର୍ବୋଚ୍ଚ ତାପମାତ୍ରା ୩୩.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ମାଲକାନଗିରି ୩୩.୪, ଭୁବନେଶ୍ୱର ୩୩ ଏବଂ ବଲାଙ୍ଗୀରରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ବାଇକ୍ ଧକ୍କା, କକା ପୁତୁରା ମୃତ

**ପାଟଣା, ୫।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ କେନ୍ଦେଇପଶି ହନୁମାନ ଛକ ନିକଟରେ ମଙ୍ଗଳବାର ରାତିରେ ଏକ ବାଇକ୍ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ସାହାରପଡ଼ା ବ୍ଲକ ରାଇଡିହା ପଞ୍ଚାୟତ ମେଦିନପୁର ଗ୍ରାମ ଚୌକିଆ ସାହିର ମିଥୁନ ନାଏକ ଓ ସଞ୍ଜିତ ନାଏକ। ଉଭୟ କକାପୁତୁରା ବୋଲି ଜଣାପଡ଼ିଛି। ଉଭୟ ଓଏମ ୭୪୬୩ ନମ୍ବର ବାଇକ୍‌ରେ କେନ୍ଦୁଝର ପାର୍ଶ୍ୱରୁ ମେଦିନପୁରକୁ ଫେରୁଥିବା ବେଳେ କେନ୍ଦେଇପଶି ହନୁମାନ ଛକରେ ଭାରସମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକଗଛରେ ବାଇକ୍ ଧକ୍କା ହୋଇଥିଲା। ସେମାନେ ରାସ୍ତାରେ ଗୁରୁତର ଅବସ୍ଥାରେ ପଡ଼ିଥିଲେ। ଖବର ପାଇ ପାଟଣା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଘଟଣାସ୍ଥଳରେ ତୁରୁମୁଙ୍ଗା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

**ସଂକ୍ଷେପରେ**

## ହରିହର କରଣଙ୍କ ବିୟୋଗରେ ବିଧାନସଭାରେ ଶୋକ

ଭୁବନେଶ୍ୱର,୫।୨(ବ୍ୟୁରୋ): ପୂର୍ବତନ ମନ୍ତ୍ରୀ ହରିହର କରଣଙ୍କ ବିୟୋଗରେ ବିଧାନସଭାରେ ଶୋକ ପ୍ରସ୍ତାବ ଆଗତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁପସ୍ଥିତିରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ଶୋକ ପ୍ରସ୍ତାବ ଆଗତ କରିବାକୁ ବାଚସ୍ପତି ପ୍ରଦୀପ କୁମାର ଅମାତ କହିଥିଲେ। ଅମାତ ଶୋକ ପ୍ରସ୍ତାବ ଆଗତ କରି କରଣଙ୍କ ଜୀବନୀ ଉପରେ ସଂକ୍ଷିପ୍ତ ବିବରଣୀ ଦେଇଥିଲେ। ତାଙ୍କ ଅମର ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ଏବଂ ଭାଜପା ସଭ୍ୟ କନକ ବର୍ଦ୍ଧନ ସିଂଦେଓ ଆରୁଖ ଆଣିଥିବା ଶୋକ ପ୍ରସ୍ତାବକୁ ସମର୍ଥନ କରିବା ସହ ସ୍ୱର୍ଗତ କରଣଙ୍କ ସ୍ମୃତିଚାରଣ କରିଥିଲେ। ସେହି ପରଲୋକଗତ ନେତାଙ୍କୁ ଉଭୟ ନିଜ ଦଳ ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ବାଚସ୍ପତିଙ୍କ ଜରିଆରେ ସମବେଦନା ଜଣାଇଥିଲେ। ସ୍ୱର୍ଗତ ସଦସ୍ୟଙ୍କ ବିୟୋଗରେ ବିଧାନସଭାରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ଆୟୁଷ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ଆୟୁଷ ଡାକ୍ତରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଭୁବନେଶ୍ୱର,୫।୨(ବ୍ୟୁରୋ)**

ସାରା ରାଜ୍ୟରେ ଆୟୁଷ ଡାକ୍ତରମାନେ ମଙ୍ଗଳବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସାମିଲ ୭ଶହରୁ ଊର୍ଦ୍ଧ୍ୱ ଆୟୁଷ ଡାକ୍ତରଙ୍କ ୬ଦଫା ଦାବି ନେଇ ଆୟୁଷ ଡାକ୍ତର ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ଏ ନେଇ ସଂଘ ପକ୍ଷରୁ ଲୋୟର୍ ପିଏମ୍‌ଜିଠାରେ ଧାରଣା ଦିଆଯାଇଛି।

ସଂଘ ପକ୍ଷରୁ କୁହାଯାଇଛି ଯେ, ଓଡ଼ିଶା ସରକାରଙ୍କର ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ୨୦୧୩ରୁ ୭ଶହରୁ ଊର୍ଦ୍ଧ୍ୱ ଆୟୁଷ ଡାକ୍ତର ରାଜ୍ୟର ସମସ୍ତ ଜିଲାରେ ଠିକାଭିତ୍ତିକ ନିଯୁକ୍ତିରେ କାର୍ଯ୍ୟ କରିଆସୁଛନ୍ତି। ସେମାନଙ୍କ ଉପରେ ଜନ୍ମରୁ ୧୮ବର୍ଷ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ପିଲାଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଭାର ଅର୍ପଣ କରି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଉଛି। କିନ୍ତୁ ଏଯାବତ୍ ସେମାନଙ୍କ ସ୍ଥାୟୀ ନିଯୁକ୍ତି ପ୍ରକ୍ରିୟା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ସେହିପରି ସପ୍ତମ ବେତନ କମିଶନ ଲାଗୁ ହେବା ପରେ ସ୍ଥାୟୀ ସରକାରୀ କର୍ମଚାରୀମାନେ ବିପୁଳ ପରିମାଣର ଅର୍ଥ ଦରମା ବାବଦକୁ ପାଉଥିବା ବେଳେ ଆୟୁଷ ଡାକ୍ତରମାନଙ୍କୁ ମାସିକ ମାତ୍ର ୨୧,୯୨୪ ଟଙ୍କା ଦରମା ଦିଆଯାଉଛି, ଯାହା କି ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଦରମାଠାରୁ ବି ବହୁତ କମ୍। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ତଥା ରାଜ୍ୟରେ ସ୍ୱତନ୍ତ୍ର ଭାବେ ଆୟୁଷ ମନ୍ତ୍ରଣାଳୟ ଖୋଲାଯାଇଥିଲେ ମଧ୍ୟ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ କାର୍ଯ୍ୟରତ ଆୟୁଷ ଡାକ୍ତରମାନଙ୍କୁ ରାଜ୍ୟ ଆୟୁଷ ମନ୍ତ୍ରଣାଳୟ ଅଧୀନକୁ ନିଆଯାଉନାହିଁ। ଏ ନେଇ ବାରମ୍ବାର ସରକାରଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନି। ତେଣୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ କାର୍ଯ୍ୟରତ ଆୟୁଷ ଡାକ୍ତରଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ପ୍ରକ୍ରିୟାକରଣ, ସପ୍ତମ ବେତନ କମିଶନ ହାରରେ ସ୍ଥାୟୀ ଆୟୁଷ ଡାକ୍ତରଙ୍କ ଭଳି ସମାନ ଦରମା ପ୍ରଦାନ, ପ୍ରଦର୍ଶନଭିତ୍ତିକ ପ୍ରୋତ୍ସାହନ ରାଶି ପ୍ରଥାକୁ ଉଚ୍ଛେଦ କରି ଏହାକୁ ମୂଳ ଦରମା ସହିତ ମିଶାଇ ପ୍ରଦାନ, ଇପିଏଫ୍/ସ୍ୱାସ୍ଥ୍ୟବୀମା, ଦୈନିକ ଭତ୍ତା ପ୍ରଦାନ ସହ ଏହି ଆୟୁଷ ଡାକ୍ତରମାନଙ୍କୁ ରାଜ୍ୟ ଆୟୁଷ ମନ୍ତ୍ରଣାଳୟ ଅଧୀନକୁ ନେବା ପାଇଁ ସଂଘ ଦାବି କରିଛି। ରାଜ୍ୟ ସରକାର ଯଥାଶୀଘ୍ର ଦାବିଗୁଡ଼ିକୁ ପୂରଣ ପାଇଁ ଉଚିତ ପଦକ୍ଷେପ ନ ନେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସଂଘ ସଭାପତି ଡା. ସୁଶୀଲ କୁମାର ମହାପାତ୍ର, ସାଧାରଣ ସମ୍ପାଦକ ଡା. ବିଜୟ ସାସମଲ, ମୁଖପାତ୍ର ଡା. ବିଶ୍ୱରଞ୍ଜନ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଅଶ୍ଳୀଳ ଭିଡିଓ ଦେଖାଇ ନାବାଳିକାଙ୍କୁ ବଳାତ୍କାର

**ସମ୍ବଲପୁର,୫।୨(ବ୍ୟୁରୋ)**

- ଅଭିଯୁକ୍ତ ଗିରଫ
- ନାବାଳିକାଙ୍କ ଡାକ୍ତରୀ ମାଇନା ହୋଇପାରୁନି
- ୨ଦିନ ହେଲା ଜିଲା ମୁଖ୍ୟ ଚିକିତ୍ସାଳୟ ଫେରାଇ ଦେଉଛି
- ସିଡିଏମ୍‌ଓ କହିଲେ ଆଜି ଉପସ୍ଥିତ ରହି ବ୍ୟବସ୍ଥା କରିବେ

ସମ୍ବଲପୁର ଜିଲା ହୀରାକୁଦ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ରବିବାର ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ପୋଲିସ ମଙ୍ଗଳବାର ଅଭିଯୁକ୍ତ ଘୁନୁ ନନ୍ଦ (୪୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏ ନେଇ ଥାନାରେ ଏକ ମାମଲା (ନଂ ୨୩/୧୯) ରୁଜୁ ହୋଇଛି । ତେବେ ଅଭିଯୁକ୍ତଙ୍କ ଡାକ୍ତରୀମାଇନା ହୋଇଥିବା ବେଳେ ନାବାଳିକାଙ୍କ ଡାକ୍ତରୀମାଇନା ହୋଇପାରୁନି। ଡାକ୍ତର ନ ଥିବା ଆଳ ଦେଖାଇ ଦୁଇ ଦିନ ହେଲା ନାବାଳିଙ୍କ ଡାକ୍ତରୀମାଇନା ନ କରି ଜିଲା ମୁଖ୍ୟ ଚିକିତ୍ସାଳୟ ଫେରାଇ ଦେଉଛି। ସିଡିଏମ୍‌ଓ କଲ୍ୟାଣ ଗୁପ୍ତା ଏଭଳି କିଛି ଅଭିଯୋଗ ପାଇ ନ ଥିବା ସଫେଇ ଦେଇ କହିଛନ୍ତି ଯେ, ବୁଧବାର ନିଜେ ସେ ମେଡିକାଲରେ ଉପସ୍ଥିତ ରହି ସମ୍ପୃକ୍ତ ନାବାଳିକାଙ୍କ ଡାକ୍ତରୀମାଇନା କରିବାର ବ୍ୟବସ୍ଥା କରିବେ। ଅଭିଯୋଗ କ୍ରମେ ରବିବାର ଅପରାହ୍ନ ୪ଟାରେ ନାବାଳିକା ଜଣକ ଗାଁ ଦାଣ୍ଡରେ ସାଙ୍ଗମାନଙ୍କ ସହ ଖେଳୁଥିଲେ। ସେହି ସମୟରେ ଅଭିଯୁକ୍ତ ଘୁନୁ ଆସିଥିଲେ । ବୁଲି ଯିବାକୁ କହି ତାଙ୍କୁ ନିକଟସ୍ଥ ସ୍କୁଲ ଘର ପାଇଖାନାକୁ ନେଇ ଯାଇଥିଲେ । ସେଠାରେ ମୋବାଇଲରେ ଅଶ୍ଳୀଳ ଭିଡିଓ ଦେଖାଇ ବଳାତ୍କାର କରିଥିଲେ। ନାବାଳିକା ଜଣକ ଘରେ ପହଞ୍ଚି ତାଙ୍କ ମା'ଙ୍କୁ ଏ ସମ୍ପର୍କରେ କହିବା ପରେ ପରିବାର ବର୍ଗ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ରୁଜୁ କରି ମଙ୍ଗଳବାର ଅଭିଯୁକ୍ତ ଘୁନୁଙ୍କୁ ଗିରଫ କରିଥିଲା।









ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ମୁନା
ପରିବାରବର୍ଗ


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଧରିତ୍ରୀ MATRIMONIAL

### BRIDE WANTED

Tanti boy, 1987, 5'7", B.Tech, Sail Engineer, only son. 9776562742. D-58036

Wanted Begali Kayasth bride for boy (only son) 1983/ 5'7"/ MCA private job salary Rs.- 20,000 own resident Rourkela base, father retired Rly. employee. 9692719292. D-59849

Good looking bride within age group 28-33 educated willing to settle in USA for A 37yr old handsome, tall, kaibarta groom, employed at an US corporation, As Sr Manager at Chicago Technical Education preferred, caste no bar. Contact. 8455925654. D-62156

Divorcee groom Nalco Engineer 39, Bank Manager 42 (Caste-no-bar). 7873374269. D-65467

**Brahmin groom, 29yrs/ 5f 11 in, MBA, Sr. Manager in leading digital advertising agency in Mumbai. 9437034281.** D-10917

ଗୁଡିଆ ପାତ୍ରୀ ଆବଶ୍ୟକ। ପାତ୍ର MBA ଗୌରବର୍ଣ୍ଣ, 5'5", 36ବର୍ଷ, ବାଙ୍ଗାଲୋରରେ ଚାକିରି, ଭୁବନେଶ୍ୱର ବାସିନ୍ଦା, ଏକ ପୁତ୍ର ସନ୍ତାନ ଥିବା ପାତ୍ର ପାଇଁ ଗୌରବର୍ଣ୍ଣ ଉଚ୍ଚ ଶିକ୍ଷିତା 5'2" (25-35) ବର୍ଷ ମଧ୍ୟରେ ପାତ୍ରୀ ଆବଶ୍ୟକ। ଯୋଗାଯୋଗ: 8904239566, 9632818622. D-10919

Now Matrimonial ads. only on Wednesday & Sunday
Book 1 Get 1 FREE

Urgent bride requirement for Gudia groom qualification IT, Height- 5'7". Contact: 6370096605, 9778124128. D-10918

### GROOM WANTED

Groom wanted for Utkal Brahmin bride age 28+ height 5'6" Rasi- Mina, Debagana M.A in English BED. Sound health, groom be Teacher, Lecturer, Engineer or Govt. Service. Contact: 9732563395, 8250378568. D-10798

Teli / similar caste boy invited for fair girl 5'5"/DOB-13.12.1988/ Makar, B.Com, MBA working in MNC Bangalore: 9438042036. (Parents). D-65469

## classified



### SALE

L&T Pc 71 Komatsu show room condition, 2009 Dec. (Mo): 7978887806. D-10897

### HIRE

HYWA- 10/12 chaka dalabody required monthly Tonej basis. 7008390351, 9348408215. D-10963



### SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

3storied building for sale near Dhauli, Bhubaneswar, all are 3BHK flat new building. Contact: 9337730923. D-58037

Bhubaneswar AIIMS Hospital, MOBus stand নিকটরে gharabari plot sale. 8480745797. D-65342

Gharabari boundary plot infront Krupajal Engineering College, Bhubaneswar: 9090899281, 8908805482. D-65461

Home steade land at Kesura for immediate construction with boundary patta/ Pitapalli ଛକରୁ 2km. ଦୂରରେ main road ସାଉଡରେ plot ବିକ୍ରିହେବ। 9178031478. D-65812

Plot 2000 sqft. sale by owner at Arugul IIT Ranipur Mouza. Cont.: 7328861537. D-10863

Plot on lowest bduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452. D-65813

BDA yellow zone sthitiban plot at Khandagiri 30 feet Main Road, 30 feet Sub Road. 9437426733. D-10890

Ready to move 3/2BHK flats, under construction, duplex available backside V2- showroom at Patrapada. 9040337729, 9861037729. D-63935

Book 4BHK duplex having land area 1500 sqft. and construction area 2000 sqft., back side of AMRI Hospital, Khandagiri, Bhubaneswar. Possession in June 2020. Price- 62.5 lakhs. 7504392698. D-65555

Gharabari boundary plots, AIIMS price- 1250/- gharabari boundary plots 200 ft. road side, KIIT price- 900/-, 750/-. 8249483868. D-10876

Residential plot for sale at Patia connecting with blacktop road boundary-wall, electrification, water supply (ready for construction). 9556003065, 7978159231. D-65352

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65558

Book 3BHK duplex having land area 1200 sqft. and construction area 1800 sqft. near Mani Tirumala, Patia, Bhubaneswar, price- 60lakh. 7504392698. D-65561

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



Construct your dream home @ 450/- @ 1400/- onwards with all branded materials also minimum 40 years structural guaranty. Deepak Construction, BBSR. Contact: 9861010049, 8480700846. D-10899

### GENERAL

### SALE

Beauty Spa sale running Parlour Top Location Bhubaneswar Ph: 9861061565. D-52887



New opening ayurvedic full body massage. 7077444583. D-10885

Fantacy newly opening ayurvedic fullbody massage ledies, gents. 7609923705, 7438851534. D-38544

### AFFIDAVIT

By virtue an affidavit before Executive Magistrate, Dhenkanal my daughter's name and D.O.B wrongly mentioned as Yogita Priyadarshini and 08.04.2007 in my service record. But actually she shall be known as Yogita Priyadarshini Dhir and DOB is 08.10.2006 for all purposes. D/o. Pradeep Kumar Dhir, Gayatrinagar, Dhenkanal. D-62068

### AFFIDAVIT

ମୁଁ ଭଦ୍ରକ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କଠାରେ ତା-୪।୨।୧୯ ନଂ-୧୧୩୩ ମାଧ୍ୟମରେ ଘୋଷଣା କରେକି ଅଞ୍ଜଳୀ ହେମ୍ବ୍ରମ ଓ ଅଞ୍ଜଳୀ ମୁର୍ମୁ ଜଣେବ୍ୟକ୍ତି। ସ୍ୱା-ରାମ ରାୟ ହେମ୍ବ୍ରମ ଗ୍ରା/ପୋ- ଭିତରଆମଦା, ଜିଲ୍ଲା-ମୟୂରଭଞ୍ଜ। ଅଞ୍ଜଳୀ ମୁର୍ମୁ। ଧ-୧୦୯୭୭

### ଶୁଭ ଜନ୍ମଦିନ



**ଶୁଭବ ପ୍ରିୟଦର୍ଶୀ** (ସୁଡୁଲ)
ରଘୁନାଥପୁର, ଜଗତ୍‌ସିଂହପୁର
ଦ୍ୱିତୀୟ ଜନ୍ମଦିନ ଅବସରରେ ତୁମକୁ ଅନେକ ଅନେକ ଶୁଭେଚ୍ଛା।
ଶୁଭେଚ୍ଛା ସହ:
ବାବା-ମାମା, ଦାଦା-ଖୁଡ଼ୀ-ଦିଦି, ଜେଜେ-ମା'
ଧ-୧୦୯୬୨

### ୧୦ତମ ଜନ୍ମଦିନ ଶୁଭେଚ୍ଛା



(ମୁନା)
**ମନୋରଞ୍ଜନ ଦାସ**
ଈଶ୍ୱର ତୋତେ ସଦ୍‌ବୁଦ୍ଧି, ସାହସ, ଧୈର୍ଯ୍ୟ ଓ କୋଟି ପରମାୟୁ ଦିଅନ୍ତୁ। ଆମର ଭଲପାଇବା ଓ ଆଶୀର୍ବାଦ ତୋ ପାଇଁ ପ୍ରେରଣାର ଉତ୍ସ ପାଲଟୁ। ତୋ ସଫଳତା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସଦାସର୍ବଦା ପ୍ରାର୍ଥନା। ଶୁଭେଚ୍ଛା ସହ: ଅଜା, ଆଈ, ମାମୁ, ମାଇଁ, ଭାଇନା (କାହ୍ନା), ବୋଉ, ବିନୋଦ, ପରିବାର ଓ ବନ୍ଧୁବର୍ଗ, ସାଙ୍ଗସାଥୀ, ଭୁବନେଶ୍ୱର।
ଧ-୧୦୯୫୭

### ୧୪ତମ ଜନ୍ମଦିନ ଶୁଭେଚ୍ଛା



**ସୁନୟନା ଆଚାର୍ଯ୍ୟ**
(ଗୁନ୍‌ଗୁନ୍)
ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ଶୁଭଆଶୀର୍ବାଦ ସହ:
ଅଜା, ବାବା, ମାମା, ମାମୁଁ, ମାଇଁ ଓ ତୁତୁନ୍
ତରଫରୁ ବ୍ରହ୍ମେଶ୍ୱରପାଟଣା
ଧ-୧୦୯୭୮

## ମନେ ପଡ଼ନ୍ତି

### ଦଶମ ଶ୍ରାଦ୍ଧବାର୍ଷିକୀ

ଶ୍ରଦ୍ଧାଞ୍ଜଳି



**✓ ପିତାମ୍ବର ନାୟକ**
ତିରୋଧାନ - ୨୮.୦୧.୨୦୦୯
ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟ ପରାୟଣତା ତଥା ଶୃଙ୍ଖଳିତ ଓ ସାଧାରଣ ଜୀବନ ଶୈଳୀ ଆମର ନିତ୍ୟ ପାଥେୟ ହେଉ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ - ପରିବାରବର୍ଗ
ଧ-୬୪୯୪୨

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ଛାଟୋଇ**
ରାମଚନ୍ଦ୍ରପୁର, ବାଙ୍କୀ, କଟକ
ଆବିର୍ଭାବ: ୧୫।୧୨।୧୯୪୨
ତିରୋଧାନ: ୨୭।୦୧।୨୦୧୯
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ତୁମର କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ଉପଦେଶ ଆମ୍ଭମାନଙ୍କୁ ସବୁଦିନ ପାଇଁ ପ୍ରେରଣା ଦେଉଥାଉ। ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ ଓ ବନ୍ଧୁବାନ୍ଧବ।
ଧ-୧୦୯୫୯

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଅକ୍ଷୟ ସାହୁ (ଡଅଁରା)**
ଆବିର୍ଭାବ: ୧୬।୦୬।୧୯୭୫
ତିରୋଧାନ: ୦୮।୦୨।୨୦୧୬
ଚାହୁଁ ଚାହୁଁ ତିନିବର୍ଷ ବିତିଗଲା। ଭଗବାନ ଆପଣଙ୍କ ଅମର ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ। ଶୋକସନ୍ତପ୍ତ: ଝିଅ, ପତ୍ନୀ ଓ ସାହୁ ପରିବାରବର୍ଗ।
ଧ-୧୦୯୫୮

### ଷଷ୍ଠ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ସନ୍ତୋଷ ପ୍ରସାଦ ପାଣିଗ୍ରାହୀ**
ଆବିର୍ଭାବ: ୯।୯।୧୯୮୩
ତିରୋଧାନ: ୧।୨।୨୦୧୪
ମହାପ୍ରଭୁ ତୁମର ଆତ୍ମାର ସଦ୍‌ଗତି ପ୍ରଦାନ କରନ୍ତୁ। ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ବିନୀତ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ ପରିବାରବର୍ଗ।
ଧ-୬୩୭୫୯

ପ୍ରଥମ ପୃଷ୍ଠାରୁ...

## କଲରାପତରିଆ ...

ନିଷିଦ୍ଧାଞ୍ଚଳ ଭିତରେ ଥିଲେ ହେଁ, ନିକଟରେ ଅଗ୍ନିଶମ କାର୍ଯ୍ୟାଳୟ ଓ ପାଣି ଟାଙ୍କି ରହିଛି। ପୁନଶ୍ଚ ମୃତ ବାଘର କୌଣସି ଅଙ୍ଗପ୍ରତ୍ୟଙ୍ଗ ନିଆଯାଇ ନ ଥିବାରୁ ଶିକାରୀମାନେ ଫାଶ ଲଗାଇ ହତ୍ୟା କରିବା ସେତେଟା ସମ୍ଭବ ନୁହେଁ ବୋଲି ଡିଏଫ୍‌ଓ କହିଛନ୍ତି। ଟିଁଟିଲାଗଡ଼ ଉପଖଣ୍ଡ ପ୍ରାଣୀଧନ ଚିକିତ୍ସାଧିକାରୀଙ୍କ ସହ ୪ଜଣ ପ୍ରାଣୀଧନ ଚିକିତ୍ସକ (ଭିଏଏସ୍) ମୃତ ବାଘର ବ୍ୟବଚ୍ଛେଦ କରିଛନ୍ତି। ରିପୋର୍ଟ ଆସିବା ପାଇଁ ପ୍ରାୟ ୬/୭ଦିନ ସମୟ ଲାଗିବ ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି। ଗୋଳାବାରୁଦ କାରଖାନା ଅନ୍ତର୍ଗତ ନିଷିଦ୍ଧାଞ୍ଚଳ ଭିତରେ ଥିବା ବର୍ଣ୍ଣେଇ ଜଙ୍ଗଲରେ କଲରାପତରିଆ ବାଘ ସହ ବହୁ ବନ୍ୟଜନ୍ତୁ ରହୁଥିବା ସ୍ଥାନୀୟ ଲୋକେ କହନ୍ତି। ଦୀର୍ଘଦିନ ଧରି ଏହି ଅଞ୍ଚଳ ନିଷିଦ୍ଧାଞ୍ଚଳ ଓ ସୁରକ୍ଷା ବଳୟ ଭିତରେ ରହିଥିବାରୁ ଏଠାରେ ଜଙ୍ଗଲ ଅଧିକ ଘଞ୍ଚ ହୋଇଯାଇଛି। ତେବେ ଏହି ଜଙ୍ଗଲ ଭିତରକୁ ଶିକାରୀମାନେ ପଶି ବାର୍‌ହା ଓ ଅନ୍ୟ ବନ୍ୟଜନ୍ତୁ ଶିକାର କରୁଥିବା ଚର୍ଚ୍ଚା ମଧ୍ୟ ହୋଇଥାଏ। ଏବେ ବାଘ ମୃତଦେହ ଉଦ୍ଧାର ପରେ ବାସ୍ତବରେ ଏହା ଶିକାରୀଙ୍କ ଦ୍ୱାରା ଲଗାଯାଇଥିବା ଫାଶ ନା ଅନ୍ୟ କ'ଣ ସେ ନେଇ ସ୍ଥାନୀୟ ଅଞ୍ଚଳରେ ନାନା ସନ୍ଦେହ ପ୍ରକାଶ ପାଇଛି।



ବଡମାଲ ଗୋଳାବାରୁଦ କାରଖାନା ଭିତରେ ପଡିଥିବା ମୃତ କଲରାପତରିଆ ବାଘ।

## ତେଲେଙ୍ଗିରି ପ୍ରକଳ୍ପ ...

ଜୟପୁରର ଏକମ୍ବା ପଞ୍ଚାୟତ ବାଙ୍କବିଜ ପଡ଼ିଆରେ ମଙ୍ଗଳବାର ଆୟୋଜିତ ବିଜୁ ଯୁବ ବାହିନୀର ଆଞ୍ଚଳିକ ସମାବେଶରେ ଏହିପରି ସମ୍ବୋଧନ କରି ଉଦ୍‌ବୋଧନ ଆରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ। ନିଜ ଅଭିଭାଷଣରେ ସେ କହିଥିଲେ, କେବିକେ ଅଞ୍ଚଳର ବିକାଶ ସବୁବେଳେ ମୋର ପ୍ରାଥମିକତା ରହିଆସିଛି। କୋରାପୁଟରେ ଯୋଗାଯୋଗର ଉନ୍ନତି ପାଇଁ ୩ଟି ଘୋଷଣା କରୁଛି। ଲମତାପୁଟର ସିନ୍ଧିପୁଟ ନିକଟରେ ସେତୁ, ଦଶମନ୍ତପୁର ବ୍ଲକ ମୁରାନ ରିଜର୍ଭୟର ଗିର୍ଲିଗୁମ୍ମାରୁ ଦୁଆରିସୁଲି ସେତୁ ଓ କୋଲାବ ଡ୍ୟାମ୍‌ର ଲମତାପୁଟ-ସୁକୁ ନିକଟରେ ସେତୁ କରାଯିବା ପାଇଁ ସେ ଘୋଷଣା କରିଥିଲେ। ସମାବେଶ ଅବସରରେ ମୁଖ୍ୟମନ୍ତ୍ରୀ କୋରାପୁଟ ଜିଲା ପାଇଁ ୧୧୩୬.୪୧ କୋଟି ଟଙ୍କା ମୂଲ୍ୟର ୩୧ଟି ଉନ୍ନୟନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଏଥିରେ ୯୯୨.୮୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ତଥା ବହୁ ପ୍ରତୀକ୍ଷିତ ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପ ରହିଛି। ଏହାସହ ୭୪୯ କୋଟି ଟଙ୍କା ମୂଲ୍ୟର ୯୪ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ମୁଖ୍ୟମନ୍ତ୍ରୀ। ସମାବେଶ ପ୍ରାରମ୍ଭରେ ବିଜୁ ଯୁବବାହିନୀ ଅଧ୍ୟକ୍ଷ ଅରୂପ ପଟ୍ଟନାୟକ ସ୍ୱାଗତ ଭାଷଣ ରଖିଥିବା ବେଳେ ରାଜ୍ୟସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ନିଜ ବକ୍ତବ୍ୟ ରଖିଥିଲେ। ସେହିପରି ନବରଙ୍ଗପୁର ଜିଲା ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ଜନହିତକର ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ବସୁଧା ଯୋଜନାରେ ୧୦୯୭ କୋଟି ଟଙ୍କା ବ୍ୟୟରେ ୪ଟି ମେଗା ପାନୀୟ ଜଳ ପ୍ରକଳ୍ପ ସହ ୧୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିରେ ୯ଟି ସେତୁ ଓ ନବରଙ୍ଗପୁର ଡିଆଇଇଟିର ଶହେ ଶଯ୍ୟା ଛାତ୍ରୀ ନିବାସର ଭିତ୍ତିପ୍ରସ୍ତର ପଡ଼ିଛି। ସେହିଭଳି ୧୯ କୋଟି ବ୍ୟୟରେ ୧୨ଟି ପ୍ରକଳ୍ପର ସେ ଉଦ୍‌ଘାଟନ କରିଛନ୍ତି। ଉମରକୋଟ ବ୍ଲକ ମିଶନ ଶକ୍ତି ସଂଘକୁ ୨୫ ଲକ୍ଷ ଟଙ୍କା ପ୍ରଦାନ ପାଇଁ ସହାୟତା ଘୋଷଣା କରିଛନ୍ତି। ପରେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକାଶ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ କହିଥିଲେ ଯେ, ବିଜେଡି କାମରେ ବିଶ୍ୱାସ କରେ। ବିକାଶ ପାଇଁ ଆମେ କାମ କରୁଛୁ। ଏଥର କେନ୍ଦ୍ର ସରକାର କେବିକେ ଯୋଜନା ବନ୍ଦ କରିଦେଇଛନ୍ତି। କିନ୍ତୁ ଆମେ ବିକାଶ ବନ୍ଦ କରିବାକୁ ଦେବୁନାହିଁ।

## ସଂସ୍କୃତ ପ୍ରାର୍ଥନାକୁ ଭର୍ତ୍ତୃହରିଙ୍କ ସମର୍ଥନ

ନୂଆଦିଲ୍ଲୀ, ୫।୨(ସ୍ୱ.ପ୍ର.)- କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକରେ ସରକାର ଏକ ସଂସ୍କୃତ ପ୍ରାର୍ଥନା ଆବୃତ୍ତିକୁ ବାଧ୍ୟତାମୂଳକ କରିଛନ୍ତି। କିନ୍ତୁ ଏହାର ଶ୍ଳୋକଗୁଡ଼ିକ ଉପନିଷଦରୁ ଆସିଥିବାରୁ ଏହା ବିରୋଧରେ କେତେକ ସମ୍ପ୍ରଦାୟ ଆପତ୍ତି ଉଠାଇଛନ୍ତି। ମଙ୍ଗଳବାର ଲୋକ ସଭାରେ ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ପ୍ରତିକ୍ରିୟା ଚାହିଁଛନ୍ତି। ଲୋକ ସଭାର ଶୂନ୍ୟକାଳରେ ମହତାବ କହିଥିଲେ ଯେ, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପାଇଁ ଏକ ସଂଶୋଧିତ ଶିକ୍ଷା କୋଡ୍ ପ୍ରବର୍ତ୍ତନ କରାଯାଇଛି, ଯେଉଁଥିରେ ଉକ୍ତ ସଂସ୍କୃତ ପ୍ରାର୍ଥନା ବୋଲାଯିବାକୁ ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ଏହାକୁ କେତେକ ସମ୍ପ୍ରଦାୟ ବିରୋଧ କରୁଛନ୍ତି। ଏ ପ୍ରସଙ୍ଗ ବିଭିନ୍ନ ମଞ୍ଚରେ ଉପସ୍ଥାପନ କରାଯିବା ସହ ସୁପ୍ରିମ୍‌କୋର୍ଟରେ ମଧ୍ୟ ଅଭିଯୋଗ ଦାଏର କରାଯାଇଛି। କେତେକ ସମ୍ପ୍ରଦାୟର ପିଲା, ଅଭିଭାବକ ଓ ବିଭିନ୍ନ ସଂଗଠନ ଏହି ସାଧାରଣ ପ୍ରାର୍ଥନା ଉପରେ ଆପତ୍ତି ଉଠାଇଛନ୍ତି ବୋଲି ମହତାବ କହିଥିଲେ। ସେ ପୁଣି କହିଲେ ଯେ, ଆମର ମୂଳ ସମ୍ବିଧାନରେ ରାମାୟଣ, ମହାଭାରତ ଓ ଉପନିଷଦର ମୁଖ୍ୟ ଭାବ ରହିଛି, ଯାହାକୁ ସଂସଦ ଭବନ ପାଠାଗାର ଓ ତିନ୍ ମୂର୍ତ୍ତି ଭବନ ପାଠାଗାରରେ ପ୍ରଦର୍ଶନ କରାଯାଇଛି। ଏଥିରେ ହିନ୍ଦୁଧର୍ମର ବୈଶିଷ୍ଟ୍ୟ ଥିବା ନେଇ କେହି କେବେ ପ୍ରଶ୍ନ କରିନାହାନ୍ତି। କିନ୍ତୁ ଆଜି ଆମେ ଶୁଣୁଛୁ ଯେ, ଉକ୍ତ ପ୍ରାର୍ଥନା ସଂସ୍କୃତରେ ବୋଲିବାକୁ କୁହାଯାଉଥିବାରୁ ଆମର ଧର୍ମନିରପେକ୍ଷ ଚରିତ୍ରରେ ଦାଗ ସୃଷ୍ଟି ହେଉଛି। ଏହି ସଦନରେ 'ଧର୍ମଚକ୍ର ପ୍ରବର୍ତ୍ତନାୟ' ବୋଲି ପ୍ୟାନେଲରେ ଲେଖାଯାଇଛି। ତା' ମାନେ କ'ଣ କିଛି ଜିନିଷ ସଂସ୍କୃତରେ ଆବୃତ୍ତି କରାଗଲେ ତାହା ଧର୍ମନିରପେକ୍ଷ ହୋଇପାରିବ ନାହିଁ? ଆମ ଦେଶରେ ଏହା ବିଶ୍ୱାସ କରିହେଉନି ଏହା ଆମ ଧର୍ମନିରପେକ୍ଷ ଚରିତ୍ରରେ ଦାଗ ସୃଷ୍ଟି କରୁଛି ବୋଲି ଅଭିଯୋଗ କରି କାହିଁକି ଜଣେ ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ କରିବାକୁ ଯିବ ବୋଲି ମହତାବ ପ୍ରଶ୍ନ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଏକାଦଶସ୍ଥ ଚନ୍ଦ୍ର ଶିକ୍ଷା କ୍ଷେତ୍ର, ସନ୍ତାନଙ୍କ କୃତିତ୍ୱ, ବନ୍ଧୁଙ୍କ ଆଲୋଚନାକୁ ସରସ ସୁନ୍ଦର କରିବ। ବ୍ୟବସାୟିକ ଅଂଶୀଦାର ସମ୍ପର୍କିତ ଆଲୋଚନା କରିପାରନ୍ତି। କିନ୍ତୁ ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ଅସୁସ୍ଥତାବଶତଃ କେତେକ କାମ ସ୍ଥଗିତ ରହିଯିବାର ସୂଚନା ଅଶ୍ୱିନୀ ନକ୍ଷତ୍ର ସକାଶେ ରହିଛି।

**ବୃଷ** କର୍ମାଧିପତିଙ୍କ ସ୍ନେହପୂର୍ଣ୍ଣ ଦୃଷ୍ଟି ପ୍ରଭାବରେ କର୍ମକ୍ଷେତ୍ରରେ ମଧ୍ୟ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧିପାଇବ। ଚେଷ୍ଟା କରୁଥିବା କାମରେ ସହଯୋଗ ଲାଭକରିବା ସହ ସଫଳତା ମଧ୍ୟ ପାଇ ପାରିବେ। ଶନିକ୍ଷେତ୍ରସ୍ଥ ଚନ୍ଦ୍ର କାରଣରୁ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମନସ୍କ ଯୋଗୁ କୃତ୍ତିକା ନକ୍ଷତ୍ର ପାଇଁ କେତେକ ବ୍ୟତିକ୍ରମ ସୃଷ୍ଟି ହୋଇପାରେ।

**ମିଥୁନ** ତୃତୀୟ ସ୍ଥାନ ଚନ୍ଦ୍ରଙ୍କ ଦୃଷ୍ଟିପଥରେ ରହିଥିବାରୁ କୌଣସି ପଡୋଶିନୀ ମହିଳାଙ୍କ ସାହାଯ୍ୟ ଆପଣଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିବ। ମାଙ୍ଗଳିକ କାମ ସକାଶେ ପୂର୍ବପ୍ରସ୍ତୁତି, ନିକଟ ସମ୍ପର୍କୀୟମାନଙ୍କ ମୈତ୍ରୀଭାବ କାମ ହାସଲ ପାଇଁ ପୃଷ୍ଠଭୂମି ସାଜିପାରେ। ଶିଳ୍ପ, ବାଣିଜ୍ୟ ଓ ନିର୍ମାଣ ସକାଶେ ଦିନଟି ଭଲ। କିନ୍ତୁ ମୃଗଶିରା ନକ୍ଷତ୍ର ପାଇଁ ଦୈହିକ ଦୁର୍ବଳତା ପ୍ରତିବନ୍ଧକର କାରଣ ହୋଇପାରେ।

**କର୍କଟ** ଅଷ୍ଟମ ଭାବରେ ଶନିକ୍ଷେତ୍ରସ୍ଥ ମାନସିକ ଓ ମାନସିକ ସ୍ତର ପାଇଁ ଶିଥିଳତା ଓ ନିରୁତ୍ସାହ ସୃଷ୍ଟି କରିବ। ତଥାପି ଅର୍ଥଲାଭ ସାଙ୍ଗକୁ ସ୍ୱାସ୍ଥ୍ୟରେ ଉନ୍ନତି, ଶତ୍ରୁମାନଙ୍କ ଅଧୋଗତି, ଋଣ ପରିଶୋଧ ପ୍ରଭୃତିରୁ ଖୁସି ମିଳିବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ। ସାଧାରଣ କଥାରେ ନିକଟ ସମ୍ପର୍କୀୟଙ୍କ ସହ ଅଶ୍ଳେଷା ନକ୍ଷତ୍ରର ମତାନ୍ତର ସୃଷ୍ଟି ହୋଇପାରେ।

**ସିଂହ** ରାଶିପ୍ରତି ଚନ୍ଦ୍ରଙ୍କ ଦୃଷ୍ଟି ଦୂରଯାତ୍ରା, ବ୍ୟୟ ବରାଦ, ସନ୍ତାନଙ୍କ ସମସ୍ୟା, ସମ୍ପର୍କହାନି ବିଷୟରେ ଚିନ୍ତିତ କରାଇପାରେ। ମାନସିକ ସ୍ଥିତି ଅସ୍ଥିର ରହିଥିବାରୁ ଆଜିର ଯାତ୍ରା ଅନୁକୂଳ ରହିବ ନାହିଁ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ସକାଶେ ପାରିବାରିକ ଜୀବନରେ ମଧ୍ୟ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବ୍ୟବସାୟ ଓ ପରିବହନ ପାଇଁ ଦିନଟି ଭଲ।

**କନ୍ୟା** ମୁଖଭାବ ପ୍ରତି ମଙ୍ଗଳଙ୍କ ପ୍ରତ୍ୟକ୍ଷ ଦୃଷ୍ଟିଜନିତ ଆପଣ ଭଲ କଥା କହିଲେ ମଧ୍ୟ ସମାଲୋଚିତ ହେବାକୁ ପଡିବ। ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିପାରନ୍ତି। ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବାର ସୂଚନା ପୂର୍ଣ୍ଣମାତ୍ରାରେ ରହିଛି। ସ୍ୱାର୍ଥସାଧନ ସକାଶେ ନିଜ ଲୋକମାନେ ଚିତ୍ରା ନକ୍ଷତ୍ର ପାଇଁ ବିଶ୍ୱାସଘାତକତା କରିପାରନ୍ତି।

**ତୁଳା** କର୍ମାଧିପତି ସ୍ୱ ଭାବରୁ ଅଷ୍ଟମସ୍ଥ ହେତୁ ଅର୍ଥ ଏବଂ କର୍ମକ୍ଷେତ୍ର ସମ୍ପର୍କିତ ସମସ୍ୟା ମାନସିକ ଅସ୍ଥିରତାର କାରଣ ହେବ। ଏଣେ ପାରିବାରିକ ସ୍ତରରେ ଯୁକ୍ତିତର୍କଜନିତ ମତପାର୍ଥକ୍ୟ ପାରିବାରିକ ସୌହାର୍ଦ୍ଦ୍ୟକୁ ନଷ୍ଟ କରିପାରେ। ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହିବା ଭଲ ହେବ। ସ୍ୱାତୀ ନକ୍ଷତ୍ର ସକାଶେ ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ।

**ବିଛା** ରାଶିରେ ବୃହସ୍ପତି ଚନ୍ଦ୍ରଙ୍କ କେନ୍ଦ୍ରସ୍ଥ ପୂର୍ବକ ଯୋଗକାରକ ହୋଇ ଆପଣଙ୍କ ଉଚ୍ଚ ସମ୍ମାନ ସହ ବହୁଜନ ପ୍ରଶଂସିତ କରାଇବ। ଫଳତଃ ଅର୍ଥଲାଭ ସହ କର୍ମକ୍ଷେତ୍ରରେ ଉତ୍ସାହିତ ହେବେ ଓ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବେ। ବିଭିନ୍ନ କ୍ଷେତ୍ର ସକାଶେ ଅପରିହାର୍ଯ୍ୟ ଆବଶ୍ୟକତାକୁ ନେଇ ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ।

**ଧନୁ** କର୍ମସ୍ଥାନ ଶନି ଦୃଷ୍ଟିରେ ରହିଥିବାରୁ ପ୍ରତିଟି କ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତି ସହିତ ପ୍ରତିଯୋଗିତା ମନୋଭାବ ସୃଷ୍ଟିହେବ। ପାରିବାରିକ କ୍ଷେତ୍ରରେ ମଧ୍ୟ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ଉତ୍ତରାଷାଢା ନକ୍ଷତ୍ର ସକାଶେ ପରିବହନରେ ଉନ୍ନତି, ବ୍ୟବସାୟିକ ଉତ୍କର୍ଷ ହେତୁ ଖୁସି ରହିବେ।

**ମକର** ପରିସ୍ଥିତି ଯାହାହେଉ ନା କାହିଁକି ଆପଣଙ୍କ ଆଶା ପୂରଣ ଦିଗରେ ତାହା ପ୍ରତିବନ୍ଧକ ପରି ରହିବ ନାହିଁ। କିନ୍ତୁ ଅଧିକାଂଶ କ୍ଷେତ୍ରରେ ବିବାଦୀୟ ଘଟଣା ମନରେ ସ୍ଥାନ ପାଇବା ହେତୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ଶ୍ରବଣା ନକ୍ଷତ୍ରର ବନ୍ଧୁଙ୍କ ସକାଶେ ଦୀର୍ଘସମୟର ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**କୁମ୍ଭ** ବୃହସ୍ପତିଙ୍କ ପ୍ରଭାବରେ ସମସ୍ୟା ରହିଥିଲେ ମଧ୍ୟ ପ୍ରତ୍ୟେକ କାମକୁ ଆତ୍ମୀୟତାର ସହ କରି ପ୍ରଶଂସିତ ହେବେ। ଶିଳ୍ପ, ବାଣିଜ୍ୟ ଓ ପରିବହନରୁ ଲାଭବାନ୍ ହେବାର ସୂଚନା ରହିଛି। ପ୍ରତ୍ୟୁଷ ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଲକ୍ଷ୍ୟପୂରଣ ହୋଇପାରେ। କଳା ସାହିତ୍ୟ, ଆନୁଷ୍ଠାନିକ କ୍ଷେତ୍ରରେ ଶତଭିଷା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବେ।

**ମୀନ** ଆଜି ପ୍ରତ୍ୟେକ କ୍ଷେତ୍ରରେ ମାପିଚୁପି କଥାବାର୍ତ୍ତା ନ କଲେ ନିଜର ସମ୍ମାନହାନି ଘଟିପାରେ। ଏଣେ ପାରିବାରିକ ସମସ୍ୟା ସାଙ୍ଗକୁ ପ୍ରତ୍ୟେକ କ୍ଷେତ୍ରରେ ଦ୍ୱନ୍ଦ୍ୱଯୁକ୍ତ ହୋଇ ବ୍ୟସ୍ତତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ସକାଶେ ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ।

ଆଜି ମାଘ ଶୁକ୍ଳ ଦ୍ୱିତୀୟା ବୁଧବାର, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପଦ୍ମମୁଖ ବେଶ, ଫେବୃୟାରୀ ୬ ତାରିଖ, ରାଶି ନକ୍ଷତ୍ର-ଦିବା ଘ୯।୩୮ମି. ଗତେ, ଶତଭିଷା/କୁମ୍ଭ, କର୍କଟ ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ବିଦ୍ୟାରମ୍ଭ, ଗୃହାରମ୍ଭ ଓ ପ୍ରବେଶ ପାଇଁ ଶୁଭଦିନ, ଦିବା ଘ୭।୪୯ମି. ଗତେ. ଘ୯।୧୩ମି. ମଧ୍ୟେ, ଘ୨।୪୯ମି. ଗତେ ଘ୪।୧୩ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୪୯ମି. ମଧ୍ୟେ ଘ୧୦।୩୭ମି. ଗତେ, ଘ୧୨।୦୧ମି. ମଧ୍ୟେ ଘ୪।୧୩ମି. ଗତେ, ଘ୫।୩୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୨।୦୦ମି. ଗତେ ଘ୧।୨୫ମି. ମଧ୍ୟେ ରାହୁକାଳ।




# ପୁଣି ମାଓବାଦୀଙ୍କ ଲଙ୍କାକାଣ୍ଡ

**ତୁମୁଡିବନ୍ଧ/ବାଲିଗୁଡ଼ା, ୫।୨(ଡି.ଏନ୍.ଏ.)**

କନ୍ଧମାଳ ଜିଲାରେ ମାଓବାଦୀମାନେ କିଛିଦିନ ହେଲା ଅଧିକ ସକ୍ରିୟ ହୋଇଛନ୍ତି। ଜିଲାର ବିଭିନ୍ନ ସ୍ଥାନରେ ଗୋଟିଏ ପରେ ଗୋଟିଏ କାଣ୍ଡ ଘଟାଇ ସେମାନଙ୍କ ଉପସ୍ଥିତି ଜାହିର କରୁଛନ୍ତି। ସୋମବାର ରାତିରେ ତୁମୁଡିବନ୍ଧ ବ୍ଲକ ବେଲଘର ଥାନା ଅଞ୍ଚଳରେ ବେଲଘରଠାରୁ ଝିରିପାଣି ରାସ୍ତା ନିର୍ମାଣ କରୁଥିବା ଏକ ଠିକା ସଂସ୍ଥାର ଜେସିବି, ମିକ୍ସର ମେଶିନ ଓ ୪ ଗାଡ଼ିକୁ ସେମାନେ ପୋଡ଼ିଦେଇଛନ୍ତି। ଏଥିସହ ସେଠାରେ ହାତଲେଖା ପୋଷ୍ଟର ମଧ୍ୟ ଛାଡିଯାଇଛନ୍ତି। ଉକ୍ତ ପୋଷ୍ଟରରେ ନିମ୍ନମାନର ବ୍ରିଜ କାମକୁ ବିରୋଧ ସହ ସ୍ଥାନୀୟ ଲୋକଙ୍କୁ କାମରେ ନିୟୋଜିତ କରାଯାଉ ନ ଥିବା, ରାସ୍ତା ଯୋଗୁ ବନ୍ୟପ୍ରାଣୀ ଚଳପ୍ରଚଳରେ ଅସୁବିଧା ହେବା, ପ୍ରାକୃତିକ ସମ୍ପଦ ଲୁଟ କରିବାକୁ ବ୍ରିଜ ହେଉଛି ବୋଲି ଦର୍ଶାଯାଇଛି। ଏଥିସହ ଆଦିବାସୀ ଓ ଦଳିତଙ୍କୁ ବିସ୍ଥାପନ କରିବାକୁ ବ୍ରିଜ ନିର୍ମାଣ ଚାଲିଛି ବୋଲି ଉଲ୍ଲେଖ ରହିଛି। ଶେଷରେ ବି.ଜି.ନ ଡିଭିଜନ କମିଟି ସି.ପି.ଆଇ(ମାଓବାଦୀ) ଲେଖା ହୋଇଛି। ବେଲଘର ଠାରୁ


ମାଓବାଦୀ ମାନେ ପୋଡ଼ିଦେଇଥିବା ଗାଡ଼ି।



ଗଛରେ ଲାଗିଥିବା ପୋଷ୍ଟର।

ଝିରିପାଣି ପ୍ରାୟ ୧୨ କି.ମି. ରାସ୍ତା ଓ ବ୍ରିଜ କାମ ବିକେଡି ନାମକ ଏକ ଠିକା ସଂସ୍ଥା କରୁଛି। ସୋମବାର ସନ୍ଧ୍ୟା ପ୍ରାୟ ୭ଟାରେ ୧୫ରୁ ୨୦ ସଶସ୍ତ୍ର ମାଓବାଦୀ ଝିରିପାଣି ରାସ୍ତାର ଦେଶୁ ଘାଟି ନିକଟରେ ଥିବା ବିକେଡିର କ୍ୟାମ୍ପକୁ ଆସିଥିଲେ। କ୍ୟାମ୍ପରେ ଥିବା ୧୮ କର୍ମଚାରୀଙ୍କୁ ସେମାନେ ଗୋଟିଏ ଘରେ ବନ୍ଦ କରି ରାସ୍ତା କାର୍ଯ୍ୟରେ ନିୟୋଜିତ ୨ଟି ହାଇୱା, ଗୋଟିଏ ଟ୍ରାକ୍ଟର, ଗୋଟିଏ ଜେସିବି, ଗୋଟିଏ କଂକ୍ରିଟ ମିକ୍ସର ମେଶିନ ଏବଂ ଗୋଟିଏ ଟ୍ରେଲରରେ ନିଆଁ ଲଗାଇ ଦେଇଥିଲେ । ପ୍ରାୟ ୨ ଘଣ୍ଟା ଜଳାପୋଡ଼ା ପରେ ନିକଟରେ ଥିବା ୨ଟି ଗଛରେ ୨ଟି ହାତଲେଖା ପୋଷ୍ଟର ମାରି ମାଓବାଦୀମାନେ ଚାଲି ଯାଇଥିଲେ ବୋଲି ଠିକା କ୍ୟାମ୍ପରେ ଥିବା କର୍ମଚାରୀ କହିଛନ୍ତି। ଏହି ଘଟଣା ପରେ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ସନ୍ଧ୍ୟା ସୁଦ୍ଧା ଘଟଣାସ୍ଥଳରେ ପୋଲିସ ପହଞ୍ଚି ପାରି ନ ଥିବା ଖବର ମିଳିଛି ।

**ଜେସିବି, ମିକ୍ସର ମେଶିନ ସହ ୪ ଗାଡ଼ି ପୋଡ଼ିଦେଲେ**

# ଶେଲ୍‌ଟର ହୋମ୍‌ରେ ଧର୍ମାନ୍ତରୀକରଣ ଚାଲିଛି

**ଭୁବନେଶ୍ୱର,୫।୨(ବ୍ୟୁରୋ)**

- କେନ୍ଦ୍ର ଓ ରାଜ୍ୟକୁ ରିପୋର୍ଟ ଦେଲା ଏନ୍‌ସିପିସିଆର
- ୧୩ ଶେଲ୍‌ଟରହୋମ୍ ବିରୋଧରେ ଏଫ୍‌ଆଇଆର
- ଗାଇଡ ଲାଇନ କାର୍ଯ୍ୟକାରୀ କରୁନାହାନ୍ତି ଶେଲଟର ହୋମ୍

ରାଜ୍ୟରେ ଅନେକ ଶେଲ୍‌ଟର ହୋମ୍‌ରେ ଧର୍ମାନ୍ତରୀକରଣ ଚାଲିଛି। ରାଜ୍ୟ ସରକାରଙ୍କୁ ଦେଇଥିବା ରିପୋର୍ଟରେ ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଏନ୍‌ସିପିସିଆର) ଏକଥା ଲେଖିଛନ୍ତି। ମଙ୍ଗଳବାର ଏନ୍‌ସିପିସିଆର କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛି। ଗଣମାଧ୍ୟମକୁ ସୂଚନା ଦେଇ କମିଶନ ଅଧ୍ୟକ୍ଷ ପ୍ରିୟଙ୍କ କାନୁନ୍‌ଗୋ କହିଛନ୍ତି ଯେ ଢେଙ୍କାନାଳ ଜିଲାରେ ଥିବା ଶେଲ୍‌ଟର ହୋମ୍‌ରେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ଘଟଣା ପ୍ରଘଟ ହେବା ପରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରଣାଳୟ ନିର୍ଦ୍ଦେଶ ମୁତାବକ ଏନ୍‌ସିପିସିଆରର ୯ ଜଣ ସଦସ୍ୟଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ୨୦୧୮ ଡିସେମ୍ବର ୧୨ ତାରିଖରେ ଓଡିଶା ଗସ୍ତ କରି ରାଜ୍ୟର ୧୯ଟି ଜିଲାରେ ଥିବା ୫୦ଟି ଶେଲଟର ହୋମ୍ ଯାଞ୍ଚ କରିଥିଲା। କେତେକ ଶେଲଟର ହୋମ୍‌ରେ କିଛି ଧର୍ମ ପୁସ୍ତକ ମିଳିଥିଲା। ଏହାଛଡା ୫୦ଟି ଶେଲ୍‌ଟର ହୋମ୍‌ଗୁଡିକରୁ ୨୮ଟିରେ ସର୍ବନିମ୍ନ ଭିତ୍ତିଭୂମି ନ ଥିବା ବେଳେ ୨୧ଟିରେ ସିସିଟିଭି କ୍ୟାମେରା ନ ଥିବା ଟିମ୍ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ପୋଲିସ ତଦନ୍ତ କରା ନ ଯାଇ ୧୪ଟି ଶେଲ୍‌ଟର ହୋମ୍ ବେଆଇନ ଭାବେ ଚାଲୁଛି। ୧୩ଟି ଶେଲଟର ହୋମ୍ ବିରୋଧରେ ଏଫ୍‌ଆଇଆର କରାଯାଇଛି। ଦୁଇଟି ଶେଲଟର ହୋମ୍‌ର ପିଲାମାନଙ୍କୁ ଅନ୍ୟ ଅନୁଷ୍ଠାନକୁ ସ୍ଥାନାନ୍ତର କରାଯାଇଛି। ସେହି ଶେଲ୍‌ଟର ହୋମ୍‌ଗୁଡିକ ଏନ୍‌ସିପିସିଆର ଗାଇଡ ଲାଇନକୁ ଉଲ୍ଲଂଘନ କରିଥିବା ରିପୋର୍ଟରେ କୁହାଯାଇଛି।

# ୮୭ଲକ୍ଷ ଟଙ୍କା ଠକେଇ: ଦିଲ୍ଲୀରୁ ୨ଜଣଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

**ବାରିପଦା ଅଫିସ, ୫।୨**

ରିଏଲ ଇଷ୍ଟେଟ ବେପାର କରିବାକୁ ଯାଇ ମୟୂରଭଞ୍ଜ ଜିଲା ବାରିପଦା ୯ ନମ୍ବର ୱାର୍ଡର ତପନ କୁମାର ଦାସ ନାମକ ଯୁବକ ୮୭ଲକ୍ଷ ଟଙ୍କା ଠକେଇର ଶିକାର ହୋଇଥିଲେ। ଏନେଇ ସେ ଅଭିଯୋଗ କରିବା ପରେ କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ଏହି ଠକେଇରେ ସମ୍ପୃକ୍ତ ବିହାର ଅଞ୍ଚଳର ୨ ଜଣ ଯୁବକଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଦିଲ୍ଲୀରୁ ଗିରଫ କରି ମଙ୍ଗଳବାର ବାରିପଦା ଏସ୍‌ଡିଜେଏମ ସୁମିତା ଆଚାର୍ଯ୍ୟଙ୍କ କୋର୍ଟରେ ହାଜର କରାଇଛି। କୋର୍ଟ ସେମାନଙ୍କୁ ୧୪ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଗିରଫ ଦୁଇ ଯୁବକ ହେଲେ ଶିବ କୁମାର ଏବଂ ବିନୋଦ କୁମାର ସିଂ। ତପନ ରିଏଲ ଇଷ୍ଟେଟ ବେପାର କରିବା ପାଇଁ ଦିଲ୍ଲୀସ୍ଥିତ କ୍ରୀଷ୍ଟ ଡଉଶନ ନାମକ ଏକ ରିଏଲ ଇଷ୍ଟେଟ କମ୍ପାନୀକୁ ପ୍ରଥମେ ଯୋଗାଯୋଗ କରିଥିଲେ। ପରେ ତାଙ୍କୁ କମ୍ପାନୀ ପକ୍ଷରୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ବେପାର କରିବା ପାଇଁ ରାଜି କରାଯାଇଥିଲା। ଏନେଇ ସେ କମ୍ପାନୀର ବିଭିନ୍ନ ଆକାଉଣ୍ଟରେ ୮୭ଲକ୍ଷ ଟଙ୍କା ଜମା କରିଥିଲେ। ହେଲେ କମ୍ପାନୀ ପକ୍ଷରୁ କୌଣସି କାମ ଆରମ୍ଭ ନ ହେବାରୁ ସେ ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ। ତୁରନ୍ତ ସେ ସିଆଇଡି ସିବି କ୍ରାଇମବ୍ରାଞ୍ଚଠାରେ ୨୦୧୮ ଡିସେମ୍ବର ୨୨ରେ ଅଭିଯୋଗ କରିଥିଲେ।









ଆଉ ଥରେ ପୃଥିବୀର ଇତିହାସରେ ଆମେ ଏକ ଛକ ଜାଗାରେ ଆସି ପହଁଚିଛୁ। ଏହା ହେଉଛି ସିଦ୍ଧାନ୍ତ ନେବାର ସମୟ। ଚାରିଆଡୁ ପ୍ରଶ୍ନ ହେଉଛି- ଏହା ପରେ କ'ଣ ଘଟିବ ? ଗୋଟିଏ ଉତ୍ତର ଯଦି ମଣିଷ ଆଧ୍ୟାତ୍ମିକ ହେବା ପାଇଁ ସମ୍ମତ ହୁଅନ୍ତା !

-ଶ୍ରୀମା

# ହଠାତ୍ ସଜାଗ

ନିକଟରେ କେନ୍ଦ୍ର ସରକାରଙ୍କ ଅନ୍ତରୀଣ ବଜେଟରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା (ପିଏମ୍-କିଷାନ ଯୋଜନା) ନୂତନ ଭାବେ ଘୋଷଣା କରାଯାଇଛି। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୩ କିସ୍ତିରେ ୨୦୦୦ ଟଙ୍କା ଲେଖାଏ ବାର୍ଷିକ ୬ ହଜାର ଟଙ୍କା ଦେବାକୁ ଏଥିରେ ବ୍ୟବସ୍ଥା ରହିଛି। କୃଷି ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟଗୁଡ଼ିକୁ ଲେଖାଯାଇଥିବା ପତ୍ରରେ କୁହାଯାଇଛି ଯେ, ଚାଷୀଙ୍କୁ ମାର୍ଚ୍ଚ ସୁଦ୍ଧା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆର୍ଥିକ ସହାୟତା ପଠାଯିବ। ତେବେ ପ୍ରଥମ କିସ୍ତି ପାଇବା ଲାଗି ଆଧାର ନମ୍ବରକୁ ଇଚ୍ଛାଧୀନ କରାଯାଇଥିବା ବେଳେ ଦ୍ୱିତୀୟ କିସ୍ତିରୁ ଏହା ବାଧ୍ୟତାମୂଳକ ବୋଲି ସରକାର ଦର୍ଶାଇଛନ୍ତି। ଏଭଳି ଦୋମୁହାଁ ନିଷ୍ପତ୍ତି ପଛରେ କାରଣ କ'ଣ ହୋଇପାରେ ତାହା ବୁଝିବା କଷ୍ଟକର। ୨୬ ସେପ୍ଟେମ୍ବର ୨୦୧୮ରେ ସୁପ୍ରିମ୍‌କୋର୍ଟ ସ୍ପଷ୍ଟ କରିଥିଲେ ଯେ ବ୍ୟାଙ୍କ ଖାତା ଖୋଲିବା ଲାଗି ଆଧାର ବାଧ୍ୟତାମୂଳକ ନୁହେଁ। ଯେତେବେଳେ ବ୍ୟାଙ୍କ ଖାତା ଖୋଲିବା ଲାଗି ଏଭଳି ପରିଚୟପତ୍ରକୁ ଅବାଞ୍ଛିତ ବୋଲି କୁହାଯାଇଛି, ସେତେବେଳେ କେଉଁ ଆଧାରରେ କେନ୍ଦ୍ର ସରକାର ଏହାକୁ ପୁନଃ କାର୍ଯ୍ୟକାରୀ କରିବାକୁ ଚାହୁଁଛନ୍ତି, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଗଣତାନ୍ତ୍ରିକ ରାଷ୍ଟ୍ରରେ କେବଳ ନିର୍ବାଚନକୁ ଆଖି ଆଗରେ ରଖି ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇବା ହେଉଛି ଏବକାର ନୂଆ ଶୈଳୀ। କରଦାତାଙ୍କ ଅର୍ଥରୁ ପିଏମ୍-କିଷାନ ଯୋଜନାରେ ସରକାର ଜଣେ ଚାଷୀକୁ ବର୍ଷକୁ ୬୦୦୦ ଟଙ୍କା ଦେବେ ବୋଲି ଯାହା ଘୋଷଣା କରିଛନ୍ତି, ମାସକୁ ହିସାବ କଲେ ମାତ୍ର ୫୦୦ ଟଙ୍କା ପଡୁଛି। ଚାଷୀ ଏତିକିମାତ୍ର ଆର୍ଥିକ ସାହାଯ୍ୟ ପାଇ ତା' ଦୁଃଖ ଦୂର କରିପାରିବ ନାହିଁ। କୃଷକକୁ ସଶକ୍ତ କରିବାକୁ ହେଲେ ଦୁଇ ପ୍ରକାର ଉପାୟ ଅବଲମ୍ବନ କରାଯାଇପାରେ। ପ୍ରଥମ ପର୍ଯ୍ୟାୟର 'କ' ଶ୍ରେଣୀରେ ବିହନଠାରୁ ସାର ପର୍ଯ୍ୟନ୍ତ ଉଚିତ ଉପଲବ୍ଧତା ଏବଂ 'ଖ' ଭାଗ ହେଉଛି ଚାଷ ବିଲରେ ଜଳ ମିଳିବା। ଦୀର୍ଘବର୍ଷ ହେବ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ଜଳସେଚନକୁ ହେଳା କରିଚାଲିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟକୁ ଦେଖିଲେ ଉତ୍ପାଦର ଉଚିତ ମୂଲ୍ୟ ମିଳିବା ଅତ୍ୟନ୍ତ ଆବଶ୍ୟକ। ତାହା ନ କରି ଭୋଟ ବେଳେ ଟଙ୍କା ପ୍ରଲୋଭନ ଦେଖାଇ ଦିଆଯାଉଛି। ଏହା କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟଗୁଡ଼ିକ କରିଚାଲିଛନ୍ତି। ରାଜନୈତିକ ଦଳଗୁଡ଼ିକ କଳାଧନ ନୁହେଁ, କରଦାତାଙ୍କ ବେକ ମୋଡ଼ି ଆୟ କରାଯାଉଥିବା ଅର୍ଥକୁ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବା ସକାଶେ ବ୍ୟବସ୍ଥା କରିଦେଉଛନ୍ତି। ନିକଟ ଅତୀତରେ ୫ ବିଧାନସଭା ବିଶେଷକରି ୩ ହିନ୍ଦୀଭାଷୀ ରାଜ୍ୟ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ହୋଇଥିବା ନିର୍ବାଚନରେ ଚାଷୀଙ୍କ ସମସ୍ୟା ସହ ଋଣଛାଡ଼ କଥା ଉଠାଇ ରାଜନୈତିକ ଦଳ ସଫଳତା ପାଇବା ପରେ କୃଷକଙ୍କ ପ୍ରତି ଦରଦୀ ପାଲଟି ଯାଇଛନ୍ତି। ଏବେ ଚାଷୀକୁଳର ଭୋଟ ଜାତି, ଧର୍ମ ଆଦି ଊର୍ଦ୍ଧ୍ୱକୁ ଚାଲିଯାଇଛି। ପୂର୍ବରୁ ଶାସକମାନେ ବ୍ୟବସାୟୀ, ଶିଳ୍ପପତି, ଖଣି ମାଲିକଙ୍କ ସମସ୍ୟାକୁ ସମାଧାନ ଦିଗରେ ସମୟ ଦେଇଚାଲିଥିଲେ। ଏବେ ଅନୁଭବ କଲେଣି ଯେ ଏମାନଙ୍କ ସଂଖ୍ୟା ଭୋଟ ଜିତିବା ପାଇଁ ଯଥେଷ୍ଟ ନୁହେଁ। ତେଣୁ ହଠାତ୍ ସଜାଗ ହୋଇ ଚାଷ ଓ ଚାଷୀଙ୍କ ଆଗରେ ବାଧି ହୋଇ ଅଣ୍ଟାଭାଙ୍ଗି ନଇଁଲେଣି। ଅବଶ୍ୟ ଏଭଳି ଏକ ସ୍ଥିତି ସୃଷ୍ଟି ହେବା ଭାରତ ପାଇଁ ମଙ୍ଗଳଦାୟକ। କୃଷିପ୍ରଧାନ ଏହି ଦେଶରେ କୃଷିର ବିକାଶ ହେଲେ ଜାତୀୟ ଅର୍ଥନୀତି ସମୃଦ୍ଧ ହୋଇପାରିବ। ଡେରିରେ ହେଉ ବା ବାଧ୍ୟବାଧକତାରେ ରାଜନୈତିକ ଦଳଗୁଡ଼ିକ ଚାଷୀଙ୍କ ମଙ୍ଗଳ ପାଇଁ ଚିନ୍ତା କରିବା ଶୁଭ ସଙ୍କେତ ଦେଉଛି। ତେଣୁ ଏହି ସମୟରେ ଚାଷୀକୁଳ ତା'ର ଅଭାବ ଓ ଚାହିଦାକୁ ପୂରଣ କରିପାରିଲେ ଭାରତରେ ବାସ୍ତବ ଉନ୍ନତି ଆସିପାରିବ ବୋଲି କୁହାଯାଇପାରେ।

## ଚିରନ୍ତନୀ

ହେଉ ଅନ୍ଧ ଏ ନୟନ
ନିନ୍ଦା ତବ ଦେଖେଁ ଯଦି ତାହା,
ସବୁ ଦରଶନ ମମ
ହେଉ ଦୂର, ଜୀବନର ନାହା !
ଏ ବଦନେ ତବ ନାମ
ଧରି ଯଦି କରେ ଅପମାନ,
ସେ ରସନା ଲଭୁ ମୋର
ସକଳ ରସର ଅବସାନ।
ସ୍ୱପନରେ ଯଦି କଦା
ତବ ଅପମାନ କରେ ପ୍ରିୟ,
ଚିର ନିଦ୍ରା ହେଉ ତାହା
ଏହି ଅବଦାନ ମୋତେ ଦିଅ।

(ଆସ୍ତିକର ଆକୁତି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 2 | | 1 | | | | | | 6 | 3 | | |
| | 2 | B | | | | 9 | | 7 | 1 | 5 | | 6 | | E |
| | 9 | | | | B | 4 | 3 | | | | | | 7 | |
| | | | | D | | | | | | | | 4 | | |
| | | | | | E | | 1 | | A | | C | 0 | | |
| | | E | 4 | 2 | | | | | 8 | | | | | |
| | | 0 | | | 7 | | E | | 9 | 2 | | D | | |
| | | | | | D | | 8 | 1 | | | 7 | 2 | 6 | 5 |
| | | 7 | 8 | | | | | 9 | | | D | A | | |
| | | | | | | | | 0 | 3 | 4 | | | 9 | |
| 6 | | | | | 0 | | | 5 | 7 | 8 | | B | | |
| | 8 | 2 | 1 | 5 | | | 9 | | B | | | 7 | C | |
| | E | | | | 6 | | 2 | | | | A | 1 | 8 | |
| | | 9 | | | | B | 0 | | | | | | A | |
| | 3 | | | A | | 7 | | C | 4 | | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | C | 6 | 9 | 2 | 4 | D | 7 | E | A | 0 | 5 | 3 | 8 | 1 |
| D | 5 | E | 1 | 8 | B | A | 2 | 3 | 6 | 9 | 7 | C | 4 | 0 |
| A | 9 | 7 | 5 | C | D | 0 | 4 | 8 | 3 | 1 | B | E | 2 | 6 |
| 3 | 4 | 1 | E | A | 0 | 9 | B | 6 | C | 2 | 8 | D | 7 | 5 |
| 0 | 8 | 2 | 3 | 6 | 7 | 5 | 1 | C | 4 | D | E | 9 | B | A |
| 1 | 7 | 8 | 4 | B | 6 | C | 3 | 0 | E | A | 9 | 5 | D | 2 |
| 4 | D | 9 | 7 | 5 | C | 6 | A | B | 1 | 3 | 2 | 8 | 0 | E |
| 2 | 3 | C | 0 | E | A | 4 | 9 | 5 | 7 | 8 | D | 6 | 1 | B |
| 6 | A | 0 | 2 | D | 9 | 8 | E | 1 | B | 5 | C | 4 | 3 | 7 |
| 5 | E | B | 8 | 3 | 1 | 7 | D | 2 | 0 | 6 | 4 | A | C | 9 |
| E | B | 4 | 6 | 7 | 8 | 2 | 5 | D | 9 | C | 0 | 1 | A | 3 |
| 9 | 0 | D | B | 1 | E | 3 | C | A | 2 | 4 | 6 | 7 | 5 | 8 |
| 7 | 1 | A | D | 9 | 5 | E | 0 | 4 | 8 | B | 3 | 2 | 6 | C |
| 8 | 2 | 5 | C | 0 | 3 | 1 | 6 | 7 | D | E | A | B | 9 | 4 |
| C | 6 | 3 | A | 4 | 2 | B | 8 | 9 | 5 | 7 | 1 | 0 | E | D |

ଗତକାଲିର ଉତ୍ତର

# ଚାକିରି ନାହିଁ, ଆରକ୍ଷଣ କାହା ପାଇଁ



ଡ. ସନ୍ତୋଷ କୁମାର ମହାପାତ୍ର

କ୍ଷମତା ଏପରି ଏକ ଜିନିଷ, ଯିଏ ତା'ର ସ୍ୱାଦ ଥରେ ଚାଖିଛି ସିଏ ତାକୁ ଛାଡ଼ିପାରେ ନାହିଁ। ତାକୁ ସର୍ବଦା ବଜାୟ ରଖିବାକୁ ଚେଷ୍ଟା କରେ। ଏହି ମାନସିକତା ବର୍ତ୍ତମାନ କେନ୍ଦ୍ରରେ ଶାସନ କରୁଥିବା ଭାଜପା କ୍ଷେତ୍ରରେ ସବୁଠାରୁ ଅଧିକ। ଏଣୁ ୨୦୧୯ ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି, କ୍ଷମତାକୁ କିପରି ପୁନଶ୍ଚ ହାସଲ କରାଯିବ, ସେଥିପାଇଁ ଦଳ ପକ୍ଷରୁ ସବୁ ଉପାୟ ଅବଲମ୍ବନ କରାଯାଉଛି। ସମାଜର ଆର୍ଥିକ ଅନଗ୍ରସର ଉଚ୍ଚବର୍ଗଙ୍କ ପାଇଁ ସରକାରୀ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୧୦% ଆରକ୍ଷଣ ପାଇଁ ସଂସଦର ଉଭୟ ଗୃହରେ ୧୨୪ତମ ସମ୍ବିଧାନ ସଂଶୋଧନ ବିଧେୟକ ଗୃହୀତ ହେବା ଏହାର ଏକ ନମୁନା। ଅବଶ୍ୟ ପୂର୍ବରୁ ଅନ୍ୟ ସରକାର ମଧ୍ୟ ରାଜନୈତିକ ଫାଇଦା ପାଇଁ ଏହି ଆରକ୍ଷଣ କାର୍ଡ ଖେଳିଛନ୍ତି। ସବୁଠାରୁ ଚିନ୍ତାର ବିଷୟ ହେଉଛି, ବିରୋଧୀ ଦଳଗୁଡ଼ିକ ମଧ୍ୟ ଏହି ଆରକ୍ଷଣର କେତେ ଆବଶ୍ୟକତା ରହିଛି, ସେ ସମ୍ପର୍କରେ ଆଲୋଚନା ନ କରି ଭୋଟ୍ ହରାଇବା ଭୟରେ ଅନ୍ଧାଧୁନିଆ ଭାବେ ଏହାକୁ ସମର୍ଥନ କରିଛନ୍ତି।

ଏହି ୧୦% ଆରକ୍ଷଣ ସମ୍ବିଧାନ ବିରୋଧୀ ଭାବେ ଅଭିହିତ କରି ସୁପ୍ରିମ୍‌କୋର୍ଟରେ କିଛି ଲୋକ ଆବେଦନ କରିଛନ୍ତି। ସେମାନଙ୍କ ଯୁକ୍ତି ହେଉଛି ପୂର୍ବରୁ ସର୍ବାଧିକ ଆରକ୍ଷଣ ୫୦% ମଧ୍ୟରେ ସୀମିତ ରଖିବା ଏବଂ ଆରକ୍ଷଣ କେବଳ ଆର୍ଥିକ ଅନଗ୍ରସରତାକୁ ଭିତ୍ତିକରି ଦିଆଯାଇପାରିବ ନାହିଁ ବୋଲି ବ୍ୟବସ୍ଥା ଥିଲାବେଳେ ନୂତନ ସିଦ୍ଧାନ୍ତ ଏହାର ବ୍ୟତିକ୍ରମ। ୧୯୯୨ରେ ଇନ୍ଦିରା ସାହାନେ କେସ୍ ସମ୍ବନ୍ଧରେ ରାୟ ଦେଇ ସୁପ୍ରିମ୍‌କୋର୍ଟ କହିଥିଲେ ଯେ, ଆର୍ଥିକ ସ୍ଥିତିକୁ ନେଇ ଜଣେ ପଛୁଆ ଶ୍ରେଣୀ ବୋଲି ବିଚାର କରାଯାଇପାରିବ ନାହିଁ। ଆଠଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟ ବା ୫ ଏକର ପର୍ଯ୍ୟନ୍ତ ଜମି ବା ଏକ ହଜାର ବର୍ଗଫୁଟ ମଧ୍ୟରେ ବାସଗୃହ ଥିବା ଲୋକଙ୍କୁ ବା ପରିବାରକୁ ଆର୍ଥିକ ଅନଗ୍ରସର ଭାବେ ବିଚାର କରାଯିବ ଏବଂ ସେମାନେ ଏହି ୧୦% ଆରକ୍ଷଣ ସୁବିଧାପ୍ରାପ୍ତ ହେବେ। କିନ୍ତୁ ଆଠଲକ୍ଷ ଟଙ୍କା ଆୟକାରୀ ପରିବାର (ଦିନକୁ ୨୧୯୨ ଟଙ୍କା) କ'ଣ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର? ସରକାରଙ୍କ କହିବା ଅନୁଯାୟୀ ରାଜ୍ୟ ସରକାରମାନେ କିଏ ପଛୁଆ ତାହା ବିଚାର କରିବେ। ଏହାଦ୍ୱାରା ଆହୁରି ପାତରଅନ୍ତର ହୋଇପାରେ। ସରକାର ଓବିସି ବା ଅନ୍ୟ ପଛୁଆ ଜାତି କ୍ଷେତ୍ରରେ କ୍ରିମିଲେୟାର ବା ସ୍ୱଚ୍ଛଳବର୍ଗର ସୀମାକୁ ୬ ଲକ୍ଷ ଟଙ୍କାରୁ ୮ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। କ୍ରିମିଲେୟାର ଶ୍ରେଣୀର ତଳକୁ ଆର୍ଥିକ ଅନଗ୍ରସର ନୁହେଁ ଉଚ୍ଚ ମଧ୍ୟବିତ୍ତ ଶ୍ରେଣୀ ଭାବେ ବିଚାର କରାଯିବ। ୨୦୧୧-୧୨ରେ ରଙ୍ଗରାଜନ କମିଟି ଯେଉଁ ଦାରିଦ୍ର୍ୟ ସୀମାରେଖା ଧାର୍ଯ୍ୟ କରିଥିଲେ, ସେହି ଅନୁସାରେ ସହରରେ ଯଦି ଜଣକର ଆୟ ଦୈନିକ ୪୭ ଟଙ୍କା ଏବଂ ଗ୍ରାମାଞ୍ଚଳରେ ୩୨ ଟଙ୍କାରୁ ଅଧିକ ତାଙ୍କୁ ଗରିବ ବୋଲି ଧରାଯିବ ନାହିଁ। ସେହିପରି ଆୟକର ଛାଡ଼ ସୀମା ବାର୍ଷିକ ୨.୫ ଲକ୍ଷ ଟଙ୍କା ଥିବାବେଳେ ବର୍ତ୍ତମାନ ଅନ୍ତରୀଣ ବଜେଟରେ ତାହାକୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏଠାରେ ସ୍ୱତଃ ପ୍ରଶ୍ନ ଉଠେ ସରକାର ଯଦି ପ୍ରକୃତରେ ଆର୍ଥିକ ଅନଗ୍ରସରଙ୍କ ପାଇଁ ଆରକ୍ଷଣ ସୁବିଧା ଦେବାକୁ ଚାହୁଁଛନ୍ତି ତେବେ ୮ ଲକ୍ଷ ଟଙ୍କା ସୀମା କାହିଁକି ରଖିଲେ? ବାସ୍ତବ କଥା ହେଉଛି ଏହି ସୀମା ମଧ୍ୟରେ ୫.୫ କୋଟି ପରିବାର ବା ହାରାହାରି ୨୫ କୋଟି ଜନତା ଅନ୍ତର୍ଭୁକ୍ତ ହେବେ। ଯେଉଁମାନେ ଖୁସି ହୋଇ ଭାଜପାକୁ ପୁନଶ୍ଚ କ୍ଷମତାସୀନ କରାଇବେ। ଅସଲ କଥା ହେଉଛି ଯଦି ବର୍ତ୍ତମାନ ସରକାର ଚାକିରିରେ ଏହି ଆୟ ସୀମା ମଧ୍ୟରେ ଥିବା କେତେ ପ୍ରତିଶତ ଲୋକ ନିଯୁକ୍ତି ପାଇଛନ୍ତି ତାହା ବିଚାର କରନ୍ତି, ତେବେ ତାହା ପ୍ରାୟତଃ ୧୦%ରୁ କମ୍ ହେବ ନାହିଁ। ଏଣୁ ଆରକ୍ଷଣ ସୁବିଧାର କିଛି ମୂଲ୍ୟ ନାହିଁ। ଯଦି ବି ସୁବିଧାପ୍ରାପ୍ତ ହୁଏ ତେବେ ତାହାର ଫାଇଦା ଉଚ୍ଚ ମଧ୍ୟବିତ୍ତ ଶ୍ରେଣୀକୁ ପ୍ରାପ୍ତ ହେବ। ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ମଧ୍ୟବିତ୍ତ ଶ୍ରେଣୀଙ୍କ ସହିତ ପ୍ରତିଯୋଗିତା କରିବାରେ ବିଫଳ ହେବେ।

ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଯେତେବେଳେ ନିଯୁକ୍ତି ନାହିଁ, ଏପରିକି ସଂକୋଚନ ହେଉଛି, ସେତେବେଳେ ଆରକ୍ଷଣ ଦ୍ୱାରା କାହାର ଲାଭ ହେବ? ଆମ ଦେଶରେ ନବେ ଦଶକରୁ ଆର୍ଥିକ ସଂସ୍କାର କାର୍ଯ୍ୟକାରୀ ହେବା ପରେ ସ୍ୱେଚ୍ଛାକୃତ ଅବସର, ଛଟେଇ, ବାଧ୍ୟତାମୂଳକ ଅବସର, ସୂଚନାପ୍ରଯୁକ୍ତି ବିଦ୍ୟାର ବହୁଳ ବ୍ୟବହାର, ବ୍ୟୟ ସଂକୋଚନ, ଶ୍ରମିକ ବଦଳରେ ଯନ୍ତ୍ରର ବହୁଳ ବ୍ୟବହାର ଯୋଗୁ ନିଯୁକ୍ତି ଆଶାନୁରୂପ ହୋଇନାହିଁ। ଏଣୁ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପୂର୍ବରୁ ବର୍ଷକୁ ୨ କୋଟି ନିଯୁକ୍ତି ସୃଷ୍ଟି କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କ୍ଷମତାସୀନ ହେଲା ପରେ ଯେଉଁସବୁ ନୀତି ଆପଣାଇଲେ ଓ କମ୍ପାନୀଗୁଡ଼ିକୁ ସୁହାଇଲା ପରି ସିଦ୍ଧାନ୍ତ ନେଲେ, ତାହାଦ୍ୱାରା ନିଯୁକ୍ତି ବୃଦ୍ଧି ହେବା ପରିବର୍ତ୍ତେ ହ୍ରାସ ପାଇଲା। ବିଶେଷକରି ବିମୁଦ୍ରୀକରଣ ପରି କ୍ରୁର ପଦକ୍ଷେପ ଓ ତରବରିଆ ଭାବେ ଜିଏସ୍‌ଟି କାର୍ଯ୍ୟକାରୀ କରିବା ଯୋଗୁ ଆର୍ଥିକ କାର୍ଯ୍ୟକଳାପ ହ୍ରାସ ପାଇବା ସହିତ ନିଯୁକ୍ତି ହ୍ରାସ ପାଇଛି ଓ ବେକାରି ବୃଦ୍ଧି ପାଇଛି। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି ରିପୋର୍ଟ ଅନୁସାରେ ୨୦୧୮ରେ ନୂତନ ନିଯୁକ୍ତି ସୃଷ୍ଟି ହେବା ପରିବର୍ତ୍ତେ ୧.୧ କୋଟି କର୍ମସଂସ୍ଥାନ ହ୍ରାସ ପାଇଛି। କେବଳ ଗ୍ରାମାଞ୍ଚଳରେ ଏହାର ୮୪% ହ୍ରାସ ଘଟିଛି। ଡିସେମ୍ବର ୨୦୧୮ରେ ବେକାରି ହାର ୭.୪%ରେ ପହଞ୍ଚିଛି, ଯାହା ଗତ ୨୭ ବର୍ଷରେ ସର୍ବାଧିକ। ସବୁଠାରୁ ଚିନ୍ତାର ବିଷୟ ଶ୍ରମରେ ଅଂଶଗ୍ରହଣ କଥା ବିଚାରକଲେ ୧୫ରୁ ୫୯ ବର୍ଷ ବୟସର ଲୋକଙ୍କ ମଧ୍ୟରେ ଏହା ୨୦୧୬ରେ ୪୫% ଥିଲା ବେଳେ ଡିସେମ୍ବର ୨୦୧୮ରେ ୪୨.୫%କୁ ହ୍ରାସ ପାଇଛି। ଶ୍ରମ ବ୍ୟୁରୋ ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁସାରେ ୨୦୧୬ରୁ ୨୦୧୮ ମଧ୍ୟରେ ଛଟେଇ ୨୫% ବୃଦ୍ଧିପାଇଛି। ଯେତେବେଳେ ଚାକିରିରେ ଆରକ୍ଷଣ କଥା ଉଠେ ସେତେବେଳେ ସଂଗଠିତ କ୍ଷେତ୍ର ଯଥା କେନ୍ଦ୍ର ସରକାର, ରାଜ୍ୟ ସରକାର, ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଚାକିରିକୁ ବିଚାର କରାଯାଏ। କିନ୍ତୁ ସଂଗଠିତ କ୍ଷେତ୍ରରେ ନିଯୁକ୍ତି ମଧ୍ୟ ସଙ୍କୁଚିତ ହୋଇ ଚାଲିଛି। ୨୦୧୩ରୁ ୨୦୧୫ ମଧ୍ୟରେ କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ ଓ ବିଭିନ୍ନ ବିଭାଗରେ ପ୍ରତ୍ୟକ୍ଷ ନୂତନ ନିଯୁକ୍ତି ୮୯% ହ୍ରାସ ପାଇଛି। ଡିପାର୍ଟମେଣ୍ଟ ଅଫ୍ ପର୍ସନେଲ ଆଣ୍ଡ ଟ୍ରେନିଂ ଅନୁସାରେ ଗତ ୩ ବର୍ଷରେ ବିଭିନ୍ନ ସଂସ୍ଥା ୟୁପିଏସ୍‌ସି, ଏସ୍‌ଏସ୍‌ସି., ଆର୍‌ଆର୍‌ବିରେ ମୋଟ ନିଯୁକ୍ତି ୨୦୧୪-୧୫ରେ ୧,୧୩,୫୨୪ ହୋଇଥିଲା ବେଳେ ୨୦୧୬-୧୭ରେ ଏହା ୧,୦୦,୯୩୩କୁ ହ୍ରାସ ପାଇଛି। ସେହିପରି କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଚାକିରି କରିଥିବା ଲୋକଙ୍କ ସଂଖ୍ୟା ୨୦୧୩-୧୪ରେ ୧୬.୯୧ ଲକ୍ଷ ଥିଲାବେଳେ ୨୦୧୬-୧୭ରେ ୧୫.୨୩ ଲକ୍ଷକୁ ହ୍ରାସ ପାଇଛି। ରିଜର୍ଭ ବ୍ୟାଙ୍କର ତଥ୍ୟ ଅନୁସାରେ ବ୍ୟାଙ୍କଗୁଡ଼ିକରେ ପଦାଧିକାରୀଙ୍କ ସଂଖ୍ୟା ୨୦୧୪-୧୫ରୁ ୨୦୧୬-୧୭ ମଧ୍ୟରେ ୪.୫% ବୃଦ୍ଧି ପାଇଥିଲେ ମଧ୍ୟ ଅନ୍ୟ ପଦବୀରେ ୮% ହ୍ରାସ ପାଇଛି। ଅଧିକାଂଶ ଭାବିପାରନ୍ତି ଯେ, ଯେହେତୁ ମୋଦି ସରକାର ଘରୋଇ ସଂସ୍ଥାକୁ ଅଧିକ ପ୍ରୋତ୍ସାହନ ଦେଉଛନ୍ତି, ସେହିସବୁ କ୍ଷେତ୍ରରେ ନିଯୁକ୍ତି ବୃଦ୍ଧି ପାଇଥିବ। ବାସ୍ତବ କଥା ହେଉଛି ଘରୋଇ କ୍ଷେତ୍ର ନ ଥିଲେ ରାଷ୍ଟ୍ରାୟତ୍ତ ଶିଳ୍ପରେ ଯେତିକି ନିଯୁକ୍ତି ସୃଷ୍ଟି ହୋଇଥାନ୍ତା, ଘରୋଇ କ୍ଷେତ୍ରରେ ସେତିକି ହେଉନାହିଁ। ଘରୋଇ କ୍ଷେତ୍ର ନିଯୁକ୍ତି ସୃଷ୍ଟି ନ କଲାବେଳେ ରାଷ୍ଟ୍ରାୟତ୍ତ ଶିଳ୍ପ ପ୍ରତିଯୋଗିତା କରିବା ପାଇଁ ନିଯୁକ୍ତି ହ୍ରାସ କରୁଛନ୍ତି। ୨୦୧୭-୧୮ରେ ଘରୋଇ କମ୍ପାନୀଗୁଡ଼ିକ ଯେତିକି ନିଯୁକ୍ତି ସୃଷ୍ଟି କରିଛନ୍ତି ତାହା ଗତ ୩ ବର୍ଷରେ ସର୍ବନିମ୍ନ। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ୨୦୦ ଇଣ୍ଡେକ୍ସରେ ତାଲିକାଭୁକ୍ତ ୧୭୧ଟି କମ୍ପାନୀରେ ୨୦୧୫-୧୬ରେ ୧,୪୬,୮୦୦ ଜଣ ଯୋଗ ଦେଇଥିଲାବେଳେ ତାହା ୨୦୧୬-୧୭ରେ ୧,୧୬,୩୦୦କୁ ହ୍ରାସ ପାଇଛି। ପୁନଶ୍ଚ ୨୦୧୭-୧୮ରେ ୬୪,୩୮୦କୁ ହ୍ରାସ ପାଇଛି। କେବଳ ନିଯୁକ୍ତି ହ୍ରାସ ପାଇନି, ଉନ୍ନତମାନର ନିଯୁକ୍ତି ସୃଷ୍ଟି ନ ହୋଇ ନିମ୍ନମାନର ନିଯୁକ୍ତି ସୃଷ୍ଟି ହେଉଛି। ନିମ୍ନମାନର ନିଯୁକ୍ତି ଅର୍ଥ କମ୍ ଦରମା, କମ୍ ଉତ୍ପାଦକତା, ଶ୍ରମିକମାନଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେଲାପରି ପରିବେଶ ଏବଂ ନିଜ ଦାବି ଉପସ୍ଥାପନ ପାଇଁ ଟ୍ରେଡ ୟୁନିୟନର ଅଭାବ। ଏପରି ସ୍ଥିତିରେ ସଂରକ୍ଷଣ ବଦଳରେ ଅଧିକ ନିଯୁକ୍ତି ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଆରକ୍ଷଣ ବ୍ୟବସ୍ଥା ସମାଜର ଦୁର୍ବଳ ଶ୍ରେଣୀ ତଥା ସାମାଜିକ ବ୍ୟବସ୍ଥା ଦ୍ୱାରା ନିଷ୍ପେଷିତ ଲୋକଙ୍କୁ ନ୍ୟାୟ ଦେବା ପାଇଁ ଉଦ୍ଦିଷ୍ଟ ହେବା ଉଚିତ, ରାଜନୈତିକ ଫାଇଦା ପାଇଁ ନୁହେଁ। ପୁନଶ୍ଚ ସର୍ବାଧିକ ସୀମା ସ୍ଥିରୀକୃତ ହେବା ସହିତ ଆର୍ଥିକ ସ୍ୱଚ୍ଛଳବର୍ଗଙ୍କୁ ଏହି ସୁବିଧାର ବାହାରେ ରଖିବା ଆବଶ୍ୟକ। ତେବେ ଏଠାରେ ପ୍ରଶ୍ନ ହେଉଛି ସ୍ୱାଧୀନତାର ୭୨ ବର୍ଷ ପରେ ଆରକ୍ଷଣ କାହିଁକି? ଏହାର ଅର୍ଥ ବର୍ତ୍ତମାନ ତଥା ପୂର୍ବ ସରକାରମାନେ ଜନସାଧାରଣଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏଣୁ ସରକାର ଧନିକ ଶ୍ରେଣୀ ବଡ଼ ବଡ଼ କମ୍ପାନୀ ଉପରେ ଅଧିକ ହାରରେ ଟିକସ ଲାଗୁକରି ସଂଗୃହୀତ ସମ୍ବଳକୁ ଅଧିକ ନିଯୁକ୍ତି ସୃଷ୍ଟି ତଥା ଶିକ୍ଷା, ସ୍ୱାସ୍ଥ୍ୟ ପରି ସାମାଜିକ କ୍ଷେତ୍ରରେ ଅଧିକ ବ୍ୟୟ କରି ଜନସାଧାରଣଙ୍କ ଜୀବନ ଧାରଣର ମାନରେ ଉନ୍ନତି ଆଣିବା ଆବଶ୍ୟକ।

ଡିଭାଇନ ନଗର, ଚାଉଳିଆଗଞ୍ଜ, କଟକ,
ମୋ-୯୪୩୭୨୦୮୭୬୨, skmohapatra67@gmail.com

# ଭଲ ବନ୍ଧୁଟିଏ ଖୋଜିବା



ଅଭିମନ୍ୟୁ ଧଳ

ଜୀବନର ପ୍ରତି ମୁହୂର୍ତ୍ତରେ ବନ୍ଧୁଟିଏ ଲୋଡ଼ା ପଡ଼ିଥାଏ। ଆଜିକାଲି ଭଲ ବନ୍ଧୁଟିଏ ମିଳିବା କଷ୍ଟକର। ଶାସ୍ତ୍ରରେ କୁହାଯାଇଛି- ଭାଗ୍ୟରେ ଥିଲେ ଲୋକ ଉତ୍ତମ ମିତ୍ର ଲାଭ କରେ। ସେହି ଅକୃତ୍ରିମ ମିତ୍ରତା ଆପଦ ସମୟରେ ମଧ୍ୟ ନଷ୍ଟ ହୁଏ ନାହିଁ। ଜଣେ ଭଲ ବନ୍ଧୁ କେବଳ ବନ୍ଧୁ ଭାବରେ ନ ରହି ସୁଖଦୁଃଖରେ ଭାଗୀ ହେବା, ଉତ୍ତମ ପରାମର୍ଶ ଦେବା ଏବଂ ଏକାକିତ୍ୱରେ ସୃଷ୍ଟି ହେଉଥିବା ଗୁରୁତର ମାନସିକ ସମସ୍ୟାକୁ ଦୂର କରିବାରେ ସହାୟକ ହୋଇଥାନ୍ତି। ଧୂଳିଖେଳଠାରୁ ଆରମ୍ଭକରି ସ୍କୁଲ, କଲେଜ, କାର୍ଯ୍ୟାଳୟ ଓ ଅବସର ପରେ ଏକାଧିକ ବନ୍ଧୁ ଆସିଥାନ୍ତି, କିନ୍ତୁ ସମସ୍ତେ ବନ୍ଧୁ ହୋଇ ରହିପାରନ୍ତି ନାହିଁ। କଥାକୁ ଗୁରୁତ୍ୱ ନ ଦେଉ ନ ଥିବା, ସ୍ୱାର୍ଥପର, ନକାରାତ୍ମକ ଚିନ୍ତାଧାରା ପୋଷଣ କରୁଥିବା ଓ ଆବଶ୍ୟକ ବେଳେ ଧରା ଦେଉ ନ ଥିବା ବନ୍ଧୁ ହୃଦୟରେ କ୍ଷତ ସୃଷ୍ଟି କରିଥାନ୍ତି। ଏହିଭଳି ଶହ ଶହ ବନ୍ଧୁ ଥିଲେ ଲାଭ କ'ଣ ? ବାସ୍ତବିକ ଉତ୍ତମ ବନ୍ଧୁଟିଏ ନ ଥିଲେ ହୃଦୟ ଫିକା ପଡ଼ିଯାଏ। ଏକଲାପଣ ଭୋଗୁଥିବା ବ୍ୟକ୍ତିଟି ଅନେକ ସମୟରେ ନିଜକୁ ଅସହାୟ ମନେକରେ। ମାନସିକ ଅବସାଦ ଆଡ଼କୁ ଟାଣି ହୋଇଥାଏ।

ସ୍ମୃତିଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ ଉତ୍ତମ ବନ୍ଧୁତା। ଆସ୍ଥାମୂଳକ ଓ ବିଶ୍ୱସନୀୟ ବନ୍ଧୁତା କେବଳ ଏକାକିତ୍ୱ ହ୍ରାସ କରେ ନାହିଁ, ଏଥିସହ ସ୍ମୃତିଶକ୍ତି ତୀକ୍ଷ୍ଣ କରେ ଏବଂ ମସ୍ତିଷ୍କର କାର୍ଯ୍ୟଦକ୍ଷତା ବୃଦ୍ଧିକରେ ବୋଲି ପ୍ଲସ୍ ୱାନ୍ ଜର୍ନାଲରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡ଼େ। ବୃଦ୍ଧାବସ୍ଥା ଉପନୀତ ହେଲେ ବନ୍ଧୁ ସଂଖ୍ୟା କମି କମି ଆସେ। ପରନ୍ତୁ ଉକ୍ତ ଅଧ୍ୟୟନ ଅନୁସାରେ ଯେଉଁମାନେ ୮୦ ବର୍ଷ ବୟସରେ ପଦାର୍ପଣ କରିଥିଲେ ଏବଂ ବନ୍ଧୁତା ବଜାୟ ରଖିଥିଲେ ସେମାନେ ୫୦ରୁ ୬୦ ବର୍ଷ ବୟସ୍କଙ୍କ ଅପେକ୍ଷା ଅଧିକ ବୁଦ୍ଧିଦୀପ୍ତ, ଅଧିକ ସନ୍ତୁଷ୍ଟ ଓ ବନ୍ଧୁବତ୍ସଳ ଥିଲେ। ପରିଣତ ବୟସରେ ମଧ୍ୟ ଏହି ଲୋକଙ୍କର ବୌଦ୍ଧିକ ଦକ୍ଷତା ଉଜ୍ଜୀବିତ ଥିଲା। ସାମାଜିକ ସମ୍ପର୍କ ଦୃଢ଼ ଥିଲେ ସ୍ମୃତି ବିଭ୍ରମ ରୋଗରେ ବ୍ୟକ୍ତି ଆକ୍ରାନ୍ତ ହୁଏନାହିଁ। ନିଜ ଇଚ୍ଛାରେ ପରିଚାଳିତ ହେବା, ଅନ୍ୟମାନଙ୍କ ସହିତ ସକାରାତ୍ମକ ସମ୍ପର୍କ ସ୍ଥାପନ କରିବା, ପରିସ୍ଥିତିକୁ ଦୃଷ୍ଟିରେ ରଖିବା, ବ୍ୟକ୍ତିଗତ ଅଭିବୃଦ୍ଧି, ଜୀବନର ଉଦ୍ଦେଶ୍ୟ ବୁଝିବା ଏବଂ ବିଭିନ୍ନ ପରିସ୍ଥିତିକୁ ସମାନ ଦୃଷ୍ଟିରେ ଦେଖିବା ହେଉଛି ମାନସିକ ସନ୍ତୁଳନର ପରିଚାୟକ। ଏହା ଉତ୍ତମ ବନ୍ଧୁତାର ପରିଚାୟକ। ଯେଉଁମାନେ ଏସବୁ ପ୍ରତି ଉଦାସୀନ ସେମାନଙ୍କ ଏକାକିପଣ ବଢ଼ିବା ସହିତ ନିଃସଙ୍ଗତା ମାନସିକ ଅବସାଦ ଆଡ଼କୁ ଟାଣିନିଏ। ଏହି ମାନସିକ ଅବସାଦରେ ବୟସ୍କମାନେ କାହିଁକି ଯୁବତୀଯୁବକମାନେ ମଧ୍ୟ ଆକ୍ରାନ୍ତ ହେଲେଣି। ଏହାର ମୁଖ୍ୟ କାରଣ ଭଲ ବନ୍ଧୁଟିଏ ନ ଥିବା।

କେତେକ ବ୍ୟକ୍ତି ଅନ୍ୟମାନଙ୍କୁ ଆପଣେଇ ନେଉଥିବା ବେଳେ ଅନ୍ୟ କେତେକେ କାହିଁକି ଏହା କରିପାରନ୍ତି ନାହିଁ? ଏହି ବନ୍ଧୁଭାବ ସୃଷ୍ଟି କରିବା ପଛରେ ବୈଜ୍ଞାନିକ କାରଣ ରହିଛି। ଏ କ୍ଷେତ୍ରରେ ଜିନ୍ ମୁଖ୍ୟ ଭୂମିକା ଗ୍ରହଣ କରେ ବୋଲି ସିଙ୍ଗାପୁରସ୍ଥିତ ନ୍ୟାଶ୍‌ନାଲ ୟୁନିଭର୍ସିଟିର ଗବେଷକମାନେ ଜାଣିବାକୁ ପାଇଛନ୍ତି। ଚିହ୍ନଟ ହୋଇଥିବା ଦୁଇଟି ଜିନ୍ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହା ଭଲପାଇବା ହରମୋନ୍ ଅକ୍ସିଟୋସିନ୍‌କୁ ନିୟନ୍ତ୍ରଣ କରି ବନ୍ଧୁଭାବାପନ୍ନ କରାଏ। ସିଡି ୩୮ ଏବଂ ସିଡି ୧୫୭ ନାମକ ଦୁଇଟି ଜିନ୍ ଯୁବ ବୟସର ବ୍ୟକ୍ତିଙ୍କଠାରେ ବନ୍ଧୁଭାବ ସୃଷ୍ଟି କରାଏ। ଯେଉଁମାନଙ୍କଠାରେ ଏହି ଦୁଇଟି ଜିନ୍ ରହିଛି ସେମାନଙ୍କର ବନ୍ଧୁ ଥିବା ସଙ୍ଗେ ସଙ୍ଗେ ସେମାନେ ଅଧିକ ସାମାଜିକ ଦକ୍ଷତା ପ୍ରଦର୍ଶନ କରିଥାନ୍ତି। ଯୌନ ସାଥୀ ଚୟନ, ଶିଶୁ ପାଳନ ଆଦି ସାମାଜିକ ଆଚରଣଗୁଡ଼ିକ ସହାନୁଭୂତି, ଉଦାର ପ୍ରକୃତି ଏବଂ ବିଶ୍ୱାସର ସହିତ ମାର୍ଜିତ ଭାବରେ କରିଥାନ୍ତି।

ଆଜିକାଲି ବନ୍ଧୁ-ମରୁଡ଼ି ଦେଖାଦେଇଛି। ଅଧିକାଂଶ ବନ୍ଧୁ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ବନ୍ଧୁତାର ହାତ ବଢ଼ାଇଥାନ୍ତି। ବିପଦ ସମୟରେ ସେମାନଙ୍କର ଦେଖା ମିଳେନାହିଁ। ପରନ୍ତୁ ସେମାନେ ବେଳେ ବେଳେ ବିପଦ ସାଜିଥାନ୍ତି। ବନ୍ଧୁତାର ସଂଖ୍ୟା ବଢ଼ାଇବା ଅପେକ୍ଷା ଭଲ ବନ୍ଧୁଟିଏ ଖୋଜିବା ଆବଶ୍ୟକ, ଯେଉଁ ବନ୍ଧୁ ସୁଖଦୁଃଖରେ ସହଭାଗୀ ହେବା ଓ ଭାଇପରି ବିପଦରେ ଠିଆହେବା ସହ ଗୁରୁଙ୍କ ପରି ହିତକଥା କହି ଠିକ୍ ବାଟ ଦେଖାଇପାରୁଥିବ। ଏପରି ବନ୍ଧୁ ଭାଗ୍ୟରେ ଥିଲେ ମିଳନ୍ତି। ସମ୍ପର୍କର ମୃତ୍ୟୁ ନାହିଁ। ମଣିଷର ସ୍ୱଭାବ, ଅହଂକାର, ସ୍ୱାର୍ଥପରତା ଏହାକୁ ମାରିଦିଏ। ଉତ୍ତମ ବନ୍ଧୁତାରେ ଏସବୁ ବିଲୟ ହେବା ଉଚିତ। ଭଲ ବନ୍ଧୁମାନଙ୍କ ମଧ୍ୟରେ ଇହକାଳ ଓ ପରକାଳର ଶ୍ରେଷ୍ଠ ବନ୍ଧୁ ହେଉଛନ୍ତି ଜଗତର ବନ୍ଧୁ ଜଗବନ୍ଧୁ। ମାୟା, ମୋହ, ଅହଂକାର, ଗର୍ବ ପରିତ୍ୟାଗ କରି ସମର୍ପିତ ଭାବରେ ଏହାଙ୍କୁ ପ୍ରାର୍ଥନା କଲେ ସେ ଆସିଥାନ୍ତି, ଆପଦବିପଦ ସମୟରେ ସହାୟ ହୁଅନ୍ତି।

ଓସଂଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ମୋ-୯୮୬୧୦୪୮୦୫୨

## ଏଇ ଭାରତରେ

ନରବଳି ଦେବା ଆଇନ ଦୃଷ୍ଟିରେ ଅପରାଧ। କିନ୍ତୁ ଏଥିପାଇଁ ଜଣେ ତାନ୍ତ୍ରିକ ପ୍ରଶାସନର ଅନୁମତି ଲୋଡିବା ହାସ୍ୟାସ୍ପଦ ବିଷୟ ନିଶ୍ଚୟ। ଏପରି ଏକ ଘଟଣା ଘଟିଛି ପାଟ୍‌ନାରେ। ନିଜ ଆରାଧ୍ୟ ଦେବତାଙ୍କୁ ଖୁସିକରିବା ପାଇଁ ଏହି ତାନ୍ତ୍ରିକ ଜଣକ ତାଙ୍କ ପାଖରେ ମଣିଷ ବଳି ଦେବେ। ଏଥିପାଇଁ ସେ ପ୍ରଶାସନର ଅନୁମତି ଲୋଡିଛନ୍ତି। ବିହାର ବେଗୁସରାୟ ଉପଖଣ୍ଡ ଅଧିକାରୀଙ୍କୁ ଏ ନେଇ ଚିଠି ଲେଖିଥିବା ଦାବି କରିଛନ୍ତି ତାନ୍ତ୍ରିକ ସୁରେନ୍ଦ୍ର ପ୍ରସାଦ ସିଂ। ତେବେ ଏ ସଂକ୍ରାନ୍ତରେ କୌଣସି ଚିଠି ମିଳି ନ ଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ସୁରେନ୍ଦ୍ର ଏହାର ସ୍କ୍ରିନ୍ ଶଟ୍ ଏବଂ ଏକ ଭିଡିଓ ସୋସିଆଲ ମିଡିଆରେ ଅପଲୋଡ୍ କରିଛନ୍ତି। ଏହାକୁ ନେଇ ପୋଲିସ ପକ୍ଷରୁ ତନାଘନା କରାଯିବା ସହିତ ତାନ୍ତ୍ରିକଙ୍କୁ ପୋଲିସ ଖୋଜିବା ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ପୋଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଲେଖିଥିବା ଚିଠିରେ ତାନ୍ତ୍ରିକ ନିଜ ପୁଅକୁ ପ୍ରଥମେ ବଳି ଦେବାକୁ ଅନୁମତି ଲୋଡିଛନ୍ତି। ମା' କାମାକ୍ଷା ମନ୍ଦିର ନିର୍ମାଣ ପାଇଁ ପୁଅ ଟଙ୍କା ଦେଉ ନ ଥିବାରୁ ସେ ରାବଣ ବୋଲି ତାନ୍ତ୍ରିକ ଚିଠିରେ ଉଲ୍ଲେଖ କରିଛନ୍ତି। ତାନ୍ତ୍ରିକଙ୍କର ଏହି ଅଦ୍ଭୁତ ଖିଆଲି ମନୋଭାବ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୬ ଫେବୃୟାରୀ ୧୯୯୪

- ପୁନର୍ଗଠିତ ଜାତିସଂଘ ଉନ୍ନୟନ ସଂସ୍ଥା (ୟୁଏନ୍‌ଡିପି), ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍‌ପିଏ) ଏବଂ ଜାତିସଂଘ ଶିଶୁ ପାଣ୍ଠି(ୟୁନିସେଫ)ର ଏକ୍‌ଜିକ୍ୟୁଟିଭ ବୋର୍ଡକୁ ଭାରତ ନିର୍ବାଚିତ।
- ଚାଇନା କୋଇଲା ଖଣିରେ ବିସ୍ଫୋରଣ ଘଟି ୧୫୫ ଜଣଙ୍କ ମୃତ୍ୟୁ।
- ଜାତିସଂଘର ନିରସ୍ତ୍ରୀକରଣ ସମ୍ମିଳନୀରେ କ୍ୟୁବାକୁ ମହାକାଶ କମିଟିର ଅଧ୍ୟକ୍ଷ ରୂପେ ନିଯୁକ୍ତି ଦିଆଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଅବିଶ୍ୱାସର ଦୁନିଆ

ମହାଶୟ,

ନିକଟରେ ଖବର ପ୍ରକାଶିତ ହୋଇଥିଲା ଯେ, ଅଭିନେତ୍ରୀ ନିକିତାଙ୍କୁ ତାଙ୍କ ସ୍ୱାମୀ ଛାତରୁ ଠେଲିଦେଲେ, ଫଳରେ ମୃତ୍ୟୁ ଘଟିଲା। ଆଲବମ୍ ନାୟିକା ସିମରନ୍‌ଙ୍କୁ ତାଙ୍କର କେହି ନିଜର ଲୋକ ହତ୍ୟା କରି ପୋଲ ତଳକୁ ଫିଙ୍ଗି ଦେଇଛନ୍ତି। ସେ ମଧ୍ୟ ନିକିତାଙ୍କ ପରି ପ୍ରେମ ବିବାହ କରିଥିଲେ। ସେହିପରି ପୁରୀ ଶ୍ରୀକ୍ଷେତ୍ରରେ ଜନୈକ ଡାକ୍ତର ତାଙ୍କର ଛୁଆପିଲା ଥିବା ପତ୍ନୀଙ୍କୁ ଲୋକ ଲଗାଇ ଦିନ ଦ୍ୱିପ୍ରହରରେ ହତ୍ୟା କରିଦେଲେ। ଡାକ୍ତରଙ୍କର କୁଆଡେ ଜନୈକା ନର୍ସଙ୍କ ସହିତ ପ୍ରେମସମ୍ପର୍କ ଥିବାର ଅଭିଯୋଗ ଆସିଛି। ଭୁବନେଶ୍ୱର ଉପକଣ୍ଠରେ ଜନୈକ ପ୍ରେମିକା ତାଙ୍କ ପ୍ରେମିକଙ୍କୁ ବିବାହ ପାଇଁ ଜିଦ୍ ଧରିବାରୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରେମିକ ଜଣକ ପ୍ରେମିକାଙ୍କୁ ବାଇକରେ ବସାଇ ଜଙ୍ଗଲ ରାସ୍ତାରେ ହତ୍ୟା କରିଦେଲେ। ତେଣୁ ବୋଧହୁଏ କିଛିଦିନ ପରେ ସମାଜରୁ 'ବିଶ୍ୱାସ' ଶବ୍ଦଟି ହଜିଯିବ ।

କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

### ବିବାହ ପଞ୍ଜୀକରଣ ବାଧ୍ୟତାମୂଳକ ହେଉ

ଆଜିକାଲି ବିବାହର ଅଳ୍ପଦିନ ପରେ ବହୁ କ୍ଷେତ୍ରରେ ବିବାହ ବିଚ୍ଛେଦ, ପାରିବାରିକ ହିଂସା, ବଧୂହତ୍ୟା ପରି ଖରାପ ଘଟଣାମାନ ଘଟୁଛି। ଯଦି ସମସ୍ତ ବିବାହ କେବଳ ଉପନିବନ୍ଧକ, ଜିଲା ନିବନ୍ଧକଙ୍କ ଇଜିଲାସରେ ପଞ୍ଜୀକରଣ କରାଯାନ୍ତା, ତା'ହେଲେ ବିବାହର ସ୍ୱଷ୍ଟଚିତ୍ର ଓ ବିଷୟବସ୍ତୁ ଲିପିବଦ୍ଧ ରହନ୍ତା, ଯଦ୍ଦ୍ୱାରା ବଧୂ ନିର୍ଯାତନା, ଯୌତୁକ ନିର୍ଯାତନା ଆଦି କମିଯାଆନ୍ତା। ନିର୍ଯାତିତା ନ୍ୟାୟ ପାଇବାକୁ ସୁବିଧା ହୁଅନ୍ତା। ପ୍ରତ୍ୟେକ ବିବାହ ଆୟୋଜିତ ବା ପ୍ରେମଜନିତ ତା'ର ସତ୍ୟପାଠ, ବିବାହରେ କେହି ମଧ୍ୟସ୍ଥ ଥିଲେ କି ନା, ଉପଢୌକନ (ଯୌତୁକ) ସ୍ୱରୂପ କ'ଣ ଦିଆଗଲା ସେସବୁ ଲିପିବଦ୍ଧ ରହିବା ସହ ଉଭୟଙ୍କ ସମ୍ମତି, ଅଭିଭାବକଙ୍କ ସ୍ୱାକ୍ଷର ସହିତ ଦୁଇ ଜଣ ସାକ୍ଷୀ ରହିବା ଉଚିତ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

### ତେଲିଆ ମୁଣ୍ଡରେ ତେଲ

କିଛିଦିନ ତଳେ ରାଜ୍ୟ ସରକାର ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରି ବୃଦ୍ଧି କରିଛନ୍ତି। ଏହି ନିଷ୍ପତ୍ତି ଅନୁସାରେ ଅଣକୁଶଳୀ ଶ୍ରମିକମାନଙ୍କର ଶ୍ରମିକ ୪୦ ପ୍ରତିଶତ ବୃଦ୍ଧିପାଇ ୨୦୦ରୁ ୨୮୦ ଟଙ୍କା, ଅର୍ଦ୍ଧକୁଶଳୀମାନଙ୍କର ୪୫ ପ୍ରତିଶତ ବୃଦ୍ଧି ପାଇ ୨୨୦ରୁ ୩୨୦ ଟଙ୍କା, କୁଶଳୀ ଶ୍ରମିକଙ୍କର ୫୪ ପ୍ରତିଶତ ବୃଦ୍ଧି ପାଇ ୨୪୦ରୁ ୩୭୦ ଟଙ୍କା ଓ ଅତି କୁଶଳୀ ଶ୍ରମିକଙ୍କର ୬୫ ପ୍ରତିଶତ ବୃଦ୍ଧିପାଇ ୨୬୦ରୁ ୪୩୦ ଟଙ୍କା ହୋଇଛି। ଏହା ଫଳରେ ଅଣକୁଶଳୀମାନେ ୮୦ ଟଙ୍କା ଅଧିକ ପାଇବା ସ୍ଥଳେ ଅର୍ଦ୍ଧକୁଶଳୀମାନେ ଅଧିକ ୧୦୦ ଟଙ୍କା, କୁଶଳୀମାନେ ୧୩୦ ଟଙ୍କା ଓ ଅତିକୁଶଳୀମାନେ ୧୭୦ ଟଙ୍କା ଅଧିକ ପାଇବେ। ଅଣକୁଶଳୀଙ୍କ ତୁଳନାରେ ଅନ୍ୟମାନେ ଯଥେଷ୍ଟ ଅଧିକ ଲାଭାନ୍ୱିତ ହେବା ଫଳରେ ସରକାରଙ୍କ 'ତେଲିଆ ମୁଣ୍ଡରେ ତେଲ' ନୀତିକୁ ଏହା ପ୍ରମାଣିତ କରୁଛି। ତୃଣମୂଳ ସ୍ତରର ଶ୍ରମିକ ଓ କର୍ମଚାରୀଙ୍କର ଦରମା ଓ ମଜୁରି ଅଧିକ ନ ବଢ଼ିବା ଫଳରେ କର୍ମଜୀବୀଙ୍କ ମଧ୍ୟରେ ଆର୍ଥିକ ଅସମତା ଆଶାତୀତ ଭାବେ ବୃଦ୍ଧିପାଉଛି। ଏପରି ହେବା ଆଦୌ ଠିକ୍ ନୁହେଁ।

ଅକ୍ଷୟ କୁମାର ମହାନ୍ତି, ଭାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ଆଜି କଂଗ୍ରେସରେ ଯୋଗଦେବେ ଯଜ୍ଞେଶ୍ୱର

**ବଲାଙ୍ଗୀର ଅଫିସ, ୫।୨:** ପୂର୍ବତନ ବିଧାୟକ ତଥା ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଯଜ୍ଞେଶ୍ୱର ବାବୁ ବୁଧବାର କଂଗ୍ରେସ ଦଳରେ ଯୋଗଦେବା ସ୍ପଷ୍ଟ ହୋଇଛି। ଭବାନୀପାଟଣାଠାରେ ବୁଧବାର ଅନୁଷ୍ଠିତ ହେବାକୁ ଥିବା କଂଗ୍ରେସର ପରିବର୍ତ୍ତନ ସଙ୍କଳ୍ପ ସମାବେଶରେ ଅଖିଳ ଭାରତୀୟ କଂଗ୍ରେସ କମିଟି ଅଧକ୍ଷ ରାହୁଲ ଗାନ୍ଧୀ ଯୋଗଦେବେ । ଏହି ସଭାରେ ଯଜ୍ଞେଶ୍ୱର ବାବୁ କଂଗ୍ରେସ ହାତ ଧରିବେ। ୧୯୮୮ ମସିହାରେ ସଇଁତଲା ବ୍ଲକ୍ ଅଧକ୍ଷ ଏବଂ ୧୯୯୦ରେ ଜନତା ଦଳରୁ ସଇଁତଲା ବିଧାନସଭା ଆସନରୁ ବିଧାୟକଭାବେ ସେ ନିର୍ବାଚିତ ହୋଇଥିଲେ। ଏହାପରେ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି ଭାବେ କାର୍ଯ୍ୟ କରିଥିଲେ। ୨୦୦୧ ମସିହାରୁ ୨୦୧୨ ମସିହା ପର୍ଯ୍ୟନ୍ତ ବିଜେଡି ଦଳରେ ସେ ବେଶ୍ ସକ୍ରିୟ ଥିଲେ। ତେବେ ପରବର୍ତ୍ତୀ ସମୟରେ ସେ ବିଜେଡି ଦଳ ଛାଡିଥିଲେ। ବୁଧବାର ଯଜ୍ଞେଶ୍ୱର ବାବୁ କଂଗ୍ରେସ ଦଳରେ ଯୋଗଦେବେ ବୋଲି ସ୍ପଷ୍ଟ କରିବା ପରେ ବଲାଙ୍ଗୀର ଜିଲାରେ ରାଜନୈତିକ ଚର୍ଚ୍ଚା ଆଲୋଚନା ଜୋର ଧରିଛି। ଏନେଇ ଯଜ୍ଞେଶ୍ୱରଙ୍କୁ ପଚାରିବାରୁ ବଲାଙ୍ଗୀରର ବିକାଶ ବହୁ ପଛରେ ପଡିଛି। ଏଥିପାଇଁ ବିଜେଡି ସରକାର ଓ ସ୍ଥାନୀୟ ରାଜପରିବାର ଦାୟୀ ବୋଲି କହିଛନ୍ତି। ଆଗକୁ ବଲାଙ୍ଗୀର ବିକାଶ ପାଇଁ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି।

### ପ୍ରଶାନ୍ତ ମହାପାତ୍ର ହେଲେ ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ

**ପୁରୀ ଅଫିସ, ୫।୨:** ଦୀର୍ଘଦିନ ଧରି ଖାଲି ପଡିଥିବା ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ପଦବୀରେ ସରକାର ରାଉରକେଲାର ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ ନିଯୁକ୍ତି ଦେଇଛନ୍ତି। ମଙ୍ଗଳବାର ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଥାଉ କି, ପ୍ରାୟ ୫ ମାସରୁ ଊର୍ଦ୍ଧ୍ୱ ହେବ ଏହି ପଦବୀ ଖାଲିପଡିଥିଲା। ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ଅବସର ପରେ ସୁରକ୍ଷା ପ୍ରଶାସକ ପଦବୀ ଖାଲିପଡିଥିଲା।

# ନିର୍ବାଚନୀ ପ୍ରତିଯୋଗିତା, ପ୍ରଥମ ହେବାକୁ ପ୍ରୟାସ



ରାହୁଲ ଗାନ୍ଧୀ

- ଆଜି ଆସୁଛନ୍ତି ରାହୁଲ, ଗଡ଼କରୀ
- ବିଜେଡିରେ ମିଶିବେ ଯୋଗେଶ
- ୧୫ରେ ପୁଣି ପଶ୍ଚିମଓଡ଼ିଶା ଆସିବେ ଶାହ
- ଖୁବ୍‌ଶୀଘ୍ର ଓଡ଼ିଶା ଆସିବେ ପ୍ରିୟଙ୍କା ଗାନ୍ଧୀ



ନୀତିନ ଗଡ଼କରୀ

**ଭୁବନେଶ୍ୱର, ୫।୨(ବ୍ୟୁରୋ)**

ଓଡ଼ିଶାକୁ ବର୍ତ୍ତମାନ କେନ୍ଦ୍ରୀୟ ନେତାମାନେ ଘନଘନ ଗସ୍ତ ଆରମ୍ଭ କରିଦେଇଛନ୍ତି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର କେନ୍ଦ୍ରରେ ଶାସନ କ୍ଷମତାକୁ ଆସିବାପରେ ୨୦୧୪ ପରଠାରୁ ଦଳର କେନ୍ଦ୍ରୀୟ ନେତାମାନେ ଏକାଧିକ ବାର ଓଡିଶା ଆସିଲେଣି। ଏହି ଧାରା ଏବେ ପର୍ଯ୍ୟନ୍ତ ମଧ୍ୟ ଜାରି ରହିଛି। ଏହାସହ ଓଡିଶାରେ ଭାଜପା ସରକାର କରିବା ଆଶାରେ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦଳର ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ନିକଟରେ ପ୍ରଧାନମନ୍ତ୍ରୀ ୩ଥର ଗସ୍ତ କରିସାରିଥିବା ବେଳେ ଶାହ ଗତ ଦୁଇ ସପ୍ତାହ ମଧ୍ୟରେ ଦୁଇଥର ଆସି ଗଲେଣି। ହେଲେ ବିଜେଡି ମଧ୍ୟ ଭାଜପାକୁ ସହଜରେ ଆଗକୁ ଯିବାକୁ ରାସ୍ତା ଛାଡୁନାହିଁ। ୨୦୧୯ ନିର୍ବାଚନୀ ପ୍ରତିଯୋଗିତାକୁ କମ୍ ସମୟ ଥିବାରୁ ସବୁ ଦଳ ପ୍ରଥମ ହେବାକୁ ଲାଗିପଡିଛନ୍ତି। ଆଜଯାଏ ପର୍ଯ୍ୟନ୍ତ ଯେତେସବୁ କାର୍ଯ୍ୟକ୍ରମ ରାଜ୍ୟରେ ଭାଜପା ପକ୍ଷରୁ ଆୟୋଜନ କରାଯାଇଛି ସମାନ ଦିନରେ ବିଜେଡି ସମାନ୍ତରାଳ କାର୍ଯ୍ୟକ୍ରମ କରି ନିଜର ଶକ୍ତି ପ୍ରଦର୍ଶନ କରିଚାଲିଛି। ଏହି କ୍ରମରେ ଗତ ଜାନୁୟାରୀ ୨୫ରେ ସାଢେ ୩ବର୍ଷ ପରେ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଓଡିଶା ଗସ୍ତରେ ଆସି ଉଭୟ ବିଜେଡି ଓ ଭାଜପା ଉପରେ ବର୍ଷିଥିଲେ। ରାହୁଲଙ୍କ ଏହି ଗସ୍ତକୁ ଲକ୍ଷ୍ୟ କରି ମୁଖ୍ୟମନ୍ତ୍ରୀ ପୁରୀଠାରେ ସମାନ୍ତରାଳ କାର୍ଯ୍ୟକ୍ରମର ଆୟୋଜନ କରି ନିଜର ଦମ୍ ଦେଖାଇବାକୁ ଭୁଲି ନ ଥିଲେ। ବିଭିନ୍ନ ଦଳଗୁଡିକର ଯଦି ଏହିସବୁ କାର୍ଯ୍ୟକ୍ରମକୁ ଲକ୍ଷ୍ୟ କରାଯାଏ ତେବେ ଓଡିଶା ଉପରେ ବର୍ତ୍ତମାନ ଦୁଇ କେନ୍ଦ୍ରୀୟ ଦଳ ଅଧିକ ମାତ୍ରାରେ ଗୁରୁତ୍ୱ ଦେବା ଆରମ୍ଭ କରିଦେଇଛନ୍ତି। ଅନ୍ୟପଟେ ଦୁଇ ଦଳକୁ ମଧ୍ୟ ସାମ୍ନା କରିବାକୁ ବିଜେଡି ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ଜଣାପଡିଛି। ଏହି କ୍ରମରେ ବୁଧବାର କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ପୁଣିଥରେ ଦିନିକିଆ ଓଡିଶା ଗସ୍ତରେ ଆସୁଛନ୍ତି। ପଶ୍ଚିମଓଡିଶାର ଦୁଇଟି ସ୍ଥାନ ଅର୍ଥାତ୍ ଭବାନୀପାଟଣା ଏବଂ ରାଉରକେଲାଠାରେ ଆୟୋଜିତ ଦୁଇଟି ସାଧାରଣ ସଭାରେ ରାହୁଲ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ସମାନଦିନରେ କେନ୍ଦ୍ରର ବରିଷ୍ଠ ମନ୍ତ୍ରୀ ନୀତୀନ ଗଡକରୀ ମଧ୍ୟ ଓଡିଶା ଆସୁଛନ୍ତି। ଗଡକରୀ ୩ଟି କାର୍ଯ୍ୟକ୍ରମରେ ଯୋଗଦେବାର ବ୍ୟବସ୍ଥା କରାଯାଇଛି। ଏହି କ୍ରମରେ ବିଜେଡି ମଧ୍ୟ ପଛରେ ପଡିବାକୁ ଚାହିଁନି। ନିକଟରେ କଂଗ୍ରେସ ଛାଡିଥିବା ପୂର୍ବତନ ବିଧାୟକ ଯୋଗେଶ ସିଂହ ବୁଧବାର ବିଜେଡିରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। କେନ୍ଦ୍ରମନ୍ତ୍ରୀ ଗଡ଼କରୀ ପୂର୍ବାହ୍ନ ୧୦ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ସେଠାରେ ହେଲିକପ୍ଟର ଯୋଗେ ଢେଙ୍କାନାଳ ଜିଲା କାମାକ୍ଷାନଗରଠାରେ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ଜାତୀୟ ରାଜପଥର ଶିଳାନ୍ୟାସ କରିବେ। ସେଠାରୁ ୧୧ଟା ୩୦ରେ ବାହାରି ପାରାଦୀପ ଷ୍ଟାଡିୟମରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେଠାରୁ ୧ଟା ୩୦ରେ ବାହାରି ଭୁବନେଶ୍ୱରସ୍ଥିତ ଏକ ଘରୋଇ ହୋଟେଲରେ ଆୟୋଜିତ ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହେବେ। 'ଭାରତ କେ ମନ କି ବାତ ମୋଦି କେ ସାଥ୍' ଅଭିଯାନ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବେ। ଏହି ଅବସରରେ ଦେଶରେ ୩ଶହ ହାଇଟେକ୍ ଏଲଇଡି ରଥ ବୁଲିବା ସହ ୭୫୦୦ଟି ପ୍ରସ୍ତାବ ବାକ୍ସ ମଧ୍ୟରେ ଦେଶବାସୀ ସେମାନଙ୍କ ବହୁ ମୂଲ୍ୟ ମତାମତ ଦେଇପାରିବେ। ଓଡିଶାରେ ୪୦ଟି ପ୍ରସ୍ତାବ ବାକ୍ସ ରହିବ। ଏହି ରଥକୁ ଗଡକରୀ ପତାକା ଦେଖାଇ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ଥିବା ଭାଜପା ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ ସୂଚନା ଦେଇଛନ୍ତି। ଏହାପରେ ସେ ୫ଟା ୩୦ରେ ଦିଲ୍ଲୀ ଫେରିଯିବେ। ଅନ୍ୟପଟେ ରାହୁଲଙ୍କ ଗସ୍ତକୁ ନେଇ ମଧ୍ୟ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ପୂର୍ବଥର ଭଳି ରାହୁଲ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିବେ ନା ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବେ ତାହା ମଧ୍ୟ ଦେଖିବାକୁ ଜନସାଧାରଣ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି। ଏହାସହ ରାହୁଲଙ୍କ ଗସ୍ତର ୧୫ଦିନ ପରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଓଡିଶା ଆସିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ଦଳୀୟ ସୂତ୍ରରୁ ଜଣାପଡିଛି। ରାହୁଲଙ୍କ ଏହି କାର୍ଯ୍ୟକ୍ରମକୁ କାଉଣ୍ଟର କରିବା ସକାଶେ ଭାଜପା ଏବେଠାରୁ ପ୍ରସ୍ତୁତ ହୋଇସାରିଛି। ଅମିତ ଶାହ ଆସନ୍ତା ୧୫ରେ ପୁଣିଥରେ ପଶ୍ଚିମଓଡିଶା ଆସୁଛନ୍ତି। ଏହି ଅବସରରେ ଶାହ ସମ୍ବଲପୁରଠାରେ ବୁଥ୍ ସଭାପତି, ସମ୍ପାଦକ, ପ୍ରଭାରୀ, ସହ-ପ୍ରଭାରୀଙ୍କ ସହ ସାଙ୍ଗଠନିକ ରଣନୀତି ସମ୍ପର୍କରେ ଆଲୋଚନା କରିବେ । ଏହି ସମାବେଶରେ ଢେଙ୍କାନାଳ, ବରଗଡ, ସମ୍ବଲପୁର, ସୁନ୍ଦରଗଡ ଜିଲାର ସମସ୍ତ ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ଯୋଗଦେବେ। ପ୍ରାୟ ୬୦ହଜାର କାର୍ଯ୍ୟକର୍ତ୍ତାଙ୍କୁ ଶାହ ଉଦ୍‌ବୋଧନ ଦେବେ ବୋଲି ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ମଙ୍ଗଳବାର ଦଳୀୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ଶ୍ରୀମନ୍ଦିର ସଂସ୍କାର ମାମଲା: ୨୨ରେ ପୁରୀ ଆସିବେ ଆମିକସ୍ କ୍ୟୁରି

**ନୂଆଦିଲ୍ଲୀ, ୫।୨**

## ୨୭ରେ ପରବର୍ତ୍ତୀ ଶୁଣାଣି

ଶ୍ରୀମନ୍ଦିର ସଂସ୍କାର ମାମଲାରେ ନିଯୁକ୍ତ ଆମିକସ୍ କ୍ୟୁରି ରଣଜିତ କୁମାର ଆସନ୍ତା ୨୨ ଓ ୨୩ ତାରିଖରେ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନରେ ଆସିବେ। ତାଙ୍କ ସହ ବରିଷ୍ଠ ଆଇନଜୀବୀ ପ୍ରିୟା ହିଙ୍ଗୋରାନି ଆସିବେ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପରିଦର୍ଶନ ସମୟରେ ଆମିକସ୍ କ୍ୟୁରି ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରି ସୁପ୍ରିମକୋର୍ଟରେ ରିପୋର୍ଟ ଦାଖଲ କରିବେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୭ ତାରିଖକୁ ଧାର୍ଯ୍ୟ କରାଯାଇଛି।

ଶ୍ରୀମନ୍ଦିର ପରିଚାଳନା ନେଇ ପୁରୀ ଜିଲା ଜଜ୍ କରିଥିବା ସୁପାରିସ କେତେଦୂର କାର୍ଯ୍ୟକାରୀ ହୋଇଛି, ସେ ସମ୍ପର୍କରେ ରିପୋର୍ଟ ଦାଖଲ କରିବା ପାଇଁ ବିଚାରପତି ଏ.କେ. ସିକ୍ରି, ଏସ. ଅବଦୁଲ ନାଜୀର ଏବଂ ଏମଆର ଶାହଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ପରିଦର୍ଶନ ସମୟରେ ଜିଲା ଜଜ୍ ଓ ଶ୍ରୀମନ୍ଦିର ପ୍ରଶାସନ ଆମିକସ୍ କ୍ୟୁରିଙ୍କୁ ସହଯୋଗ କରିବାକୁ ଖଣ୍ଡପୀଠ କହିଛନ୍ତି।

ଶ୍ରୀମନ୍ଦିରରେ ଭକ୍ତଙ୍କ ଗହଳି ନିୟନ୍ତ୍ରଣ ପାଇଁ ସୁବ୍ୟବସ୍ଥା କିମ୍ବା ଧାଡ଼ି ବ୍ୟବସ୍ଥା ନ ଥିବା ମଙ୍ଗଳବାର ଶୁଣାଣି ସମୟରେ ଆମିକସ୍ କ୍ୟୁରି ଖଣ୍ଡପୀଠଙ୍କୁ ଅବଗତ କରିଥିଲେ। ଏଥିସହିତ ପୁରୀ ଜିଲା ଜଜ୍‌ଙ୍କ ବହୁବିଧ ପ୍ରସ୍ତାବ ଉପରେ ଆଧାରିତ ରିପୋର୍ଟ ଏବଂ ଧାଡ଼ି ଦର୍ଶନ ବ୍ୟବସ୍ଥାର ନକ୍ସା ଖଣ୍ଡପୀଠ ସମ୍ମୁଖରେ ଉପସ୍ଥାପନ କରିଥିଲେ। ନକ୍ସାରେ ପୁରୁଷ, ମହିଳା ଏବଂ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଅଲଗା ଅଲଗା ଧାଡ଼ି ଉଲ୍ଲେଖ କରାଯାଇଥିବା ବେଳେ ଏହି ବ୍ୟବସ୍ଥାକୁ ମନ୍ଦିର ପ୍ରଶାସନ ଅନୁସରଣ କରିବା ଉଚିତ ବୋଲି ଆମିକସ୍ କ୍ୟୁରି କହିଥିଲେ।

ଅପରପକ୍ଷରେ ଆମିକସ୍ କ୍ୟୁରି ଶ୍ରୀମନ୍ଦିର ଯାଇ ମନ୍ଦିରର ଗଠନ ଶୈଳୀ ଦେଖିବା ଉଚିତ ବୋଲି ରାଜ୍ୟ ସରକାରଙ୍କ ଆଇନଜୀବୀ ଯୁକ୍ତି ବାଢ଼ିଥିଲେ। ଏହାଛଡ଼ା ଆମିକସ୍ କ୍ୟୁରି ଉପସ୍ଥାପନ କରିଥିବା ନକ୍ସା ଅନୁଯାୟୀ ଧାଡ଼ି ବ୍ୟବସ୍ଥା ସମ୍ଭବ ନୁହେଁ ବୋଲି ସେ କହିଥିଲେ। ଏହାପରେ ଶ୍ରୀମନ୍ଦିର ପରିଦର୍ଶନ କରି ସୁପାରିସ କିଭଳି କାର୍ଯ୍ୟକାରୀ କରାଯାଇପାରିବ, ତାହା ଅନୁଧ୍ୟାନ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଆମିକସ୍ କ୍ୟୁରିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଶ୍ରୀମନ୍ଦିର ସଂସ୍କାର ଉପରେ ଏକାଧିକ କମିଟି ଦ୍ୱାରା କରାଯାଇଥିବା ସୁପାରିସ ଆମିକସ୍ କ୍ୟୁରି ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଅବଗତ କରାଇଥିଲେ। ଗତ ୪୦ ବର୍ଷ ଧରି କୌଣସି ସୁପାରିସ କାର୍ଯ୍ୟକାରୀ କରାଯାଇ ନ ଥିବା ସେ କହିଥିଲେ। ଶ୍ରୀମନ୍ଦିର ସୁପରିଚାଳନା ପାଇଁ ୧୯୭୮ରେ ହରେକୃଷ୍ଣ ମହତାବ କମିଟି କରିଥିବା ଏକାଧିକ ସୁପାରିସ କାର୍ଯ୍ୟକାରୀ ହୋଇ ନ ଥିବା ଏବଂ ପୁରୀ ଜିଲା ଜଜ୍‌ଙ୍କ ରିପୋର୍ଟକୁ ଆଧାର କରି ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଶୋଷଣ ରୋକିବାରେ ରାଜ୍ୟ ସରକାର କିମ୍ବା ଶ୍ରୀମନ୍ଦିର ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେଇ ନ ଥିବା ଆମିକସ୍ କ୍ୟୁରି ଖଣ୍ଡପୀଠଙ୍କୁ ଅବଗତ କରାଇଥିଲେ।



## ସଂକ୍ଷେପରେ

### ୧୨ଶହ ଟଙ୍କା, ୧୫ କିଲୋ ଚାଉଳ ପାଇଁ ବୃଦ୍ଧ ଦମ୍ପତିଙ୍କୁ ହତ୍ୟା

କେନ୍ଦୁଝର, ୫।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ଖୁଣ୍ଟାକଟା ଗ୍ରାମରେ ମାତ୍ର ୧୨ଶହ ଟଙ୍କା ଓ ୧୫ କିଲୋ ଚାଉଳ ପାଇଁ ବୃଦ୍ଧ ଦମ୍ପତିଙ୍କୁ ହତ୍ୟାକରି ଏକ କୂଅରେ ଫିଙ୍ଗି ଦିଆଯାଇଥିଲା। ନିଖୋଜର ୨୨ ଦିନ ପରେ ମଙ୍ଗଳବାର ସେହି ଦମ୍ପତିଙ୍କ ଗଳିତ ମୃତଦେହ ଏକ କୂଅରୁ ପୋଲିସ ଉଦ୍ଧାର କରିଛି। ମୃତ ଦମ୍ପତି ହେଲେ

**୨୨ ଦିନ ପରେ କୂଅରୁ ମିଳିଲା ମୃତଦେହ, ୩ ଭାଇ ଗିରଫ**

ନିଲୁ ନାୟକ ଓ କସ୍ତୁରୀ ନାୟକ। ଏହି ଘଟଣାରେ ଫକୀର ସେଠୀ, ଅକ୍ଷୟ ସେଠୀ ଓ ଉମା ସେଠୀଙ୍କୁ ପୋଲିସ ଗିରଫ କରି ତଦନ୍ତ କରୁଛି। ଗିରଫ ଅଭିଯୁକ୍ତମାନେ ୩ ଭାଇ ବୋଲି ଜଣାପଡ଼ିଛି। ଜାନୁୟାରୀ ୧୩ ତାରିଖରେ ଅଭିଯୁକ୍ତମାନେ ଦମ୍ପତିଙ୍କୁ ଟାଙ୍ଗିଆରେ ହତ୍ୟା କରିବା ପରେ କୂଅରେ ଫିଙ୍ଗି ଦେଇଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ମୃତ ଦମ୍ପତି ଏକ କ୍ରଶର ୟୁନିଟରେ ଜଗୁଆଳି ଭାବେ କାମ କରୁଥିଲେ। ହାଟରୁ ଫେରୁଥିବା ବେଳେ ଦମ୍ପତିଙ୍କଠାରୁ ଅଭିଯୁକ୍ତମାନେ ୧୨ ଶହ ଟଙ୍କା ଓ ୧୫ କିଲୋ ଚାଉଳ ଛଡାଇ ନେଇଥିଲେ। ସେମାନେ କାଳେ ଗ୍ରାମରେ ଏହି ଘଟଣା ଜଣାଇଦେବେ ସେହି ଭୟରେ ଦମ୍ପତିଙ୍କୁ ୩ ଭାଇ ମିଶି ହତ୍ୟା କରିଥିଲେ। ପ୍ରମାଣ ନଷ୍ଟ କରିବା ପାଇଁ ସେଠାରେ ଥିବା ଏକ କୂଅରେ ମୃତଦେହକୁ ଫିଙ୍ଗି ଦେଇଥିଲେ। ସେଦିନଠାରୁ ବୃଦ୍ଧ ଦମ୍ପତି ନିଖୋଜ ଥିଲେ। ସେମାନଙ୍କ ସମ୍ପର୍କୀୟ ଖୋଜାଖୋଜି କରି ସେମାନଙ୍କୁ ପାଇ ନ ଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା।

■ ଗ୍ରାମ୍ୟ କୃଷି କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

### ରାଜ୍ୟର ୩,୪୦୦ କର୍ମଚାରୀ ନେଲେ ସମୂହ ଛୁଟି

ଭୁବନେଶ୍ୱର,୫।୨(ବ୍ୟୁରୋ)

ବିଭିନ୍ନ ଦାବି ନେଇ ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ସାରା ରାଜ୍ୟରେ ମୋଟ ୩,୪୦୦ କର୍ମଚାରୀ କଳାବ୍ୟାଜ୍ ପରିଧାନ କରି ସମୂହ ଛୁଟି ନେଇଛନ୍ତି। ଗ୍ରାମ୍ୟ କୃଷି କର୍ମଚାରୀ ପଦବୀର ନାମ ପରିବର୍ତ୍ତନ, ଗ୍ରାମ୍ୟ କୃଷି କର୍ମଚାରୀ ଓ କୃଷି ଓଭରସିୟରଙ୍କୁ ନିଯୁକ୍ତି କ୍ଷେତ୍ରରେ ସାରା ରାଜ୍ୟରେ ସମାନୁପାତିକ ଭିତ୍ତିରେ ନିଯୁକ୍ତି ଦେବା, ଏହି ଦୁଇ ପଦବୀକୁ ନେଇ କ୍ୟାଡର ପୁନର୍ଗଠନ କରିବା, ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଶିକ୍ଷାଗତ ଯୋଗ୍ୟତାକୁ ବିହନ ଓ ସାର ବିକ୍ରେତାଙ୍କଠାରୁ ଉନ୍ନତ କରାଯିବା ଭଳି ବିଭିନ୍ନ ଦଫା ଦାବିକୁ ନେଇ ଗତ ନଭେମ୍ବର ୩ରେ ସଂଘ କର୍ମକର୍ତ୍ତାମାନେ କୃଷି ନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରିଥିଲେ। ହେଲେ ଏ ପର୍ଯ୍ୟନ୍ତ କୌଣସି ଦାବି ପୂରଣ କରାଯାଇ ନ ଥିବାରୁ ସଂଘ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ରାଜ୍ୟ ସରକାର କୃଷି ଓ କୃଷକଙ୍କୁ ପ୍ରାଧାନ୍ୟ ଦେବାକୁ ଯାଇ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଯୋଜନାଗୁଡ଼ିକୁ ତଳ ସ୍ତରରେ କୃଷକଙ୍କ ଦ୍ୱାରରେ ପହଞ୍ଚାଉଥିବା ଗ୍ରାମ୍ୟ କୃଷି କର୍ମଚାରୀଙ୍କ ପ୍ରତି ଉପେକ୍ଷା କରାଯାଉଛି। ଯଦି ସରକାର ତୁରନ୍ତ ଦାବି ପୂରଣ ନ କରନ୍ତି, ତେବେ କାଳିଆ ଯୋଜନା ବ୍ୟାହତ ହେବା ସମ୍ଭାବନା ରହିଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏ ନେଇ ସଂଘ ସଭାପତି ଦିଲୀପ କୁମାର ସାମନ୍ତରାୟ କହିଛନ୍ତି, ସବୁ ଜିଲାରେ ଆମ କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନ କରିଛନ୍ତି। ଆସନ୍ତା ୭ଦିନ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ।

# ୨ ମାମଲାରେ ମାଓବାଦୀ ନେତା ସବ୍ୟସାଚୀ କୋର୍ଟରେ ହାଜର

ରାୟଗଡା ଅଫିସ୍, ୫।୨

ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଓ ପୋଲିସ-ମାଓବାଦୀ ଗୁଳି ବିନିମୟ ମାମଲାରେ ମଙ୍ଗଳବାର ରାୟଗଡା ସିଜେଏମ୍ ଅଦାଲତରେ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ହାଜର ହୋଇଥିଲେ। କଡା ସୁରକ୍ଷା ବଳୟ ମଧ୍ୟରେ ସବ୍ୟସାଚୀଙ୍କୁ ବ୍ରହ୍ମପୁରରୁ ଅଣାଯାଇ ରାୟଗଡା ଅଦାଲତରେ ହାଜର କରାଯାଇଥିଲା। ସିଜେଏମ୍ ଜ୍ଞାନେନ୍ଦ୍ର କୁମାର ବାରିକଙ୍କ ନିକଟରେ ହାଜର ପରେ ତାଙ୍କୁ ପୁନର୍ବାର ବ୍ରହ୍ମପୁରକୁ ପଠାଇ ଦିଆଯାଇଛି। କୋର୍ଟରେ ମଙ୍ଗଳବାର ତାଙ୍କ ନାମରେ ଥିବା ଏହି ୨ ମାମଲାର ସାକ୍ଷ୍ୟ ଗ୍ରହଣ କରାଯିବାର ଥିଲା, କିନ୍ତୁ କେହି ସାକ୍ଷ୍ୟ ଦେବାକୁ ଅଦାଲତକୁ ଆସି ନ ଥିବାରୁ ସବ୍ୟସାଚୀ ହାଜର ହୋଇ ଚାଲିଯାଇଥିଲେ।

ପ୍ରକାଶ ଯେ, ୨୦୦୨ରେ ଚାନ୍ଦିଲି ଥାନା ଅଧୀନ ଭୁଜବଳ ନିକଟସ୍ଥ ଏକ କଲଭର୍ଟ ପାଖରେ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା। ଏହି ଘଟଣାରେ ସବ୍ୟସାଚୀଙ୍କ ସମ୍ପୃକ୍ତି ଥିବାନେଇ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ୩୪ଜଣଙ୍କ ମଧ୍ୟରୁ ୧୧ଜଣଙ୍କ ସାକ୍ଷ୍ୟ ବୟାନ ରେକର୍ଡ ହୋଇଛି। ସେହିଭଳି ୨୦୦୨ରେ ଚାନ୍ଦିଲି ଥାନା ଅଧୀନ ଲିଙ୍ଗାଗୁଡା ଗାଁ ନିକଟରେ ପୋଲିସ ସହ ମାଓବାଦୀଙ୍କ ଗୁଳି ବିନିମୟ ହୋଇଥିଲା। ଉକ୍ତ ଗୁଳି ବିନିମୟ ଘଟଣାରେ ସବ୍ୟସାଚୀଙ୍କ ସମ୍ପୃକ୍ତି ଥିବା ନେଇ ମାମଲା ରୁଜୁ ହୋଇଥିଲା। ଏଥିରେ ୧୯ଜଣଙ୍କ ମଧ୍ୟରୁ ୭ଜଣ ସାକ୍ଷ୍ୟ ପ୍ରଦାନ କରିଥିବା ବେଳେ ଅନ୍ୟମାନେ କୋର୍ଟରେ ହାଜର ହୋଇନାହାନ୍ତି। ଏନେଇ ସରକାରୀ ଓକିଲ ଉମାଚରଣ ପଟ୍ଟନାୟକ ଗୃହ ବିଭାଗକୁ ଲିଖିତ ଭାବେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜଣାଇବେ ବୋଲି ସୂଚନା ଦେଇଛନ୍ତି। ମଙ୍ଗଳମୂର୍ତ୍ତି ବେଉରିଆ ସବ୍ୟସାଚୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।


ସବ୍ୟସାଚୀଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ କୋର୍ଟ ପରିସରକୁ ନିଆଯାଉଛି।

### ଲୁଟ୍ ସାମଗ୍ରୀ ସହ ଅଭିଯୁକ୍ତ ଗିରଫ

ସମ୍ବଲପୁର,୫।୨(ବ୍ୟୁରୋ)

ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ ଲୁଟ୍ ସାମଗ୍ରୀ ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଦେହୁରୀପାଲିର ସୁରଜ ମଣ୍ଡଳ (୨୭)। ଅଭିଯୁକ୍ତ ସୁରଜଙ୍କ ପାଖରୁ ପୋଲିସ ଚୋରି ସାମଗ୍ରୀ ଉଦ୍ଧାର କରିଛି। ଏ ନେଇ ଥାନରେଏକ ମାମଲା (ନଂ ୨୦/୧୯) ରୁଜୁ ହୋଇଛି। ସୂଚନା ଯୋଗ୍ୟ ଯେ, ବରଗଡ ଜିଲା ଭେଡେନ ବ୍ଲକ ଡାଲବି ଗ୍ରାମର ସ୍ୱରାଜ ପୁରୋହିତ ଜାନୁୟାରୀ ୨୧ ତାରିଖ ତାରିଖ ରାତିରେ ଭୁବନେଶ୍ୱରରୁ ଆସି ଫାଟକ ଷ୍ଟେଶନରେ ଓହ୍ଲାଇଥିଲେ। ଏହି ସମୟରେ ଅଭିଯୁକ୍ତ ସୁରଜ ଆସି ଲୁଟ୍ କରିଥିଲେ। ଏକ ଲାପଟପ୍, ମୋବାଇଲ, ୩ଟି ଏଟିଏମ୍ କାର୍ଡ, ପାନ୍‌କାର୍ଡ, ପେନ୍ ଡ୍ରାଇଭ ଲୁଟ୍ ହୋଇଥିବା ସ୍ୱରାଜ ଥାନରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

## ପ୍ରେମିକ ୪୨୦: ଡାକ୍ତର, ପୋଲିସ ପରିଚୟ ଦେଇ ଫସାଉଥିଲେ ଯୁବତୀ

■ ଶାରୀରିକ ସମ୍ପର୍କ ପରେ ଅର୍ଥ ଲୁଟୁଥିଲେ

ଭୁବନେଶ୍ୱର,୫।୨ (ବ୍ୟୁରୋ)

ପ୍ରେମିକ ୪୨୦। ନିଜକୁ ଡାକ୍ତର, ପୋଲିସ ଓ ବ୍ୟାଙ୍କ ଅଫିସର ପରିଚୟ ଦେଇ ଏକାଧିକ ଯୁବତୀ ଓ ମହିଳାଙ୍କୁ ଫସାଉଥିଲେ। ସେମାନଙ୍କ ସହ ପ୍ରଥମେ ପ୍ରେମ ସମ୍ପର୍କ ସ୍ଥାପନ ପରେ ଶାରୀରିକ ସମ୍ପର୍କ ରଖୁଥିଲେ। ଏହାପରେ ଯୁବତୀ ଓ ମହିଳାଙ୍କୁ ବ୍ଲାକ୍‌ମେଲିଂ କରି ଅର୍ଥ ଆଦାୟ କରୁଥିଲେ। ଏଭଳି ଜଣେ ପ୍ରେମିକ ୪୨୦ଙ୍କ କଳା କାରନାମା ପଦାରେ ପଡିଛି। ଏହି ଘଟଣା ରାଜଧାନୀରେ ଦେଖିବାକୁ ମିଳିଛି। ଶେଷରେ ମହିଳା ଥାନା ପୋଲିସ ଉକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କନ୍ଧମାଳ ଜିଲା ଦାରିଙ୍ଗବାଡିର ପ୍ରିୟରଞ୍ଜନ ନାୟକ। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

ପ୍ରିୟରଞ୍ଜନ ରାଜଧାନୀର ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିଲେ। ସେ ମିଛ ପରିଚୟ ଦେଇ ଏକାଧିକ ଯୁବତୀ ଓ ମହିଳାଙ୍କ ସହ ସମ୍ପର୍କ ରଖୁଥିଲେ। ପରେ ତାଙ୍କୁ ପାର୍କ ଓ ମଲ୍ ଆଦି ସ୍ଥାନକୁ ବୁଲାଇ ନେଉଥିଲେ। ଦୁଇ ଦିନ ତଳେ ଜଣେ ପ୍ରତାରିତ ଯୁବତୀ ପ୍ରିୟରଞ୍ଜନଙ୍କ ମୋବାଇଲକୁ ଫୋନ୍ କରିଥିଲେ। ସେହି ସମୟରେ ପ୍ରିୟରଞ୍ଜନଙ୍କ ଫୋନ୍‌କୁ ଅନ୍ୟ ଜଣେ ଯୁବତୀ ଉଠାଇଥିଲେ। ଧୋକା ଖାଇଥିବା ଯୁବତୀ ତାଙ୍କୁ ସବୁ କଥା କହିଥିଲେ। ଏହାପରେ ପ୍ରିୟରଞ୍ଜନଙ୍କ କଳା କାରନାମା ପଦାରେ ପଡିଥିଲା। ଶେଷରେ ତାଙ୍କଠାରୁ ଧୋକା ଖାଇଥିବା ୩ ଯୁବତୀ ଏକ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ମହିଳା ଥାନାରେ ଅଭିଯୋଗ କରିଥିଲେ। ମହିଳା ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ମଙ୍ଗଳବାର ମଞ୍ଚେଶ୍ୱର ଥାନା ପୋଲିସ ସହାୟତାରେ ତାଙ୍କୁ ଗିରଫ କରିଛି। ଏନେଇ ପ୍ରିୟରଞ୍ଜନ କହିଛନ୍ତି ତାଙ୍କ ବିରୋଧରେ ଏହା ଏକ ଷଡ଼ଯନ୍ତ୍ର। ଏସବୁ ଅଭିଯୋଗ ମିଥ୍ୟା। ପୋଲିସ କମିଶନର ସତ୍ୟଜିତ ମହାନ୍ତି କୁହନ୍ତି, ମହିଳା ଥାନାରେ ୩ ଯୁବତୀ ଅଭିଯୋଗ କରିବା ପରେ ଘଟଣାର ତଦନ୍ତ କରାଯାଇ ଯୁବକଙ୍କୁ ଗିରଫ କରାଯାଇଛି।


ପ୍ରିୟରଞ୍ଜନ ନାୟକ

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଉଡ଼ ହୁଡ଼ିଲେ ଦିନେ,
ଚଷା ହୁଡ଼ିଲେ ବରଷେ ।**

କୌଣସି କାରଣବଶତଃ ଗଉଡ଼ କ୍ଷୀର ଦୁହିଁ ନ ପାରିଲେ ଗଉଡ଼କୁ କ୍ଷୀର ଦୁହିଁବା ଲାଗି ତା' ପରଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ। ସେହିପରି ଚାଷକାର୍ଯ୍ୟରେ ହେଳା କରିଥିବା ଚାଷୀଟିକୁ ପୁନଶ୍ଚ ଚାଷକାର୍ଯ୍ୟ କରିବା ପାଇଁ ପୂରା ବର୍ଷଟିଏ ଅପେକ୍ଷା କରିବାକୁ ହୋଇଥାଏ। ତେଣୁ ସମୟକୁ ଅଯଥାରେ ନଷ୍ଟ ନ କରି ଉଚିତ ସମୟରେ ଉଚିତ କାର୍ଯ୍ୟ କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗରିବର ପୁଅ ହୋଇଲେ ଧନୀ
ସଭିଙ୍କୁ ନିକୁଛ ମଣଇ ପୁଣି ।**

ଗରିବର ପୁଅ ସମୟକ୍ରମେ ଧନୀ ହୋଇଗଲେ ଅନ୍ୟକୁ ନ୍ୟୂନ ଭାବେ। ଏହାଦ୍ୱାରା ସେ ତା'ର ପୂର୍ବପୁରୁଷର ଦାରିଦ୍ର୍ୟକୁ ଶୋଧନ କରେ। ଧରାକୁ ସରା ମନେକରିବା ସହ ଅନ୍ୟମାନଙ୍କ ପ୍ରତି ପ୍ରତିଶୋଧପରାୟଣ ହୁଏ। ପୂର୍ବର ଦାରିଦ୍ର୍ୟାବସ୍ଥାକୁ ଭୁଲି ବର୍ତ୍ତମାନର ଧନଗର୍ବରେ ମତୁଆଲା ହୋଇଉଠେ। ଧନ ମଣିଷକୁ ଆତ୍ମଗର୍ବୀ କରି ଦେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ହରିଣ ମୃତଦେହ ଉଦ୍ଧାର

ରଘୁନାଥପୁର,୫।୨(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲାର ରଘୁନାଥପୁର ବ୍ଲକର ଧଳତଙ୍ଗଗଡ ସଂରକ୍ଷିତ ଜଙ୍ଗଲରେ ହରିଣଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୁଇଦିନ ତଳେ ୪ଟି ହରିଣଙ୍କ ଟ୍ରେନ୍ ଧକ୍କାରେ ମୃତ୍ୟୁ ହୋଇଥିଲା। ସୁରକ୍ଷା ପାଚେରି ନ ଥିବାରୁ ଖାଦ୍ୟ ଅନ୍ୱେଷଣରେ ବାହାରକୁ ଚାଲି ଆସୁଥିବା ହରିଣ ପଲ ଦୁର୍ଘଟଣା ଶିକାର ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ଏଭଳି ଏକ ଅଘଟଣା ଦେଖିବାକୁ ମିଳିଛି ମଙ୍ଗଳବାର, ବ୍ଲକ ଅନ୍ତର୍ଗତ ରେଡୁଆ ପଞ୍ଚାୟତ ମୁଣ୍ଡାଳ ସ୍କୁଲ ନିକଟରେ। ଗୋଟିଏ ହରିଣର ମୃତଦେହକୁ ବନ ବିଭାଗ କର୍ମଚାରୀମାନେ ଉଦ୍ଧାର କରି ନିଜ ହେପାଜତରେ ରଖିଛନ୍ତି। ବୁଧବାର ଏହାର ବ୍ୟବଚ୍ଛେଦ କରାଯିବ ବୋଲି ଫରେଷ୍ଟର ରାଜେନ୍ଦ୍ର କୁମାର ସାମନ୍ତରାୟଙ୍କ ସୂତ୍ରରୁ ପ୍ରକାଶ। ସ୍ଥାନୀୟ ଲୋକଙ୍କଠାରୁ ପ୍ରକାଶ, ହରିଣଟି ଜଙ୍ଗଲରୁ ଚାଲି ଆସିବା ପରେ ବୁଲା କୁକୁରମାନେ ତାକୁ କାମୁଡି କ୍ଷତାକ୍ତ କରି ମାରି ଦେଇଥିଲେ। ପରେ ବନ ବିଭାଗର କର୍ମଚାରୀମାନେ ମୃତ ହରିଣକୁ ବସ୍ତାରେ ପୂରାଇ ନେଇଯାଇଥିଲେ। ଅନ୍ୟପକ୍ଷରେ ଫରେଷ୍ଟର ସାମନ୍ତରାୟ ଏହାକୁ ଅସ୍ୱୀକାର କରିବା ସହ, ମୃତ ହରିଣଟି ରୋଗାଗସ୍ତ ହୋଇ ମରିଯାଇଥିବା କହିଛନ୍ତି। ଦିନକୁ ଦିନ ଏଠାର ରହୁଥିବା ହରିଣ ବଂଶ ପ୍ରତି ବିପଦ ମାଡି ଆସୁଥିବାବେଳେ ଜଙ୍ଗଲ ଚତୁଃପାର୍ଶ୍ୱରେ ସୁରକ୍ଷା ପାଚେରି ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଫଳରେ ଆଖପାଖ ଅଞ୍ଚଳରେ ହରିଣ ମୁହଁରେ ଉଜୁଡିଯାଉଥିବା ଫସଲ ସୁରକ୍ଷା ହୋଇପାରିବ। ସରକାରଙ୍କ ପକ୍ଷରୁ ଫସଲ କ୍ଷତିପୂରଣ ବାବଦରେ ଦିଆଯାଉଥିବା ଲକ୍ଷାଧିକ ଟଙ୍କା ଖର୍ଚ୍ଚ ଆଉ ହେବନାହିଁ।


ମୃତ ହରିଣକୁ ବସ୍ତାରେ ଭର୍ତ୍ତିକରି ନିଆଯାଉଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

SHRI DURGA FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଶ୍ରୀ ଦୁର୍ଗା ଋଣ (ISO: 9001:1993)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ
50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 50% ଛାଡ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି। ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ। ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

S.R. Network
କମ୍ପାନୀ ଦ୍ୱାରା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 65 ଲକ୍ଷ, ଭଡ଼ା 42,000/-, ବାଇକ୍ ମାଗଣା। ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।
ମୋବାଇଲ ନଂ.:
9179208056
8750476936
HNO.31, BLOCK NO.2, VILL. BHUNA, TEHSIL/DISTT.-FATEHABAD

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
9065013355, 9162431749
Bukaro malepur, jamui Bihar-811313

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍।
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ସରକାରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
8126568293
8126592819
SCO-106, Second Floor, Vishal Tower, Connaught Place, Delhi.

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110 - 7351444489
କଟକ - 7618439473
ଯାଜପୁର - 7088008550 - 8447055760
ସୁନ୍ଦରଗଡ଼ - 7351004140 - 7055111132
3rd Floor, D.N. Enclave, Meerut, U.P.

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ ୬ ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧ।
Email- sixdocuments@gmail.com
B-19, Moti Bagh, New Delhi
7064382081
8658167603

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେ ହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



## ସଂକ୍ଷେପରେ

### ଭାଜପାରେ ମିଶିଲେ ଅନ୍ୟ ଦଳର କର୍ମୀ

ଝାରସୁଗୁଡା ଅଫିସ,୫।୨: ଝାରସୁଗୁଡା ବ୍ଲକ୍ ଜମେରା ପଞ୍ଚାୟତରେ ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଭଜପା ନେତା ଆନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ଅନ୍ୟଦଳର ବହୁ କର୍ମୀ ଭାଜପାରେ ଯୋଗ ଦେଇଛନ୍ତି। ଭାଜପାରେ ମିଶିଥିବା ବ୍ୟକ୍ତିଙ୍କ ମଧ୍ୟରେ ବଦ୍ରିପ୍ରସାଦ ସିଂ, ମହେନ୍ଦ୍ର ବାରିକ, ଶରତ ସାହୁ, ଦୀନବନ୍ଧୁ ସେଠ୍, ପ୍ରେମ୍ ମେହେର, କୁନୁ ମେହେର, କୁଳମଣି ରୋହିଦାସ, ମନୋଜ ସାହୁ, ଭୁଜ ବାଦି ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

### ଏଲ.ଏନ୍. କଲେଜର ବାର୍ଷିକ କ୍ରୀଡା ଉଦ୍‌ଘାଟିତ

ଝାରସୁଗୁଡା ଅଫିସ,୫।୨: ଝାରସୁଗୁଡା ଏଲ.ଏନ୍ କଲେଜର ବାର୍ଷିକ କ୍ରୀଡା ମଙ୍ଗଳବାର ଯାନ୍ତ୍ରିକ ସ୍କୁଲ ପଡିଆରେ ଉଦ୍‌ଘାଟିତ ହୋଇଛି। ଝାରସୁଗୁଡା କ୍ରୀଡା ସଂଘର ସାଧାରଣ ସମ୍ପାଦକ ତାପସ ରାୟଚୌଧୁରୀ, ଉପ-ସଭାପତି ଜୀବନ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ଡ. ଚୀରବ୍ରତ ଦତ୍ତ, ଅଧାପିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତ, ଶରତ ଦୁବେ, ଡ. ସରୋଜ କୁଅଁର, ଏ.କେ. ପଟ୍ଟନାୟକ, ଝଶ କୁମାର ଖମାରୀ, ପି.ସି. ପ୍ରଧାନ, ହିମାଂଶୁ ଷଡଙ୍ଗୀ, ପୂର୍ଣ୍ଣିମାମୟୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କ୍ରୀଡା ପ୍ରତିଯୋଗିତାକୁ ମାନସ ଆଚାର୍ଯ୍ୟ, ସଞ୍ଜୟ ରାୟ, ବିବେକାନନ୍ଦ ପ୍ରଧାନ, ପ୍ରଭାତ ରାଉତରାୟ, ପ୍ରକାଶ ପ୍ରଧାନ, ପୁରୁଷୋତ୍ତମ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

### ୭୭ ବ୍ଲକ୍‌ରେ ୩୫ ପ୍ରତିଶତରୁ କମ ଜଳସେଚନ

ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ଜଳସେଚନ ପ୍ରକଳ୍ପ ଅଧୁରା

ଭୁବନେଶ୍ୱର,୫।୨(ବ୍ୟୁରୋ): ରାଜ୍ୟରେ ଏବେ ବି ୭୭ଟି ବ୍ଲକ ଜଳସେଚନରୁ ବଞ୍ଚିତ ହୋଇଛନ୍ତି । ଏହି ବ୍ଲକଗୁଡିକରେ ୩୫ ପ୍ରତିଶତରୁ କମ ଜଳସେଚନ ହୋଇଛି। ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ। ଭାଜପା ସଭ୍ୟ କନକ ବର୍ଦ୍ଧନ ସିଂଦେଓଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ୨୦୦୮ରୁ ଏ ପର୍ଯ୍ୟନ୍ତ ୧୬୦ଟି ବ୍ଲକରେ ୩ଟି ମଧ୍ୟମ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିବା ବେଳେ ଗୋଟିଏ ବୃହତ୍ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଅନେକ ବ୍ଲକ ଅଛି, ଯେଉଁଠି କି ୩୩ ପ୍ରତିଶତରୁ ଜଳସେଚନ କମ ରହିଛି। ପ୍ରାୟ ୭୭ ବ୍ଲକରେ ୩୫ ପ୍ରତିଶତରୁ କମ ଜଳସେଚନ ହୋଇଛି। ଜମି ଅଧିଗ୍ରହଣରେ ସମସ୍ୟା, ପରିବେଶ ଅନୁମତିରେ ବିଳମ୍ବ ଏବଂ ଅନ୍ୟାନ୍ୟ କାରଣ ପାଇଁ ଜଳସେଚନ ପ୍ରକଳ୍ପଗୁଡିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଲୋୟର ସୁକତେଲ, କାନୁପୁର, ରେଙ୍ଗାଲି, ସୁବର୍ଣ୍ଣରେଖା ଏବଂ ଲୋୟର ଇନ୍ଦ୍ର ପ୍ରକଳ୍ପ ଭଳି ବୃହତ୍ ଜଳସେଚନ ପ୍ରକଳ୍ପଗୁଡିକର କାର୍ଯ୍ୟ ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ।

■ବସ୍‌ଷ୍ଟାଣ୍ଡ ପାଲଟିଛି ଦିବାସ୍ୱପ୍ନ

# ନୂତନ ନିର୍ମାଣରେ ଲାଗିଲାଣି କଳଙ୍କି

ଝାରସୁଗୁଡା ଅଫିସ,୫।୨

ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ କୋଟି କୋଟି ଟଙ୍କା ଅପବ୍ୟବହାର କରାଯାଉଛି। ଆଗରୁ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିକୁ ଆତ୍ମସାତ୍ କରାଯାଉଥିଲା। ଏବେ ଡିଏମ୍‌ଏଫ ପାଣ୍ଠିର ଦୁରୁପଯୋଗ ହେଉଛି। ଏହି ଅର୍ଥରେ ନେତାମାନେ ଲୋକଙ୍କୁ ନୂତନ ନିର୍ମାଣର ଦିବାସ୍ୱପ୍ନ ଦେଖାଉଛନ୍ତି। ହେଲେ ଝାରସୁଗୁଡା ନୂତନ ନିର୍ମାଣର ନମୁନା କୁହାଯାଉଥିବା ନିର୍ମାଣାଧୀନ ନୂଆ ବସଷ୍ଟାଣ୍ଡରେ କଳଙ୍କି ଲାଗିବା ଆରମ୍ଭ ହେଲାଣି। ୭ ବର୍ଷ ହେବ ଝାରସୁଗୁଡା-ଧୁତୁରା ରୋଡରେ ନିର୍ମାଣ ହେଉଥିବା ନୂତନ ବସଷ୍ଟାଣ୍ଡର କାମ ସରୁନାହିଁ। କେବଳ ବସଷ୍ଟାଣ୍ଡ କାହିଁକି ଆହୁରି ଅନେକ ପ୍ରକଳ୍ପ ରହିଛି ଯାହାର ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଲୋକଙ୍କ ପାଇଁ ସେଗୁଡିକ ନିରର୍ଥକ। ନିର୍ମାଣ କାର୍ଯ୍ୟରେ ବିଳମ୍ବ, ଶିଳ୍ପସଂସ୍ଥା ପ୍ରତି ଅନୁଗ୍ରହ ଓ ଅନୁକମ୍ପା ଏବଂ ଠିକାଦାର ପ୍ରୀତି ଯୋଗୁ ଲୋକଙ୍କ ହିତ ଉଦ୍ଦେଶ୍ୟରେ ମିଳିଥିବା ଟଙ୍କା ଆତ୍ମସାତ ହେବାକୁ ବସିଛି। କେବଳ ପାଚେରି, ପିଲର ନିର୍ମାଣରେ ସରି ଯାଇଛି ୭ କୋଟି ଟଙ୍କା। ଲୋକଙ୍କ ସୁବିଧା ପାଇଁ ମିଳିଥିବା ଟଙ୍କା ଠିକ୍ ବାଟରେ ବିନିଯୋଗ ନ ହେବାରୁ ଅବଶିଷ୍ଟ କିସ୍ତି ଦେବାକୁ ବାରଣ କରିଛି ରାଷ୍ଟ୍ରାୟତ କମ୍ପାନୀ। ସରକାରୀ ଅଧିକାରୀ ଏବଂ ନେତାଙ୍କ ମଧ୍ୟରେ ଭିତିରିଆ ସଲାସୁତୁରା ଯୋଗୁ ଯୋଜନା ବିଳମ୍ବ ହେଉଛି। ଟଙ୍କା ଅପବ୍ୟବହାର ହେଉଛି। ଠିକାଦାର ଲାଭବାନ ହେଉଛନ୍ତି ଏବଂ ଲୋକ ହୀନସ୍ଥା ହେଉଛନ୍ତି। ସେଥିପାଇଁ ୬ ବର୍ଷ ଆଗରୁ ଆରମ୍ଭ ହୋଇଥିବା ବସଷ୍ଟାଣ୍ଡର ନିର୍ମାଣ ଶେଷ ହୋଇପାରିନାହିଁ। ଗୋଟିଏ ପଟେ ରେଲୱେ ଜମିରେ ଥିବାରୁ ପୁରୁଣା ବସଷ୍ଟାଣ୍ଡକୁ ବିକଶିତ କରାଯାଇପାରୁ ନ ଥିବା ବେଳେ ନୂଆ ବସଷ୍ଟାଣ୍ଡ ଶେଷ ନ ହୋଇ ପଡି ରହିବା ଦୁର୍ଭାଗ୍ୟଜନକ।

୨୦୧୨-୧୩ ମସିହାରେ ଝାରସୁଗୁଡାରେ ନୂତନ ନିର୍ମାଣର ନମୁନା ଭାବେ ନୂଆ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ବସଷ୍ଟାଣ୍ଡ ନିର୍ମାଣ ପାଇଁ ମହାନଦୀ କୋଲ ଫିଲ୍ଡସ୍ ଲିମିଟେଡ(ଏମ୍‌ସିଏଲ୍) ନିଜ ସିଏସ୍‌ଆର



ନୂତନ ବସଷ୍ଟାଣ୍ଡର ନିର୍ମାଣ କାମରେ ଅଟକି ରହିଛି।

ପାଣ୍ଠିରୁ ୫ କୋଟି ଏବଂ ବେଦାନ୍ତ ନିଜ ସିଏସ୍‌ଆର ପାଣ୍ଠିରୁ ୨ କୋଟି ଟଙ୍କା ଦେବାକୁ ସହମତି ପ୍ରକାଶ କରିଥିଲେ। ବସଷ୍ଟାଣ୍ଡ ନିର୍ମାଣ ପାଇଁ ୧୦ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିଲା। କମିଟି ଅନୁମୋଦନ କ୍ରମେ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ କନକାଷ୍ଟ ଷ୍ଟିଲ୍ ଆଣ୍ଡ ପାୱାରକୁ ପ୍ରଦାନ କରାଯାଇଥିଲା। କନକାଷ୍ଟ ନିଜେ ଏହି କାମକୁ ନ କରି ବାଲାଜୀ କନଷ୍ଟ୍ରକସନ୍ ନାମକ ଏକ ଠିକାସଂସ୍ଥାକୁ ନିର୍ମାଣ କାର୍ଯ୍ୟ ହସ୍ତାନ୍ତର କରିଥିଲା। ଠିକାସଂସ୍ଥା ଦ୍ୱାରା ୭ କୋଟି ଟଙ୍କାରେ ବସଷ୍ଟାଣ୍ଡ ଜମିରେ କେବଳ ନିର୍ମାଣ ହୋଇଛି ପାଚେରି, କେତେକ୍ ପିଲର୍ ଏବଂ ଠିକା କର୍ମଚାରୀ ରହିବା ପାଇଁ ଅସ୍ଥାୟୀ ଘର। ଏତିକିରେ ସିରିଯାଇଛି ଟଙ୍କା। ବନ୍ଦ ହୋଇ ପଡିଛି ନିର୍ମାଣ କାମ ଏବଂ କମ୍ପାନୀ ବନ୍ଦ କରି ଚାଲିଯାଇଛି କନକାଷ୍ଟ ଷ୍ଟିଲ୍।

ବସଷ୍ଟାଣ୍ଡ ନିର୍ମାଣ ପାଇଁ ପୁନଶ୍ଚ ବ୍ୟୟ ଅଟକଳର ସଂଶୋଧନ ହୋଇଥିଲା। ସଂଶୋଧିତ ଅଟକଳର ମୂଲ୍ୟ ୧୨ କୋଟି ୯୦ ଲକ୍ଷ ଟଙ୍କା ଦର୍ଶାଯିବା ପରେ ମୁଖ୍ୟଯନ୍ତ୍ରୀ(ବିଲ୍ଡିଂ) ଆପତ୍ତି ଉଠାଇ ଅଟକଳ ସମୀକ୍ଷା କରିବାକୁ ଅଧସ୍ତନ କର୍ମଚାରୀଙ୍କ ନିକଟକୁ ପଠାଇ ଦେଇଥିଲେ। ଏହାପରେ ସଂଶୋଧିତ ଅଟକଳ ମୂଲ୍ୟର ଅବଶିଷ୍ଟ ଅର୍ଥ ଦେବାକୁ ଏମ୍‌ସିଏଲ୍ ମନା କରିଥିବା ସୂଚନା ମିଳିଛି। ବର୍ତ୍ତମାନ ଏହାର ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ ଡିଏମଏଫ ପାଣ୍ଠିରୁ ୭ କୋଟି ୮୮ ଲକ୍ଷ ୧୦ ହଜାର ଟଙ୍କା ବିନିଯୋଗ କରାଯାଉଛି। ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଏକ ଉନ୍ନୟନ ମୂଳକ ପ୍ରକଳ୍ପ ନିର୍ମାଣର ଦାୟିତ୍ୱ ଶିଳ୍ପସଂସ୍ଥା ହାତରେ ନ୍ୟସ୍ତକରିବା ଏବଂ ଶିଳ୍ପସଂସ୍ଥା ନିଜେ ଏହି କାମ ନ କରି ଅନ୍ୟ ଏକ ଠିକାସଂସ୍ଥା ହାତକୁ ଟେକିଦେବା କେତେଦୂର ଯୁକ୍ତିଯୁକ୍ତ ଓ ନ୍ୟାୟସଙ୍ଗତ ତାହା ପ୍ରଶ୍ନ ସୃଷ୍ଟି କରିଛି। ପାରିପାର୍ଶ୍ୱିକ ଉନ୍ନୟନ କମିଟି ଗୋଟିଏ ଶିଳ୍ପସଂସ୍ଥାର ଅର୍ଥ ଅନ୍ୟ ଏକ ଶିଳ୍ପସଂସ୍ଥାକୁ ପ୍ରଦାନ କରିବା ପାଇଁ ସହମତି ପ୍ରକାଶ କଲା କିପରି ବୋଲି ପ୍ରଶ୍ନ ଉଠିଛି। ବସଷ୍ଟାଣ୍ଡ ନିର୍ମାଣ ସମ୍ପୂର୍ଣ୍ଣ ବିଷୟରେ ମତଦେଇ ଜିଲାପାଳ କହିଛନ୍ତି ଯେ, ପ୍ରଥମେ ଏମ୍‌ସିଏଲ୍ ଏବଂ ବେଦାନ୍ତ ସିଏସ୍‌ଆର ପାଣ୍ଠିରୁ ୭ କୋଟି ଟଙ୍କା ମିଳିଥିଲା। ଅଧିକ ଟଙ୍କା ଆବଶ୍ୟକ ହେବାରୁ ଏମ୍‌ସିଏଲ୍ ଦେବା ପାଇଁ ବାରଣ କରିଥିଲା। ସେଥିପାଇଁ ଡିଏମ୍‌ଏଫରୁ ଅବଶିଷ୍ଟ ପାଣ୍ଠି ମଞ୍ଜୁର କରାଯାଇଛି।



ଲଇକେରା-ଠେଲକୋବୁଡ ନଦୀକୂଳ ଆମ୍ବତୋଟାରେ ବୈଠକରେ ନବକିଶୋର ଦାସ ଓ ଅନ୍ୟମାନେ।

## ସମର୍ଥକଙ୍କୁ ନେଇ ନବଙ୍କ ବୈଠକ

ଲଇକେରା, ୫।୨ (ଡି.ଏନ.ଏ.)

ଲଇକେରା ବ୍ଲକ ଜୋନ-୨ର ୫ଟି ପଞ୍ଚାୟତର ସମର୍ଥକଙ୍କୁ ଏକଜୁଟ କରି ମଙ୍ଗଳବାର ଲଇକେରା-ଠେଲକୋବୁଡ ନଦୀକୂଳ ଆମ୍ବତୋଟାରେ ନବକିଶୋର ଦାସ ବୈଠକ କରିଛନ୍ତି। ବିଜେଡି ବ୍ଲକ ସଭାପତି ସୁକାନ୍ତୀ ଜୟପୁରିଆ ଏଥିରେ ସଭାପତିତ୍ୱ କରିଥିଲେ। ତାପସ ରାଏ ଚୌଧୁରୀ, ଲଙ୍କେଶ୍ୱର ଭିମ, ଯୋଗେନ୍ଦ୍ର ନାଏକ, ଭୁପାଳ ବେହେରା, ପଞ୍ଚାନନ ନାଏକ, ଲଇକେରା ସରପଞ୍ଚ ସୁଶୀଲ କିସାନ, ଅରୁଣ ନାଏକ, ଅଶୋକ ମାଝୀ, ଲକ୍ଷ୍ମୀ ରଣା, ସଞ୍ଜିତ ନାଏକ, ସଦାନନ୍ଦ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନରେ ନିଜ ନିଜ ଭିତରେ ଭେଦଭାବ ନ ରଖି ଏକତ୍ରିତ ହୋଇ ବିଜେଡି ପାଇଁ କାମ କରିବାକୁ ନବ କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି। ରୂପେଶ ଅଗ୍ରୱାଲ ସଭାପରିଚାଳନା କରିଥିବା ବେଳେ ଦୁର୍ଗା ପ୍ରସାଦ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

## ବିଜେଡିର ପଞ୍ଚାୟତସ୍ତରୀୟ ବୈଠକ

କୁଚିଣ୍ଡା, ୫।୨ (ଡି.ଏନ.ଏ)

କୁଚିଣ୍ଡା ବ୍ଲକ ବିଜେଡି ପକ୍ଷରୁ ମଙ୍ଗଳବାର କୁନ୍ତରା ଗ୍ରାମ ପଞ୍ଚାୟତରେ ଏକ ପଞ୍ଚାୟତସ୍ତରୀୟ ବୈଠକ ଆୟୋଜିତ ହୋଇଯାଇଛି । ସୁଶିଲ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଭୁବନେଶ୍ୱର କିସାନ, ଗଗନ ଶର୍ମା, ଜଗଦୀଶ ପ୍ରସାଦ ଖଣ୍ଡେଲୱାଲ, ସଞ୍ଜୟ ମିଶ୍ର, ସମିତି ସଭ୍ୟା ସଞ୍ଜୁ କଣ୍ଟା, ମହିଳା ବ୍ଲକ ସଭାନେତ୍ରୀ ସୌଦାମିନୀ ପଟେଲ, ପିଙ୍କି ନାୟକ, କୃଷକ ମୋର୍ଚ୍ଚା ସଭାପତି ଯୁଧିଷ୍ଠିର ପ୍ରଧାନ, ମନବୋଧ କଣ୍ଟା ପ୍ରମୁଖ ଉପସ୍ଥିତ ରହିଥିଲେ। ଏମାନେ କର୍ମୀମାନଙ୍କୁ ନବୀନ ସରକାରଙ୍କ ଯୋଜନା ବାବଦରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଜନସାଧାରଣଙ୍କ ମଧ୍ୟରେ ଏହାର ବ୍ୟାପକ ଭାବେ ପ୍ରଚାର, ପ୍ରସାର କରି ପାରିଲେ ଆଗାମୀ ନିର୍ବାଚନରେ କୁଚିଣ୍ଡାରୁ ବିଜେଡି ପ୍ରାର୍ଥୀ ବିଜୟୀ ହୋଇପାରିବେ ବୋଲି ମତ ଦେଇଥିଲେ । ଶେଷରେ ପିଙ୍କି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତିରେ କୃମି ଔଷଧ ବଣ୍ଟନ କରାଯାଉ

ରେଙ୍ଗାଲି, ୫।୨ (ଡି.ଏନ.ଏ)- ସମ୍ବଲପୁର ଜିଲା ରେଙ୍ଗାଲି ପ୍ରାଥମିକ ଶିକ୍ଷକ ସଂଘ ଏବଂ ସମସ୍ତ ବର୍ଗର ଶିକ୍ଷୟିତ୍ରୀ, ଶିକ୍ଷକ କୃମି ଔଷଧ ବଣ୍ଟନ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଉପସ୍ଥିତିରେ କରିବା ପାଇଁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଦାବି କରିଛନ୍ତି । ଶିକ୍ଷକ ସଂଘର ଦାବୀ ଅନୁସାରେ କୃମି ଔଷଧ ବଣ୍ଟନ ସମୟରେ ଛାତ୍ରୀଛାତ୍ରମାନେ ବାରମ୍ବାର ଅସୁସ୍ଥ ହୋଇ ପଡୁଛନ୍ତି । ଫଳରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ମାଡ ମରାଯିବା ସହ ଆକ୍ରମଣ କରାଯାଉଛି। ଫଳରେ ଆଗାମୀ ଦିନରେ କୃମି ବଟିକା ଶିକ୍ଷୟିତ୍ରୀ ଶିକ୍ଷକ ବଣ୍ଟନ ନ କରି ସ୍ୱାସ୍ଥ କର୍ମଚାରୀ ବଣ୍ଟନ କରିବେ । ଶିକ୍ଷୟିତ୍ରୀ, ଶିକ୍ଷକ କେବଳ ଆବଶ୍ୟକ ସହଯୋଗ ଏବଂ ଭିତ୍ତିଭୂମି ଯୋଗାଇ ଦେବେ । ସ୍ୱାସ୍ଥ୍ୟ କର୍ମଚାରୀ ନିଜ ଦାୟିତ୍ୱରେ ଔଷଧ ଆଣି ବଣ୍ଟନ କରିବେ ଏବଂ ଔଷଧ ବଣ୍ଟନ ପରେ ଛାତ୍ରୀଛାତ୍ରଙ୍କ ଶାରୀରିକ ଅସୁସ୍ଥତା ପାଇଁ ସଂପୃକ୍ତ ସ୍ୱାସ୍ଥ୍ୟ କର୍ମଚାରୀ ଦାୟୀ ରହିବେ ବୋଲି ସଂଘ ପକ୍ଷରୁ ଲିଖିତ ଦାବି କରାଯାଇଛି ।

## ଶିମିଳିପାଳ ବିସ୍ଥାପିତ କଲୋନୀରେ ଅଗ୍ନିକାଣ୍ଡ: ୨୪ ଘର ପାଉଁଶ

ବାରିପଦା ଅଫିସ, ୫।୨: ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଅଧୀନ ଶିଆଳିନଇଁ ଗ୍ରାମରେ ଥିବା ବିସ୍ଥାପିତ କଲୋନୀରେ ସୋମବାର ରାତିରେ ନିଆଁ ଲାଗି ୨୪ ଘର ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ଧନହାନୀ କିମ୍ବା ଜୀବନ ହାନି ହୋଇ ନ ଥିବା କରଞ୍ଜିଆ ଏସିଏଫ ବଟକୃଷ୍ଣ ପାଢ଼ୀ କହିଛନ୍ତି। ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ, ତହସିଲଦାର ପହଞ୍ଚି ଥିଲେ। ଏସିଏଫ ପାଢ଼ୀଙ୍କ କହିବା ମୁତାବକ କଲୋନିରେ ନିଆଁ ଲାଗିଥିବା ଖବର ପାଇ ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ଦମକଳ ବାହିନୀ ଗ୍ରାମକୁ ଆସି ନିଆଁକୁ ଆୟତ କରିଥିଲେ। ଆଉ କିଛି ସମୟ ପରେ ପୁନର୍ବାର ନିଆଁ ଲାଗି ଯାଇଥିଲା। ପୁଣି ଥରେ ଦମକଳ ବାହିନୀ ଆସି ନିଆଁକୁ ଲିଭାଇ ଥିଲେ। ଗତ ଜାନୁୟାରୀ ୨୩ ରାତିରେ ନିଆଁ ଲାଗି ୧୬ ଘର ଜଳି ଯାଇଥିଲା। ଏଥିରେ ଜଣେ ମହିଳା ପୋଡି ହୋଇ ଗୁରୁତର ହୋଇଥିଲେ। ଘରର ଆସବାବପତ୍ର ସହ ଧାନ, ଚାଉଳ ଓ ବିଭିନ୍ନ ସରମଗ୍ରୀ ନଷ୍ଟ ହୋଇଥିଲା। ଶିମିଳିପାଳର ବଫର ଏରିଆରେ ରହୁଥିବା ୭୩ ପରିବାରକୁ ଗତ ଜୁନ ୨୦୧୮ରେ ସ୍ଥାନାନ୍ତରିତ କରାଯାଇ ଶିଆଳିନଇଁ ଗାଁରେ ବିସ୍ଥାପିତ କରାଯାଇଥିଲା।

## ଭାଲୁପତ୍ରା ମଦଭାଟି ବନ୍ଦ ଦାବିକୁ ସବୁଆଡୁ ସମର୍ଥନ

କିର୍ମିରା, ୫।୨ (ଡି.ଏନ.ଏ)

କିର୍ମିରା ବ୍ଲକ ଅନ୍ତର୍ଗତ ଭାଲୁପତ୍ରା ଗ୍ରାମସ୍ଥିତ ସରକାରୀ ଦେଶୀ ମଦଭାଟି ବନ୍ଦ ଦାବି ନେଇ ଚାଲିଥିବା ମହିଳାଙ୍କ ଆନ୍ଦୋଳନ ମଙ୍ଗଳବାର ଦ୍ୱିତୀୟ ଦିନ ମଧ୍ୟ ଜାରି ରହିଛି । ବନ୍ଧପାଲି ପଞ୍ଚାୟତର ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଭାଲୁପତ୍ରା ମୁଖ୍ୟରାସ୍ତାରେ ଥିବା ଦେଶୀ ମଦ ଭାଟିକୁ ସଂପୂର୍ଣ୍ଣ ଉଚ୍ଛେଦ କରିବା ଦାବିରେ ଧାରଣାରେ ବସିଛନ୍ତି । ଏଥିରେ ବନ୍ଧପାଲି ସରପଞ୍ଚ ମଞ୍ଜୁଲତା ପଟେଲ ମହିଳାଙ୍କ ମଦଭାଟି ବନ୍ଦ ଦାବି ସଂପୂର୍ଣ୍ଣ ଯଥାର୍ଥ କହିବା ସହ ଏଥିରେ ତାଙ୍କ ସହଯୋଗ ରହିବ ବୋଲି କହିଛନ୍ତି। ସରପଞ୍ଚଙ୍କ ସହ ନାଏବ ସରପଞ୍ଚ ଅନିତା ଛଣ୍ଡାଣ, ୱାର୍ଡ ସଭ୍ୟ ଘନଶ୍ୟାମ କଉଡି, ସଞ୍ଜୟ ପଟେଲ, ଗୀତାଞ୍ଜଳି ନାଏକ ଏବଂ ଗ୍ରାମବାସୀ ଏହାକୁ ସମର୍ଥନ କରିଛନ୍ତି । ଜନପ୍ରତିନିଧି, ଗ୍ରାମବାସୀ, ଆନ୍ଦୋଳନକାରୀ ଓ ଭାଟି କର୍ମଚାରୀଙ୍କୁ ନେଇ ଲଇକେରା ପୋଲିସ ମଧ୍ୟସ୍ଥତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଭାଟି କର୍ତ୍ତୃପକ୍ଷ ଲାଇସେନ୍ସ ଅବଧି ଦେଢ଼ମାସ ଥିବାରୁ ସେହି ସମୟ ପର୍ଯ୍ୟନ୍ତ ଭାଟି ଚାଲୁ ରହିବ ବୋଲି କହିଥିଲେ । ତେବେ ଆନ୍ଦୋଳନକାରୀ ଭାଟି ଉଚ୍ଛେଦ ଦାବିରେ ଅଟଳ ରହିବା ସହ ଭାଟି ଉଚ୍ଛେଦ ନହେବା ଯାଏ ଧାରଣା ଜାରି ରହିବ ବୋଲି ଚରମ ବାଣୀ ଶୁଣାଇଥିଲେ ।



ମଦ ଭାଟି ବନ୍ଦ ଦାବିରେ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରିବା ଅବସରରେ।

■ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ

# ୬୦ ଇଭେଣ୍ଟରେ ଭାଗ ନେଲେ ୨୮୧ ଛାତ୍ରୀଛାତ୍ର

ଲଖନପୁର,୫।୨(ଡି.ଏନ୍.ଏ)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୭ତମ ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଏହି କ୍ରୀଡା ପ୍ରତିଯୋଗିତା ୨ଟି ପର୍ଯ୍ୟାୟରେ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଜଗନ୍ନାଥ ନଗରସ୍ଥିତ ପ୍ରାଥମିକ ସ୍କୁଲ୍‌ରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ସେହିଭଳି ବନ୍ଧବାହାଲ ଖେଳପଡିଆରେ ଦ୍ୱିତୀୟ ପର୍ଯ୍ୟାୟ କ୍ରୀଡା ପ୍ରତିଯୋଗିତା ହୋଇଥିଲା । ଏଥିରେ ତୃତୀୟରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ପ୍ରଥମ ପର୍ଯ୍ୟାୟ କ୍ରୀଡା ପ୍ରତିଯୋଗିତାକୁ ସ୍କୁଲ୍ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ଗିରି ଉଦଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ମନୋଜ ପାଢୀ, ହାଇସ୍କୁଲ୍ ପ୍ରଧାନ ଶିକ୍ଷକ କେଶବ ସା, ବ୍ରଜରାଜନଗର ସଂକୁଳ ପ୍ରମୁଖ ବିଜୟ ଦାସ ପ୍ରମୁଖ ଯୋଗ ଦେଇଥିଲେ।



ମଞ୍ଚାସୀନ ଅତିଥିମାନଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ସେହିଭଳି ଦ୍ୱିତୀୟ ପର୍ଯ୍ୟାୟ କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ମହାପ୍ରବନ୍ଧକ ରାଜେନ୍ଦ୍ର ପ୍ରସାଦ ଗୁପ୍ତା, ସମ୍ମାନିତ ଅତିଥି ଭାବେ ଶ୍ରମିକ ନେତା ଅଜୟ ବିଶ୍ୱାଳ, ଶରତ ପ୍ରଧାନ, ଯଶୋବନ୍ତ ପାଲ, ସୁମିତ୍ରା ଦାସ, ଗୀତାରାଣୀ ମେହେର ପ୍ରମୁଖ ଯୋଗ ଦେଇଥିଲେ । ସ୍କୁଲ୍ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ଗିରିଙ୍କ ଅଧ୍ୟକ୍ଷତାରେ ଏକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହାକୁ ଶିକ୍ଷୟିତ୍ରୀ ପଙ୍କଜିନୀ ସା ପରିଚାଳନା କରିଥିଲେ । ପ୍ରଧାନ ଶିକ୍ଷକ ଜୟକୃଷ୍ଣ ପଟେଲ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଶିକ୍ଷକ ସୁନିଲ ସେଠ୍ ବାର୍ଷିକ କ୍ରୀଡା ବିବରଣୀ ପାଠ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ୬୦ ପ୍ରକାର ଖେଳକୁଦ ପ୍ରତିଯୋଗିତା ହୋଇଥିଲା। ଏଥିମଧ୍ୟରେ ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ସଟ୍‌ଫଟ୍, ଜାଭେଲିନ୍ ଆଦି ବିଭିନ୍ନ ପ୍ରକାରର ଖେଳ ହୋଇଥିଲା। କ୍ରୀଡାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ୪ଭାଗରେ ବିଭକ୍ତ କରାଯାଇଥିଲା। ଏଥିମଧ୍ୟରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ କନିଷ୍ଠବର୍ଗ, ତୃତୀୟ, ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ଶିଶୁବର୍ଗ ଷଷ୍ଠ,ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ ବାଲ୍‌ବର୍ଗ, ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ କିଶୋରବର୍ଗରେ ବିଭକ୍ତ କରାଯାଇଥିଲା। ସମୁଦାୟ ୨୮୧ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କନିଷ୍ଠବର୍ଗର ଛାତ୍ରୀ ଆଦ୍ୟାଶା ମହାରଣା, ଶିଶୁବର୍ଗର ଛାତ୍ର ମଳୟ ସା, ବାଲ୍ ବର୍ଗରେ ଗିରିଧାରୀ ଭୋଇ, ଛାତ୍ରୀ ଐଶ୍ୱର୍ଯ୍ୟା ସା, କିଶୋରବର୍ଗରେ ଛାତ୍ର କୁନା ନାୟକ ଓ ଶରତ ଓରାମ, ଛାତ୍ରୀ ରୋଶନୀ ଗଉର ପ୍ରମୁଖ ଚାମ୍ପିୟନ ହୋଇଥିଲେ। ଏଥିରେ ସ୍କୁଲ୍‌ର କ୍ଷେତ୍ରବାସୀ ବିଶ୍ୱାଳ, ରାକେଶ ପଣ୍ଡା, ଜିତେନ୍ଦ୍ର ପ୍ରଧାନ, ଭବାନୀ ଶଙ୍କର ରଣା, ଏକେ ପାତ୍ର, ଝସକେତନ ସାହୁ, ପାଣ୍ଡବ ସା, ସୁଧାଂଶୁ ନାୟକ, ଜନକରାମ ସାହୁ, ସୀମାଞ୍ଚଳ ଜେନା ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକମାନେ ସହଯୋଗ କରିଥିଲେ । ସ୍କୁଲ୍ ପରିଚାଳନା କମିଟି ସମ୍ପାଦକ ଯୋଗେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ପ୍ରସଙ୍ଗ

# ଆମରଣ ଅନଶନରେ ସାମିଲ ହେଲେ ମହିଳା

ସମ୍ବଲପୁର, ୫।୨ (ବ୍ୟୁରୋ)

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଚାଲିଥିବା ଆନ୍ଦୋଳନ ମଙ୍ଗଳବାର ୧୫୪ ଦିନରେ ପହଞ୍ଚିଛି। ସେହିପରି ୭୯ ଦିନରେ ଆମରଣ ଅନଶନରେ ପହଞ୍ଚିଛି। ମଙ୍ଗଳବାର ଏହି ଆମରଣ ଅନଶନରେ ବନ୍ଦିତାରାଣୀ ମିଶ୍ର, ରୀନା ତ୍ରିବେଦୀ, ଅନିତା ଛାବ୍ରିଆ ଓ କନକବାଲା ପଟ୍ଟନାୟକ ସାମିଲ ହୋଇଥିଲେ। ଜିଲା ଓକିଲ ସଂଘ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା।




ସମ୍ବଲପୁର ଜେଲ ଛକଠାରେ ଚାଲିଥିବା ଆମରଣ ଅନଶନରେ ମଙ୍ଗଳବାର ମହିଳାମାନେ ସାମିଲ ହୋଇଛନ୍ତି ।



କୌଣସି ମନୁଷ୍ୟର ବର୍ତ୍ତମାନର ଅବସ୍ଥା ଦେଖି ତାହାର ଭବିଷ୍ୟତକୁ ଉପହାସ କରିବା ଠିକ୍ ନୁହେଁ କାହିଁକି ନା! ଭବିଷ୍ୟତର ଏପରି ଶକ୍ତି ରହିଛି, ସେ ଗୋଟିଏ କୋଇଲାକୁ ମଧ ସୁନାରେ ପରିଣତ କରିପାରିବ - **ଚାଣକ୍ୟ**

## ସଂକ୍ଷେପରେ



### ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଭେଡ଼େନ,୫।୨(ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଅନ୍ତର୍ଗତ ଅଏଁଲାପାଲି ଗ୍ରାମପଞ୍ଚାୟତର ରୁଗୁଡ଼ି ବରଗାଁରେ ଦୁର୍ଗା ମନ୍ଦିର ଏବଂ ଗୁରୁପାଲିରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଆରମ୍ଭ ହୋଇଛି । ରୁଗୁଡ଼ି ବରଗାଁରେ ଜିରା ନଦୀରୁ କଳସ ଆବାହନ କରି ଯଜ୍ଞସ୍ଥଳରେ ସ୍ଥାପନ କରାଯିବା ପରେ ହୋମ ଯଜ୍ଞାରମ୍ଭ, ଚଣ୍ଡୀପାଠ ଆରମ୍ଭ ହୋଇଛି । ଏଥିରେ କର୍ତ୍ତା ଭାବେ ରସିକ ବାଗ ଏବଂ ତାଙ୍କ ସ୍ତ୍ରୀ ବନବାସୀ ବାଗ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ବିନୋଦ ବିହାରୀ ଦାଶ, ରାଜେନ୍ଦ୍ର ପାଣିଗ୍ରାହୀ ଏବଂ କୃଷ୍ଣଚନ୍ଦ୍ର ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଏହି ଅବସରରେ ସସ୍ମିତା ଭୋଇ ସୁନ୍ଦରାକାଣ୍ଡ ପାରାୟଣ ଏବଂ ନାଟକ ପରିବେଷିତ ହୋଇଥିଲା । ଆସନ୍ତା ୭ତାରିଖରେ ଏହା ଉଦ୍‌ଯାପିତ ହେବ । ସେହିପରି ଗୁରୁପାଲିରେ ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ ସୋମବାର ମଣ୍ଡଳକରଣ, ମଙ୍ଗଳବାର ମନ୍ଦିରର ରତ୍ନମୁଦ ଉତ୍ସବ ହୋଇ କଳସ ଯାତ୍ରା ହୋଇଥିଲା । ଏହି ଅବସରରେ ବନ୍ଦିତା ନାୟକଙ୍କ ସୁନ୍ଦରାକାଣ୍ଡ ପାରାୟଣ ପରିବେଷିତ ହୋଇଥିଲା ।

### ଭାଜପାର ପ୍ରାକ୍ ନିର୍ବାଚନୀ ବୈଠକ

**ସୋହେଲା, ୫।୨(ଡି.ଏନ.ଏ):** ସୋହେଲା ବ୍ଲକ ଟୁର୍ଙ୍ଗିବନ୍ଧଲି ପଞ୍ଚାୟତ ତାଣ୍ଡୋଲ ଗ୍ରାମ ନିକଟସ୍ଥ ଉତାଲି ଡ୍ୟାମଠାରେ ପଞ୍ଚାୟତସ୍ତରୀୟ ଭାଜପା କର୍ମକର୍ତ୍ତାଙ୍କ ଏକ ପ୍ରାକ୍ ନିର୍ବାଚନୀ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁବନେତା ବାସୁଦେବ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ହୃଷିକେଶ ନାୟକ ଓ ପଲସ୍ତି ସାହାଙ୍କ ଆହ୍ୱାନ ତଥା ତରଣୀ ଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସାମ୍ପ୍ରତିକ ରାଜନୈତିକ ସ୍ଥିତି ଉପରେ ବିଚାର ବିମର୍ଶ ହୋଇଥିଲା । ଆଗାମୀ ଦିନରେ ଦଳକୁ କିପରି ଅଧିକ ମଜବୁତ କରାଯାଇ ପାରିବ ସେ ନେଇ ମୁଖ୍ୟଅତିଥି ନାୟକ ଆଲୋକପାତ କରିଥିଲେ । ଶେଷରେ ଦାରା ସିଂ ଲୁହୁରା ଧନ୍ୟବାଦ ଅର୍ପଣ କରିଥିଲେ ।

### ଶହୀଦଙ୍କ ସ୍ମୃତିରେ ରକ୍ତ ସଂଗ୍ରହ

**ବରଗଡ଼ ଅଫିସ୍,୫।୨ ;** ଶହୀଦ ହେମନ୍ତ ପଣ୍ଡାଙ୍କ ସ୍ମୃତିରେ ଜୀବନ ବିନ୍ଦୁ ଆନୁକୂଲ୍ୟରେ ବରଗଡ଼ ବ୍ଲକ କଟାପାଲିରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ତଥା ବିଜେଡ଼ି ନେତା ସମ୍ବିତ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଜୀବନ ବିନ୍ଦୁର ଜିଲା ଯୁଗ୍ମ ସଂଯୋଜକ ଅଶ୍ୱିନୀ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶିବିରରେ ୪୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଯୁବନେତା ଉମେଶ ପଣ୍ଡା, ଆଶିଷ କର, ଦିବ୍ୟ କିଶୋର ଆଚାର୍ଯ୍ୟ, ହଳଦର ଶାହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ରକ୍ତଦାତାମାନଙ୍କୁ ଜୀବନ ବିନ୍ଦୁ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରର ଟେକ୍ନିସିଆନ ରକ୍ତ ସଂଗ୍ରହ କରିଥିଲେ ।

### ଗଡ଼ିଲା ସଡ଼କ ସୁରକ୍ଷା ରଥ

**ବରଗଡ଼ ଅଫିସ୍,୫।୨:** ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସ୍ଥାନୀୟ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସୋମବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ସଡ଼କ ସୁରକ୍ଷା ରଥର ଶୁଭାରମ୍ଭ କରାଯାଇଛି । ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରଥର ଶୁଭାରମ୍ଭ କରିଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ ସଡ଼କ ସୁରକ୍ଷା ରଥ ପରିକ୍ରମା ଉପରେ ସୂଚନା ଦେଇଥିଲେ । ଏହି ରଥ ଜିଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ସଡ଼କ ସୁରକ୍ଷା ତଥା ଟ୍ରାଫିକ ନିୟମ ଉପରେ ଲୋକଙ୍କୁ ସଚେତନ କରିବ ବୋଲି ସେ କହିଥିଲେ ।

# ମଦ ଜବତ କରି ପୋଡ଼ିଲେ ମହିଳା

**ବରଗଡ଼ ଅଫିସ୍,୫।୨**

ବରଗଡ଼ ସହର ସମେତ ସାରା ଜିଲାରେ ନିଶା କାରବାର ବଢ଼ି ଚାଲିଛି। ଚୋରାମଦ, ଗଞ୍ଜେଇ, କଫ ସିରପ୍, ନିଶା ବଟିକା ଆଦି ଅବାଧରେ ବିକ୍ରି ଚାଲିଛି। ଏଥିପାଇଁ ନିଶାଜନିତ ଅପରାଧ ସାଙ୍ଗକୁ ସଡ଼କ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଏଭଳିସ୍ଥଳେ ଅବକାରୀ ଓ ପୋଲିସ ଚେଇଁ ଶୋଇ ଥିବାବେଳେ ଜିଲାର ବିଭିନ୍ନ ସ୍ଥାନରେ ମହିଳାମାନେ ନିଶା ବିରୋଧୀ ଅଭିଯାନରେ ବାହାରିଛନ୍ତି। ମଙ୍ଗଳବାର ବରଗଡ଼ ସହରସ୍ଥିତ ନଦୀପଡ଼ାର ମହିଳାମାନେ ସଙ୍ଗଠିତ ହୋଇ ମଦ ବିରୋଧରେ ରାସ୍ତାକୁ ଓହ୍ଲାଇଥିଲେ । ସେମାନେ ପଡ଼ାରେ ବିକ୍ରି ହେଉଥିବା ମଦ ଜବତ କରି ତାକୁ ରାସ୍ତା ଉପରେ ପୋଡ଼ିଥିବା ଦେଖିବାକୁ ମିଳିଥିଲା ।

**ନିଶା ବିରୋଧରେ ତାତିଲେ**



ମହିଳାମାନେ ଜବତ କରିଥିବା ଚୋରାମଦ ପୋଡୁଛନ୍ତି ।

ବରଗଡ଼ ସହରର ବିଭିନ୍ନ ଗଳିକନ୍ଦିରେ ଚୋରାମଦ, ଗଞ୍ଜେଇ, କଫ୍ ସିରପ୍, ନିଶା ବଟିକା କାରବାର ଚାଲୁଥିବା ଯୋଗୁ ଅଞ୍ଚଳରେ ତାର ଯଥେଷ୍ଟ କୁପ୍ରଭାବ ପଡୁଛି । ନିଶା ସେବନ କରି ଯୁବପୀଢ଼ି ପଥଭ୍ରଷ୍ଟ ହେଉଛନ୍ତି । ସେଥିପାଇଁ ନାନାଦି ହିଂସା ମଧ୍ୟ ଘଟୁଛି । ଏଭଳି ନିଶା କାରବାର ବନ୍ଦ କରିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ନଦୀପଡ଼ାବାସୀ ପୂର୍ବରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଫେରାଦ ହୋଇଥିଲେ । ଏହାସତ୍ତ୍ୱେ କିଛି ପଦକ୍ଷେପ ନିଆଯାଇ ନ ଥିବା ଯୋଗୁ ପଡ଼ାର ମହିଳାମାନେ ସଙ୍ଗଠିତ ହୋଇ ମଦ ଜବତ କରିଥିଲେ । ପରେ ସେମାନେ ବରଗଡ଼ ସହରରୁ ଅମ୍ବାପାଲିକୁ ସଂଯୋଗ କରୁଥିବା ଜିରା ନଦୀର ଫେୟାର ୱେଦର ରାସ୍ତାକୁ ଆସି ଅବରୋଧ କରିଥିଲେ । ସ୍ଥାନୀୟ ପୋଲିସ ଆନ୍ଦୋଳନସ୍ଥଳକୁ ପହଞ୍ଚି ମଦ ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଏହାପରେ ସେମାନେ ରାସ୍ତାରୋକୋ ଆନ୍ଦୋଳନରୁ ଓହରିଥିଲେ । ତେବେ ଚୋରାମଦ ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆଗକୁ ଆନ୍ଦୋଳନକୁ ବ୍ୟାପକ କରିବେ ବୋଲି ମହିଳାମାନେ ଚେତାବନୀ ଦେଇଥିଲେ ।

# ଜିଲାପାଳଙ୍କୁ ଡେବ୍ରିଗଡ଼ ବିସ୍ଥାପିତଙ୍କ ଫେରାଦ

**ବରଗଡ଼ ଅଫିସ୍,୫।୨**

ବରଗଡ଼ ଜିଲା ଡେବ୍ରିଗଡ଼ ଅଭୟାରଣ୍ୟର ବିସ୍ଥାପିତଙ୍କୁ ପ୍ରତିଶ୍ରୁତି ମୁତାବକ ସୁବିଧା ସୁଯୋଗ ମିଳି ନ ଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ନେଇ ଏହି ଅଭୟାରଣ୍ୟର ଝଗଡ଼ାବେହେରା ଏବଂ ଡେବ୍ରିଗଡ଼ରୁ ବିସ୍ଥାପିତ ହୋଇଥିବା ଲୋକେ ସୋମବାର ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ସେମାନେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟି ପ୍ରତିଶ୍ରୁତି ମୁତାବକ ସେମାନଙ୍କୁ ସରକାରୀ ସହାୟତା ମିଳି ନ ଥିବା ଅଭିଯୋଗ କରିଥିଲେ। ଏ ନେଇ ସେମାନେ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରିଥିଲେ ।

ବିସ୍ଥାପନ କରିବା ସମୟରେ ସେମାନଙ୍କୁ ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ଗୃହ, ବିଜୁ ପକ୍କାଘର ଆଦି ଯୋଗାଇ ଦେବା ସହିତ ୪ ଡେସିମିଲ ଲେଖାଏଁ ବାସୋପଯୋଗୀ ଜମି ଦେବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା । ଏହା ସହିତ ବିଦ୍ୟୁତ, ପାନୀୟଜଳ, ରାସ୍ତାଘାଟର ସୁବିଧା ସୁଯୋଗ ସହିତ ବିସ୍ଥାପିତ ହୋଇଥିବା ୧୮ଜଣ ଝିଅଙ୍କୁ ମଧ୍ୟ କ୍ଷତିପୂରଣ ଦିଆଯିବ ବୋଲି ବିଭାଗୀୟ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବିସ୍ଥାପନ ହେବାର ବର୍ଷାଧିକ କାଳ ବିତିଯିବା ପରେ ମଧ୍ୟ ସେମାନଙ୍କୁ ଉପରୋକ୍ତ ସୁବିଧାସୁଯୋଗ ମିଳି ନ ଥିବା ବିସ୍ଥାପିତ ଲୋକେ ଅଭିଯୋଗ କରିଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ଅରକ୍ଷିତ ଭୁଏ, ପ୍ରମୋଦ ଭୁଏ,ସଂକୀର୍ତ୍ତନ ଭୁଏ ପ୍ରମୁଖ ଜିଲାପାଳ ଅଫିସ ଆସି ସାମାଜିକ କର୍ମୀ ଅମିତାଭ ପାତ୍ରଙ୍କ ନେତୃତ୍ୱରେ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ପଦ୍ମପୁରକୁ ଜିଲା, ଗାଇସିଲେଟକୁ ସବ୍ ଡିଭିଜନ ମାନ୍ୟତା ଦାବି



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଉଛି ।

**ଗାଇସିଲେଟ, ୫।୨(ଡି.ଏନ.ଏ)**

ପଦ୍ମପୁରକୁ ଜିଲା ଓ ଗାଇସିଲେଟକୁ ସବ୍‌ଡିଭିଜନ ମାନ୍ୟତା ଦାବି ନେଇ କ୍ରିୟାନୁଷ୍ଠାନ କମିଟି ବ୍ଲକ ଆବାହକ ରଞ୍ଜନ ପଣ୍ଡାଙ୍କ ଆହ୍ୱାନରେ ତହସିଲ ଅଫିସ ସମ୍ମୁଖରେ ଧାରଣା ଜାରି ରହିଛି। ଏହି ଧାରଣାରେ ମଙ୍ଗଳବାର ନାଗରିକ କମିଟି ସଭାପତି ପ୍ରଣୟ କୁମାର ସାହୁ, ସମ୍ପାଦକ ପ୍ରବୀଣ ପାଣିଗ୍ରାହୀ, ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ, ସରପଞ୍ଚ ସଂଘ ସଭାପତି ସରୋଜ ଶ୍ରୀ ଭୂଷଣ ସାହୁ, ସମିତି ସଭ୍ୟ ସଭାପତି ଦେବେନ୍ଦ୍ର ଯୋଷୀ, କେନ୍ଦ୍ରୀୟ ଆବାହକ କମିଟି ସଦସ୍ୟ ଅରବିନ୍ଦ ପଣ୍ଡା, ଓକିଲ ସଂଘର ଆଲୋକ ଦାଶ, ଏମ୍‌ପି ପ୍ରତିନିଧି ଶ୍ରୀକାନ୍ତ ଦାଶ, ବଣିକ ସଂଘର ଅମୂଲ୍ୟ ଯୋଷୀ, ବିଜେଡି ନେତା ମନୋଜ ପଣ୍ଡା, କୈବର୍ତ୍ତ ସମାଜର ଉପେନ୍ଦ୍ର କାଲୋ ପ୍ରମୁଖ ଉପସ୍ଥିତ ଥିଲେ । ପଦ୍ମପୁରକୁ ଜିଲା ତଥା ଗାଇସିଲେଟକୁ ସବ୍‌ଡିଭିଜନ ମାନ୍ୟତା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ଭଗତ ସେଠଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା ।

# ଆଜିଠୁ ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ବରଗଡ଼ ଅଫିସ୍,୫।୨**

ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ ଅଧିନରେ କାର୍ଯ୍ୟ କରୁଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ) କର୍ମଚାରୀମାନେ ବିଭିନ୍ନ ଦାବି ନେଇ ବୁଧବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ । ଏ ନେଇ ସେମାନେ ମଙ୍ଗଳବାର ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡ଼ିଏମଓ) ଡା. ନନ୍ଦକିଶୋର ପାଢ଼ୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।



ସ୍ୱାସ୍ଥ୍ୟ ମିଶନ କର୍ମଚାରୀମାନେ ସିଡ଼ିଏମଓଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

ଗତ ୧୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରି ଆସୁଛନ୍ତି । ସମାନ କାମକୁ ସମାନ ଦରମା, ନନ୍ ମେଡ଼ିକୋ ପବ୍ଲିକ ହେଲ୍‌ଥ ମ୍ୟାନେଜମେଣ୍ଟ କ୍ୟାଡ଼ର ତିଆରି, ସମସ୍ତ କର୍ମଚାରୀଙ୍କୁ ସ୍ଥାୟୀ କରିବା, କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ପ୍ରଦାନ, ସ୍ୱାସ୍ଥ୍ୟବୀମା ପ୍ରଦାନ, ପର୍‌ଫରମେନ୍ସ ଇନସେଣ୍ଟିଭ ଉଚ୍ଛେଦ, ଘରଭଡ଼ା ଓ ଅଭିଜ୍ଞତା ଭତ୍ତା ପ୍ରଦାନ ଆଦି ପାଇଁ କର୍ମଚାରୀମାନେ ବହୁଦିନରୁ ଦାବି କରିଆସୁଛନ୍ତି । ମାତ୍ର ସରକାର ସେହି ଦାବି ପୂରଣ ନେଇ ଆଦୌ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି । ଏହି ଦାବି ସମୂହ ନେଇ ଗତବର୍ଷ ସେପ୍ଟେମ୍ବର ୧୦ତାରିଖରୁ କର୍ମଚାରୀମାନେ ବିଧାନସଭା ସମ୍ମୁଖରେ ୭ଦିନ ଧରି ଧାରଣାରେ ବସିଥିଲେ । ସେତେବେଳେ ସରକାର ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଇତିମଧ୍ୟରେ ୫ମାସ ବିତିଯିବା ସତ୍ତ୍ୱେ କିଛି ପଦକ୍ଷେପ ନିଆଯାଇ ନ ଥିବା ଯୋଗୁ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଥିବା ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ବରଗଡ଼ ଶାଖା ସଭାପତି ବେଦବ୍ୟାସ ହୋତା ସୂଚନା ଦେଇଛନ୍ତି ।

# ଓକିଲଙ୍କ ଆନ୍ଦୋଳନ, କୋର୍ଟ ଅଚଳ



ବିଚାରପତିମାନେ ଓକିଲଙ୍କ ସହିତ କୋର୍ଟ ସମ୍ମୁଖରେ ଆଲୋଚନା କରୁଛନ୍ତି ।

**ବରଗଡ଼ ଅଫିସ୍,୫।୨**

ପଶ୍ଚିମ ଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବି ନେଇ ଓକିଲଙ୍କ ଆନ୍ଦୋଳନ ଦିନକୁ ଦିନ ବ୍ୟାପକ ହେବାରେ ଲାଗିଛି । ଏହି ଦାବି ନେଇ ଗତ ୧ତାରିଖରୁ ବରଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ସ୍ଥାନୀୟ କୋର୍ଟକୁ ଅଚଳ କରି ଦିଆଯାଇଛି । କୋର୍ଟ ସମ୍ମୁଖରେ ଓକିଲମାନେ ପିକେଟିଂ କରୁଥିବା ଯୋଗୁ କୋର୍ଟର ବିଚାରପତି ତଥା ଅନ୍ୟ ବିଚାର ବିଭାଗୀୟ କର୍ମଚାରୀମାନେ କୋର୍ଟ ଭିତରକୁ ପଶି ପାରୁ ନାହାନ୍ତି । କୋର୍ଟକୁ ଆସୁଥିଲେ ମଧ ସେମାନଙ୍କୁ କୋର୍ଟ ସମ୍ମୁଖରୁ ଫେରିଯିବାକୁ ପଡୁଛି । ଫଳରେ ଏଠାରେ ଗତ ୫ଦିନ ହେଲା କୋର୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ପଡ଼ିଯାଇଛି । ଆସନ୍ତା ସାଧାରଣ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ପର୍ଯ୍ୟନ୍ତ କୋର୍ଟକୁ ଏଭଳି ଅଚଳ କରି ଦିଆଯିବ ବୋଲି ଓକିଲ ସଂଘ ସାଧାରଣ ସମ୍ପାଦକ ଲିପ୍‌ସିତ ମିଶ୍ର ସୂଚନା ଦେଇଛନ୍ତି ।

# ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ବଣ୍ଟନ

**ପାଇକମାଳ, ୫।୨ (ଡି.ଏନ.ଏ)**

ପାଇକମାଲ ବିନ୍ଧ୍ୟବାସିନୀ ଡିଗ୍ରୀ କଲେଜରେ ବିଏ (ସ୍ନାତକ)– ୨୦୧୮ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏ ନେଇ ଅନୁଷ୍ଠିତ ସଭାରେ କଲେଜ ଅଧ୍ୟକ୍ଷ ଲୋହିତ କୁମାର ବାରିକ ସଭାପତିତ୍ୱ କରିଥିଲେ। ବୀରସୁରେନ୍ଦ୍ର ସାଏ ମେଡିକାଲ କଲେଜର ସହାୟକ ପ୍ରଫେସର ଡ. ଶଙ୍କର ରାମଚନ୍ଦାନୀ ମୁଖ୍ୟଅତିଥି, ଓଡିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ କ୍ଷିତି ଭୂଷଣ ବିଶ୍ୱାଳ ମୁଖ୍ୟବକ୍ତା, ନିତ୍ୟାନନ୍ଦ ଜେନା ଓ ଅଧ୍ୟାପକ ପ୍ରଭାତ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ୯୪ଜଣ ସ୍ନାତକ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ସେହିପରି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଭାଗ ନେଇଥିବା ୫୧ଜଣ ଓ କୃତୀ ଖେଳାଳିମାନଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା । ପ୍ରଦୀପ୍ତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ ।

# କ୍ରିକେଟ ଟୁର୍ନାମେଣ୍ଟ: ବାଦୀପାଲିକୁ ହରାଇ ନଅଗାଁ ଚାମ୍ପିୟନ

**ସୋହେଲା, ୫।୨(ଡି.ଏନ.ଏ)**

ସୋହେଲା ବ୍ଲକ ନଅଗାଁର ବିଜୟ ବାବୁଲୁ(ବିବି) ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ପଡିଆଠାରେ ଗତ ୩୦ ତାରିଖରୁ ଆରମ୍ଭ ହୋଇଥିବା ୨ୟ ବାବୁଲୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି । ଏଥିରେ ନଅଗାଁ ଦଳ ଚାମ୍ପିୟନ ହୋଇଛି । ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ଖେଳରେ ଆୟୋଜକ ନଅଗାଁ ଦଳ ୬ ଉଇକେଟରେ ବାଦୀପାଲି ଦଳକୁ ପରାସ୍ତ କରିଥିଲା । ନଅଗାଁ ଦଳର ଅନନ୍ତ ମ୍ୟାନ ଅଫ ଦି ମ୍ୟାଚ, ବାଦିପାଲି ଦଳର ଦେବେନ ମ୍ୟାନ ଅଫ ଦି ସିରିଜ, ନଅଗାଁ ଦଳର ଅନନ୍ତ ବେଷ୍ଟ ବୋଲର ଏବଂ ବାଦୀପାଲି ଦଳର ଟୁନା ବେଷ୍ଟ ବ୍ୟାଟ୍ସ ମ୍ୟାନ ଭାବେ ପୁରସ୍କୃତ ହୋଇଥିଲେ। ଶୃଙ୍ଖଳିତ ଦଳ ଭାବରେ ମହଦା ଦଳକୁ ପୁରସ୍କୃତ କରାଯାଇଥିଲା । ଫାଇନାଲ ଖେଳକୁ ବଳଦେବ ପଧାନ ଓ ସଦାନନ୍ଦ ସେଠ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ସଭାରେ ଅଧ୍ୟାପକ ଦରିଦ୍ର ପଧାନ ସଭାପତିତ୍ୱ କରିଥିଲେ। ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟ ସୁବ୍ରତ ବେହେରା, ସତ୍ୟନାରାୟଣ ପଧାନ, ଡୋଲାମଣି ସାହୁ, ଶ୍ରୀକାନ୍ତ ପଣ୍ଡା, ନିର୍ମଳ କର ଓ ଡୋଲାମଣି ଗୁରୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ । ମନୋଜ ପଧାନ, ନୀଳମଣି ଦେୱାନ, ଜିକେସ ଖମାରୀ, ସନ୍ୟାସୀ ନାଏକ, ରମଣ ରେଡ୍ଡୀ ଓ ମନ ମହାକୁର ସହଯୋଗ କରିଥିଲେ ।

# କର୍ମୀ ସମ୍ମିଳନୀରେ ନିର୍ବାଚନୀ ବିଗୁଲ୍

**ବରଗଡ଼ ଅଫିସ୍,୫।୨**

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ରାଜନୈତିକ ଦଳ ଗୁଡ଼ିକ ସେଭଳି ତତ୍ପର ହୋଇ ପଡ଼ିଛନ୍ତି । ଏହି କ୍ରମରେ ବିଜେଡ଼ି ଜିଲାର ବିଭିନ୍ନ ଅଞ୍ଚଳରେ କର୍ମୀ ସମ୍ମିଳନୀ ଆୟୋଜନ କରିଛି । ବରଗଡ଼ ବ୍ଲକ ବରଗାଁ ଓ ଜମୁର୍ଡ଼ାଠାରେ ବିଜେଡ଼ି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଦଳର ବରିଷ୍ଠ ବିଜେଡ଼ି ନେତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଦଳର ପୂର୍ବତନ ବରଗଡ଼ ବ୍ଲକ ସଭାପତି କେଶବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ତଥା ବରିଷ୍ଠ ବିଜେଡ଼ି ନେତା ସମ୍ବିତ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ଏହି ଅବସରରେ ଦଳ ପାଇଁ ନିଷ୍ଠାର ସହିତ ଶୃଙ୍ଖଳିତ ଭାବେ କାର୍ଯ୍ୟ କରି ଆସୁଥିବା ଦଳୀୟ କର୍ମୀଙ୍କୁ ଆଚାର୍ଯ୍ୟ ସମ୍ବର୍ଦ୍ଧିତ କରିଥିଲେ । ଯୁବନେତା ଉମେଶ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦଳୀୟ ସଙ୍ଗଠନକୁ ମଜବୁତ୍ କରିବା ସହିତ ଅଞ୍ଚଳର ବିକାଶ ପାଇଁ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୀରମଣି




ବରଗାଁ କର୍ମୀ ସମ୍ମିଳନୀରେ ବିଜେଡ଼ି ନେତା ଉଦ୍‌ବୋଧନ ଦେଉଛନ୍ତି ।

କର୍ଣ୍ଣ, ରାତ୍ର ବାରିକ, ବସନ୍ତ ବିଶ୍ୱାଳ, ତ୍ରିଲୋଚନ ପ୍ରଧାନ, ମାଲିକ ଭୁଏ, ସୁରୁ ପ୍ରଧାନ, ତରୁଣ ପ୍ରଧାନ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସେହିପରି ବରଗାଁରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ବରିଷ୍ଠ ବିଜେଡ଼ି ନେତା ହାରାଧନ ଦେବତା ଅଧ୍ୟକ୍ଷତା କରିଥିଲେ । ଏଠାରେ ମଧ୍ୟ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ତଥା ବରିଷ୍ଠ ବିଜେଡ଼ି ନେତା ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ଯୋଗୁ ଏବେଠାରୁ ଏକଜୁଟ୍ ହୋଇ ସଙ୍ଗଠନକୁ ସୁଦୃଢ଼ କରିବାକୁ ସେ ଦଳୀୟ କର୍ମୀଙ୍କୁ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଉମେଶ ପଣ୍ଡା, ବାଙ୍କ ବିହାରୀ ସାହୁ, ଆହ୍ଲାଦ ଖମାରୀ, ଇନ୍ଦ୍ରଜିତ ଖମାରୀ, ଡୋଲାମଣି ସେଠ, ପ୍ରକାଶ ବାରିକ, ମନୋଜ ସାହୁ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସେହିପରି ବରଗଡ଼ ବ୍ଲକ ବରଡ଼ୋଲଠାରେ ସୋମବାର ବିଜେଡ଼ି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ରଥ ପଡ଼ିଆରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବିଜେଡ଼ି ନେତା ବୁଲୁ ଭୋଇ ଅଧ୍ୟକ୍ଷତା କରିଥିଲେ । ଏଥିରେ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ତଥା ବିଜେଡ଼ି ନେତା ସମ୍ବିତ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ଯୁବନେତା ଉମେଶ ପଣ୍ଡା, ପୂର୍ବତନ ସରପଞ୍ଚ ଆହ୍ଲାଦ ପ୍ରଧାନ, ଚିନ୍ତାମଣି ମେହେର, ବିପିନ ବାରିକ, ଶୁକଦେବ ପ୍ରଧାନ, ତପ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ସମ୍ମିଳନୀରେ ଦଳୀୟ ସଙ୍ଗଠନକୁ ମଜବୁତ୍ କରିବା ପାଇଁ ଗୁରୁତ୍ୱ ଦିଆଯାଇଥିଲା । ସେହିପରି ମୁଖ୍ୟଅତିଥି ଆଚାର୍ଯ୍ୟ ଆସନ୍ତା ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ସାଙ୍ଗଠନିକ କାର୍ଯ୍ୟ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ ।



"ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର ।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ଜାତୀୟ କୃମି ଦିବସ ଉପଲକ୍ଷେ କର୍ମଶାଳା

ସମ୍ବଲପୁର,୫।୨(ବ୍ୟୁରୋ) ଆସନ୍ତା ଫେବୃୟାରୀ ୮ ତାରିଖ ଜାତୀୟ କୃମି ଦିବସ ପାଳିତ ହେବ । ଏଥିପାଇଁ ସମ୍ବଲପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଜିଲାର ସମସ୍ତ ଘରୋଇ, ସରକାରୀ ସ୍କୁଲ ଓ ଅଙ୍ଗନୱାଡି ଛାତ୍ରୀଛାତ୍ରଙ୍କୁ ମିଶାଇ ମୋଟ ୯୩ ହଜାର ପିଲା ଅଛନ୍ତି । ତେବେ ଯେଉଁମାନଙ୍କ ନାମ ପଞ୍ଜୀକରଣ ହୋଇ ନ ଥିବ ସେମାନେ ମଧ ଔଷଧ ପାଇ ପରିବେ। ପିଲାମାନଙ୍କୁ ଔଷଧ ପ୍ରଦାନ କରାଯାଇ ପାରିବ ବୋଲି ବୈଠକରେ ଆଲୋଚନା ହୋଇଥିଲା । ଏହି ଅବସରରେ ଏଡିଏମଓ ଡାକ୍ତର ପଞ୍ଚାନନ ନାଏକ, ଏଡିଏମଓ କୁବେର ମହନ୍ତ, ଏଡିଏମଓ ଡାକ୍ତର ଚିନ୍ତାମଣୀ ମେହେର ଯୋଗ ଦେଇ କୃମି ସଂକ୍ରମଣ ଓ କିଭଳି ଭାବେ ଶରୀରକୁ ଏହା କ୍ଷତି କରିଥାଏ ଏବଂ ଏହାର ପ୍ରତିରୋଧ କିପରି କରାଯିବ ସେ ଉପରେ ତାଲିମ ଦେଇଥିଲେ । ଅନ୍ୟମାନଙ୍କ ମଧରେ ପଦ୍ମିନୀ ନାଏକ, ଗୁରୁଦତ୍ତ ପୁରୋହିତ, ଗାୟତ୍ରୀ ସାହୁ, ହରିହର ପଣ୍ଡା ପ୍ରମୁଖ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ । ସେହିପରି ୧୪ ଜଣ ସିଆରସିସି ଓ ୩ ଶହ ଶିକ୍ଷକ ତାଲିମ ନେଇଥିଲେ।

### ସାଧନା ବହିଦାରଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର, ୫।୨ (ବ୍ୟୁରୋ)- ସ୍ୱର ଓ ସୃଜନୀ ନାଟ୍ୟ ସଂସ୍ଥା ମିଳିତ ଆନୁକୂଲ୍ୟରେ ପ୍ରସିଦ୍ଧ ନାଟ୍ୟ ଶିଳ୍ପୀ ସାଧନା କମଳ ବହିଦାରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ନାଟ୍ୟଶ୍ରୀ ଡ. ପଞ୍ଚାନନ ମିଶ୍ର ଏଥିରେ ଅଧକ୍ଷତା କରିଥିଲେ । ଦୀପକ କୁମାର ପଣ୍ଡା, ନାଟ୍ୟକାର ସରୋଜ ଟପ୍ପୋ, କରୁଣାକର ଶତପଥୀ, ଶ୍ରୀକାନ୍ତ ମହାରଣା, ମାନସ ରଞ୍ଜନ ମିଶ୍ର, ତାପସ ସାହୁ, ଜନାର୍ଦ୍ଦନ ପ୍ରଧାନ ପ୍ରମୁଖ ନିଜର ବ୍ୟକ୍ତିଗତ ଅଭିଜ୍ଞତା ଓ ଅନୁଭୂତିରୁ ସାଧନାଙ୍କୁ ଜଣେ ଉଚ୍ଚକୋଟୀର, ସମର୍ପିତ କଳାକାର ବୋଲି କହିଥିଲେ।

### ରେଙ୍ଗାଲି ବ୍ଲକ ସରପଞ୍ଚ ସଂଘର କଲମ ଛାଡ ଆନ୍ଦୋଳନ

ରେଙ୍ଗାଲି, ୫।୨ (ଡି.ଏନ.ଏ)- ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ସରପଞ୍ଚ ମହାସଂଘ ପକ୍ଷରୁ କଲମ ଛାଡ ଆନ୍ଦୋଳନ ଆରମ୍ଭ କରାଯାଇଛି । ଓଡିଶା ରାଜ୍ୟ ସରପଞ୍ଚ ମହାସଂଘ ଏବଂ ସମ୍ବଲପୁର ଜିଲା ସରପଞ୍ଚ ସଂଘର ନିଷ୍ପତ୍ତି ଏବଂ ଆହ୍ୱାନକ୍ରମେ ଏହି ନିଷ୍ପତ୍ତି ହୋଇଛି। ରେଙ୍ଗାଲି ବ୍ଲକ ସରପଞ୍ଚ ସଂଘର ସଭାପତି ଲକ୍ଷ୍ମୀ ଓରାମଙ୍କ ସଭାପତିତ୍ୱରେ ଲପଙ୍ଗାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ରେଙ୍ଗାଲି ବ୍ଲକ ସରପଞ୍ଚ ସଂଘର ନିଷ୍ପତ୍ତିକ୍ରମେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ରାଜ୍ୟ ସରପଞ୍ଚ ସଂଘର ଶାନ୍ତିପୂର୍ଣ୍ଣ ଧାରଣାରେ ସହଯୋଗ କରିବା ପାଇଁ ଧାର୍ଯ୍ୟ ହୋଇଛି। ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପଞ୍ଚାୟତ ସ୍ତରରେ ହେବାକୁଥିବା କୌଣସି ସରକାରୀ କାର୍ଯ୍ୟକ୍ରମରେ ସହଯୋଗ କରାଯିବ ନାହିଁ । ସରକାରଙ୍କ କୌଣସି କାମ କରାଯିବ ନାହିଁ ବୋଲି ସଂଘ ନିଷ୍ପତ୍ତି ଗ୍ରହଣ କରିଛି।

### ରେଙ୍ଗାଲିରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ରେଙ୍ଗାଲି, ୫।୨ (ଡି.ଏନ.ଏ)- ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ମୋଟ ୪୮୫ ଜଣ ଭିନ୍ନକ୍ଷମ ନାମ ପଞ୍ଜିକରଣ କରିଥିଲେ। ଅସ୍ଥିଶଲ୍ୟ ବିଭାଗ ଡା. ସନ୍ତୋଷ କୁମାର ମିଶ୍ର, ନାକ, ଗଳା, କର୍ଣ୍ଣ ବିଭାଗ ଡା.ଗଙ୍ଗାଧର ପଣ୍ଡା, ଡା. ମଞ୍ଜୁଲତା ଦାଶ, ଡା. ସୁଜାତା ପତି ପ୍ରମୁଖ ଭିନ୍ନକ୍ଷମମାନଙ୍କର ଶରୀର ପରୀକ୍ଷା କରିଥିଲେ । ଏହି ଅବସରରେ ୨୯ ଜଣଙ୍କୁ ଟ୍ରାଇ ସାଇକେଲ, ୩୦ଜଣଙ୍କୁ ହୁଇଲଚେୟାର, ୧୪ ଜଣଙ୍କୁ କର୍ଣ୍ଣ ଯନ୍ତ୍ର ପ୍ରଦାନ କରାଯାଇଥିଲା । ରେଙ୍ଗାଲି ବିଡିଓ ବେର୍ଣ୍ଣବେଦ ଲାକ୍ରା, ଜଗନ୍ନାଥ ମୁଦି, ରବିନାରାୟଣ ଶତପଥୀ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ।

### ସଡ଼କ ସୁରକ୍ଷା ରଥର ଶୁଭାରମ୍ଭ

ରେଙ୍ଗାଲି, ୫।୨ (ଡି.ଏନ.ଏ)- ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଠେଲକଲୋଇସ୍ଥିତ ଭୂଷଣ କାରଖାନା ପକ୍ଷରୁ ସୁରକ୍ଷା ରଥର ଶୁଭାରମ୍ଭ କରାଯାଇଛି। କାରଖାନାର କାର୍ଯ୍ୟକାରୀ ନିର୍ଦ୍ଦେଶକ ଦିନେଶ କୁମାର ଯାଦବ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏହି ସୁରକ୍ଷା ରଥ ରେଙ୍ଗାଲି ବ୍ଲକର ବିଭିନ୍ନ ଗାଁରେ ବୁଲି ଜନସାଧାରଣଙ୍କୁ ସଡକ ସୁରକ୍ଷା ଉପରେ ସଚେତନ କରିବ। ଶ୍ୟାମପ୍ରସାଦ ମହାକୁଡ, ପି. ଶ୍ରୀନିବାସ, ଡା. ବିବି ମଙ୍ଗରାଜ, ପ୍ରଫୁଲ୍ଲ ନାୟକ, କୁଳଦୀପ କୁମାର ଭରଦ୍ୱାଜ, ଏ.ଏନ. ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଏମ୍ୟୁ ଛାତ୍ରୀନିବାସ-୧ର ବାର୍ଷିକ ଉତ୍ସବ

# ନୃତ୍ୟ, ଗୀତରେ ଝୁମିଲେ ଛାତ୍ରୀ





ମଙ୍ଗଳବାର ସମ୍ବଲପୁର ଜିଏମ୍ୟୁ ଛାତ୍ରୀନିବାସ-୧ ବାର୍ଷିକ ଉତ୍ସବରେ ଅତିଥିମାନେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି (ବାମ) । ଜିଏମ୍ୟୁ ଛାତ୍ରୀନିବାସ-୧ ବାର୍ଷିକ ଉତ୍ସବରେ ନୃତ୍ୟ ।

ସମ୍ବଲପୁର,୫।୨(ବ୍ୟୁରୋ) ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ୟୁ) ଛାତ୍ରୀନିବାସ-୧ର ବାର୍ଷିକ ଉତ୍ସବ ମଙ୍ଗଳବାର ରାତିରେ ଅନୁଷ୍ଠିତ ହୋଇଯାଇଛି । ଅମୃତବିହାର ପରିସରସ୍ଥ ଛାତ୍ରୀନିବାସରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଉତ୍ସବ ହୋଇଥିଲା। ନୃତ୍ୟ, ଗୀତରେ ଛାତ୍ରୀମାନେ ଝୁମି ଉଠିଥିଲେ । ଛାତ୍ରୀନିବାସ ଅଧିକ୍ଷିକା ଡ. ସିକତା ପଣ୍ଡାଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା । ଜିଏମ୍ୟୁ କୁଳପତି ପ୍ରଫେସର ଅତନୁ କୁମାର ପତି ମୁଖ୍ୟଅତିଥି, କୁଳସଚିବ ଗିରିଶ ଚନ୍ଦ୍ର ସିଂ ସମ୍ମାନୀତ ଅତିଥି ଏବଂ ଉପକୁଳସଚିବ ଉମାଚରଣ ପତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଧାରଣ ସମ୍ପାଦିକା ଇପ୍‌ସିତା ରାୟ ବାର୍ଷିକବିବରଣୀ ପାଠ, ସହ ଅଧିକ୍ଷିକା ଡ. ପ୍ରଜ୍ଞା ସାହୁ ସ୍ୱାଗତ ଭାଷଣ ଓ ସାଂସ୍କୃତିକ ସମ୍ପାଦିକା ଜୟଶ୍ରୀ ନାଥ ନୃତ୍ୟ, ଗୀତ ପରିଚାଳନା କରିଥିଲେ । ସଂଗୀତଜ୍ଞ ମୋତିଲାଲ ଦୋରାଙ୍କ ନିର୍ଦ୍ଦେଶନାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ରଚିତ 'ଜନ୍ମଦାତ୍ରୀ ମାତୃଭୂମି' ଗୀତକୁ ସୋନାଲି ମିଶ୍ର, ସୀମା ବେହେରା, ବର୍ଷା ତ୍ରିପାଠୀ, ଲିପସିତା ଯୋଶୀ, ନନ୍ଦିନୀ, ସିରିଶା, ସୁନି, ସିଦ୍ଧି, ନିକିତା ଓ ଶ୍ରଦ୍ଧା ପରିବେଷଣ କରିଥିଲେ । ଅନ୍ୟପକ୍ଷେ ସମ୍ବଲପୁରୀ, ଓଡିଶୀ, ବିହୁ, ରାଜସ୍ଥାନୀ ଓ ଆଧୁନିକ ନୃତ୍ୟ ମଧ ପରିବେଷିତ ହୋଇଥିଲା । ଏଥିସହ ନବଦୁର୍ଗା ବେଶ ଆକର୍ଷଣୀୟ ହୋଇଥିଲା ।



ସମ୍ବଲପୁର ଜିଏମ୍ୟୁ ଛାତ୍ରୀନିବାସ-୧ ବାର୍ଷିକ ଉତ୍ସବରେ ଦୁର୍ଗା ବେଶରେ ଛାତ୍ରୀମାନେ ।

### ବାହାରିଲେ ପୁରୁଣା ବିଜେଡି କର୍ମୀ

ସମ୍ବଲପୁର,୫।୨(ବ୍ୟୁରୋ) ରେଢାଖୋଲ ନିର୍ବାଚନ ମଣ୍ଡଳୀ ଅଧୀନ ଯୁଯୁମୁରା ବ୍ଲକର ଭୋଟରଙ୍କ ମତଦାନ କୌଣସି ଦଳର ପ୍ରାର୍ଥୀଙ୍କୁ ବିଜୟୀ କରାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ସବୁ ଦଳ ଏହି ବ୍ଲକକୁ ଫୋକସ କରୁଥିବା ବେଳେ ବିଜେଡି ମଧ ତୁହାକୁ ତୁହା ବୈଠକ କରୁଛି । ଏବେ ବିଜେଡିର ପୁରୁଣା କର୍ମୀମାନେ ଆଗେଇ ଆସିଛନ୍ତି । ସକ୍ରିୟ ରାଜନୀତିରୁ ଦୂରରେ ଥିବା କର୍ମୀମାନେ ବିଭିନ୍ନ ସ୍ଥାନରେ ବୈଠକ କରି ନିର୍ବାଚନରେ ବିରୋଧୀ ଦଳକୁ ଟକ୍କର ଦେବାପାଇଁ ସଂକଳ୍ପ କରୁଛନ୍ତି । ଯୁଯୁମୁରା, କୟାକୁଦ, ଲିପିଣ୍ଡା ଆଦି ୫ଟି ପଞ୍ଚାୟତର କର୍ମୀଙ୍କୁ ନେଇ ଆମ୍ବପାଳ ଗ୍ରାମରେ ଏକ ସମାବେଶ ହୋଇଥିଲା। ବରିଷ୍ଠ କର୍ମୀ ନବୀନ ଗୁପ୍ତା ସଭାପତିତ୍ୱ କରିଥିଲେ। ବିଜେଡିକୁ ମଜବୁତ କରିବା, ଭୋଟରଙ୍କୁ ସଚେତନ କରିବା, ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶ ଓ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡିକ ପତ୍ୟେକ ପରିବାର ପାଖରେ ପହଞ୍ଚାଇବାକୁ ଆଲୋଚନା ହୋଇଥିଲା। ଜୟଲାଲ ବେହେରା, ପୂର୍ବତନ ସରପଞ୍ଚ ଦିଗାମ୍ବର ପ୍ରଧାନ, ପୂର୍ବତନ ସମିତି ସଭ୍ୟ କୃଷ୍ଣଚନ୍ଦ୍ର ବାଙ୍କ, ରାମଚନ୍ଦ୍ର ବିଶ୍ୱାଳ, କୁନୁ ବିଶ୍ୱାଳ, ପଣ୍ଡ ମୁଣ୍ଡା, ରଙ୍କ ପ୍ରଧାନ ପ୍ରମୁଖଙ୍କ ସହ ଶତାଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ ।

### ଭିସୁଟ ଛାତ୍ର ହୃଦାନନ୍ଦ ପୃଷ୍ଟିଙ୍କ ସଫଳତା

ଚିପିଲିମା, ୫।୨ (ଡି.ଏନ.ଏ.) ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ର ତୃତୀୟ ବର୍ଷ ବିଟେକ ଛାତ୍ର ହୃଦାନନ୍ଦ ପୃଷ୍ଟି ଭୁବନେଶ୍ୱର ଭୁବନେଶ୍ୱର ହୋଟେଲ ସ୍ୱସ୍ତି ପ୍ରିମିୟମରେ ଆୟୋଜିତ ଆନ୍ତର୍ଜାତିକ ଆଲୁମିନିୟମ କନଫରେନ୍ସରେ ନିଜ ପ୍ରକଳ୍ପ ପ୍ରଦର୍ଶନ କରି ଶ୍ରେଷ୍ଠ ପୋଷ୍ଟର ଉପସ୍ଥାପକ ଭାବରେ ପୁରସ୍କୃତ ହୋଇଛନ୍ତି। ତାଙ୍କର ପ୍ରକଳ୍ପଟି ଇନକଲ୍-୨୦୧୯ ଆନ୍ତର୍ଜାତିକ ମାଗାଜିନ୍‌ରେ ସ୍ଥାନିତ ହୋଇଛି।

## ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି ରେଢ଼ାଖୋଲ ମଲ୍ଟି ସ୍କିଲ ଗୁରୁକୁଳ

# ମୁମ୍ବାଇରେ ନିଯୁକ୍ତି ପାଇଲେ ୧୯ ଯୁବକ

ରେଢ଼ାଖୋଲ,୫।୨(ଡି.ଏନ.ଏ.) ରେଢ଼ାଖୋଲ ମଲ୍ଟି ସ୍କିଲ ଗୁରୁକୁଳରେ ତାଲିମ ନେଇ ୧୯ ଯୁବକ ମୁମ୍ବାଇରେ ନିଯୁକ୍ତି ପାଇଛି। ମୁମ୍ବାଇସ୍ଥିତ ଅଭିଶେକ ମିଲେନିୟମ ନାମକ କମ୍ପାନୀରେ ଏହି ତାଲିମପ୍ରାପ୍ତ ଯୁବକମାନେ ନିଯୁକ୍ତି ପାଇଛନ୍ତି। ତହସିଲଦାର ରୁବି ବେହେରା ଏହି ଯୁବକମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ନିଯୁକ୍ତି ପାଇଥିବା ଏହି ଯୁବକମାନେ ଓଡିଶା ସରକାର ଓ ପାନ ଆଇଆଇଟିର ମିଳିତ ସହଯୋଗରେ ରେଢ଼ାଖୋଲ ମଲ୍ଟି ସ୍କିଲ ଗୁରୁକୁଳରେ ୭୦ ଦିନ ପ୍ଲମ୍ବର, ଫାୟାର ସେଫ୍ଟି ଓ ପାଇପ ଫିଟିଂ ତାଲିମ ନେଇ ଥିଲେ। କମ୍ପାନୀ ପକ୍ଷରୁ ଏହି ଯୁବକମାନଙ୍କୁ ପିଏଫ ଓ ଇଏସଆଇ ସହିତ ୧୫ ହଜାର ୨ଶହ ଟଙ୍କା ଦରମା ସହିତ ରହିବା ଖାଇବାର ବ୍ୟବସ୍ଥା କରିବାକୁ ଚୁକ୍ତି କରାଯାଇଛି।



ମୁମ୍ବାଇରେ ନିଯୁକ୍ତି ପାଇଥିବା ୧୯ ଜଣ ଯୁବକଙ୍କ ସହ ତହସିଲଦାର ରୁବୀ ବେହେରା ।

ମଙ୍ଗଳବାର ଏହି ଯୁବକମାନେ ମୁମ୍ବାଇ ଅଭିମୁଖେ ଯାତ୍ରା କରିଛନ୍ତି ବୋଲି ଗୁରୁକୁଳ ଅଧକ୍ଷ ନିହାରକାନ୍ତ ରଥ କହିଛନ୍ତି। ନିଯୁକ୍ତି ପ୍ରଦାନ ସମୟରେ ଟ୍ରେନର ଅଞ୍ଜନ କୁମାର ପାତ୍ର, କାର୍ଯ୍ୟନିର୍ବାହୀ ବସନ୍ତ ରାଜ ବେଉରା, ଅଜିତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଅଷ୍ଟମରୁ ଯୁକ୍ତ ୨ ପଢିଥିବା ୧୮ରୁ ୩୨ ବର୍ଷ ମଧରେ ବେକାର ଯୁବକ ଯବତୀମାନଙ୍କୁ ଗୁରୁକୁଳରେ ତାଲିମ ପ୍ରଦାନ କରାଯାଇ ବିଭିନ୍ନ ରାଜ୍ୟର କମ୍ପାନୀ ଗୁଡିକରେ ନିଯୁକ୍ତି ପ୍ରଦାନ କରାଯାଉଛି। ଗତ ବର୍ଷ ମାର୍ଚ୍ଚ ମାସରେ ୧୩ଜଣ ଯୁବକ ଓ ଜୁଲାଇ ମାସରେ ୨୩ ଯୁବକ ଏହି ଗୁରୁକୁଳରୁ ତାଲିମ ପରେ ଏହି କମ୍ପାନୀରେ ନିଯୁକ୍ତି ପାଇଛନ୍ତି।

### ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ଚେକ୍ ବଣ୍ଟନ

ପଡିଆବାହାଲ, ୫।୨ (ଡି.ଏନ.ଏ.) ଯୁଯୁମୁରା ବ୍ଲକ ଘେନୁପାଲି ପଞ୍ଚାୟତ ବଡସାହିର ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ମେଧାବୀ ଏବଂ ଗରିବ ଚାଷୀ ପରିବାରର ଛାତ୍ରୀଛାତ୍ରଙ୍କୁ ୨୫୦୦ ଟଙ୍କା ଲେଖାଏ ଚେକ୍ ବଣ୍ଟନ କରାଯାଇଛି। ବାୟୋଷ୍ଟାଟ ଇଣ୍ଡିଆ ଲିମିଟେଡ ଗ୍ରାମାଞ୍ଚଳର ଚାଷୀଙ୍କ ମେଧାବୀ ସନ୍ତାନଙ୍କ ଶିକ୍ଷା ଲାଗି ସହାୟତା ନିମନ୍ତେ ଏହି ସହାୟତା କରିଛି। ଏଣୁ ଜିଲାର ବିଭିନ୍ନ ସ୍କୁଲର ୧୦ ଜଣ ଛାତ୍ରୀଙ୍କୁ ବାର୍ଷିକ ୨୫୦୦ ଟଙ୍କାର ସହାୟତା ପ୍ରଦାନ କରିଛି। ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ ପ୍ରଧାନ ଶିକ୍ଷକ ଯୁଗଳ କିଶୋର ନାଏକ ଅଧକ୍ଷତା କରିଥିଲେ। ଗଙ୍ଗାଧର ବଘାର, ଦିନବନ୍ଧୁ ପଧାନ, ନୀଳମଣୀ ପ୍ରଧାନ, ଉଜ୍ଜଳ ମହାକୁର ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧରେ କମ୍ପାନୀ ତରଫରୁ ସମୁନ ଚାଟାର୍ଜୀ, ଦେବୀ ପ୍ରସାଦ ଦାସ କଟକ, ଦିବ୍ୟେନ୍ଦୁ ପାତ୍ର, କୈଳାଶ ଦାସ ଓ ରଞ୍ଜନ କୁମାର ପ୍ରଧାନ ଉପସ୍ଥିତ ଥିଲେ।

## ସନ୍ଧ୍ୟାରାଣୀ ମେମୋରିଆଲ ଟ୍ରଫି ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ

# ମୁନା ଆଣ୍ଡ ପାର୍ଟନର ଚାମ୍ପିୟନ



ସନ୍ଧ୍ୟାରାଣୀ ମେମୋରିଆଲ ଟ୍ରଫି ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଉପସ୍ଥିତ ଅତିଥି।

ନାକଟିଦେଉଳ, ୫।୨(ଡି.ଏନ.ଏ.) ନାକ୍ଟିଦେଉଳ ବ୍ଲକ ସରାପାଲି ପଞ୍ଚାୟତର ଗୋଧିଢିପରେ ମଙ୍ଗଳବାର ସନ୍ଧ୍ୟାରାଣୀ ମେମୋରିଆଲ ଟ୍ରଫି ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ବଲାଙ୍ଗୀର, ବୌଦ୍ଧ, କେସେଇବାହାଲ, ସମ୍ବଲପୁର, ରେଢ଼ାଖୋଲ, ବୁର୍ଲା, କୁଚିଣ୍ଡା ଓ ନାଗାଲାଣ୍ଡ ସମେତ ୨୦ଟି ଦଳ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ୍ ବଲାଙ୍ଗୀରର ମୁନା ଆଣ୍ଡ ପାର୍ଟନର ଓ ସମ୍ବଲପୁରର ପ୍ରକାଶ ଆଣ୍ଡ ପାର୍ଟନରଙ୍କ ମଧରେ ଅନୁଷ୍ଠିତ ହୋଇଥିଲା । ମୁନା ଆଣ୍ଡ ପାର୍ଟନର ଚମ୍ପିୟନ ହୋଇଥିବା ବେଳେ ପ୍ରକାଶ ଆଣ୍ଡ ପାର୍ଟନର ରନର୍ସ ଅପ୍ ହୋଇଥିଲେ। ବିଶ୍ୱମ୍ବର ମହାରଣା ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସମାରୋହରେ ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ, ଦେବେନ୍ଦ୍ର ମହାପାତ୍ର, ସିଆରପିଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜଗଦୀଶ ବିଶି, ଡା. ଅମୂଲ୍ୟରତ୍ନ ମହନ୍ତ, ଜିଲା ପରିଷଦ ସଭ୍ୟ ପ୍ରମୋଦ ସାହୁ ଓ ପୂର୍ଣ୍ଣଚନ୍ଦ୍ର ଗଡତିଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଚାମ୍ପୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ହଳଧର ସାହୁ, ନାରାୟଣ ସାହୁ, ଶ୍ରୀପତି ସାହୁ, ମଣ୍ଟୁ ସାହୁ, ଧୀରେନ ସାହୁ, ଅଜିତ ସାହୁ, ସୁକାନ୍ତ ସାହୁ, ମୁନା ପ୍ରଧାନ, ରାହାସ ରାଉଳ, ମନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଆନ୍ତଃ ଏକାଡେମୀ ଫୁଟବଲ ଟୁର୍ନାମେଣ୍ଟ

# କଟକ ମଙ୍ଗଳା ଏକାଡେମୀ ବିଜୟୀ



ମଙ୍ଗଳବାର ସମ୍ବଲପୁର ଫୁଟବଲ ଏକାଡେମୀଠାରେ ଅତିଥିଙ୍କ ସହ ଖେଳାଳିମାନେ ।

ସମ୍ବଲପୁର,୫।୨(ବ୍ୟୁରୋ) ଆନ୍ତଃ ଏକାଡେମୀ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ମ୍ୟାଚରେ କଟକ ମଙ୍ଗଳା ଏକାଡେମୀ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ପିତାପାଲିସ୍ଥିତ ସମ୍ବଲପୁର ଫୁଟବଲ ଏକାଡେମୀ ପଡିଆରେ କଟକ ବନାମ ସମ୍ବଲପୁର କ୍ରୀଡା ଛାତ୍ରାବାସ ମଧରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଶେଷରେ କଟକ ୨-୧ ଗୋଲରେ ବିଜୟୀ ହୋଇଥିଲା । ମ୍ୟାଚର ୨୨ତମ ମିନିଟରେ ସମ୍ବଲପୁର କ୍ରୀଡା ଛାତ୍ରାବାସ ଜର୍ସି ନଂ-୯ ରଘୁ ମାରାଣ୍ଡି ଦର୍ଶନୀୟ ଗୋଲ ସ୍କୋର କରିଥିଲେ। ଏହାପରେ କଟକ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା । ଫଳସ୍ୱରୂପ ମ୍ୟାଚର ୨୫ ତମ ମିନିଟରେ କଟକ ଦଳର ଜର୍ସି ନଂ-୧୦ କେ. ଦାସ ଓ ୫୫ତମ ମିନିଟରେ ଜର୍ସି ନଂ- ୧୧ ବିଶ୍ୱଜିତ ଦାସ ଗୋଟିଏ ଲେଖାଏଁ ଗୋଲସ୍କୋର କରି ଦଳକୁ ବିଜୟୀ କରିଥିଲେ । ମଝି ପଡିଆରେ ରେଫରି ସୁବ୍ରତ ପୁରୋହିତ ପରିଚାଳନା କରିଥିଲେ। ତାଙ୍କୁ ଲାଇନରେ ସହଦେବ ବେହେରା ଓ ଅଶୋକ ପଣ୍ଡା ସହଯୋଗ କରିଥିଲେ । କୌଶିକ ଭୋଇ ଚତୁର୍ଥ ରେଫରି ଥିଲେ। ସମ୍ବଲପୁର ଜିଲା ପରିଷଦ ସଭାପତି ରାଧେଶ୍ୟାମ ବାରିକ, ତାପସ ରାୟ ଚୌଧୁରୀ, ପ୍ରେମରଞ୍ଜନ ପ୍ରଧାନ, ଜଗବନ୍ଧୁ ବେହେରା, ଲକ୍ଷ୍ମଣ କୁମାର ନାଥ, ରମଣୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

### ଜିଏମ୍ୟୁରେ କର୍ମଚାରୀ ନିଯୁକ୍ତି ଦାବି

ସମ୍ବଲପୁର, ୫।୨ (ବ୍ୟୁରୋ) ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ୟୁ)ରେ ତୃତୀୟ ଓ ଚତୁର୍ଥ ଶ୍ରେଣୀ ବର୍ଗ ନିଯୁକ୍ତି ଦାବି ହୋଇଛି। ଏ ନେଇ ମଙ୍ଗଳବାର ଭାରତୀୟ ଜନତା ପାର୍ଟି କର୍ମୀମାନେ କୁଳସଚିବ ଗିରିଶଚନ୍ଦ୍ର ସିଂଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଜିଏମ୍ୟୁ ତୃତୀୟ ଓ ଚତୁର୍ଥ ଶ୍ରେଣୀ ବର୍ଗରେ ସମ୍ବଲପୁର ଜିଲାର ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଦେବାକୁ ସେମାନେ ଦାବି କରିଛନ୍ତି । ଏହା ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଚେତାବନୀ ଦେଇଛନ୍ତି। ଶ୍ରୀକାନ୍ତ ପାଣିଗ୍ରାହୀ, ମକରଧ୍ୱଜ ମିର୍ଦ୍ଧା, ରତନ ସୁନା, ଦେଓକିରନ ପଟ୍ଟନାୟକ, ସୂର୍ଯ୍ୟ ପାଣିଗ୍ରାହୀ, କିଶୋର ନାୟକ, ସୌମିକ ବାବୁ ପ୍ରମୁଖ କୁଳସଚିବଙ୍କୁ ଭେଟିଥିଲେ।



ମଙ୍ଗଳବାର ସମ୍ବଲପୁର ଭାଜପା କର୍ମୀମାନେ ସ୍ଥାନୀୟ ନିଯୁକ୍ତି ଦାବିରେ ଜିଏମ୍ୟୁ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦେବାକୁ ଯାଉଛନ୍ତି ।

# ସବୁଜ ଘାସ

ସୁଷମ ଗୋଖାଦ୍ୟରେ ସବୁଜ ଘାସର ଆବଶ୍ୟକତା ସମ୍ପର୍କରେ...



ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ



ସୁସ୍ଥ ଦୁଧିଆଳୀ ଗାଈ ଲାଗି ଖାଦ୍ୟର ପରିମାଣ, ଗୁଣବତ୍ତା, ତନ୍ତୁଯୁକ୍ତ ଖାଦ୍ୟ ଏବଂ ଦାନାରେ ଭିଟାମିନ୍, ଖଣିଜ ଦ୍ରବ୍ୟ ଓ ଶ୍ୱେତସାରର ସୁଷମ ଆବଣ୍ଟନ ହେବା ଆବଶ୍ୟକ। ତନ୍ତୁଯୁକ୍ତ ଖାଦ୍ୟଲାଗି ସବୁଜ ଘାସ ଓ ଛୁଇଁଜାତୀୟ ଘାସର ଆବଶ୍ୟକତା ଥିବାବେଳେ ଜଳ ରହିତ ଏକ ଶୁଖିଲା ଦାନା ଦ୍ୱାରା ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଥାଏ। ସୁଷମ, ଉତ୍ତମ ଗୁଣଯୁକ୍ତ ଓ ପର୍ଯ୍ୟାପ୍ତ ଖାଦ୍ୟ ଦ୍ୱାରା ଦୁଧିଆଳୀ ଗାଈର ଶକ୍ତି ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ପ୍ରଜନନ କ୍ଷମତାର ବୃଦ୍ଧି ଘଟିଥାଏ। ଆବଶ୍ୟକ ଖାଦ୍ୟର ଅଭାବ ହେଲେ ଦୁଗ୍ଧ ଉତ୍ପାଦନ ଏବଂ ପ୍ରଜନନ କ୍ଷମତା ହ୍ରାସ ପାଇବା ଦ୍ୱାରା ଗାଈ ଗରମ ହୁଏ ନାହିଁ। ଗାଈର ଖାଦ୍ୟର ଆବଶ୍ୟକତା କେବଳ ଦାନା ଦେଇ ମେଣ୍ଟାଇ ହେବ ନାହିଁ। କାରଣ କେବଳ ଦାନା ଦ୍ୱାରା ଦୁଗ୍ଧ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇବ। ଗାଈର ଜୀବନ ଧାରଣ ଓ ଦୁଗ୍ଧ ଉତ୍ପାଦନ ଲାଗି ଗୋଖାଦ୍ୟର ଆବଶ୍ୟକତା ଅପରିହାର୍ଯ୍ୟ। କମ୍ ଖର୍ଚ୍ଚରେ ଗାଈର ଜୀବନଧାରଣ ସକାଶେ ତନ୍ତୁଯୁକ୍ତ ଖାଦ୍ୟର ଚାହିଦାକୁ ପୂରଣ କରିବା ପାଇଁ ସବୁଜ ଘାସ ନିତାନ୍ତ ଆବଶ୍ୟକ। ସାଧାରଣତଃ ଦାନା ଓ ଘାସ ବାବଦକୁ ଉତ୍ପାଦିତ ଦୁଗ୍ଧର ୬୦ରୁ ୭୦ ପ୍ରତିଶତ ମୂଲ୍ୟ ଖର୍ଚ୍ଚ ହୋଇଯାଇଥାଏ। ସବୁଜ ଘାସ ଚାଷ କରି ଗୋଖାଦ୍ୟ ରୂପେ ବ୍ୟବହାର କଲେ ଦୁଗ୍ଧ ଉତ୍ପାଦନ ଖର୍ଚ୍ଚ ଅନେକ ପରିମାଣରେ ହ୍ରାସ ପାଇଥାଏ। ପୋଷକ ତତ୍ତ୍ୱର ଆବଶ୍ୟକତା କେବଳ ଗାଈର ଜୀବନଧାରଣ ଓ ଦୁଗ୍ଧ ଉତ୍ପାଦନ ଲାଗି ଜରୁରୀ। ଧାନ ଜାତୀୟ ଘାସ ଖାଦ୍ୟ ଗାଈକୁ ଶକ୍ତି ଯୋଗାଉଥିବା ବେଳେ ଛୁଇଁଜାତୀୟ ଖାଦ୍ୟ ଆବଶ୍ୟକ ଶ୍ୱେତସାର ଯୋଗାଇଥାଏ ଏବଂ ଗୋଖାଦ୍ୟ ଖର୍ଚ୍ଚକୁ ହ୍ରାସ କରିଥାଏ। ଅତ୍ୟଧିକ ଓ ଅନିୟନ୍ତ୍ରିତ ଗୋମହିଷାଦି ସଂଖ୍ୟା, ଚାରଣ ଭୂମିର ଅଭାବ, ଘାସଚାଷ ହ୍ରାସ ଏବଂ ଗୋମହିଷାଦିଙ୍କର କୁପରିଚାଳନା ଦୁଗ୍ଧ ଉତ୍ପାଦନ ହ୍ରାସ ପାଇଁ ଦାୟୀ। ଖାଦ୍ୟ ଅଭାବରୁ ଦୁଗ୍ଧ ଉତ୍ପାଦନ ଶତକଡା ୫୦ ଭାଗ ହ୍ରାସ ପାଇଥାଏ। ଗାଈ ଉନ୍ନତ କିସମର ହେଲେ ବି ଖାଦ୍ୟ ଅଭାବ ହେଲେ ଦୁଗ୍ଧର ପରିମାଣ କମିଯାଏ। ଗାଈ କିପରି ଖାଦ୍ୟ ଖାଉଛି, ଦୁଗ୍ଧର ପରିମାଣ ଓ ଗୁଣବତ୍ତାରୁ ତାହା ଜଣାପଡେ। ଦୁଗ୍ଧ ଉତ୍ପାଦନ ଅନୁସାରେ ଖାଦ୍ୟର ପରିମାଣ ନିର୍ଦ୍ଧାରିତ ହୋଇଥାଏ। ଦୁଗ୍ଧ ଉତ୍ପାଦନ ସକାଶେ ଗାଈ ଖାଦ୍ୟରେ ତନ୍ତୁଯୁକ୍ତ ଗୋଖାଦ୍ୟ, ଖଣିଜଦ୍ରବ୍ୟ, ଭିଟାମିନ୍, ଶ୍ୱେତସାର, ସ୍ନେହସାର, ଜଳ ପର୍ଯ୍ୟାପ୍ତ ପରିମାଣରେ ରହିବା ଜରୁରୀ। ଦୁଗ୍ଧ ଉତ୍ପାଦନ ପାଇଁ ସବୁଜ ଘାସ ଲାଭକାରୀ। ଯେଉଁ ଘାସରେ ସବୁଜ ରଙ୍ଗ ନ ଥାଏ, ସେଗୁଡିକରେ ଖଣିଜ ଦ୍ରବ୍ୟର ଅଭାବ ଥାଏ ଏବଂ ସେଗୁଡିକ ଶକ୍ତିବର୍ଦ୍ଧକ ଓ ଦୁଗ୍ଧ ଉତ୍ପାଦନରେ ସହାୟକ ହୁଏ ନାହିଁ। ସବୁଜ ଘାସ ଚାଷ କରି ଘାସର ଚାହିଦା ପୂରଣ କରିହେବ। ଚାଷୀ ଘର ଓ ଗୁହାଳ ନିକଟରେ ଅନେକ ଅଦରକାରୀ ଜମି ରହିଛି, ଯେଉଁଥିରେ ବି ଘାସ ଚାଷ କରିହେବ। ଓଡିଶାର ଜଳବାୟୁରେ ସବୁ ଋତୁରେ ସବୁଜ ଗୋଖାଦ୍ୟ, ମକା ଓ ବରଗୁଡି ଚାଷ କରାଯାଇ ଗାଈକୁ ସବୁଜ ଘାସ ଯୋଗାଇ ହେବ। ମକା, ଜୁଆର, ସ୍ନେହସାର ଯୋଗାଉଥିବାବେଳେ ବରଗୁଡି ଘାସ ଶ୍ୱେତସାର ଯୋଗାଇଥାଏ। ଦୈନିକ ଗାଈକୁ ୬ରୁ ୭ କିଗ୍ରା ବରଗୁଡି ଘାସ ଖାଇବାକୁ ଦେଲେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଏ। ଆଖପାଖରେ ଥିବା ଖାଲୁଆ ବା ଯୋଡ ଜମିରେ ଗିନି ଘାସ ଚାଷ କରାଯାଇପାରିବ। ଶୀତଦିନେ ବରସିମ ଲୁସର୍ଣ୍ଣ ଚାଷ କରାଯାଇପାରେ। ସବୁଦିନେ ଘାସ ପାଇବା ପାଇଁ ଜଳସେଚନ ସୁବିଧା ଥିବା ବାଡିବଗିଚାରେ ସଙ୍କର ହାତିଆ ଘାସ ବା ହାଇବ୍ରିଡ୍ ନାପିଅର ଲଗାଇ ଘାସର ଚାହିଦା ପୂରଣ କରିହେବ। ହାଇବ୍ରିଡ୍ ନାପିଅର ଓ ଗିନି ଘାସର ମୂଳ, ଚେର ଲଗାଇ ଆପଣ ଘାସ ବଗିଚା ସୃଷ୍ଟି କରିପାରିବେ। ସବୁଜ ଘାସ ଗାଈର ତନ୍ତୁଜାତୀୟ ଖାଦ୍ୟର ଆବଶ୍ୟକତା ପୂରଣ କରିବା ସଙ୍ଗେ ସଙ୍ଗେ ହଜମରେ ସାହାଯ୍ୟ କରେ ଓ ଦୁଗ୍ଧରେ ଲହୁଣି ଅଂଶ ବୃଦ୍ଧି କରେ। ଅଧିକ ଶକ୍ତି ପାଇଁ ଗାଈକୁ ମୋଲାସେସ୍ ବା କାଣ୍ଟିଗୁଡ, ମକା ଏବଂ ଗଜା ହୋଇଥିବା ଗହମ ଦିଆଯାଇ ପାରେ। ୪୦୦କେଜି ଓଜନବିଶିଷ୍ଟ ସଙ୍କର କିସମର ଗାଈ ଦିନକୁ ୧୦-୧୫କେଜି ପର୍ଯ୍ୟନ୍ତ ସବୁଜ ଗୋଖାଦ୍ୟ ଆବଶ୍ୟକ କରେ। ପେଟପୂରିବା ଲାଗି ଖାଦ୍ୟ ଶକ୍ତିବର୍ଦ୍ଧକ ଖାଦ୍ୟ, ଗଣବତ୍ତାଭିତ୍ତିକ ଖାଦ୍ୟ, ଖାଦ୍ୟରେ ଶୁଖିଲା ଅଂଶ କେତେଅଛି ଓ କେତେ ପରିମାଣରେ ଜଳଅଛି ତାହା ବିଚାରକୁ ନେବା ଆବଶ୍ୟକ। ଖାଲି ଦାନା ଦେଇ ଗାଈର ପେଟ ପୂରାଇ ହେବନାହିଁ। ଗାଈକୁ ସବୁଜ ଗୋଖାଦ୍ୟ ଦେଇ ଦୁଗ୍ଧ ଉତ୍ପାଦନ ଖର୍ଚ୍ଚ କମାଇବାକୁ ହେବ। ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ ନ ହେଲେ ଆବଶ୍ୟକ ଶରୀର ବୃଦ୍ଧି, ଦୁଗ୍ଧ ଉତ୍ପାଦନ, ଓଜନ ହ୍ରାସ ହୁଏ ଓ ପରିପକ୍ୱତା ବିଳମ୍ବ ହୁଏ। ଖଣିଜଦ୍ରବ୍ୟ ମଧ୍ୟରେ କାଲସିୟମ୍,ଫସଫରସ ରହିବା ଜରୁରୀ। ଭିଟାମିନ୍ -ଏ ଡି ଇ ଖାଦ୍ୟରେ ଦିଆଯିବା ଆବଶ୍ୟକ। ପର୍ଯ୍ୟାପ୍ତ ପରିମାଣରେ ପିଇବା ପାଣି ଦିଆଯିବା ଦରକାର। ହାରାହାରି ଗୋଟିଏ ଗାଈପାଇଁ ୬୦ ଲିଟର ପାଣିର ଆବଶ୍ୟକତା ପଡିଥାଏ। ଖରାଦିନେ ସବୁଜ ଘାସର ଅଭାବ ଦେଖାଯାଇଥାଏ। ତେଣୁ ଘାସ ଆଚାର ଓ ଘାସ ଶୁଖୁଆ ବା ଛଣ ପ୍ରସ୍ତୁତ କରି ଘାସକୁ ସାଇତି ରଖି ଡିରୋଟ ସମୟରେ ଗାଈଙ୍କୁ ଖାଇବାକୁ ଦିଆଯାଇଥାଏ । ଘାସ ଆଚାର ତିଆରି କରିବା ସକାଶେ ଅଧିକ ଘାସ ମିଳୁଥିବା ସମୟରେ ଘାସକୁ ଖଣି ପକାଇ ସାଇତି ରଖାଯାଏ। ଗାଈ ଘାସ ଖାଇବା ସମୟରେ ବହୁତ ଘାସକୁ ନଷ୍ଟ କରିଥାଏ। ତେଣୁ ୨ଇଞ୍ଚ ଲମ୍ବର ଘାସର ଭୁସି କାଟି ଗାଈକୁ ଖାଇବାକୁ ଦେଲେ ଘାସ ନଷ୍ଟ ହୁଏ ନାହିଁ। ଗୋଟିଏ ଦୁଧିଆଳୀ ଗାଈକୁ ସକାଳେ ଓ ସନ୍ଧ୍ୟାରେ ଦୁଇଓଳି କଞ୍ଚାଘାସ ଖାଇବାକୁ ଦେବା ଆବଶ୍ୟକ। କଥାରେ ଅଛି ''ଗାଈକୁ ଦେଲେ କଞ୍ଚା ଘାସ ଦୁଧ ଦୁହିଁବ ବାରମାସ'', ଆଉ କେହି କେହି କହନ୍ତି ''ଗାଈ ମୁହଁରେ ଦେଲେ ଘାସ-ଚାଷୀ ମୁହଁରେ ଫୁଟେ ହସ''। ତେଣୁ ସବୁଜ ଗୋଖାଦ୍ୟ ଚାଷ କରି ଠିକ୍ ପରିମାଣର ତନ୍ତୁଯୁକ୍ତ ଖାଦ୍ୟ,ଦାନା ଦେଇ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରନ୍ତୁ।

ମୋ: ୭୮୯୪୩୩୫୩୭୧

# ରବି ସୂର୍ଯ୍ୟମୁଖୀ



ଧଳାମାଛି ଦମନ ପାଇଁ ଏକର ପ୍ରତି ୪୦୦ ମିଲି ହିସାବରେ ଟ୍ରାଏଜୋଫସକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସୂର୍ଯ୍ୟମୁଖୀ ଫୁଲରେ ଭଲରୂପେ ମଞ୍ଜି ଧରିବା ପାଇଁ କିଆରି ପାଖରେ ମହୁବାକ୍ସ ରଖି ମହୁଚାଷ କରିବା ଭଲ। ମହୁମାଛି ପରାଗସଙ୍ଗମରେ ସାହାଯ୍ୟ କରିଥାନ୍ତି। ଫସଲରେ ଫଳବିନ୍ଧା ପୋକର ଦମନ ପାଇଁ ଜୈବ କୀଟନାଶକ ଏକର ପ୍ରତି ୨୫୦ଶୂକ ସମତୁଲ ଏନ.ପି.ଭି କିମ୍ବା ବି.ଟି.କେ ୫୦୦ଗ୍ରାମକୁ ୫୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ। ଆବଶ୍ୟକ ହେଲେ ଏଣ୍ଡୋସଲଫାନ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ସିଞ୍ଚନ କରନ୍ତୁ।

## ପନିପରିବା

ବାଇଗଣ ଓ ଟମାଟୋରେ ବୀଜାଣୁଜନିତ ଝାଉଁଳା ରୋଗ ଦମନପାଇଁ ପ୍ରତି ୧୦ ଲିଟର ପାଣିରେ ୧ କି.ଗ୍ରା ହିସାବରେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ସହିତ ୨୦ଗ୍ରାମ କପର ଅକ୍ସିକ୍ଲୋରାଇଡ୍ ମିଶାଇ ଗଛ ମୂଳକୁ ଦେଖାଇ ସିଞ୍ଚନ କରନ୍ତୁ। ଭେଣ୍ଡି ଓ ଝୁଡଙ୍ଗରେ ନାଲି ବୁଢ଼ିଆଣୀ ଅଷ୍ଟପଦୀର ଦମନ ପାଇଁ ପ୍ରତି ଲିଟର ପାଣିରେ ୨.୫ମିଲି ହିସାବରେ ଡାଇକୋଫଲ ସିଞ୍ଚନ କରନ୍ତୁ। ଖରାଟିଆ ପନିପରିବା ଚାଷପାଇଁ ଉନ୍ନତ କିସମର ବିହନ ସଂଗ୍ରହ କରନ୍ତୁ ଓ ଜମି ପ୍ରସ୍ତୁତ ରଖନ୍ତୁ।



## ଗହମର ରୋଗ ଦମନ



କାଳିଗୁଣ୍ଡି ରୋଗର ଦମନ ପାଇଁ ଆକ୍ରାନ୍ତ ଗଛଗୁଡିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଫସଲରେ ଶସ୍ୟଦାଗ ରୋଗ ଲାଗିବାର ଆଶଙ୍କା ଅଛି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ,ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ।

## ଆଖୁଫସଲରେ ଶୀର୍ଷସାର

ଲଗାଯାଇଥିବା ଆଖୁ ୪୫ଦିନର ହୋଇଯାଇଥିଲେ ବା ମୂଳୀଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ବା ମନ୍ଦାରେ ଲଗାଯାଇଥିବା ଆଖୁ ୩୦ଦିନର ହୋଇଯାଇଥିଲେ କୋଡା ଖୁସା କରି ଯବକ୍ଷାରଜାନ ସାରକୁ ପ୍ରଥମ ଶୀର୍ଷସାର ଭାବେ ଧାଡିରେ ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ। ସାର ପ୍ରୟୋଗ ପରେ ଜଳସେଚନ କରନ୍ତୁ।





## ମକା ଫସଲରେ ଜଳସେଚନ

ଫସଲ ୨-୩ ସପ୍ତାହର ହୋଇଗଲେ କୋଡାଖୁସା କରି ଘାସ ବାଛନ୍ତୁ। ଘାସବଛା ପରେ ଏକର ପ୍ରତି ୮କି.ଗ୍ରା ଯବକ୍ଷାରଜାନ ସାର ଗଛଠାରୁ ୫ ସେ.ମି ଛାଡି ଧାଡିରେ ପ୍ରୟୋଗ କରନ୍ତୁ ଓ ହୁଡା ଟେକନ୍ତୁ। ମାଟିର ବତରକୁ ଚାହିଁ ଜଳସେଚନ କରନ୍ତୁ। କୌଣସି ଅବସ୍ଥାରେ ୬ ଘଣ୍ଟାରୁ ଅଧିକ ସମୟ ଠିଆ ପାଣି ରଖନ୍ତୁ ନାହିଁ।

## ଭାକୁର ମାଛର ଆଖିରୋଗ ନ ହେବା ଲାଗି...

ଭାକୁର ମାଛରେ ସାଧାରଣତଃ ଆଖିରୋଗ ଦେଖାଯାଇଥାଏ । ଏହାର ପ୍ରାଥମିକ ଲକ୍ଷଣରେ ଆଖିର ସ୍ୱଚ୍ଛପଟଳ ରକ୍ତବର୍ଣ୍ଣ ହୋଇଯାଏ ଓ କିଛିଦିନ ପରେ ଏହା
ଅସ୍ୱଚ୍ଛ ହୋଇ କ୍ରମେ ପଚିଯାଇ ଆଖି ନଷ୍ଟ ହୋଇଯାଏ । ତେଣୁ ଏହାର ପ୍ରତିକାର ପାଇଁ ୧୦ ମିଲିଗ୍ରାମ୍ ହିସାବରେ କ୍ଲୋରୋମାଇସିଟିନ୍‌କୁ ୧ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତ କରି ମାଛକୁ ୫-୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ । ଏହା ବ୍ୟତୀତ ପଟାସିୟମ ପରମାଙ୍ଗାନେଟ୍ ଦ୍ରବଣରେ (୫ ମିଲିଗ୍ରାମ୍ ୧ ଲିଟର ପାଣିରେ) ମାଛକୁ ପ୍ରାୟ ୫ରୁ ୭ ମିନିଟ୍ ପର୍ଯ୍ୟନ୍ତ ବୁଡାଇ ରଖାଯାଇପାରେ। ଏହି ପ୍ରକ୍ରିୟା ୩-୪ ଦିନ ପର୍ଯ୍ୟନ୍ତ କଲେ ଭାକୁର ମାଛର ଆଖିରୋଗ ହେବାର ଆଶଙ୍କା ନ ଥାଏ ।



## ଚାଷୀ, ଚିଟ୍‌ଫଣ୍ଡ...

ବିକ୍ରମ କେଶରୀ ଆରୁଖ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଶୋକ ପ୍ରସ୍ତାବ ପରେ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି, ପ୍ରଫୁଲ୍ଲ ମାଝି, ଅଂଶୁମାନ ମହାନ୍ତି, ପ୍ରକାଶ ବେହେରା, ଦେବେନ୍ଦ୍ର ଶର୍ମା, ଚିରଞ୍ଜୀବ ବିଶ୍ୱାଳ ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ଚାଷୀ ପ୍ରସଙ୍ଗ ଉଠାଇଥିଲେ। ଧାନର ଏମ୍ଏସ୍‌ପି ବୃଦ୍ଧି କରିବା ପାଇଁ ଦାବି କରିଥିଲେ। ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନ ଭଳି କୃଷିଋଣ ଛାଡ଼ କରିବା ନେଇ ସରକାରଙ୍କୁ ପ୍ରଚଣ୍ଡ ଆକ୍ରମଣ କରିଥିଲେ।

ଅନ୍ୟପକ୍ଷରେ ଭାଜପା ସଦସ୍ୟ ପ୍ରଦୀପ ପୁରୋହିତ, ରବି ନାଏକ, ରାଧାରାଣୀ ପଣ୍ଡା, ବିଭୂତି ଭୂଷଣ ହରିଚନ୍ଦନ, ଗୋବିନ୍ଦ ଦାସ, ନୀତିଶ ଗଙ୍ଗଦେବ ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ଚିଟ୍‌ଫଣ୍ଡ ଦୁର୍ନୀତି ପ୍ରସଙ୍ଗ ଉଠାଇ ହଟ୍ଟଗୋଳ କରିଥିଲେ। ସିବିଆଇ ତଦନ୍ତକୁ ବିରୋଧ କରିବା ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହିତ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଳ ମିଳାଇଛନ୍ତି ବୋଲି ଅଭିଯୋଗ କରିଥିଲେ। ଚିଟ୍‌ଫଣ୍ଡ ଦୁର୍ନୀତି ସହ ମୁଖ୍ୟମନ୍ତ୍ରୀଙ୍କ ନାମ ଲେଖା ହୋଇଥିବା କଳା ଗାଉନ ପିନ୍ଧି ଗୃହର ମଧ୍ୟଭାଗରେ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ ଉଦ୍ୟମ କରିଥିଲେ। ପ୍ରଥମ ପ୍ରଶ୍ନ ଜଳସମ୍ପଦ ଉପରେ ଥିଲା। ପଚାରିଥିଲେ ଭାଜପା ସଦସ୍ୟ କନକବର୍ଦ୍ଧନ ସିଂଦେଓ। କଟକ ଜିଲାର କଣ୍ଟାପଡା ବ୍ଲକରେ କେତୋଟି ଏଲଆଇ ପଏଣ୍ଟ ଖରାପ ଅଛି । ସେଗୁଡିକ କେବେ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ସେ ପ୍ରଶ୍ନ କରିଥିଲେ। ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ପାଟିତୁଣ୍ଡ ମଧ୍ୟରେ ଲେଖା ଉତ୍ତର ପଢ଼ି ଚାଲିଥିଲେ। ଗୋଟିଏ ପଟେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚାଲିଥିବା ବେଳେ ଅନ୍ୟପଟେ ବିରୋଧୀଙ୍କ ହଟ୍ଟଗୋଳ ବିଧାନସଭାରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଥିଲା। ପ୍ରବଳ ହଟ୍ଟଗୋଳ ଯୋଗୁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚଳାଇବା ବାଚସ୍ପତିଙ୍କ ପକ୍ଷେ ସମ୍ଭବ ହୋଇ ନ ଥିଲା। ବାଧ୍ୟହୋଇ ସେ ଗୃହକୁ ୧୦ଟା ୪୦ରୁ ୧୧ଟା ୪୦ ମିନିଟ ୧ ଘଣ୍ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୪୦ରେ ପୁଣି ଥରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ପରିସ୍ଥିତିରେ କୌଣସି ସୁଧାର ହୋଇ ନ ଥିଲା। ଉଭୟ କଂଗ୍ରେସ ଓ ଭାଜପା ସଦସ୍ୟ ଗୃହର ମଧ୍ୟଭାଗକୁ ଆସି ପୁଣି ହଟ୍ଟଗୋଳ କରିଥିଲେ। ବାଚସ୍ପତି ଗୃହକୁ ୧୧ଟା ୪୨ରୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ଅପରାହ୍ନ ୩ଟାରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ସେହି ସମାନ ପରିସ୍ଥିତି ଉପୁଜିଥିଲା। ଗୃହରେ ବିରୋଧୀଙ୍କ ଆକ୍ରମଣାତ୍ମକ ମୁଡ୍ ଦେଖି ବାଚସ୍ପତି ୩ଟା ୨ରୁ ୩ଟା ୩୨ଯାଏ ଗୃହକୁ ମୁଲତବୀ ଘୋଷଣା କରି ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକରେ କୌଣସି ନିର୍ଯ୍ୟାସ ବାହାରି ନ ପାରିବାରୁ ଗୃହକୁ ଆହୁରି ୩୦ ମିନିଟ ଅର୍ଥାତ ୪ଟା ୨ ମିନିଟ ଯାଏ ମୁଲତବୀ ଘୋଷଣା କରାଯାଇଥିଲା। ତେବେ ବାଚସ୍ପତି ଡାକିଥିବା ସର୍ବଦଳୀୟ ବୈଠକ ଫେଲ୍ ମାରିଥିଲା।

## ସିବିଆଇରେ ହାଜର...

ମମତା ଧାରଣାରୁ ଓହରିଯାଇଛନ୍ତି। ଚିଟ୍‌ଫଣ୍ଡ ମାମଲାରେ ରାଜୀବ କୁମାରଙ୍କୁ ସିବିଆଇର ଜେରା ଉଦ୍ୟମକୁ ବିରୋଧ କରି ମମତା କୋଲକାତାରେ ୩ ଦିନ ହେଲା ଧାରଣାରେ ବସିଥିଲେ, ଯାହାକୁ ନେଇ ସାରା ଦେଶରେ ରାଜନୀତି ସରଗରମ ହୋଇଥିଲା।

ସିବିଆଇ ଏବଂ କୋଲକାତା ପୋଲିସ ମଧ୍ୟରେ ମୁହାଁମୁହିଁ ପରିସ୍ଥିତିକୁ ନେଇ ମଙ୍ଗଳବାର ଦ୍ୱିତୀୟ ଦିନ ପାଇଁ ପାର୍ଲାମେଣ୍ଟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ପଶ୍ଚିମବଙ୍ଗରେ ସିବିଆଇର ଅପବ୍ୟବହାର କରାଯାଇଥିବା ଅଭିଯୋଗ କରି ଟିଏମ୍‌ସି, ସମାଜବାଦୀ ପାର୍ଟି ଏବଂ କଂଗ୍ରେସ ସମେତ ବିଭିନ୍ନ ଦଳ ପକ୍ଷରୁ ଉଭୟ ଗୃହରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ସିବିଆଇ ପକ୍ଷରୁ ହୋଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟଙ୍କ ରାୟକୁ ମମତା ସ୍ୱାଗତ କରିଛନ୍ତି। କୋଲକାତା ପୋଲିସ ମୁଖ୍ୟ ରାଜୀବକୁମାରଙ୍କୁ ଗିରଫ ନ କରିବା ଲାଗି ଅଦାଲତ ନିର୍ଦ୍ଦେଶ ଦେଇଥିବାରୁ ଏହା ତାଙ୍କର ନୈତିକ ବିଜୟ ବୋଲି ମମତା ଦାବି କରିଛନ୍ତି। ସେ କେବଳ କୋଲକାତା ପୋଲିସ କମିଶନରଙ୍କ ପାଇଁ ଲଢୁ ନ ଥିଲେ ଦେଶର ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଲଢୁଥିଲେ ବୋଲି କହିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ସାଧାରଣ ଜନତା, ଗଣତନ୍ତ୍ର ଏବଂ ସମ୍ବିଧାନର ବିଜୟ ବୋଲି ମମତା କହିବା ସହ ଧାରଣାରୁ ଓହରିଯାଇଛନ୍ତି।

ଅନ୍ୟପକ୍ଷରେ ବରିଷ୍ଠ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ମଧ୍ୟ ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ କରିଛନ୍ତି। ଆଇନର ଊର୍ଦ୍ଧ୍ୱରେ କେହି ନୁହନ୍ତି ଏହା କୋର୍ଟଙ୍କ ରାୟରୁ ସ୍ପଷ୍ଟ ହୋଇଥିବା ସେ କହିଛନ୍ତି।

ସାରଦା ଓ ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତକାରୀ ଏସ୍ଆଇଟି ମୁଖ୍ୟ କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କୁ ଜେରା କରିବା ପାଇଁ ସିବିଆଇର ଏକ ଟିମ୍ ରବିବାର କୋଲକାତା ଯାଇଥିଲା। ତଦନ୍ତକାରୀ ଅଧିକାରୀମାନେ ସନ୍ଧ୍ୟାରେ ରାଜୀବଙ୍କ ବାସଭବନରେ ପହଞ୍ଚିବା ପରେ ସ୍ଥାନୀୟ ପୋଲିସ ସେମାନଙ୍କୁ ଥାନାକୁ ନେଇ ଅଟକ ରଖିଥିଲା। ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିଲେ ହେଁ ଏହାକୁ ନେଇ ବିବାଦ ତେଜିଥିଲା।

ସିବିଆଇ ପକ୍ଷରୁ ଦାଏର ପିଟିଶନ୍‌ର ଶୁଣାଣି କରି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ରାଜୀବ କୁମାରଙ୍କୁ ମେଘାଳୟ ରାଜଧାନୀ ଶିଲଂଠାରେ ସିବିଆଇ ସମ୍ମୁଖରେ ହାଜର ହୋଇ ତଦନ୍ତରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ତାଙ୍କୁ ଆସନ୍ତା ୨୦ ତାରିଖ ସୁଦ୍ଧା ଜବାବ ଦାଖଲ କରିବା ଲାଗି ଖଣ୍ଡପୀଠ କହିଛନ୍ତି। ସେ ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଥ୍ୟ ପ୍ରମାଣ ନଷ୍ଟ କରିଥିବା ସିବିଆଇ ପକ୍ଷରୁ ଅଭିଯୋଗ ହୋଇଥିଲା। ଶୁଣାଣି ବେଳେ ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଏବଂ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କୁ କହିଥିଲେ, ଏସଆଇଟି ସିବିଆଇକୁ ସମ୍ପୂର୍ଣ୍ଣ ଦସ୍ତାବିଜ ହସ୍ତାନ୍ତର କରୁନାହିଁ। ହସ୍ତାନ୍ତର ହୋଇଥିବା ଦସ୍ତାବିଜ ମଧ୍ୟରୁ କେତେକରେ ଜାଲିଆତି ହୋଇଥିବା ସେମାନେ ଅଦାଲତଙ୍କୁ ଜଣାଇଥିଲେ। ୨୦୧୪ରୁ ସାରଦା ଦୁର୍ନୀତି ଲୋକଲୋଚନକୁ ଆସିଥିଲେ ମଧ୍ୟ ରାଜୀବ କୁମାର ତଦନ୍ତରେ ସହାୟତା କରୁ ନ ଥିବା ଆଟର୍ନି ଜେନେରାଲ କହିଥିଲେ। ରୋଜଭ୍ୟାଲିରେ ୧୫୦୦୦ କୋଟି ଟଙ୍କା ଠକେଇ ହୋଇଥିବାବେଳେ ସାରଦା ଚିଟ୍‌ଫଣ୍ଡରେ ପାଖାପାଖି ୪୦୦୦ କୋଟି ଟଙ୍କାର ଦୁର୍ନୀତି ହୋଇଛି। ପ୍ରଧାନ ବିଚାରପତିଙ୍କ ସମେତ ଜଷ୍ଟିସ୍ ଦୀପକ ଗପ୍ତା ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ସିବିଆଇ ଅଭିଯୋଗ ଉପରେ ଆସନ୍ତା ୧୮ ତାରିଖ ସୁଦ୍ଧା ଜବାବ ଦାଖଲ କରିବା ଲାଗି ପଶ୍ଚିମବଙ୍ଗ ମୁଖ୍ୟ ସଚିବ, ପୋଲିସ ମହାନିର୍ଦ୍ଦେଶକ ଏବଂ କୋଲକାତା ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## 'ଆବ୍‌ସୋଲ୍ୟୁଟ୍‌ଲି ...

ଭାଜପା କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ କନକବର୍ଦ୍ଧନ କହିଛନ୍ତି ଯେ, ଖୋଦ୍ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଚିଟ୍‌ଫଣ୍ଡ ଦୁର୍ନୀତିର ସର୍ଦ୍ଦାର। ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ କାର୍ଯ୍ୟ କରୁଥିବା ସରୋଜ ସାହୁଙ୍କୁ ପୂର୍ବରୁ ସିବିଆଇ ଜେରା କରିସାରିଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି, ଚିଟ୍‌ଫଣ୍ଡରେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଶାସକ ଦଳର ବହୁ ନେତାଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଛି। ଭାଜପାର 'ଜବାବ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମରେ ରାଜ୍ୟର ଜନସାଧାରଣ ଜାଣିବା ପାଇଁ ଚାହୁଁଛନ୍ତି ସରୋଜ ସାହୁ କିଏ। ମୁଖ୍ୟମନ୍ତ୍ରୀ ଏହାର ଜବାବ ରଖନ୍ତୁ ବୋଲି କନକବର୍ଦ୍ଧନ କହିଥିଲେ। ରାଜ୍ୟରେ ଲକ୍ଷ ଲକ୍ଷ ସାଧାରଣ ଲୋକ ଚିଟ୍‌ଫଣ୍ଡରେ ସେମାନଙ୍କ ଝାଳବୁହା ଅର୍ଥ ହରାଇଛନ୍ତି । ରାଜ୍ୟ ସରକାର ସେମାନଙ୍କ ଅର୍ଥ ଫେରାଇବା ପାଇଁ ୩୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଘୋଷଣା କରିଥିଲେ। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କାହାରିକୁ ଟଙ୍କାଟିଏ ମିଳିଲା ନାହିଁ । ଏହାର ଜବାବ ମଧ୍ୟ ମୁଖ୍ୟମନ୍ତ୍ରୀ ଦିଅନ୍ତୁ ବୋଲି କନକବର୍ଦ୍ଧନ କହିଛନ୍ତି।

ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ସରକାର ଓ ସିବିଆଇ ମଧ୍ୟରେ ଲାଗି ରହିଥିବା ବିବାଦର ପ୍ରଭାବ ଓଡ଼ିଶାରେ ମଧ୍ୟ ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସିବିଆଇର

## ପ୍ରଥମ ପୃଷ୍ଠାରୁ...

କାର୍ଯ୍ୟଧାରାକୁ ବିରୋଧ କରି ଗତ ରବିବାର ରାତିରୁ ଧାରଣାରେ ବସିଥିଲେ। ଏହି ପ୍ରସଙ୍ଗରେ ମତ ରଖି ସୋମବାର ଲୋକ ସଭାରେ ବିଜେଡି ନେତା ଭର୍ତ୍ତୃହରି ମହତାବ ସିବିଆଇର କାର୍ଯ୍ୟଧାରାକୁ ନିନ୍ଦା କରି ଏକ ପ୍ରକାର ମମତାଙ୍କୁ ସମର୍ଥନ ଜଣାଇଥିଲେ। ଏଥିରୁ ବିଜେଡି ମମତାଙ୍କୁ ସମର୍ଥନ ଦେଉଥିବା ନେଇ ଚର୍ଚ୍ଚା ହୋଇଥିଲା। ଅନ୍ୟପଟେ ମଙ୍ଗଳବାର ମମତା ଏହି ପ୍ରସଙ୍ଗରେ ମତ ରଖି ତାଙ୍କୁ ବହୁ ବଡ଼ ବଡ଼ ନେତା ସମର୍ଥନ ଦେଉଥିବା କହିଥିଲେ। ଏପରି କି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ତାଙ୍କୁ ସମର୍ଥନ ଦେଇଥିବା ମମତା କହିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ତୃଣମୂଳ କଂଗ୍ରେସର କୌଣସି ନେତା ବର୍ଷେ ହେବ ମୋ ସହ କଥା ହୋଇନାହାନ୍ତି। ସିବିଆଇ ନିରପେକ୍ଷ ଓ ପେସାଦାର ଭାବେ ନିଜର କାର୍ଯ୍ୟ କରୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## 'ରାଜୀବ କୁମାରଙ୍କ ବିରୋଧରେ ...

୧୯୬୮ ଏବଂ ସର୍ବଭାରତୀୟ ସେବା (ଶୃଙ୍ଖଳା ଓ ଅପିଲ୍) ନିୟମାବଳୀ, ୧୯୬୯ର ଉଲ୍ଲଂଘନ ବୋଲି ରାଜ୍ୟ ମୁଖ୍ୟ ସଚିବଙ୍କୁ ପତ୍ର ଲେଖି ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ କହିଛି। ତେଣୁ ଉକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏ ସମ୍ପର୍କରେ ଜଣାଇବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପଶ୍ଚିମବଙ୍ଗ ସରକାରଙ୍କୁ କହିଛି। ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ କୁମାରଙ୍କୁ ଜେରା କରିବା ଲାଗି ସିବିଆଇ ରବିବାର ଉଦ୍ୟମ କରି ବିଫଳ ହୋଇଥିଲା। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ବିରୋଧୀ ରାଜନୈତିକ ଦଳଗୁଡିକ ବିରୋଧରେ ସିବିଆଇକୁ ବ୍ୟବହାର କରୁଥିବା ଅଭିଯୋଗ କରି ମମତା ଧାରଣାରେ ବସିଥିଲେ। ଏହି ଧାରଣାରେ ସାମିଲ ହୋଇ କୁମାର ସର୍ବଭାରତୀୟ ସେବା ନିୟମାବଳୀର ଧାରା ୩(୧), ୫(୧) ଏବଂ ୭ର ଉଲ୍ଲଂଘନ କରିଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଉଲ୍ଲେଖ କରିଛି।

ଧରିତ୍ରୀ DHARITRI
ବୁଧବାର, ୬ ଫେବୃୟାରୀ, ୨୦୧୯



ପୋଲିସ କମିଶନରଙ୍କ ସହ ଜଣେ ମୁଖ୍ୟମନ୍ତ୍ରୀ ଧାରଣାରେ ବସିବା ଭାରତର ଗଣତନ୍ତ୍ର ପ୍ରତି ଦୁର୍ଭାଗ୍ୟଜନକ। ମମତା ବାନାର୍ଜୀ ଜଣେ ସୁପର ଡ୍ରାମା ମାଷ୍ଟର।

-ଗିରିରାଜ ସିଂ, କେନ୍ଦ୍ରମନ୍ତ୍ରୀ



## ସଂକ୍ଷେପରେ

### ଆମେରିକାରେ ଅଟକ ୧୧୭ ଛାତ୍ରଙ୍କୁ ଆଇନଗତ ସହାୟତା

**ନୂଆଦିଲ୍ଲୀ,୫।୨:** ଆମେରିକାରେ ଇମିଗ୍ରେଶନ୍ ଆଇନ ଉଲ୍ଲଂଘନ ଅଭିଯୋଗରେ ଗିରଫ ହୋଇଥିବା ୧୨୯ ଜଣ ଭାରତୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୧୭ ଜଣଙ୍କୁ ଉଚ୍ଚାୟୁକ୍ତଙ୍କ ମାଧ୍ୟମରେ ଆଇନଗତ ସହାୟତା ଯୋଗାଇ ଦିଆଯାଇଛି। ମଙ୍ଗଳବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହା କୁହାଯାଇଛି। ବେଆଇନ ଭାବେ ଆମେରିକାରେ ରହିବା ଲାଗି ଏକ ଜାଲ୍ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିବା ୧୨୯ ଜଣ ଭାରତୀୟ ଛାତ୍ରୀଛାତ୍ରଙ୍କୁ ଗିରଫ କରାଯାଇଥିଲା। ବେଆଇନ ଭାବେ ରହୁଥିବା ବିଦେଶୀଙ୍କୁ ଧରିବା ଲାଗି ହୋମ୍‌ଲ୍ୟାଣ୍ଡ ସିକ୍ୟୁରିଟି ଇନ୍‌ଭେଷ୍ଟିଗେଶନ୍ସ ପକ୍ଷରୁ ଏହି ଜାଲ୍ ଫାର୍ମିଂଟନ ୟୁନିଭର୍ସିଟି ଖୋଲାଯାଇଥିଲା, ଯାହାକୁ ଏବେ ବନ୍ଦ କରିଦିଆଯାଇଛି। ଉକ୍ତ ଛାତ୍ରମାନଙ୍କୁ ଉଚ୍ଚାୟୁକ୍ତଙ୍କ ମାଧ୍ୟମରେ ଆଇନଗତ ସହାୟତା ଯୋଗାଇଦେବା ଲାଗି ନୂଆଦିଲ୍ଲୀ ଆମେରିକା ଦୂତାବାସକୁ ପତ୍ର ଲେଖିଥିଲା। ଏବେ ୧୧୭ ଜଣଙ୍କୁ ଏହି ସହାୟତା ଯୋଗାଇଦେବା ଲାଗି ଅନୁମତି ମିଳିଛି।

### ତାଲିବାନ ଆକ୍ରମଣରେ ୨୧ ନିହତ

**କାବୁଲ,୫।୨:** ଆଫଗାନିସ୍ତାନରେ ସୁରକ୍ଷା ଯବାନଙ୍କୁ ଆତଙ୍କବାଦୀମାନେ ପୁଣି ଟାର୍ଗେଟ୍ କରିଛନ୍ତି। ଉତ୍ତରାଞ୍ଚଳ ବାଗ୍‌ଲାନ୍ ପ୍ରଦେଶ ମାର୍କାଜୀ ଜିଲା ପୋଲିସ ଚେକ୍‌ପୋଷ୍ଟ ଉପରେ ସୋମବାର ରାତିରେ ଆତଙ୍କବାଦୀ ସଙ୍ଗଠନ ତାଲିବାନ ପକ୍ଷରୁ ଆକ୍ରମଣ ହୋଇଛି। ସେଠାରେ ୨ ଘଣ୍ଟା ଧରି ହୋଇଥିବା ଫାଏରିଂରେ ୧୦ ପୋଲିସଙ୍କ ସମେତ ୨୧ଜଣ ପ୍ରାଣ ହରାଇଛନ୍ତି। ୫ ପୋଲିସ ଗୁରୁତର ଆହତ ହୋଇଛନ୍ତି। ତାଲିବାନମାନେ ଉକ୍ତ ଚେକ୍‌ପୋଷ୍ଟରୁ ଅସ୍ତ୍ରଶସ୍ତ୍ର ଲୁଟି ନେଇଛନ୍ତି। ଏହା ପୂର୍ବରୁ ଆତଙ୍କବାଦୀମାନେ ଉତ୍ତରାଞ୍ଚଳ ସାମନଗନ ପ୍ରଦେଶର ଏକ ଗାଁରେ ହିଂସା ଘଟାଇଥିଲେ। ଜଣେ ମହିଳାଙ୍କ ସମେତ ୧୦ଜଣଙ୍କୁ ହତ୍ୟା କରିଥିଲେ।

### ପ୍ୟାରିସ୍ ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ : ୧୦ ଜୀବନ୍ତ ଦଗ୍ଧ



**ପ୍ୟାରିସ୍,୫।୨:** ପ୍ୟାରିସସ୍ଥିତ ଏକ ଆପାର୍ଟମେଣ୍ଟର ୮ ତାଲା କୋଠାରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ୧୦ ମୃତ ହୋଇଛନ୍ତି। ୩୦ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ଉକ୍ତ କୋଠାରେ ନିଆଁ ଲଗାଇ ଦିଆଯାଇଥିବା ପୋଲିସ ସନ୍ଦେହ କରିଛି। ଏ ନେଇ ଉକ୍ତ କୋଠାରେ ରହୁଥିବା ଜଣେ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ନିଆଁ ବଳୟରେ ଫସି ରହିଥିବା କୋଠାର ଉପର ମହଲାରୁ ଲୋକଙ୍କୁ ସୁରକ୍ଷିତ ବାହାରକୁ ଅଣାଯାଇଛି। ପାଖାପାଖି ୨ଶହ ଅଗ୍ନିଶମ କର୍ମଚାରୀଙ୍କ ୫ ଘଣ୍ଟା ଧରି ଆପ୍ରାଣ ଉଦ୍ୟମ ପରେ ନିଆଁକୁ ଆୟତ୍ତ କରାଯାଇଛି।

### ଇତିହାସର ଆଇନାରେ

### ଫେବୃୟାରୀ ୬ର ପ୍ରମୁଖ ଘଟଣା

୧୭୮୮ ଫେବୃୟାରୀ ୬ରେ ମାସାଚୁସେଟ୍ସ ଆମେରିକାର ଷଷ୍ଠ ରାଜ୍ୟର ମାନ୍ୟତା ପାଇଲା। ମାସାଚୁସେଟ୍ସ ହେଉଛି ଆମେରିକାର ଉତ୍ତରପୂର୍ବଭାଗର ସବୁଠୁ ଜନବହୁଳ ରାଜ୍ୟ। ଏହାର ପୂର୍ବଭାଗରେ ଆଟଲାଣ୍ଟିକ୍ ମହାସାଗର, ଦକ୍ଷିଣରେ କନେକ୍ଟିକଟ୍ ରାଜ୍ୟ ଓ ରୋଡ୍ ଆଇଲାଣ୍ଡ, ଉତ୍ତରରେ ନ୍ୟୁ ହାମ୍ପ୍‌ଶାୟର ଏବଂ ପଶ୍ଚିମରେ ନ୍ୟୁୟର୍କ ରହିଛି।

୨୦୧୬ ଫେବୃୟାରୀ ୬ରେ ଦକ୍ଷିଣ ତାଇୱାନ୍‌ରେ ଭୂକମ୍ପ ଯୋଗୁ ୧୧୭ ଲୋକଙ୍କ ପ୍ରାଣହାନି ଘଟିଥିଲା। ଭୂମିକମ୍ପର ତୀବ୍ରତା ଥିଲା ରିକ୍ଟର ସ୍କେଲ୍‌ରେ ୬.୬। ଭୂକମ୍ପର କେନ୍ଦ୍ରସ୍ଥଳ ୨୩ କିଲୋମିଟର ଗଭୀରତାରେ ରହିଥିଲା। ୟଙ୍ଗ୍‌କାଙ୍ଗ୍ ଜିଲାର ୱେଗୁଆନ୍ ଜିନ୍‌ଲଙ୍ଗ ନାମକ ଏକ ଆବାସିକ ଅଟ୍ଟାଳିକା ଭାଙ୍ଗିପଡ଼ିବା ଯୋଗୁ ଅଧିକାଂଶ ଲୋକଙ୍କ ମୃତ୍ୟୁ ଘଟିଥିଲା।

# ମହତ୍ତ୍ୱାକାଂକ୍ଷାରେ ଡେଣା

**କୋଲକାତା,୫।୨**




ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସବୁ ଦଳ ପକ୍ଷରୁ ପ୍ରସ୍ତୁତି ଚାଲିଥିବାବେଳେ କେନ୍ଦ୍ରୀୟ ରାଜନୀତିରେ ପ୍ରମୁଖ ଭୂମିକା ନେବାର ମହତ୍ତ୍ୱାକାଂକ୍ଷା ରଖିଥିବା ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ ସିବିଆଇକୁ ବାହାନା କରି କେନ୍ଦ୍ର ବିରୋଧରେ ରଣହୁଙ୍କାର ଦେଇଛନ୍ତି। ତାଙ୍କ ସରକାରଙ୍କୁ ସିବିଆଇ ମାଧ୍ୟମରେ ଟାର୍ଗେଟ କରାଯାଉଥିବା ଅଭିଯୋଗରେ ମମତା କୋଲକାତାର ମେଟ୍ରୋ ଚ୍ୟାନେଲ ଆଗରେ ଧାରଣା ଦେବା ପରେ ବିରୋଧୀ ଦଳଗୁଡିକ ପକ୍ଷରୁ ତାଙ୍କ ଉପରେ ସମର୍ଥନ ଅଜାଡି ହୋଇପଡିଥିଲା। ଫଳରେ ଦିଦିଙ୍କ ମହତ୍ତ୍ୱାକାଂକ୍ଷାରେ ଡେଣା ଲାଗିଥିବା କୁହାଯାଉଛି।

ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ସିବିଆଇ କୋଲକାତାରେ ପହଞ୍ଚି ପୋଲିସ କମିଶନରଙ୍କ କବାଟ ବାଡେଇବା ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ର ବିରୋଧରେ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ବିରୋଧୀ ରାଜନୈତିକ ଦଳଗୁଡିକୁ ଟାର୍ଗେଟ କରିବା ଲାଗି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ)ର ଦୁରୁପଯୋଗ କରୁଥିବା ଅଭିଯୋଗରେ ମମତା ରବିବାର ସଂଧ୍ୟାରୁ କୋଲକାତା ମେଟ୍ରୋ ଚ୍ୟାନେଲ ଆଗରେ ଧାରଣାରେ ବସିଥିଲେ। ସୁପ୍ରିମକୋର୍ଟଙ୍କ ରାୟ ଆସିବା ପରେ ଗଣତନ୍ତ୍ରର ବିଜୟ ହୋଇଛି କହି ଯଦିଓ ସେ ଧାରଣାରୁ ଓହରିଯାଇଛନ୍ତି ତେବେ ଆସନ୍ତା ୧୩ ଓ ୧୪ରେ ଦିଲ୍ଲୀରେ ଧାରଣା ଦେବେ ବୋଲି ସୂଚନା ଦେଇଛନ୍ତି। ଆସନ୍ତା ସପ୍ତାହରେ ସେ ବିରୋଧୀ ଦଳଗୁଡିକର ବୈଠକ ଡାକିଛନ୍ତି।

ସୂଚନା ଥାଉକି ମେଟ୍ରୋ ଚ୍ୟାନେଲ ମମତାଙ୍କୁ ରାଜ୍ୟରେ ଉଦୀୟମାନ ନେତ୍ରୀ ଭାବେ ପ୍ରତିଷ୍ଠିତ କରାଇବାରେ ସହାୟକ ହୋଇଥିଲା। ସିଙ୍ଗୁର ଜମି ବିବାଦକୁ ନେଇ ମମତା ମେଟ୍ରୋ ଚ୍ୟାନେଲ ସମ୍ମୁଖରେ ୨୬ ଦିନ ଏବଂ ସିଙ୍ଗୁରରେ ୧୪ ଦିନ ଧାରଣାରେ ବସିଥିଲେ। ତାଙ୍କ ଅନଶନ ଫଳରେ ଟାଟା କମ୍ପାନୀ ସିଙ୍ଗୁର ଛାଡି ଚାଲିଯିବାକୁ ବାଧ୍ୟ ହୋଇଥିଲା। ଏହା ପରବର୍ତ୍ତୀ ନିର୍ବାଚନରେ ମମତାଙ୍କ ଦଳ ଦୀର୍ଘ ୩୪ ବର୍ଷର ବାମପନ୍ଥୀ ଶାସନର ଅବସାନ ଘଟାଇ ପଶ୍ଚିମବଙ୍ଗରେ କ୍ଷମତାକୁ ଆସିଥିଲା। ଏବେ ସେ ପୁଣିଥରେ ମେଟ୍ରୋ ଚ୍ୟାନେଲ ଆଗରେ ଧାରଣା ଦେଇ ନିଜକୁ ଜାତୀୟ ରାଜନୀତିରେ ପ୍ରତିଷ୍ଠିତ କରିବା ଲାଗି ଉଦ୍ୟମ କରୁଥିବା ରାଜନୈତିକ ବିଶେଷଜ୍ଞମାନେ କହୁଛନ୍ତି। ଗତ ମାସ ୧୯ ତାରିଖରେ ମମତା କୋଲକାତାରେ ବିରୋଧୀ ଦଳଗୁଡିକର ମେଳି କରିଥିଲେ। କେନ୍ଦ୍ରରେ ଭାଜପାକୁ କ୍ଷମତାଚ୍ୟୁତ କରିବାକୁ ବିରୋଧୀ ଦଳଗୁଡିକ ଚାହୁଁଥିବାରୁ ସେମାନେ ମମତାଙ୍କର ଧାରଣାକୁ ସମର୍ଥନ ଜଣାଇଛନ୍ତି। ଧାରଣା ସ୍ଥଳରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ତଥା ତେଲୁଗୁଦେଶମ୍ ପାର୍ଟି ଅଧ୍ୟକ୍ଷ ଏନ୍.ଚନ୍ଦ୍ରାବାବୁ ନାଇଡୁ, ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଏବଂ ଡିଏମ୍‌କେ ନେତ୍ରୀ କାନିମୋଝି ପହଞ୍ଚି ମମତାଙ୍କୁ ସମର୍ଥନ ଜଣାଇଥିଲେ। ବିରୋଧୀ ଦଳଗୁଡିକୁ ସାଙ୍ଗରେ ନେଇ ମମତା ନରେନ୍ଦ୍ର ମୋଦିଙ୍କୁ ଚାଲେଞ୍ଜ୍ ଦେବା ସହ ଜାତୀୟ ରାଜନୀତିରେ ନିଜର ଉଚ୍ଚତା ବଢ଼ାଇବାକୁ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି। ଚନ୍ଦ୍ରାବାବୁ ଧାରଣାସ୍ଥଳରେ ପହଞ୍ଚି ମମତାଙ୍କୁ ସମର୍ଥନ କରିବା ସହ ତାଙ୍କୁ ସଂଘୀୟ ସାମ୍ମୁଖ୍ୟର ବିନ୍ଧାଣି ଏବଂ ବିରୋଧୀ ମେଣ୍ଟର ମୁଖ୍ୟ ସ୍ତମ୍ଭ ବୋଲି ଅଭିହିତ କରିଛନ୍ତି। ଆଗାମୀ ନିର୍ବାଚନରେ ତୃଣମୂଳ କଂଗ୍ରେସ ପଶ୍ଚିମବଙ୍ଗର ସମସ୍ତ ୪୨ଟି ଲୋକ ସଭା ଆସନରେ ଜିତିବ ବୋଲି ନାଇଡୁ କହିଛନ୍ତି। କେନ୍ଦ୍ର ସରକାର ସିବିଆଇକୁ ଯେଉଁଭଳି ଢଙ୍ଗରେ ବ୍ୟବହାର କରୁଛନ୍ତି ଏହା ଜରୁରୀ ପରସ୍ଥିତି ଭଳି ଅବସ୍ଥା ସୃଷ୍ଟି କରିଛି ଏବଂ ଗଣତନ୍ତ୍ର ପ୍ରତି ବିପଦ ଦେଖାଦେଇଛି ବୋଲି ନାଇଡୁ କହିଛନ୍ତି। ଭାଜପା ମିଛର ଏକ କାରଖାନା ଏବଂ ମୋଦିଜୀ ଏହାର ନିର୍ମାତା ବୋଲି ତେଜସ୍ୱୀ କହିବା ସହ ରାଷ୍ଟ୍ରକୁ ବଞ୍ଚାଇବାକୁ ହେଲେ ଭାଜପା ଏବଂ ମୋଦିଙ୍କୁ ବିତାଡିତ କରିବା ଲାଗି ଆହ୍ୱାନ ଦେଇଛନ୍ତି। ସେହିପରି ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ଏବଂ ସଂରକ୍ଷଣ ଲାଗି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଆହ୍ୱାନ ଦେଇଛନ୍ତି।

- ବହୁ ବିରୋଧୀଙ୍କ ସମର୍ଥନ
- ୧୩ ଓ ୧୪ରେ ଦିଲ୍ଲୀରେ ଧାରଣା
- ମମତା ବିରୋଧୀ ମେଣ୍ଟର ମୁଖ୍ୟ ସ୍ତମ୍ଭ: ଚନ୍ଦ୍ରାବାବୁ
- ମୋଦି ମିଛ କାରଖାନାର ନିର୍ମାତା: ତେଜସ୍ୱୀ

### ନିର୍ବାଚନ ଯାଏ ଭିଏଚ୍‌ପିର ରାମମନ୍ଦିର ପ୍ରଚାର ବନ୍ଦ

**ନୂଆଦିଲ୍ଲୀ,୫।୨(ପି.ଟି.):** ଆଗାମୀ ସାଧାରଣ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ଏହାର ରାମ ମନ୍ଦିର ନିର୍ମାଣ ପ୍ରଚାର ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି। ରାମମନ୍ଦିର ନିର୍ମାଣକୁ ଭିଏଚ୍‌ପି ରାଜନୈତିକ ପ୍ରସଙ୍ଗ କରିବାକୁ ଚାହୁଁ ନ ଥିବା ଏହାର ଅନ୍ତର୍ଜାତୀୟ ଯୁଗ୍ମ ସାଧାରଣ ସମ୍ପାଦକ ସୁରେନ୍ଦ୍ର ଜୈନ କହିଛନ୍ତି। ଅଯୋଧ୍ୟାର ବିବାଦୀୟ ସ୍ଥଳରେ ତୁରନ୍ତ ରାମ ମନ୍ଦିର ନିର୍ମାଣ ଲାଗି ପାର୍ଲାମେଣ୍ଟରେ ଆଇନ ଆଣିବା ପାଇଁ ଗତ କିଛି ମାସ ହେଲା ଭିଏଚ୍‌ପି ଦାବି କରି ଆସୁଥିଲା। ଏଥିପାଇଁ ଦେଶବ୍ୟାପୀ ର୍‍ୟାଲି ଓ ସଭା କରାଯାଇଥିଲା। ନୂଆ ସରକାର ଗଠନ ହେବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ଜୈନ କହିଛନ୍ତି।

## ପୁରୁଲିଆରେ ଗର୍ଜିଲେ ଯୋଗୀ

# ମମତାଙ୍କ ଅରାଜକତା ଚଳିବନି

**ପୁରୁଲିଆ (ପଶ୍ଚିମବଙ୍ଗ),୫।୨**



ପଶ୍ଚିମବଙ୍ଗରେ ଦୁର୍ନୀତି ଚରମସ୍ତରରେ ପହଞ୍ଚିଛି। ରାଜ୍ୟରେ ଗରିବ ଜନସାଧାରଣ ଶୋଷିତ ହୋଇଚାଲିଛନ୍ତି। ଅଥଚ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ସୁରକ୍ଷା ଯୋଗାଇ ଦେବାରେ ବ୍ୟସ୍ତ। ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କୁ ସିବିଆଇ କାର୍ଯ୍ୟାନୁଷ୍ଠାନରୁ ବଞ୍ଚାଇବାକୁ ଯାଇ ମମତା 'ସମ୍ବିଧାନ ବଞ୍ଚାଅ' ଆଳରେ ଧାରଣାରେ ବସିବା ଦୁର୍ଭାଗ୍ୟଜନକ। ଜଣେ କ୍ଷମତାଲୋଭୀ ଅହଙ୍କାରୀ ଶାସକଙ୍କ ଏଭଳି କାର୍ଯ୍ୟକଳାପ ଗଣତନ୍ତ୍ର ପ୍ରତି ବିପଦ। କେନ୍ଦ୍ରରେ ମୋଦି ସରକାରଙ୍କୁ ଘେରିବା ପାଇଁ ବିରୋଧୀ ଦଳମାନଙ୍କ ସହ ମେଳି କରିଥିବା ମମତାଙ୍କ ଏତାଦୃଶ ଅରାଜକତା ଆଉ ଚଳିବନି। ଏଣିକି ଏହାର ଦୃଢ଼ ଜବାବ ଦିଆଯିବ ବୋଲି ମଙ୍ଗଳବାର ପୁରୁଲିଆରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଜନସଭାରେ ମମତାଙ୍କ ଉପରେ ବର୍ଷିଛନ୍ତି। ଦୁର୍ନୀତିଗ୍ରସ୍ତ ପୋଲିସ ଅଧିକାରୀଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ରକ୍ଷାକରିବାକୁ ଯାଇ ମମତା ଅସାମ୍ବିଧାନିକ ଉପାୟ ଅବଲମ୍ବନ କରିଛନ୍ତି। ତାଙ୍କର ଏହି ଅଗଣତାନ୍ତ୍ରିକ ଆଭିମୁଖ୍ୟ ଆଜି ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ କର୍ମଭୂମି ବଙ୍ଗଳା ମାଟିର ଗୌରବକୁ ଶକ୍ତ ଆଘାତ ଦେଇଛି। ରାଜ୍ୟବାସୀଙ୍କୁ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାରୁ ବଞ୍ଚିତ କରିଚାଲିଥିବା ଏଭଳି ଏକ ନୀତିଭ୍ରଷ୍ଟ ସରକାର ଏଠାରେ ତାଙ୍କୁ ରାଲିରୁ ରୋକିବାକୁ ଚକ୍ରାନ୍ତ କରିଥିଲା। ତାଙ୍କ ହେଲିକପ୍ଟର ଅବତରଣକୁ ଅନୁମତି ଦେଇ ନ ଥିଲା। ତାଙ୍କୁ ବାଧ୍ୟହୋଇ ଝାଡ଼ଖଣ୍ଡର ବୋକାରୋ ଯାତ୍ରା କରିବାକୁ ପଡ଼ିଥିଲା। ସେଠାରୁ ସଡ଼କପଥ ଦେଇ ସେ ପୁରୁଲିଆ ଆସି ଜନସଭାରେ ଯୋଗ ଦେଇଥିବା କହିଥିଲେ।

## ଲୋକପାଳ ନିଯୁକ୍ତି ନେଇ ଡ୍ରାଫ୍ଟିଂ କମିଟି ଗଠନ ପ୍ରସ୍ତାବ ପରେ

# ଅନଶନ ଭାଙ୍ଗିଲେ ଆନ୍ନା

**ଅହମ୍ମଦନଗର/ମୁମ୍ବଇ,୫।୨**



ଦୁର୍ନୀତି ଉପରେ ଅଙ୍କୁଶ ଲଗାଇବା ପାଇଁ କେନ୍ଦ୍ରରେ ଲୋକପାଳ ଓ ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ଦାବିରେ ଜାନୁୟାରୀ ୩୦ ତାରିଖରୁ ନିଜ ଭିଟାମାଟି ଗାଁ ରାଲେଗାଁ ସିଦ୍ଧିଠାରେ ଉପବାସ ରହି ଅନଶନରେ ବସିଥିବା ସାମାଜିକ କର୍ମୀ ଆନ୍ନା ହାଜାରେଙ୍କ ଦାବି ସରକାର ଶୁଣିଛନ୍ତି। ଲୋକପାଳ ନିଯୁକ୍ତି ନେଇ ଫେବୃୟାରୀ ୧୩ରେ ଲୋକପାଳ ଚୟନ କମିଟିର ବୈଠକ କରାଯାଇ ଏକ ଡ୍ରାଫ୍ଟିଂ କମିଟି ଗଠନ କରାଯିବାକୁ ପ୍ରସ୍ତାବ ହୋଇଥିବା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନଭିସ୍ ତାଙ୍କୁ ଜଣାଇବା ପରେ ହଜାରେ ଅନଶନ ଭଙ୍ଗ କରିଛନ୍ତି। ଫଡ଼ନଭିସ୍‌ଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ରାଧାମୋହନ ସିଂ, ରାଜ୍ୟ ରକ୍ଷା ମନ୍ତ୍ରୀ ସୁବାଷ ଭାମରେ ଅନଶନସ୍ଥଳ ଗସ୍ତ କରି ଆନ୍ନା ହାଜାରେଙ୍କୁ ଭେଟିଥିଲେ। ତାଙ୍କ ଦାବି ପୂରଣ ନେଇ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ବିଷୟରେ ଜଣାଇଥିଲେ।

## ଫୁରସତ

# ମହିଳାଙ୍କ ମସ୍ତିଷ୍କର ବୟସ ବୃଦ୍ଧି ମନ୍ଥର

**ୱାଶିଂଟନ୍**



ସମବୟସ୍କ ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ମହିଳାଙ୍କ ମସ୍ତିଷ୍କର ବୟସ ବୃଦ୍ଧି ପୁରୁଷଙ୍କ ତୁଳନାରେ ମନ୍ଥର ହୋଇଥାଏ। ଏଥିପାଇଁ ମହିଳାମାନେ ଦୀର୍ଘଦିନ ମାନସିକ ଭାବେ ଦକ୍ଷ ଥାଆନ୍ତି ବୋଲି ଜଣେ ମୂଳ ଭାରତୀୟଙ୍କ ସମେତ ଗବେଷକମାନେ ମତ ଦେଇଛନ୍ତି। ଆମେରିକାର ୱାଶିଂଟନ୍ ୟୁନିଭର୍ସିଟିର ସହଯୋଗୀ ପ୍ରଫେସର ମନୁ ଗୋୟଲ କହନ୍ତି, ସମବୟସର ପୁରୁଷ ଓ ମହିଳାଙ୍କ ମଧ୍ୟରେ ମସ୍ତିଷ୍କର କାର୍ଯ୍ୟକରିବା ଦକ୍ଷତାରେ ପାର୍ଥକ୍ୟ ଦେଖିବାକୁ ମିଳେ। ମସ୍ତିଷ୍କର କାର୍ଯ୍ୟଦକ୍ଷତା ଶର୍କରା ଉପରେ ନିର୍ଭର କରିଥାଏ। ମାନବର ବୟସ ବୃଦ୍ଧି ଘଟିଲେ ଏହା ମାନସିକ ଦକ୍ଷତା ଉପରେ କିପରି ପ୍ରଭାବ ପକାଏ ତାହା ଉପରେ ଅଧ୍ୟୟନ କରାଯାଇଥିଲା। ଏ ସମ୍ପର୍କିତ ବିସ୍ତୃତ ଅଧ୍ୟୟନ ଜର୍ନାଲ ପ୍ରସିଡିଙ୍ଗ୍ସ ଅଫ୍ ଦି ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସେସ୍‌ରେ ପ୍ରକାଶ ପାଇଛି।

# ୨୧୦୦ ବେଳକୁ ନୀଳିମା ହରାଇବ ପୃଥିବୀ



**ନ୍ୟୁୟର୍କ:** ଜଳବାୟୁ ପରିବର୍ତ୍ତନ ଯୋଗୁ ଏକବିଂଶ ଶତାବ୍ଦୀ ଶେଷଭାଗକୁ ପୃଥିବୀର ମହାସାଗରଗୁଡ଼ିକ ନୀଳିମା ହରାଇବେ। ପୃଥିବୀର ଅଧିକାଂଶ ଭାଗ ସମୁଦ୍ର ହୋଇଥିବାରୁ ଆମର ନୀଳ ଗ୍ରହର ରଙ୍ଗ ବଦଳିଯିବ ବୋଲି ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଏମ୍ଆଇଟି)ର ବିଶେଷଜ୍ଞମାନେ ଜାଣିପାରିଛନ୍ତି। ଏକ ଅଧ୍ୟୟନ ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଦ୍ୱାରା ସମୁଦ୍ରରେ ଥିବା ଅତି କ୍ଷୁଦ୍ରପ୍ରାଣୀ–ଫାଇଟୋପ୍ଲାଙ୍କଟନ୍ ଗୁରୁତର ଭାବେ ପ୍ରଭାବିତ ହେଉଛନ୍ତି। ଏହାଦ୍ୱାରା ସମୁଦ୍ରର ରଙ୍ଗ ବଦଳିଯିବ ଏବଂ ପୃଥିବୀର ନୀଳ ଓ ସବୁଜ ଅଞ୍ଚଳ ଗୁରୁତର ଭାବେ ପ୍ରଭାବିତ ହେବ। ଏ ସମ୍ପର୍କରେ ଏମ୍ଆଇଟିର ମୁଖ୍ୟ ଗବେଷକ ଷ୍ଟିଫାନି ଡୁଟ୍‌କିଓ୍ୱିସିଜ୍ କହନ୍ତି, ଏକବିଂଶ ଶତାବ୍ଦୀର ଶେଷଭାଗକୁ ସମୁଦ୍ରର ୫୦% ରଙ୍ଗ ବଦଳିଯିବ । ସମୁଦ୍ରରେ ଫାଇଟୋପ୍ଲାଙ୍କଟନ୍ ହ୍ରାସ ପାଇବା ସହିତ ଏହା ନୀଳିମା ହରାଇବ। ବର୍ତ୍ତମାନ ମେରୁ ନିକଟବର୍ତ୍ତୀ ଯେଉଁ ଅଞ୍ଚଳ ସବୁଜ ବର୍ଣ୍ଣ ଧାରଣ କରିଛି ତାହା ବର୍ଣ୍ଣହୀନ ହୋଇଯିବ।

ଏ ସମ୍ପର୍କିତ ଅଧ୍ୟୟନ ଜର୍ନାଲ ନେଚର କମ୍ୟୁନିକେଶନ୍ସରେ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଜଳବାୟୁ ପରିବର୍ତ୍ତନ ଫାଇଟୋପ୍ଲାଙ୍କଟନ୍‌ର ସୌନ୍ଦର୍ଯ୍ୟକୁ ଧୀରେ ଧୀରେ ନଷ୍ଟ କରିବାରେ ଲାଗିଛି। ଏହି ଧାରା ବଜାୟ ରହିଲେ, ମହାସାଗର ଏବଂ ସର୍ବୋପରି ପୃଥିବୀର ରଙ୍ଗ ବଦଳିଯିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–**ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୫ | ୧୨.୬ |
| ଚାନ୍ଦବାଲି | ୩୧.୫ | ୧୪.୬ |
| କଟକ | ୩୧.୨ | ୧୩.୦ |
| ପାରାଦ୍ୱୀପ | ୨୮.୬ | ୧୫.୬ |
| ଭୁବନେଶ୍ୱର | ୩୧.୬ | ୧୩.୮ |
| ଗୋପାଳପୁର | ୨୯.୫ | ୧୫.୮ |
| ପୁରୀ | ୨୮.୬ | ୧୬.୪ |
| ଅନୁଗୋଳ | ୩୧.୭ | ୧୦.୦ |
| ବାରିପଦା | ୩୧.୦ | ୧୩.୪ |
| ଝାରସୁଗୁଡ଼ା | ୩୧.୪ | ୧୩.୫ |
| କେନ୍ଦୁଝର | ୨୮.୩ | ୧୧.୯ |
| ସମ୍ବଲପୁର | ୩୧.୪ | ୧୩.୫ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୧.୧ | ୧୪.୯ |
| ତାଳଚେର | ୩୧.୪ | ୧୨.୫ |
| ଭବାନୀପାଟଣା | --- | ୧୧.୮ |
| ବଲାଙ୍ଗୀର | ୩୧.୧ | ୧୨.୫ |
| କୋରାପୁଟ | ୨୯.୦ | ୧୧.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୦.୫ |
| ମାଲକାନଗିରି | ୩୩.୬ | ୧୨.୨ |
| ସୋନପୁର | ୩୨.୩ | ୧୧.୨ |
| ଦାରିଙ୍ଗିବାଡ଼ି | ୨୬.୫ | ୧୦.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଜନ୍ମଦିନରେ ଅଭିଷେକଙ୍କୁ ଅଭିନନ୍ଦନର ସୁଅ



**ମୁମ୍ବାଇ:** ବଲିଉଡ ଷ୍ଟାର ଅଭିଷେକ ବଚ୍ଚନ ମଙ୍ଗଳବାର ୪୩ ବର୍ଷରେ ପାଦ ଦେଇଛନ୍ତି। ପତ୍ନୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କଠାରୁ ଆରମ୍ଭ କରି ବନ୍ଧୁ ଜନ୍ ଆବ୍ରାହାମ, ଜେନେଲିଆ ଦେଶମୁଖ୍ ଏବଂ ବଲିଉଡ୍ ସେଲିବ୍ରିଟିଙ୍କ ପର୍ଯ୍ୟନ୍ତ ସମସ୍ତେ ଅଭିଷେକଙ୍କୁ ଟୁଇଟର ମାଧ୍ୟମରେ ଅଭିନନ୍ଦନ ବାର୍ତ୍ତା ପଠାଇଛନ୍ତି। ମେଗାଷ୍ଟାର ଅମିତାଭ ବଚ୍ଚନ ଏବଂ ଅଭିନେତ୍ରୀରୁ ରାଜନେତ୍ରୀ ପାଲଟିଥିବା ଜୟା ବଚ୍ଚନଙ୍କ ପୁତ୍ର ଅଭିଷେକ ୨୦୦୦ରେ ଅଭିନୟ ଜୀବନ ଆରମ୍ଭ କରିଥିଲେ। ପ୍ରଥମେ 'ରିଫ୍ୟୁଜି' ଫିଲ୍ମରେ କରିନା କପୁରଙ୍କ ସହ ଅଭିନୟ କରିବା ପରେ ଆଉ ପଛକୁ ଫେରି ଚାହିଁନାହାନ୍ତି। ଏହା ପରେ ସେ 'ଧୁମ୍', 'ଯୁବା', 'ଗୁରୁ', 'ହାପି ନ୍ୟୁ ଇୟର', 'ସର୍କାର' ଏବଂ 'ଦୋସ୍ତାନା' ଭଳି ଅନେକ ଫିଲ୍ମରେ ଅଭିନୟ କରି ସାରିଲେଣି। ୨୦୧୮ରେ ତାଙ୍କର ଶେଷ ଅଭିନୀତ ଫିଲ୍ମ ହେଉଛି 'ମନ୍‌ମର୍ଜିୟାଂ'। ସ୍ତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଟୁଇଟ୍ କରି ଲେଖିଛନ୍ତି, ଅଲ୍‌ୱେଜ୍ ମାଇଁ ବାବି...ହାପି ବାର୍ଥ ଡେ ବାବି'। ମାଧୁରୀ ଦୀକ୍ଷିତ ନେନେ ଟୁଇଟ୍ କରିଛନ୍ତି, 'ତୁମ ଜନ୍ମଦିନ ଅତି ଶୁଭମୟ ହେଉ।' ଜେନେଲିଆ ଦେଶମୁଖ୍‌ଙ୍କ ଭାଷାରେ, 'ଅଭିଷେକ, ଜନ୍ମଦିନର ଶୁଭେଚ୍ଛା ଜ୍ଞାପନ କରୁଛି।' ଜନ୍ ଆବ୍ରାହାମ: 'ମୋର ପ୍ରିୟତମ ବାବା ଅଭିଷେକ ବଚ୍ଚନଙ୍କୁ ଜନ୍ମଦିନର ଖୁସି।' ସୋନୁ ସୁଦ୍: 'ମୋ ଭାଇଙ୍କୁ ଜନ୍ମଦିନର ଶୁଭେଚ୍ଛା। ତୁମଭଳି କେହି ହୋଇପାରିବେ ନାହିଁ। ମୁଁ ତୁମକୁ ଅଧିକ ଭଲ ପାଉଥିବାରୁ ମୋତେ ଘୃଣା କରିବ।' ଟୁଇଟ୍ କରିଥିବା ଅନ୍ୟ ସେଲିବ୍ରିଟିମାନେ ହେଉଛନ୍ତି ଅଦ୍‌ନାନ୍ ସାମି, ରାଘବ, ମିଲାପ ଜାଭେରି, ଗୋଲ୍‌ଡି ବେହଲ୍, ଅଫତାବ୍ ଶିବଦାସାନୀ ଏବଂ ଅନ୍ୟମାନେ।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710,ଭଦ୍ରକଅଫିସ–(06784)242101,ନୂଆପଡ଼ାଅଫିସ–(06678)223068,ଝାରସୁଗୁଡ଼ାଅଫିସ–(06645)272799,ଦେବଗଡ–9437121562,କେନ୍ଦ୍ରାପଡ଼ାଅଫିସ–06727233825,ପାରଳାଖେମୁଣ୍ଡି–9437140002.

■ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

# 'ଓଡ଼ିଶାରେ ଗବେଷଣା, ଜୈବ ସମାଜ ପରିବର୍ତ୍ତନର ବିସ୍ତୀର୍ଣ୍ଣ ଭିତ୍ତିଭୂମି ରହିଛି'

**କଟକ ଅଫିସ, ୫।୨**

ଦେଶର ବିଜ୍ଞାନର ବିକାଶରେ ଓଡ଼ିଶାର ଯଥେଷ୍ଟ ଅବଦାନ ରହିଛି। ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ବୈଜ୍ଞାନିକମାନେ ମୁଖ୍ୟଭୂମିକା ଗ୍ରହଣ କରୁଛନ୍ତି। ଏପରିକି ଓଡ଼ିଶାରେ ଗବେଷଣା କରିବା ଓ ଜୈବ ସମାଜ ପରିବର୍ତ୍ତନର ବିସ୍ତୀର୍ଣ୍ଣ ଭିତ୍ତିଭୂମି ରହିଛି ବୋଲି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ବାୟୋଟେକ୍ନୋଲୋଜି ବିଭାଗ ସଚିବ ଡ. ରେଣୁ ସ୍ୱରୂପ କହିଛନ୍ତି। ମଙ୍ଗଳବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୧୦ମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଡ. ସ୍ୱରୂପ କହିଲେ, ଏହି ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ଇତିହାସ ରହିଛି। ଜ୍ଞାନ ହିଁ ଶକ୍ତିର ବାର୍ତ୍ତା ଦେଉଥିବା ଏହି ପୁରାତନ ଶିକ୍ଷାନୁଷ୍ଠାନ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଭାରତ ସରକାରଙ୍କ ଡିପାର୍ଟମେଣ୍ଟ ଅଫ୍ ବାୟୋଟେକ୍ନୋଲୋଜ ଓ ଓଡ଼ିଶା ମଧ୍ୟରେ ରହିଥିବା ସମ୍ପର୍କକୁ ଉପସ୍ଥାପନ କରି ସେ କହିଲେ, କୃଷି ବିଜ୍ଞାନ, ସ୍ୱାସ୍ଥ୍ୟସେବା, ଶିଳ୍ପ ଗବେଷଣା କ୍ଷେତ୍ରରେ ଓଡ଼ିଶାରେ ଅନେକ ଅନୁଷ୍ଠାନ କାର୍ଯ୍ୟ କରୁଛି। ଦି ଇନଷ୍ଟିଚ୍ୟୁଟ ଅଫ୍ ଲାଇଫ ସାଇନ୍ସ ୧୬ବର୍ଷ ଧରି ଓଡ଼ିଶାରେ ବାୟୋଟେକ୍ନୋଲୋଜିର ବିକାଶ ଦିଗରେ ସଫଳଭାବେ କାର୍ଯ୍ୟ କରିଚାଲିଛି ବୋଲି ସେ କହିଛନ୍ତି।



ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ୍ ଓ ଅନ୍ୟମାନେ।

ବିଶ୍ୱବିଦ୍ୟାଳୟର ସେଭେନ୍‌ପିଲାର ଅଫ୍ ୱିଜ୍‌ଡମ୍ ଅଡିଟୋରିୟମଠାରେ ଆୟୋଜିତ ଉତ୍ସବରେ ଅଧ୍ୟକ୍ଷତା କରି କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଲେ, ଶିକ୍ଷା କ୍ଷେତ୍ରରେ ଭାରତୀୟମାନେ ବିଶ୍ୱରେ ନୂଆ ପରିଚୟ ପାଇଛନ୍ତି। ଭାରତୀୟଙ୍କ ଦକ୍ଷତାକୁ ନେଇ ସେ କହିଲେ, ମା' ପେଟରେ ଥିବାବେଳେ ମତ୍ସ୍ୟ ଅବତାର, ଜନ୍ମ ହେବା ପରେ ବାମନ ଅବତାର ନେଉଥିବା ଭାରତୀୟମାନେ ଆବଶ୍ୟକ ପଡ଼ିଲେ ନୃସିଂହ ଅବତାର ନେଇଥାନ୍ତି। ବିଜ୍ଞାନର ପଛରେ ଈଶ୍ୱରଙ୍କ ଉପସ୍ଥିତି ରହିଛି। ବିଜ୍ଞାନ ଦ୍ୱାରା ଯେତେ ଉଦ୍ଭାବନ ହେଉ, ବିଜ୍ଞାନ ରଥ ଯେଉଁ ଦିଗକୁ ଯାଉ ନା କାହିଁକି ଏହାର ସାରଥି ଶ୍ରୀଜଗନ୍ନାଥ ବୋଲି ରାଜ୍ୟପାଳ ପ୍ରଫେସର ଲାଲ କହିଥିଲେ।

ଏହି ଅବସରରେ ୩ଜଣଙ୍କୁ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଥିଲା। ଦେଶବିଦେଶରେ ଓଡ଼ିଶା ସଂସ୍କୃତିକୁ ଥିଏଟର ମାଧ୍ୟମରେ ପରିଚୟ ଦେଇଥିବା ଅନନ୍ତ ମହାପାତ୍ର ଓ ପ୍ରତିଷ୍ଠିତ ଐତିହାସିକ ଡ. ନିବେଦିତା ମହାନ୍ତି ଏହି ଉପାଧି ଗ୍ରହଣ କରିଥିବାବେଳେ ପଦ୍ମବିଭୂଷଣ ପ୍ରଫେସର ପ୍ରକାଶ ନାରାୟଣ ଟଣ୍ଡନ ଉତ୍ସବରେ ଯୋଗଦେଇ ପାରି ନ ଥିଲେ। ସେହିପରି ୧୩୮୩ଜଣ ସ୍ନାତକ, ୯୯୬ ସ୍ନାତକୋତ୍ତର, ୨୭୪ ଏମଫିଲ, ୭୮ ପିଏଚ୍‌ଡି ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି। ସ୍ନାତକରେ ୨୯ଜଣ ଓ ସ୍ନାତକୋତ୍ତରରେ ୩୦ ଛାତ୍ରୀଛାତ୍ର ସ୍ୱର୍ଣ୍ଣ ପଦକ ପାଇଥିଲେ। ରେଗୁଲାର ପାଠ୍ୟକ୍ରମରେ ଶ୍ରେଷ୍ଠ ସ୍ନାତକ ସୌର୍ଯ୍ୟା ନାୟକ ଓ ପ୍ରଫେସନାଲ ପାଠ୍ୟକ୍ରମରେ ଶ୍ରେଷ୍ଠ ସ୍ନାତକ ହୋଇଥିବା ବିଟନ ଭଟ୍ଟାଚାର୍ଯ୍ୟଙ୍କୁ ମଧ୍ୟ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ହୋଇଥିବା ମର୍ଯ୍ୟାଦାଜନକ ବୋରାସମ୍ବର-ସେନାପତି ବକ୍ତୃତା ପ୍ରତିଯୋଗିତାର ୩ଜଣ ସଫଳ ପ୍ରତିଯୋଗୀ ବ୍ରିଜିରାଜ ଅଗ୍ରୱାଲ, ଅଭ୍ୟୁକ୍ତା ମିଶ୍ର ଓ ଶ୍ରୀୟା ପ୍ରିୟଦର୍ଶିନୀଙ୍କୁ ମଧ୍ୟ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। କୁଳପତି ପ୍ରଫେସର ଈଶାନ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କୁଳସଚିବ ଅଶୋକ କୁମାର ଦାସ, ସିସିଡ଼ି ପ୍ରଫେସର ସଙ୍ଗୀତା ରଥଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

■ ବିଜ୍ଞାନ ରଥର ସାରଥି ଶ୍ରୀଜଗନ୍ନାଥ: ରାଜ୍ୟପାଳ
■ ୩ଜଣ ପାଇଲେ ଡକ୍ଟରେଟ ଉପାଧି
■ ୨୭୩୧ଜଣଙ୍କୁ ଡିଗ୍ରୀ ଓ ୬୪ଜଣଙ୍କୁ ସ୍ୱର୍ଣ୍ଣ ପଦକ

# ବଧୂହତ୍ୟା ମାମଲା, ଦୋଷୀ ଶାଶୁଙ୍କୁ ୫ବର୍ଷ ଜେଲ

**ବାଲେଶ୍ୱର ଅଫିସ, ୫।୨**

ଏକ ବଧୂହତ୍ୟା ମାମଲାର ବିଚାର କରି ମଙ୍ଗଳବାର ବାଲେଶ୍ୱର ଦ୍ୱିତୀୟ ଦୌରାଜଜ୍ ଦେବାଶିଷ ରାଉତ ଅଭିଯୁକ୍ତ ଶାଶୁଙ୍କୁ ଦୋଷୀଙ୍କୁ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡ ସହ ୬ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଆଉ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଜଜ୍ ୧୦ଜଣ ସାକ୍ଷୀ, ମୃତ୍ୟୁକାଳୀନ ଜବାନବନ୍ଦୀ ଏବଂ ୭ଟି ଦସ୍ତାବିଜ୍‌କୁ ଆଧାର କରି ଏହି ରାୟ ଦେଇଛନ୍ତି।

ନୀଳଗିରି ଥାନା ବାଘମରା ଗ୍ରାମର ଦମୟନ୍ତୀ ସିଂ (୨୫) ଉକ୍ତ ଗ୍ରାମର ବାବୁରାମ ସିଂଙ୍କୁ ପ୍ରେମ ବିବାହ କରିଥିଲେ। ଯୌତୁକ ଦାବି କରି ଶାଶୁ କଟି ସିଂ ବୋହୂ ଦମୟନ୍ତୀଙ୍କୁ ମାରପିଟ୍ କରିବା ସହ ଗାଳିଗୁଲଜ କରି ବାରମ୍ବାର ମାନସିକ ଯନ୍ତ୍ରଣା ଦେଇ ଆସୁଥିଲେ। ଗତ ୨୦୧୫ ଅଗଷ୍ଟ ୩୦ ତାରିଖରେ ଶାଶୁ କଟି ବୋହୂ ଦମୟନ୍ତୀଙ୍କୁ ବାହାରେ କାମ କରି ଟଙ୍କା ଆଣିବା ପାଇଁ ବାଧ୍ୟ କରିଥିଲେ। ଦମୟନ୍ତୀ ଏହାକୁ ଅମାନ୍ୟ କରିବାରୁ ଉକ୍ତ ସନ୍ଧ୍ୟାରେ ଶାଶୁବୋହୂଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଶାଶୁ କଟି ଏଥିରେ ଉତ୍ତକ୍ଷିପ୍ତ ହୋଇ କିରୋସିନ ଢ଼ାଳି ନିଆଁ ଲଗାଇ ଦମୟନ୍ତୀଙ୍କୁ ପୋଡ଼ି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ପଡ଼ୋଶୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ପ୍ରଥମେ ନୀଳଗିରି ମେଡ଼ିକାଲକୁ ଆଣିଥିଲେ। ପରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। କଟକରେ ଚିକିତ୍ସାଧୀନ ଥିବାବେଳେ ଗତ ୨୦୧୫ ସେପ୍ଟେମ୍ବର ୪ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ନୀଳଗିରି ଥାନାରେ ଏକ ମାମଲା (ନଂ.୨୬୩/୧୫) ରୁଜୁ ହୋଇଥିବା ବେଳେ ପୋଲିସ ୪୯୮(କ) ଏବଂ ୩୦୬ ଦଫାରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲା। ବିଚାରପତି ଉକ୍ତ ମାମଲାର ବିଚାର କରି ଭାରତୀୟ ଦଣ୍ଡବିଧି ଆଇନ୍‌ର ୪୯୮(କ) ଏବଂ ୩୦୬ ଦଫା ଅନୁଯାୟୀ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଆଇନ୍‌ଜୀବୀ ଦୀପକ କୁମାର ଦାଶ ମାମଲା ପରିଚାଳନା କରୁଥିଲେ।

# ନବନିର୍ମାଣ କୃଷକ ସଙ୍ଗଠନର ଆନ୍ଦୋଳନ ଆଜି

**ଭୁବନେଶ୍ୱର, ୫।୨ (ବ୍ୟୁରୋ)**

ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଦାବିରେ ନବନିର୍ମାଣ କୃଷକ ସଙ୍ଗଠନ ବୁଧବାର ବିଧାନସଭା ଘେରାଉ ପାଇଁ ଡାକରା ଦେଇଛି। ଏହା ପୂର୍ବରୁ ପୋଲିସ ରାଜଧାନୀର ପ୍ରବେଶ ପଥଗୁଡ଼ିକୁ ସିଲ୍ କରିଛି। ଆନ୍ଦୋଳନ ପୂର୍ବରୁ ସଂଗଠନର ୧୦ ମୁଖ୍ୟ ଚାଷୀ ନେତାଙ୍କୁ ପୋଲିସ ଗିରଫ କରିଛି। ଏଥିସହ ରେଲୱେ ଷ୍ଟେଶନ, ବସ୍‌ଷ୍ଟାଣ୍ଡ ଓ ଜାତୀୟ ରାଜପଥ ଉପରେ କଡ଼ା ନଜର ରଖିଛି। ଯଦି କୌଣସି ଚାଷୀ ଏକତ୍ରିତ ହୋଇ ଆସନ୍ତି ତେବେ ସେମାନଙ୍କୁ ଗିରଫ କରାଯିବା ପାଇଁ ମଧ୍ୟ ନିର୍ଦ୍ଦେଶ ଜାରି ହୋଇଛି। ସହର ଭିତରକୁ ପୂରାଇ ନ ଦେଲେ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ସଂଗଠନ କହିଛି। ଆନ୍ଦୋଳନର ନେତୃତ୍ୱ ନେଉଥିବା ଅକ୍ଷୟ କୁମାରଙ୍କୁ ଗିରଫ କରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି।

ଆନ୍ଦୋଳନକୁ ଦୃଷ୍ଟିରେ ରଖି ମଙ୍ଗଳବାର ଅପରାହ୍ନରେ ଜୋନ୍ ଏସିପି ଓ ଥାନା ଅଧିକାରୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ଉକ୍ତ ବୈଠକରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି, ଡିସିପି ଅନୁପ କୁମାର ସାହୁ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆନ୍ଦୋଳନକୁ ସଫଳ କରାଇ ନ ଦେବା ପାଇଁ ପୋଲିସ ପକ୍ଷରୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଅପରପକ୍ଷରେ ରାଜଧାନୀରେ ପ୍ରାୟ ୩୦ ପ୍ଲାଟୁନ ପୋଲିସ ଫୋର୍ସ, ୫୦ ଅଫିସର ଓ ଟ୍ରାଫିକ ପୋଲିସ ନିୟୋଜିତ ରହିବେ। ଏହାର ଦାୟିତ୍ୱ ନିଜେ ପୋଲିସ କମିଶନର ନେବେ ବୋଲି ଜଣାପଡିଛି। ରାଜଧାନୀର ଷ୍ଟେଶନ, ତମାଣ୍ଡୋ, ହାଇଟେକ୍ ଛକ, ବସ୍‌ଷ୍ଟାଣ୍ଡ, ଲୋୟର ପିଏମ୍‌ଜି ଆଦି ସ୍ଥାନରେ ପୋଲିସ ମୁତୟନ ରହିବେ। ଏପରିକି ଯଦି କୌଣସି ଚାଷୀ ଲୋୟର ପିଏମ୍‌ଜିକୁ ପଳାଇ ଆସନ୍ତି ତେବେ ସେଠାରୁ ଯେଭଳି ଆଗକୁ ଯାଇ ନ ପାରିବେ ତାହାର ମଧ୍ୟ ବ୍ୟବସ୍ଥା କରାଯାଇଛି। ଏହାସହ ରାଜଧାନୀ ମୁଖ୍ୟ ଛକରେ ଲାଗିଥିବା ସିସିଟିଭିର କଣ୍ଟ୍ରୋଲରୁମ୍ ଉପରେ ୪ଜଣ ଅଫିସର କଡ଼ା ନଜର ରଖିବେ। ଯଦି କୌଣସି ସ୍ଥାନରେ ଚାଷୀଙ୍କ ମେଳି ଦେଖାଯାଏ, ତେବେ ତୁରନ୍ତ କଣ୍ଟ୍ରୋଲ ରୁମ୍‌କୁ ଜଣାଇବେ। ଆନ୍ଦୋଳନ ସମୟରେ ଟ୍ରାଫିକ ସମସ୍ୟା ଉପୁଜିବାର ଆଶଙ୍କା ରହିଛି। ତେଣୁ ସକାଳ ୯ଟାରୁ ବଡ଼ ଗାଡି ଗୁଡିକୁ ସହର ଭିତରକୁ ଛଡାଯିବ ନାହିଁ। ସେଗୁଡ଼ିକୁ ପିତାପଲ୍ଲୀରୁ ଚନ୍ଦକା ଅଭିମୁଖେ ଯିବାକୁ ଦିଆଯିବ ବୋଲି ପୋଲିସ କମିଶନର ମହାନ୍ତି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଚାଷୀମାନେ ବିଧାନସଭା ଘେରାଉ ପାଇଁ ଅନୁମତି ମାଗିଥିଲେ, ଯାହାକି ସେମାନଙ୍କୁ ଦିଆଯାଇନାହିଁ। ସେମାନେ ଆଇନ ହାତକୁ ନେବାକୁ ଚେଷ୍ଟା କରୁଛନ୍ତି। ତେଣୁ ସେମାନଙ୍କୁ ସହର ଭିତରକୁ ପୂରାଇ ଦିଆଯିବ ନାହିଁ।

ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି, ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଉଦ୍ୟମ କରାଯାଉଛି। ପୋଲିସ ବିଭିନ୍ନ ସ୍ଥାନରେ କୃଷକଙ୍କୁ ଅଟକାଉଛି। ହେଲେ ସରକାର ଏଥିରେ ସଫଳ ହେବେ ନାହିଁ। ଭୁବନେଶ୍ୱରରେ ସମାବେଶ ହେବ।

■ ରାଜଧାନୀ ପ୍ରବେଶ ପଥ ସିଲ୍
■ ସଙ୍ଗଠନର ୧୦ ମୁଖ୍ୟ ନେତା ଗିରଫ
■ ୩୦ ପ୍ଲାଟୁନ ଫୋର୍ସ ୫୦ ଅଫିସର ମୁତୟନ

# ଚତୁର୍ଦ୍ଦଶ ପାତାଳି ମହୋତ୍ସବ ଉଦ୍‌ଘାଟିତ

**ବୀରମହାରାଜପୁର/ଉଲୁଣ୍ଡା, ୫।୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଅନ୍ତର୍ଗତ କୋଟସମଲାଇସ୍ଥିତ ଐତିହ୍ୟ ସମ୍ପନ୍ନ ପାତାଳି ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଦଶ ପାତାଳି ମହୋତ୍ସବ ଆରମ୍ଭ ହୋଇଛି । ମଙ୍ଗଳବାର ସନ୍ଧ୍ୟାରେ ଜିଲାପାଳ ମଧୁସୂଦନ ମିଶ୍ର ଆସନ୍ତା ୧୨ ତାରିଖ ଯାଏଁ ହେବାକୁ ଥିବା ଏହି ଆଧାତ୍ମିକ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ସମାରୋହରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧକ୍ଷ ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଆରକ୍ଷୀ ଅଧିକ୍ଷକ ଦେବୀ ପ୍ରସାଦ ଦାଶ ସମ୍ମାନୀତ ଅତିଥି ଭାବେ ଯୋଗଦେବା ସହ ସମ୍ବୋଧିତ କରିଥିଲେ। ପାତାଳି କ୍ଷେତ୍ର ଟ୍ରଷ୍ଟର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କ ସଂଯୋଜନା କ୍ରମେ ଆୟୋଜିତ ଉଦ୍‌ଘାଟନୀ ସଭାରେ ସାଧାରଣ ସମ୍ପାଦକ ଉତ୍ତର କୁମାର ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କୋଟସମଲାଇ ହାଇସ୍କୁଲ ଓ ଉପ୍ରା ସ୍କୁଲ, ଖୁଣ୍ଟଲାପାଲି, ବାଘପାଲି, ଦାଦରପାଲି ଓ ହରାଣାପାଲି ଉପ୍ରା ବିଦ୍ୟାଳୟ ତଥା ଜଲୋଏ ଏବଂ ଖୁଣ୍ଟଲାପାଲିସ୍ଥିତ ଅରବିନ୍ଦ ଶିକ୍ଷାକେନ୍ଦ୍ରର ବିଦ୍ୟାର୍ଥୀମାନେ ଅଂଶଗ୍ରହଣ କରିଥିଲେ। ଅତିଥିମାନଙ୍କ ଦ୍ୱାରା ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷକ ଏବଂ କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା । ପାତାଳି ମହୋତ୍ସବର ଶୁଭାରମ୍ଭ ପାଇଁ ସୋମବାର କଳସ ଶୋଭାଯାତ୍ରା ସମ୍ପନ୍ନ ହୋଇଥିବା ବେଳେ ମଙ୍ଗଳବାର ସକାଳଠାରୁ ଛପନ ପ୍ରହର ନାମଯଜ୍ଞ ସହ ପଞ୍ଚକୁଣ୍ଡୀୟ ଘୃତଯଜ୍ଞ ଏବଂ ଭାଗବତ ସପ୍ତାହ ପାରାୟଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏଥି ସକାଶେ ସାଧୁସନ୍ଥମାନଙ୍କର ଆଗମନ ହୋଇଥିବା ବେଳେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ମଧ ଭିଡ ଜମାଇବା ଆରମ୍ଭ କରିଦେଇଛନ୍ତି । ତ୍ରିକୁଠ ପର୍ବତ ମାଳାର ଛଳିଆପାହାଡ ପାଦଦେଶ ଏବେ ଉତ୍ସବ ମୁଖର ହୋଇପଡିଛି ।


ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥି।

# ଧାନକିଣା ବନ୍ଦ ନିର୍ଦ୍ଦେଶ ପରେ ଅଡୁଆ ପରିସ୍ଥିତି

## ମଣ୍ଡିରେ ପଡ଼ିଛି ଧାନ, ସିଏସ୍‌ଓଙ୍କୁ ଭେଟିଲେ ଚାଷୀ

**ବଲାଙ୍ଗୀର ଅଫିସ, ୫।୨**

ଚଳିତ ଖରିଫ ଧାନକିଣା ପ୍ରକ୍ରିୟାକୁ ସୋମବାରଠାରୁ ବନ୍ଦ କରିଦିଆଯାଇଛି। ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପରେ ବଲାଙ୍ଗୀର ଜିଲାରେ ଧାନକିଣା ପ୍ରକ୍ରିୟା ବନ୍ଦ କରି ଦିଆଯାଇଛି। ଅନ୍ୟପକ୍ଷେ ଜିଲାର ବିଭିନ୍ନ ସ୍ଥାନରେ ଚାଷୀଙ୍କ ଶତାଧିକ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଛି । ମଙ୍ଗଳବାର ଲୋଇସିଂହା ବ୍ଲକ ଅନ୍ତର୍ଗତ ରେଙ୍ଗାଲୀ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ରେ ଚାଷୀଙ୍କ ପ୍ରାୟ ୩ଶହ କୁଇଣ୍ଟାଲ ଧାନ ପଡିରହିଛି। ଏପରିସ୍ଥଳେ ପ୍ୟାକ୍ସ ସମ୍ପାଦକ ଧାନ କିଣିବାକୁ ମନା କରିବାରୁ ଚାଷୀମାନେ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଏନେଇ ଲିଖିତ ଅଭିଯୋଗ କରିଥିଲେ । ସେମାନଙ୍କ ଧାନ ତୁରନ୍ତ କିଣାଯିବା ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ ।

ଚାଷୀମାନଙ୍କ କହିବା କଥା ହେଲା ଗତ ୨ ତାରିଖରୁ ସେମାନେ ରେଙ୍ଗାଲୀ ମଣ୍ଡିରେ ବିକ୍ରି କରିବା ପାଇଁ ଧାନ ଆଣି ରଖିଥିଲେ । ତେବେ ମଣ୍ଡିର ଟାର୍ଗେଟ ପୂରଣ ହୋଇଯାଇଛି କହି ପ୍ୟାକ୍ସ ସମ୍ପାଦକ କୁଆଡେ ଧାନ କିଣାଯାଇପାରିବ ନାହିଁ ବୋଲି କହିଥିଲେ । ଏହାବାଦ୍ ୪ ତାରିଖଠାରୁ ଧାନ କିଣିବା ପ୍ରକ୍ରିୟା ବନ୍ଦ ହେବାକୁ ଥିବା ଜଣାଇଥିଲେ। ତେବେ ଚାଷୀଙ୍କ ପାଖରେ ଧାନ ଥିବାବେଳେ ମଣ୍ଡିର ଟାର୍ଗେଟ କିଭଳି ପୂରଣ ହେଲା ବୋଲି ସେମାପେ ପ୍ରଶ୍ନ କରିଥିଲେ ମଧ୍ୟ ଏନେଇ କୌଣସି ସୁଫଳ ନ ମିଳିବାରୁ ତାଲଜୁରୀ ଗ୍ରାମର ଚାଷୀମାନେ ମଙ୍ଗଳବାର ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ)ଙ୍କ କାର୍ଯ୍ୟାଳୟକୁ ଆସିଥିଲେ । ସିଏସ୍‌ଓ ଅଭିରାମ ପ୍ରଧାନଙ୍କୁ ଭେଟି ଅଭିଯୋଗପତ୍ର ଦାଖଲ କରିଥିଲେ। ତେବେ ଧାନକିଣା ପ୍ରକ୍ରିୟା ସମବାୟ ବିଭାଗ ଓ ମଣ୍ଡି ଅଧିନରେ ରହିଥିବାବେଳେ ସେମାନେ ମଣ୍ଡିରେ ଚାଷୀଙ୍କ ଧାନ ଥାଇ କିଭଳି ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଖବର କଲେ ନାହିଁ ବୋଲି କହିଥିଲେ। ଏ ଦିଗରେ ଆଗକୁ କ'ଣ ନିଷ୍ପତ୍ତି ନିଆଯିବ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା ପରେ ସେ କହିପାରିବେ ବୋଲି ଜଣାଇଥିଲେ ।

ମିଳିଥିବା ସୂଚନା ଅନୁଯାୟୀ ଚଳିତ ଖରିଫ ଋତୁରେ ଜିଲାରେ ଚାଷୀଙ୍କଠାରୁ ୨୮ଲକ୍ଷ ୪୮ ହଜାର କୁଇଣ୍ଟାଲ ଧାନ କିଣାଯିବାକୁ ଲକ୍ଷ୍ୟ ରଖାଯାଇଥିଲା । ସୋମବାର ସୁଦ୍ଧା ଜିଲାର ୧୫୬ଟି ମଣ୍ଡି ଜରିଆରେ ୨୭ ଲକ୍ଷ ୮୭ ହଜାର କୁଇଣ୍ଟାଲ ଧାନ କିଣାଯାଇ ସାରିଛି । ଚଳିତବର୍ଷ ଜିଲାର ୩୨ ହଜାର ୬୦୫ ଜଣ ଚାଷୀ ଧାନକିଣା ପ୍ରକିୟାରେ ସାମିଲ ହୋଇ ଧାନ ବିକ୍ରୟ କରିଛନ୍ତି। ଚଳିତବର୍ଷ ଜିଲାରେ ୪୩ ହଜାର ୮୦୦ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ଏବେ ରେଙ୍ଗାଲି ଭଳି ଖପ୍ରାଖୋଲ ବ୍ଲକ୍‌ର ଧଣ୍ଡାମୁଣ୍ଡା, ଲୋଇସିଂହା ବ୍ଲକ୍‌ର ଗଡଶଙ୍କର ଡୁଙ୍ଗୁରିପାଲି, ବଲାଙ୍ଗୀର ବ୍ଲକର ଚନ୍ଦନଭାଟି ପ୍ୟାକ୍ସରେ ମଧ୍ୟ ଚାଷୀଙ୍କ ଧାନ ବିକ୍ରୟ ହେବାକୁ ବାକି ରହିଥିବା ଜଣାପଡିଛି। ଚାଷୀମାନଙ୍କ ଧାନକ୍ରୟ କରାଯାଉନଥିବାରୁ ଆଗକୁ ଅଡୁଆ ପରିସ୍ଥିତି ଉପୁଜିବ ବୋଲି ଜିଲା କୃଷକ ମହାସଂଘ ସଭାପତି ଡା ସୁଧୀର କୁମାର ପରିଚ୍ଛା କହିଛନ୍ତି। ଜିଲାର ୪୦ ପ୍ରତିଶତ ମଣ୍ଡିରେ ଏବେବି ଚାଷୀଙ୍କ ଧାନ ବିକ୍ରୟ ହେବାକୁ ରହିଥିବାବେଳେ ଟାର୍ଗେଟ ପୂରଣ ହୋଇଯାଇଛି କହି ଚାଷୀଙ୍କ ଧାନ କ୍ରୟ କରାନଯିବା ଦୁର୍ଭାଗ୍ୟଜନକ ବୋଲି ପରିଚ୍ଛା କହିଛନ୍ତି । ଚାଷୀଙ୍କ ଧାନକିଣା ନଗଲେ ଆଗକୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି ।



ଜିଲା ଯୋଗାଣ ଅଧିକାରୀଙ୍କ ଅଫିସକୁ ଆସିଥିବା ରେଙ୍ଗାଲି ପ୍ୟାକ୍ସ ଅନ୍ତର୍ଗତ ଗାଁର ଚାଷୀମାନେ (ଉପର)। ରେଙ୍ଗାଲି ପ୍ୟାକ୍ସରେ ବିକ୍ରୟ ଉଦ୍ଦେଶ୍ୟରେ ପଡିରହିଥିବା ଚାଷୀଙ୍କ ଧାନ ।

ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

JOB-REQUIRED
Female- OFFICE ASSISTANT
Education: Minimum Matric Pass
INTERVIEW DATE:
07 Feb & 11 Feb 2019
SHIVAM Corporation, Op. Shree Hospital, Lewis Road (BBSR)
8580119287

URGENTLY REQUIRED
Air Conditioner Technicians
(5-6 years experience)
For Cool Zone, BBSR
Call on- 9437171294

REQUIRED
Full time SALES PERSON for Non-woven Bags
Bhubaneswar & Cuttack
Salary + Incentives (Negotiable)
Aged Between 25-35 (Male)
Must have 2 Wheeler
Sd./- Addl. Dist. Magistrate, Balangir

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମ୍ବଲପୁର**

ଇସ୍ତାହାର ସଂଖ୍ୟା: ୬୩୧ ତାରିଖ: ୦୫।୦୨।୧୯

ଏତଦ୍ଦ୍ୱାରା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ପ୍ରକାଶ କରାଯାଉଅଛି କି ନିମ୍ନରେ ଦିଆଯାଇଥିବା ଶିଶୁଦ୍ୱୟଙ୍କୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରାଯାଇ ଶିଶୁ କଲ୍ୟାଣ ସମିତି, ସମ୍ବଲପୁରର ନିର୍ଦ୍ଦେଶନାମା ଅନୁସାରେ ସ୍ୱତନ୍ତ୍ର ପୋଷ୍ୟସନ୍ତାନ ଗ୍ରହଣ ସଂସ୍ଥା, ରୁକ୍ମଣୀଲାଠ ବାଳନିକେତନ, ଛଚାନପାଲି, ସମ୍ବଲପୁର, ଶିଶୁଗୃହରେ ସୁରକ୍ଷିତ ଭାବରେ ଥଇଥାନ କରାଯାଇଅଛି। ଉକ୍ତ ଶିଶୁଦ୍ୱୟର ଯଦି କେହି ଜନ୍ମିତ ପିତାମାତା ତଥା ଆଇନଗତ ଅଭିଭାବକ ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶନ ହେବାର ୩୦ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମ୍ବଲପୁର, ଫୋନ ନମ୍ବର: ୦୬୬୩-୨୪୧୨୯୧୪ ଓ ଶିଶୁଗୃହ ପ୍ରବନ୍ଧକ, ରୁକ୍ମଣୀଲାଠ ବାଳନିକେତନ, ଛଚାନପାଲି, ସମ୍ବଲପୁର, ଫୋନ ନମ୍ବର- ୯୦୯୦୧୬୯୮୮୨ରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଦ୍ୱୟଙ୍କୁ ପୋଷ୍ୟ ସନ୍ତାନ ଅଧିନିୟମ ୨୦୧୭ ଅନୁଯାୟୀ ପୋଷ୍ୟ ଯୋଗ୍ୟ ବୋଲି ବିବେଚିତ କରାଯିବ।

| କ୍ର.ନଂ. | ନାମ | ଲିଙ୍ଗ | ଆନୁମାନିକ ଜନ୍ମ ତାରିଖ | ଉଦ୍ଧାର ସ୍ଥାନ | ଫଟୋ |
|---|---|---|---|---|---|
| ୧ | ଶଙ୍କର | ପୁଅ | ୦୨।୦୭।୨୦୧୮ | ସିରିଡ, କୁଚିଣ୍ଡା |  |
| ୨ | ଓମକାର | ପୁଅ | ୦୫।୦୮।୨୦୧୮ | ନିକଟସ୍ଥ ବିକାଶ ସ୍କୁଲ, ଅଇଁଠାପାଲି, ସମ୍ବଲପୁର |  |

ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମ୍ବଲପୁର

**ବଣ୍ଡା ଉନ୍ନୟନ ସଂସ୍ଥା, ମୁଦୁଲିପଡ଼ା**
**BONDA DEVELOPMENT AGENCY, MUDULIPADA**
At/PO: Mudulipada, Malkangiri, Pin: 764046 (Odisha),
E-mail: bdamudulipada@gmail.com

**Re-Tender Call Notice No. 03/2018-19 dt. 01.02.2019**

The Project Leader, BDA, Mudulipada on behalf of Governor of Odisha invites item wise Rate bids for the type of works given in the table, from the eligible contractors of (B Class/C Class/D Class) or equivalent range. The details of tender documents, terms & condition can be available on the website **www.malkangiri.nic.in.**

| | |
|---|---|
| Name/Type of work | 1. Const. of 100 seated hostel building at Boys education complex, Mundiguda<br>2. Const. of minor bridge at pindajangar on kitchapada road<br>3. Cost. of minor bridge at pindajangar (Nuagaon)<br>4. Cost. of 2 Nos. of check dam at sonuguda<br>5. Cost. of check dam at Goiguda |
| No. of works | 05 |
| Estimated cost | As laid down in the DTCN |
| Amount put to Tender | As laid down in the DTCN |
| Tender paper cost | As laid down in the DTCN |
| E.M.D. Amount Required | 1% of the Amount put to tender (As laid down in the DTCN) |
| Period of completion | 06, 09 months (Six, Nine calendar months) (As laid down in the DTCN for each work |
| Date & time of Tender paper sale | From 04.02.19 to 18.02.19 upto 4.00 PM only working day. |
| Last date/time for receipt of tender paper by R.P | Till 21.02.19 upto 5.00 PM |
| Date of opening of Tender | 22.02.2019 (At 11.00 AM) |
| Further details can be seen from the postal www.malkangiri.nic.in. | |

Project Leader, BDA,Mudulipada

See Career Appointment on every Wednesday & Saturday

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**NORTH EASTERN RURAL WORKS CIRCLE, KEONJHAR**
Tel. 06766-258301(O), email: se_nerwkjr@rediffmail.com

**"e" Procurement Notice for Road Works**
Identification No. Road Online NCB No. 256
No. 510 / Date:02-02-2019

1. Name of the work :- Road Works under OMBADC in the District of Keonjhar.
2. Estimated Cost :- As per Annexure in NIT.
3. Class of Contractor (Eligible) :- As per Annexure in NIT.
4. Period of Completion :- As per Annexure in NIT.
5. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | Road Online NCB No. 256 | Dt.07.02.19 at 11.00AM | Dt.22.02.19 upto 3.00PM | Dt.21.02.19 upto 3.00PM | Dt.27.02.19 at 11.00AM | Dt.02.03.19 at 11.00AM |

• Further details can be seen from the website: www.tendersorissa.gov.in

Sd./- Superintending Engineer
N.E.R.W. Circle, Keonjhar
25048/11/0051/1819
1578-O

**GOVERNMENT OF ODISHA**
**OFFICE OF EXECUTIVE ENGINEER**
**KALAHANDI MINOR IRRIGATION DIVISION, BHAWANIPATNA**
Ph:- 06670-230755, e-mail- eemikld@rediffmail.com
No. / 216/ MIKLD / Dt. 02.02.2019/

**e-Procurement Notice**
Bid Identification No. on line kldmi- 03/2018-19

**No. 1227-A:-** Bid documents consisting of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

1. Name of the work :- Civil construction works
2. No of Works :- 73 (Seventy three)Nos.
3. Estimated cost :- Varies from Rs. 10.91 lakh to Rs. 71.60 lakhs (Approximately)
4. Period of completion :- Two to Four Calendar months
5. Date and Time of availability of bid documents in the portal :- From 11.02.19 (10.00 AM) to 25.02.19 (5.00 PM)
6. Last date / time of receipt of bids in the portal :- 25.02.2019 (5.00 PM)
7. Date of opening of Bid :- 26.02.2019 at 11.00 AM onwards
8. Name and address of the OIT :- Executive Engineer, Kalahandi Minor Irrigation Division, Bhawanipatna
9. Mode of payment of Bid Cost & Bid security :- Online
10. Date of transparent lottery if cases arise :- 13.03.2019 at 11.00 AM onwards

** Further details can be seen from the e-Procurement market place http://tendersodisha.gov.in

Sd./- A K Patel, Executive Engineer
Kalahandi M.I. Division, Bhawanipatna
32035/11/0004/1819



ଭାରତ ବିପକ୍ଷ ଦିନିକିଆ ସିରିଜରେ ପରାଜିତ ହୋଇସାରିଛୁ। ଦଳରେ କେତେକ ପରିବର୍ତ୍ତନ ଦ୍ୱାରା ଟି୨୦ ସିରିଜରେ ଆମେ ଭଲ ପ୍ରଦର୍ଶନ ଆଶା ରଖିଛୁ।
–କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ ଅଧିନାୟକ



ଭାରତୀୟ ଦିନିକିଆ ଦଳରେ ଜଣେ ଫିଙ୍ଗର ସ୍ପିନର ଭାବେ ସ୍ଥାନ ପାଇବାକୁ ହେଲେ ରବୀନ୍ଦ୍ର ଜାଡେଜାଙ୍କୁ ତାଙ୍କ ସ୍ପିନ୍ ବୋଲିଂରେ ଉନ୍ନତି ଆଣିବାକୁ ପଡ଼ିବ।
–ହରଭଜନ ସିଂ, ସିନିୟର ଅଫ୍ ସ୍ପିନର

## ସଂକ୍ଷେପରେ

### ସିନିୟର ମହିଳା କ୍ରିକେଟ ଚୟନ ଶିବିର ୮ରୁ

**କଟକ ଅଫିସ,୫।୨:** ପୁଡୁଚେରୀରେ ଫେବୃୟାରୀ ୨୦ରୁ ଆରମ୍ଭ ହେବାକୁ ଥିବା ସିନିୟର ମହିଳା ଟି୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ରାଜ୍ୟ ଦଳର ଚୟନ ଓ ପ୍ରସ୍ତୁତି ଶିବିର ୭ ତାରିଖରୁ ଆରମ୍ଭ ହେବ। ଏଥି ନିମନ୍ତେ ମଙ୍ଗଳବାର ୨୩ ଜଣିଆ ତାଲିକା ଘୋଷଣା କରାଯାଇଛି। ୮ ତାରିଖଠାରୁ ଏସ୍‌ସିବି ମେଡ଼ିକାଲ ଗ୍ରାଉଣ୍ଡରେ ଅଭ୍ୟାସ ମ୍ୟାଚ୍ ଖେଳାଯିବ ବୋଲି ଓସିଏ ପକ୍ଷରୁ କୁହାଯାଇଛି। ତାଲିକାରେ ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ, ଅଞ୍ଜଳି ସିଂ, ରାଜଶ୍ରୀ ସ୍ୱାଇଁ, ରାଣୀ ଟୁଡୁ, ରୀମାଲକ୍ଷ୍ମୀ ଏକ୍କା, ସୁମିତ୍ରା ସାହୁ, କାଜଲ ଜେନା, ଲୁଇସା ଦାସ, ବର୍ଷାରାଣୀ ସିଂ, ରାମେଶ୍ୱରୀ ନାୟକ, ଇନ୍ଦ୍ରାଣି ଛତ୍ରିଆ, ମଧୁସ୍ମିତା ବେହେରା, ବନଲତା ମଲିକ, ଶିଲ୍ପା ସ୍ୱାଇଁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ, ସୁଜାତା ମଲିକ, ପ୍ରଜ୍ଞା ପରମିତା ମହାନ୍ତି, ସରିତା ମେହେର, ମାଧୁରୀ ମେହେତା, ରୋସନାରା ପରବିନ, ସସ୍ମିତା ମହାଲିକ, ପୂର୍ଣ୍ଣିମା ରାୟ, ରିତୁ ସିଂ ପ୍ରମୁଖ ସ୍ଥାନ ପାଇଛନ୍ତି।

### ଅଲ୍ ଓଡ଼ିଶା ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ

**ଭୁବନେଶ୍ୱର, ୫।୨(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ ସେକ୍ରେଟାରିଏଟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ(ଓଏସ୍‌ଏସ୍‌ବିଏ) ଆନୁକୂଲ୍ୟରେ ଅଲ୍ ଓଡ଼ିଶା ର୍‍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୮ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଶହୀଦ ନଗରସ୍ଥିତ ସାଇ ରିଜିଓନାଲ ବ୍ୟାଡ୍‌ମିଣ୍ଟନ ଏକାଡେମୀ ପରିସରରେ ଏହି ପ୍ରତିଯୋଗିତା ଜୁନିୟର ବାଳକ (୧୭ ଓ ୧୯ ବର୍ଷରୁ କମ୍), ମହିଳା ଓପନ ଏବଂ ପୁରୁଷ ଡବଲ୍ସ କାଟେଗୋରିରେ ଆୟୋଜିତ ହେବ। ଏହି ଅବସରରେ ଶଟଲ-୨୦୧୯ ସ୍ମରଣିକା ଉନ୍ମୋଚନ ହେବାର କାର୍ଯ୍ୟକ୍ରମ ରହିଛି। ପ୍ରତିଯୋଗିତାରେ ମୋଟ ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ଏବଂ ଏଥିପାଇଁ ମୋଟ ୪୩,୦୦୦ ଟଙ୍କାର ପୁରସ୍କାର ରାଶି ରଖା ଯାଇଛି ବୋଲି ଓଏସ୍‌ଏସ୍‌ବିଏର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ରାଉତ ଜଣାଇଛନ୍ତି।

### ହ୍ୟାଟ୍ରିକ ଛକାରେ ହାର୍ଦ୍ଦିକଙ୍କ ରେକର୍ଡ

**ନୂଆଦିଲ୍ଲୀ,୫।୨:** ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଜଣେ ଦକ୍ଷ ବିସ୍ଫୋରକ ବ୍ୟାଟ୍ସମ୍ୟାନ। ନିମ୍ନକ୍ରମରେ ବ୍ୟାଟିଂ କରୁଥିଲେ ମଧ ତାଙ୍କ ନାମରେ ଏକ ବିରଳ ରେକର୍ଡ ରହିଛି। ଖୁବକମ୍ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳି ସର୍ବାଧିକ ଥର ହ୍ୟାଟ୍ରିକ ଛକା ଲଗାଇବାରେ ସେ ରେକର୍ଡ କରିଛନ୍ତି। ୨୫ ବର୍ଷୀୟ କ୍ରିକେଟର ଏପର୍ଯ୍ୟନ୍ତ ଅନ୍ତର୍ଜାତୀୟ କ୍ରିକେଟରେ ୫ ଥର ହ୍ୟାଟ୍ରିକ ଛକା ମାରିସାରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ଦିନିକିଆରେ ସ୍ପିନର ଟଡ ଆସଲେଙ୍କ ୩ ବଲରେ ସେ କ୍ରମାଗତ ଛକା ଲଗାଇ ହାର୍ଦ୍ଦିକ ଏହି ସଫଳତା ପାଇଛନ୍ତି। ଏଥିପୂର୍ବରୁ ସେ ୨୦୧୭ ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନର ଇମାଦ ୱାସିମ ଓ ଶାଦାବ ଖାଁ, ଅଷ୍ଟ୍ରେଲିଆର ଆଡାମ ଝାମ୍ପାଙ୍କୁ ହ୍ୟାଟ୍ରିକ ଛକା ଲଗାଇ ସାରିଛନ୍ତି। ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ମାଲିନ୍ଦା ପୁଷ୍ପକୁମାରଙ୍କ ଓଭରରେ ଲଗାତାର ୩ ଛକା ଲଗାଇ ଥିଲେ।

# ଆଜିଠାରୁ ଟି୨୦: ପନ୍ତଙ୍କ ଉପରେ ନଜର

**ୱେଲିଂଟନ,୫।୨(ପି.ଟି.)**

ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ଭାରତ ମଧ୍ୟରେ ବୁଧବାରଠାରୁ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଆରମ୍ଭ ହେବ। ଇଂଲଣ୍ଡରେ ମେ'ରୁ ଜୁଲାଇ ମଧ୍ୟରେ ଦିନିକିଆ ବିଶ୍ୱକପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଏହି ମେଗା ଇଭେଣ୍ଟର ଅବଗଣନା ଆରମ୍ଭ ହୋଇଛି। ଫଳରେ ଉଭୟ ଦଳ ପାଇଁ ଏହି ସିରିଜ ବିଶେଷଭାବେ ଗୁରୁତ୍ୱବହନ କରୁଛି। ସ୍ଥାନୀୟ ୱେଷ୍ଟପ୍ୟାକ୍ ଷ୍ଟାଡିୟମରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ। ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ, ଦିନିକିଆ ସିରିଜ ବିଜୟ ପରେ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜକୁ ୪–୧ରେ ହାତେଇଛି। ନ୍ୟୁଜିଲାଣ୍ଡ ମାଟିରେ ଏହା ଭାରତ ପାଇଁ ସର୍ବବୃହତ୍ ସିରିଜ ବିଜୟ ସାବ୍ୟସ୍ତ ହୋଇଛି। କ୍ରମାଗତ ସିରିଜ ବିଜୟ ସହ ଭାରତର ଆତ୍ମବିଶ୍ୱାସ ଜବରଦସ୍ତ ରହିଛି। ନ୍ୟୁଜିଲାଣ୍ଡରେ ପ୍ରଥମଥର ପାଇଁ ଟି୨୦ ସିରିଜ ଜିତିବା ସହ ଭାରତ ସ୍ୱଦେଶ ଫେରିବା ଲକ୍ଷ୍ୟରେ ରହିଛି। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ କାରଣରୁ ଅଧିନାୟକ ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇଛି। ଫଳରେ ତାଙ୍କ ଅନୁପସ୍ଥିତିରେ ରୋହିତ ଶର୍ମା ଦଳର ନେତୃତ୍ୱ ନେବେ।

ବିଶ୍ୱକପ୍ ପାଇଁ ଅନ୍ତିମ ୧୫ ଜଣିଆ ଦଳ ଚୟନ କରିବା ଏବେ ଚୟନକର୍ତ୍ତା ପାଇଁ ଏକ ବଡ଼ ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି। ଫଳରେ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଗତ ଦିନିକିଆ ସିରିଜ ଖେଳି ନ ଥିଲେ ମଧ ପନ୍ତଙ୍କ ପାଇଁ ଏହି ଟି୨୦ ସିରିଜ ଏକ ବଡ଼ ସୁଯୋଗ ସୃଷ୍ଟି କରିଛି। ଏହି ସିରିଜର ପ୍ରଦର୍ଶନ ଉପରେ ପନ୍ତ ବିଶ୍ୱକପ୍ ଖେଳିବା ନିର୍ଭର କରୁଛି। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ଗତ ଜୁଲାଇରେ ଶେଷଥର ପାଇଁ ଟି୨୦ ଖେଳିଥିଲେ। ଗତବର୍ଷ ସେ ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ମ୍ୟାଚ୍ ଖେଳି ନ ଥିଲେ। ଦୀର୍ଘ ଦିନ ପରେ ଟି୨୦ ଫର୍ମାଟକୁ ଫେରିଥିବାରୁ ଧୋନୀ କିଭଳି ପ୍ରଦର୍ଶନ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ପୁଣି ଦୀନେଶ କାର୍ତ୍ତିକଙ୍କ ପାଇଁ ମଧ ଏହି ସିରିଜ ସୁଯୋଗ ସୃଷ୍ଟି କରିଛି। ଜଣେ ଭଲ ଫିନିଶର ଭାବେ ନିଜକୁ ପ୍ରମାଣିତ କରିଥିବା କାର୍ତ୍ତିକ ଏପର୍ଯ୍ୟନ୍ତ ଜଣେ ଉପଯୋଗୀ ଷ୍ଟାର୍ଟର ଭାବେ ପରିଚୟ ସୃଷ୍ଟି କରିପାରିନାହାନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ଦିନିକିଆରେ ୯୦ ରନର ଧୈର୍ଯ୍ୟପୂର୍ଣ୍ଣ ଉପଯୋଗୀ ପାଳି ଖେଳି ମିଡିଲ ଅର୍ଡରରେ ନିଜ ସ୍ଥାନ ପକ୍କା କରିଛନ୍ତି। ଅବଶ୍ୟ ପ୍ରତିଭାସମ୍ପନ୍ନ ୧୯ ବର୍ଷୀୟ ବ୍ୟାଟ୍ସମ୍ୟାନ ଶୁବମନ ଗିଲ ନିଜ ଡେବ୍ୟୁ ଦିନିକିଆ ସିରିଜ୍‌ରେ ଆଶାନୁରୂପ ପ୍ରଦର୍ଶନ କରିପାରିନାହାନ୍ତି। କୋହଲିଙ୍କ ଅନୁପସ୍ଥିତିରେ ଶୁବମନ ୩ ନମ୍ବରରେ ବ୍ୟାଟିଂ ପୁଣି କରିବାର ସମ୍ଭାବନା ରହିଛି। ପନ୍ତଙ୍କୁ ବାଦ୍ ଦେଲେ ଦଳରେ ଯୋଗ ଦେଇଥିବା ସ୍ପିନ୍ ଅଲରାଉଣ୍ଡର ହେଲେ କ୍ରୁନାଲ ପାଣ୍ଡ୍ୟା ଓ ପଞ୍ଜାବ ଦ୍ରୁତ ବୋଲର ସିଦ୍ଧାର୍ଥ କାଉଲ। ଯଶପ୍ରୀତ ବୁମ୍‌ରାଙ୍କ ଭଳି ଅଭିଜ୍ଞ ବୋଲରଙ୍କ ଅନୁପସ୍ଥିତିରେ ମହମ୍ମଦ ସିରାଜ ଓ ଖଲିଲ ଅହମ୍ମଦ ଏପର୍ଯ୍ୟନ୍ତ ପ୍ରଭାବି ପ୍ରଦର୍ଶନ କରିପାରି ନାହାନ୍ତି। ଫଳରେ ଏହି ସିରିଜ ମଧ ଏହି ଦୁଇ ଦ୍ରୁତ ବୋଲରଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ଅଭିଜ୍ଞ ଓପନର ଶିଖର ଧାୱନ ନ୍ୟୁଜିଲାଣ୍ଡ ବିପକ୍ଷ ଗତ ୩ଟି ଦିନିକିଆ ସିରିଜରେ ଭଲ ପ୍ରଦର୍ଶନ କରିନାହାନ୍ତି। ତେଣୁ ସେ ଟି୨୦ ସିରିଜରେ ଭଲ ଖେଳିବାକୁ ବ୍ୟଗ୍ର ଥିବେ। ପେସ୍ ଓ ସୁଇଙ୍ଗ୍ ବଲକୁ ସାମ୍ନା କରିବା ପାଇଁ ଧାୱନ ଟେନିସ୍ ବଲ୍‌ରେ ଅଭ୍ୟାସ କରୁଥିବାର ଦେଖାଯାଇଛି।

ଅପରପକ୍ଷରେ ୧–୪ରେ ଦିନିକିଆ ସିରିଜ ହାରିଥିବାରୁ ନ୍ୟୁଜିଲାଣ୍ଡ ଟି୨୦ ସିରିଜ ଜିତିବା ପାଇଁ ସବୁମତେ ଚେଷ୍ଟା କରିବେ। ଅବଶ୍ୟ ଟି୨୦ ପ୍ରଦର୍ଶନ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ନ୍ୟୁଜିଲାଣ୍ଡ ଭାରତଠାରୁ ପାଦେ ଆଗରେ ରହିବ। ନ୍ୟୁଜିଲାଣ୍ଡରେ ୨୦୦୮–୦୯ରେ ଖେଳାଯାଇଥିବା ଏକମାତ୍ର ଟି୨୦ ସିରିଜରେ ଭାରତ ୨–୦ରେ ପରାସ୍ତ ହୋଇଥିଲା। ଏହାପରେ ୨୦୧୨ରେ ଖେଳାଯାଇଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ୧–୦ରେ ଭାରତକୁ ହରାଇଥିଲା। ତେବେ ୨୦୧୭–୧୮ରେ ଘରୋଇ ଭାରତ ୨–୧ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। ୱେଷ୍ଟପାକ୍ ଷ୍ଟାଡିୟମରେ ବଲ୍ ପ୍ରଥମେ ସୁଇଙ୍ଗ୍ କରିବ। ଅନ୍ତିମ ଦିନିକିଆରେ ନ୍ୟୁଜିଲାଣ୍ଡ ଏହାର ଫାଇଦା ଉଠାଇ ଭାରତୀୟ ଟପ୍ ଅର୍ଡରର ବିପର୍ଯ୍ୟୟ ଘଟାଇଥିଲା। ତେବେ ମୁଖ୍ୟ ବୋଲର ଟ୍ରେଣ୍ଟ ବୋଲ୍ଟଙ୍କୁ ବିଶ୍ରାମ ଦିଆଯାଇଥିବାରୁ ଭାରତର ସୁବିଧାଜନକ ସ୍ଥିତି ସୃଷ୍ଟି ହୋଇଛି। ନ୍ୟୁଜିଲାଣ୍ଡ ତରଫରୁ ଅଲରାଉଣ୍ଡର ଡାରିଲ ମିଚେଲ ଓ ଦ୍ରୁତ ବୋଲର ବ୍ଲେୟାର ଟିକନର ଡବ୍ୟୁ କରିବେ।



ମହେନ୍ଦ୍ର ସିଂ ଧୋନୀ ଓ ରିଷଭ ପନ୍ତ।

| ଭାରତୀୟ ଦଳ | ନ୍ୟୁଜିଲାଣ୍ଡ ଦଳ |
|---|---|
| ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ, ରିଷଭ ପନ୍ତ, ଦୀନେଶ କାର୍ତ୍ତିକ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ, କ୍ରୁନାଲ ପାଣ୍ଡ୍ୟା, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଭୁବନେଶ୍ୱର କୁମାର, ସିଦ୍ଧାର୍ଥ କାଉଲ, ଖଲିଲ ଅହମ୍ମଦ, ଶୁବମନ ଗିଲ, ବିଜୟ ଶଙ୍କର, ହାର୍ଦ୍ଦିକ ପାଣ୍ଡ୍ୟା ଓ ମହମ୍ମଦ ସିରାଜ। | କେନ୍ ୱିଲିୟମସନ (ଅଧିନାୟକ), ଡଗ୍ ବ୍ରାସ୍‌ୱେଲ, କଲିନ୍ ଡି ଗ୍ରାଣ୍ଡହୋମ, ଲୋକି ଫର୍ଗୁଶନ, ସ୍କଟ୍ କୁଗେଲେଜିନ, କଲିନ୍ ମୁନ୍‌ରୋ, ଡାରିଲ ମିଚେଲ, ମିଚେଲ ସାଣ୍ଟନର, ଟିମ ସିଫର୍ଟ, ଇଶ୍ ସୋଧୀ, ଟିମ୍ ସୌଦି, ରସ୍ ଟେଲର, ବ୍ଲେୟାର |

**ସମୟ: ଅପରାହ୍ନ ୧୨.୩୦**
**ସ୍ଥାନ: ୱେଲିଂଟନ, ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ**

### ୨୦୨୩ ହକି ବିଶ୍ୱକପ୍ ଆୟୋଜନ ଦୌଡ଼ରେ ଭାରତ

**ଲାଉସାନେ, ୫।୨ (ପି.ଟି.):** ୨୦୧୮ ହକି ବିଶ୍ୱକପ୍‌ର ସଫଳ ଆୟୋଜନ ପରେ ଭାରତ ୨୦୨୩ ସଂସ୍କରଣ ଆୟୋଜନ ଅଧିକାର ହାସଲ କରିବା ପାଇଁ ଆବେଦନ କରିଛି। ଭାରତ ବ୍ୟତୀତ ୫ ଦେଶ ଏହି ହକି ମହାକୁମ୍ଭ ଆୟୋଜନ ଦୌଡ଼ରେ ରହିଛନ୍ତି। ଏ ନେଇ ମଙ୍ଗଳବାର ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପକ୍ଷରୁ କୁହାଯାଇଛି। ୨୦୨୩ ଜାନୁୟାରୀ ୧୩ରୁ ୨୯ ମଧ୍ୟରେ ମହିଳା କିମ୍ବା ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରିବା ପାଇଁ ଭାରତ ପ୍ରସ୍ତାବ ଦେଇଛି। ସମାନ ପ୍ରସ୍ତାବ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ ଦେଇଛନ୍ତି। ଭାରତ ଏପର୍ଯ୍ୟନ୍ତ ୩ ଥର ବିଶ୍ୱକପ୍ ଆୟୋଜନ କରିଥିବାବେଳେ ଅନ୍ତିମ ଥର ଓଡ଼ିଶାର ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ସ୍ପେନ, ଜର୍ମାନୀ ଓ ମାଲେସିଆ ୨୦୨୨ ଜୁଲାଇ ୧ରୁ ୧୭ ତାରିଖ ପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ଏଫ୍‌ଆଇଏଚ୍ ଏବେଠାରୁ ସବୁ ଦେଶର ପ୍ରସ୍ତାବକୁ ମୂଲ୍ୟାଙ୍କନ କରିବ। କାର୍ଯ୍ୟକାରୀ ବୋର୍ଡ ଚଳିତ ବର୍ଷ ଜୁନରେ ତା'ର ନିଷ୍ପତ୍ତି ଘୋଷଣା କରିବ। ଇଭେଣ୍ଟ ଆୟୋଜନ କରିବା ପାଇଁ ବିଭିନ୍ନ ଦେଶର ଉତ୍ସାହକୁ ଦେଖିବା ପରେ ଏଫ୍‌ଆଇଏଚ୍ ମୁଖ୍ୟ ଥିଏରି ୱେଲି ଖୁସି ପ୍ରକାଶ କରିଛନ୍ତି।

## ଜିଏନ୍‌ଡିୟୁ ଅମୃତସର ଚାମ୍ପିୟନ





ଚାମ୍ପିୟନ ଜିଏନ୍‌ଡିୟୁ ଅମୃତସର ଦଳ।

**ଭୁବନେଶ୍ୱର, ୫।୨ (ସ୍ପୋର୍ଟ୍ସ ବ୍ୟୁରୋ)**

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ କ୍ରିକେଟ(ପୁରୁଷ) ଟୁର୍ଣ୍ଣାମେଣ୍ଟ ୨୦୧୮-୧୯ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କିଟ୍ କ୍ରିକେଟ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଫାଇନାଲରେ ଅମୃତସରର ଗୁରୁ ନାନକ ଦେବ୍ ବିଶ୍ୱବିଦ୍ୟାଳୟ (ଜିଏନ୍‌ଡିୟୁ) ୧୩୦ ରନରେ ମହୀଶୂର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ମୁମ୍ବାଇ ବିଶ୍ୱବିଦ୍ୟାଳୟ ୭ ଉଇକେଟରେ ଉତ୍ତର ପ୍ରଦେଶର ଭିବିଏସ୍ ପୂର୍ବାଞ୍ଚଳକୁ ହରାଇ ଦେଇଥିଲା। କିଟ୍ କ୍ରିକେଟ ଷ୍ଟାଡିୟମ କ୍ୟାମ୍ପସ ୧୩ରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟସଭା ସଦସ୍ୟ ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ସମେତ ବିସିସିଆଇ ପୂର୍ବାଞ୍ଚଳ ସିଲେକ୍ଟର ଉପସ୍ଥିତ ଥିଲେ।

### ସୟଦ ମୁସ୍ତାକ ଅଲି ଟି୨୦
## ଓଡ଼ିଶା ସମ୍ଭାବ୍ୟ ଦଳ ଘୋଷିତ

**କଟକ ଅଫିସ,୫।୨:** ଫେବୃୟାରୀ ୨୧ରୁ କଟକରେ ଆରମ୍ଭ ହେବ ସୟଦ ମୁସ୍ତାକ ଅଲି ଟି୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଗ୍ରୁପ–ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ସମସ୍ତ ମ୍ୟାଚ୍ ବାରବାଟୀ ଷ୍ଟାଡିୟମ ଓ ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳିବ। ଏହି ଟୁର୍ଣ୍ଣାମେଣ୍ଟ ନିମନ୍ତେ ମଙ୍ଗଳବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ୧୮ଜଣିଆ ସମ୍ଭାବ୍ୟଦଳ ଘୋଷଣା କରାଯାଇଛି। ଆସନ୍ତା ୭ ତାରିଖ ସନ୍ଧ୍ୟା ୬ଟା ସୁଦ୍ଧା ଖେଳାଳିମାନେ ଓସିଏ କ୍ରିକେଟ ଏକାଡେମୀରେ ରିପୋର୍ଟିଂ କରିବା ପରେ ୮ ତାରିଖରୁ ବାରବାଟୀ ଷ୍ଟାଡିୟମରେ ଅଭ୍ୟାସ ଆରମ୍ଭ ହେବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। **ସମ୍ଭାବ୍ୟଦଳ:** ସନ୍ଦୀପ ପଟ୍ଟନାୟକ, ସ୍ୱସ୍ତିକ ସାମଲ, ଅନୁରାଗ ଷଡ଼ଙ୍ଗୀ, ଶାନ୍ତନୁ ମିଶ୍ର, ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ଅଭିଶେକ ରାଉତ, ଶୁଭ୍ରାଂଶୁ ଶେଖର ସେନାପତି, ରାଜେଶ ଧୂପର, ସୁଜିତ ଲେଙ୍କା, ଅରବିନ୍ଦ ସିଂ, ପପୁ ରାୟ, ରାଜେଶ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଦେବବ୍ରତ ପ୍ରଧାନ, ଈଶକାନ୍ତ ସାହୁ, ଶୁଭମ ନାୟକ, ସର୍ବେଶ୍ୱର ମହାନ୍ତି।

### ଆନ୍ତଃଜିଲା ମହାବୀର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ
## ସେମିଫାଇନାଲରେ ପାରାମାଉଣ୍ଟ

**ଭଣ୍ଡାରିପୋଖରୀ, ୫।୨(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନେରଡା ପଞ୍ଚାୟତ ଯଶୋଟିକିରି ଖେଳ ପଡିଆରେ ଚାଲିଥିବା ଆନ୍ତଃଜିଲା ମହାବୀର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଥିଲା ୩ୟ କ୍ୱାଟର ମ୍ୟାଚ। ଏଥିରେ ଭଦ୍ରକର ଚରମ୍ପା କ୍ରିକେଟ ଏକାଡେମୀକୁ ହରାଇ ଭୁବନେଶ୍ୱରର ପାରାମାଉଣ୍ଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଚରମ୍ପା କ୍ରିକେଟ ଏକାଡେମୀ ଟସ୍ ଜିତି ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ୧୦୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ହେମନ୍ତ ଦାସ ୨୬ ରନ, ଜ୍ୟୋତି ମହାରଣା ୨୧ ରନ କରିଥିଲେ। ପ୍ରତିପକ୍ଷର ମିଲନ ପରିଡା ୫ ଓଭର ବୋଲିଂ କରି ୧୮ ରନ ଦେଇ ୩ ଉଇକେଟ ପାଇଥିଲେ। ଜବାବରେ ପାରାମାଉଣ୍ଟ କ୍ଲବ ୨୪ ଓଭରରେ ୬ ଉଇକେଟ ହରାଇ ୧୦୩ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସାର୍ଥକ ଗାହାଣ ୩୧ ରନ, ରୋହିତ ସୁଗାର ୨୧ ରନ କରିଥିଲେ। ପ୍ରତିପକ୍ଷର ହସିତ ରାଠୋର ୫ ଓଭର ବୋଲିଂ କରି ୧୬ ରନ ଦେଇ ମୂଲ୍ୟବାନ ୩ ଉଇକେଟ ନେଇଥିଲେ। ସାର୍ଥକ ଗାହାଣଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଦୁର୍ଗା ପଟ୍ଟନାୟକ, କାଳନ୍ଦୀ ପଣ୍ଡା ଅମ୍ପାୟର ଦାୟିତ୍ୱ ତୁଲାଇଥିବା ବେଳେ ମାନସ ରଞ୍ଜନ ପଣ୍ଡା ମ୍ୟାଚ ରେଫରୀ, ପରେଶ ରଥ, ମାନସ ନନ୍ଦ, କିଷାନ ରାଉତ ସ୍କୋରର ଥିଲେ। ପ୍ରତ୍ୟୁଷ ସାହୁ, ଦିଲୀପ ପୃଷ୍ଟି ଧାରା ବିବରଣୀ ପ୍ରଦାନ କରିଥିଲେ। ବୁଧବାର ୟୁନିକ୍ ଉଦଳା ଓ ବିଏମ୍‌ସିସି ଗୋଲକୁଣ୍ଡ ମଧ୍ୟରେ ୪ର୍ଥ କ୍ୱାଟର ମ୍ୟାଚ ଅନୁଷ୍ଠିତ ହେବ।



ସାର୍ଥକ ଗାହାଣଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦିଆଯାଉଛି।





## ଫାଇନାଲରେ ନିମପୁର ସ୍ପୋର୍ଟିଂ

**ରାଜନଗର, ୫।୨**

ରାଜନଗର ବ୍ଲକ ଫିଙ୍ଗିଦାଣ୍ଡି ଖେଳପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଜଗତପୁରର ନିମପୁର ସ୍ପୋର୍ଟିଂ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଶ୍ରାବଣୀ ଇଲେଭେନଷ୍ଟାର ସିଂହପୁରକୁ ୫ ଉଇକେଟରେ ହରାଇ ନିମପୁର ସ୍ପୋର୍ଟିଂ ବିଜୟୀ ହେବା ସହ ଏହି ସଫଳତା ହାସଲ କରିଛି। ଶେଷ ବଲରେ ଚୌକାମାରି ନିମପୁର ଫାଇନାଲରେ ପ୍ରବେଶ କରିଛି। ବୁଧବାର ଦ୍ୱିତୀୟ ସେମିଫାଇନାଲରେ ଯାଜପୁରର ଇଲେଭେନଷ୍ଟାର ଟିମ ଓ ଭୁବନେଶ୍ୱରର କ୍ଷେତ୍ରପାଳ ସ୍ପୋର୍ଟିଂ ମୁହାଁମୁହିଁ ହେବେ। ଟସ୍ ଜିତି ସିଂହପୁର ପ୍ରଥମେ ବ୍ୟାଟିଂ କରି ୨୨ ଓଭରରେ ୬ ଉଇକେଟ ହରାଇ ୧୮୯ ରନ କରିଥିଲା। ଦଳ ତରଫରୁ ଦିବାକର କର ୬୧, ଜିତେନ୍ଦ୍ର ରାଉତ ୫୪ ରନ କରିଥିଲେ। ବୋଲିଂରେ ନିମପୁରର ବଳରାମ ଓ ଅଭିଷେକ ଗିରି ୨ଟି ଲେଖାଏଁ ଉଇକେଟ ନେଇଥିଲେ। ନିମପୁର ନିର୍ଦ୍ଧାରିତ ୨୨ ଓଭରରେ ୫ ଉଇକେଟ ହରାଇ ଶେଷ ବଲରେ ଚୌକାମାରି ଦଳ ୧୯୩ ରନ କରିନେଇଥିଲା। ଦଳପକ୍ଷରୁ ଗିରିଜା ରାଉତ ୬୯ ରନ, ଅଜୟ ରାଉତ ୫୯ ରନ କରିଥିଲେ। ସିଂହପୁରର ଦିବାକର କର ୩ଟି ଉଇକେଟ ଅକ୍ତିଆର କରିଥିଲେ। ଜଗତପୁରର ଗିରିଜା ରାଉତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ରଶ୍ମିରଞ୍ଜନ ମହାନ୍ତି, ସମାଜସେବୀ କୈଳାସ ଚନ୍ଦ୍ର ମହାନ୍ତି ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବଂଶୀଧର ସ୍ୱାଇଁ, ଅନ ବେହେରା ଅମ୍ପାୟର ଭାବେ ଦାୟିତ୍ୱ ତୁଲାଇଥିଲେ। ସୁଧୀର ବେହେରା, ନୀହାର ବିଶ୍ୱାଳ ଧାରାବିବରଣୀ ପ୍ରଦାନ କରିଥିଲେ।

**ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି ମେମୋରିଆଲ କ୍ରିକେଟ**

### ଶରତ କୁମାର ଦେବ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ
## ସାଳନ୍ଦୀକୁ ହରାଇ ପାରିନୂଆପଡ଼ା ଚାମ୍ପିୟନ

**ଆଳି, ୫।୨ (ଡି.ଏନ୍.ଏ.)**

ଆଳି ଗିରିବନ୍ଧ ଖେଳପଡିଆରେ ଗତ ୨୭ ତାରିଖଠାରୁ ଆରମ୍ଭ ହୋଇଥିବା ଶରତ କୁମାର ଦେବ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଗିରିବନ୍ଧ ୟଙ୍ଗଷ୍ଟାର୍ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଦିବସରେ ଭଦ୍ରକର ସାଳନ୍ଦି ଟିମ ଓ ରାଜକନିକା ପାରିନୂଆପଡାର ବହୁରୂପା ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପାରିନୂଆପଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୬ ୱିକେଟ ହରାଇ ୧୮୮ ରନ୍ ସଂଗ୍ରହ କରିଥିଲା। ଜବାବରେ ସାଳନ୍ଦି ଟିମ୍ ୨୫ ଓଭରରେ ୮ ୱିକେଟ ହରାଇ ୧୬୮ ରନ କରି ପରାସ୍ତ ହୋଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଆଳି ବ୍ଲକ ବିଜୁ ଜନତା ଦଳ ସଭାପତି ଜଗଦାନନ୍ଦ ବଳ ଅଧକ୍ଷତା କରିଥିଲେ। ଏଥିରେ ରାଜ୍ୟ ସଭା ସଦସ୍ୟ ପ୍ରତାପ କେଶରୀ ଦେବ ମୁଖ୍ୟଅତିଥି ଓ ଆଳି ପଞ୍ଚାୟତ ସମିତି ଅଧକ୍ଷା ଝରଣା ଦାଶ, ୪ ନଂ. ଜୋନ୍ ଜିଲାପରିଷଦ ସଭ୍ୟା ସତ୍ୟଭାମା ମଲିକ, ସାମାଜିକ କର୍ମୀ ଚିରଞ୍ଜୀବୀ ଦାସ, କ୍ରୀଡାବିତ୍ କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଉଭୟ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପାରିନୂଆପଡା ଟିମ୍‌ର ଶେଖର ଦାସଙ୍କୁ ମ୍ୟାନ ଅଫ ଦି ସିରିଜ ଓ ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରାଯାଇଥିଲା। ମାଣିକପାଟଣା ସରପଞ୍ଚ ଶରତ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦେମାଳ ସରପଞ୍ଚ ମନୋରଞ୍ଜନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଅମ୍ପାୟାର ଭାବେ ରଞ୍ଜିତ ମିଶ୍ର ଓ ନିରଞ୍ଜନ ଷଡ଼ଙ୍ଗୀ ଖେଳ ପରିଚାଳନା କରିଥିବା ବେଳେ ୟଙ୍ଗଷ୍ଟାର କ୍ଲବ ସଦସ୍ୟମାନେ ସହଯୋଗ କରିଥିଲେ।





ଚାମ୍ପିୟନ ପାରିନୂଆପଡ଼ା ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ
ଜାହାଜ ଚଳାଚଳ ମନ୍ତ୍ରଣାଳୟ
ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ
ରେଳ ମନ୍ତ୍ରଣାଳୟ
ଭାରତ ସରକାର

सत्यमेव जयते



# ପୂର୍ବୋଦୟ

## ପୂର୍ବ ଭାରତରୁ ହେଉଅଛି ନୂଆ ଭାରତର ଉଦୟ

### ଶୁଭ ଉଦ୍‌ଘାଟନ

ପାରାଦୀପ ବିଶୋଧନାଗାରଠାରେ ପୂର୍ବ ଭାରତରେ ପ୍ଲାଷ୍ଟିକ୍ ଉଦ୍ୟୋଗକୁ ପ୍ରୋତ୍ସାହନ ପାଇଁ ପଲିପ୍ରପ୍‌ଲିନ୍ (ପିପି) କାରଖାନା

ପାରାଦୀପ ବନ୍ଦରରେ କଣ୍ଟେନରଗୁଡ଼ିକ ସମେତ ସ୍ୱଚ୍ଛ ପଣ୍ୟର ସୁପରିଚାଳନା ପାଇଁ ବହୁମୁଖୀ ବର୍ଥ

ଏବଂ

### ଭିତ୍ତିପ୍ରସ୍ତର ସ୍ଥାପନ/କାର୍ଯ୍ୟାରମ୍ଭ

ପାରାଦୀପ ବିଶୋଧନାଗାରଠାରେ ମନୋଇଥାଇଲିନ୍ ଗ୍ଲାଇକୋଲ (ଏମଇଜି) କାରଖାନା

ପାରାଦୀପ ବନ୍ଦରରେ ତିନିଟି ବର୍ଥର ଯାନ୍ତ୍ରିକୀକରଣ

ପାରାଦୀପ ବନ୍ଦରରେ ଏଲ୍‌ପିଜି ଆମଦାନି ଟର୍ମିନାଲ



ଓଡ଼ିଶା ପାଇଁ
୧୧,୦୦୦
କୋଟି ଟଙ୍କାର
ପ୍ରକଳ୍ପସମୂହର ଭେଟି



### ଅନ୍ୟାନ୍ୟ ପ୍ରମୁଖ ପ୍ରକଳ୍ପ

- ପାରାଦୀପଠାରେ ବିମାନ ବନ୍ଦର ନିର୍ମାଣ ପାଇଁ ପାରାଦୀପ ପୋର୍ଟ ଟ୍ରଷ୍ଟ (ପିପିଟି), ଭାରତୀୟ ବିମାନ ବନ୍ଦର ପ୍ରାଧୀକରଣ (ଏଏଆଇ) ଏବଂ ଇଣ୍ଡିଆନ୍‌ଅଏଲ୍ ମଧ୍ୟରେ ତ୍ରୀପାକ୍ଷିକ ବୁଝାମଣା
- ପାରାଦୀପ ବନ୍ଦରଠାରେ ନୂଆ ଟର୍ମିନାଲ୍‌ର ଉଦ୍‌ଘାଟନ
- ପାରାଦୀପ ବିଶୋଧନାଗାରଠାରେ ସାତଟି ଅତିରିକ୍ତ ଅଶୋଧିତ ତୈଳ ଟାଙ୍କି
- ମତ୍ସ୍ୟ ବନ୍ଦରରୁ ମହାନଦୀ ମୁହାଣ ଖୋଦନ
- ପାରାଦୀପ ବନ୍ଦରରେ ମଲ୍ଟି-ମୋଡାଲ ଲଜିଷ୍ଟିକ୍ସ ପାର୍କ
- ପାରାଦୀପ ପୋର୍ଟ ଟ୍ରଷ୍ଟ୍ କର୍ମଚାରୀମାନଙ୍କ ପାଇଁ ୩୫୦ଟି ନୂଆ କ୍ୱାର୍ଟର ନିର୍ମାଣ
- ପାରାଦୀପ ପୋର୍ଟ ଟ୍ରଷ୍ଟଠାରେ କଣ୍ଟେନର ତନଖି ବ୍ୟବସ୍ଥା ସ୍ଥାପନ
- ପାରାଦୀପ ବନ୍ଦରଠାରେ ଆଇରନ୍ ଓର୍ ଏବଂ ମେକାନିକାଲ୍ କୋଲ୍ ହ୍ୟାଣ୍ଡଲିଂ ପ୍ଲାଣ୍ଟ୍‌ଗୁଡ଼ିକର ସଂଯୋଗ
- ପାରାଦୀପ ରେଳ ଷ୍ଟେସନ ଭବନ
- ପାରାଦୀପ ଅଞ୍ଚଳରେ ସାର୍ବଜନିକ ସଂସ୍ଥାଗୁଡ଼ିକର ବିସ୍ତାର
  - ପାନୀୟ ଜଳ
  - ଶୌଚାଳୟ କମ୍ପ୍ଲେକ୍ସ
  - ସାନିଟାରି ନାପ୍‌କିନ୍ ପ୍ରସ୍ତୁତକାରୀ ଏବଂ ବିକ୍ରୟ ୟୁନିଟ୍
- ୧,୦୦୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗମାନଙ୍କୁ ସହାୟତା ଉପକରଣ ବିତରଣ
- ୨,୦୦୦ ପାରାଦୀପ ପୋର୍ଟ ଟ୍ରଷ୍ଟ କର୍ମଚାରୀମାନଙ୍କୁ ବୀମାଭୁକ୍ତ କରିବା

**ବୁଧବାର, ୬ ଫେବୃୟାରୀ ୨୦୧୯, ପାରାଦୀପ**

### ଗରିମାମୟ ଉପସ୍ଥିତି

**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ନିତିନ ଗଡ଼କରି**
ସଡ଼କ ପରିବହନ ଏବଂ ରାଜମାର୍ଗ, ଜାହାଜ ଚଳାଚଳ ଓ ଜଳସମ୍ପଦ
ନଦୀ ବିକାଶ ଓ ଗଙ୍ଗା ସଂରକ୍ଷଣ ମନ୍ତ୍ରୀ
ଭାରତ ସରକାର

**ଧର୍ମେନ୍ଦ୍ର ପ୍ରଧାନ**
ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ଏବଂ
ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ
ଭାରତ ସରକାର

**ଡା. କୁଳମଣି ସାମଲ**
ସାଂସଦ, ଜଗତସିଂହପୁର

**ଡା. ଦାମୋଦର ରାଉତ**
ବିଧାୟକ, ପାରାଦୀପ



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଫେବୃୟାରୀ ୬/୨୦୧୯ Sambalpur, Wednesday, February 6 / 2019




# ଆଇଓବି ଏଟିଏମ୍ ଭାଙ୍ଗି ୨.୭ ଲକ୍ଷ ଲୁଟ୍

- ଏସ୍‌ବିଆଇ ଏଟିଏମ୍ ଲୁଟ ଉଦ୍ୟମ
- ୨ ଅଟକ, ପୋଲିସର ତନାଘନା ଜାରି



**ଧର୍ମଗଡ଼,୫।୨(ଡି.ଏନ୍.ଏ.)** କଳାହାଣ୍ଡି ଜିଲା ଧର୍ମଗଡ ସହରରେ ଖୋଲାଖୋଲି ପୋଲିସକୁ ଚ୍ୟାଲେଞ୍ଜ ଦେଇ ଏକକାଳୀନ ଦୁଇଟି ଏଟିଏମ୍ ଲୁଟ ଉଦ୍ୟମ ଘଟଣା ଘଟିଛି। ଆଇଓବି ଏଟିଏମ୍ ମେଶିନ ତାଡ଼ି ଟଙ୍କା ନେବାରେ ସଫଳ ହୋଇଥିବାବେଳେ ଏସ୍‌ବିଆଇ ଏଟିଏମ ଲୁଟ ଯୋଜନା ବେଳେ ପୋଲିସ ସାଇରନ ବାଜିବାରୁ ସେଠାରୁ ବିଫଳ ହୋଇ ଦୁର୍ବୃତ୍ତମାନେ ଚମ୍ପଟ ମାରିଛନ୍ତି। ଏହି ଘଟଣାରେ ପୋଲିସ ଲୁଟ୍‌ରେ ବ୍ୟବହୃତ ପିକଅପ୍ ଗାଡିକୁ ଜବତ କରିବା ସହ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହି କାରବାରରେ ବ୍ୟବହୃତ ଗାଡି ଚୋରି ଗାଡି ଏବଂ ତାହା ଜୁନାଗଡର ବୋଲି ଜଣାପଡିଛି। ଏହାକୁ ନେଇ ବର୍ତ୍ତମାନ ପୋଲିସ ତନାଘନା ଜାରି ରଖିଛି । ସୂଚନା ଅନୁସାରେ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପ୍ରଥମେ ଧର୍ମଗଡ ସହର ନିକଟସ୍ଥ ଗୋଡଭଞ୍ଜା ଗାଁର ଏକ ଫେବ୍ରିକେଶନ ଦୋକାନକୁ ଯାଇ ଏକ ଗ୍ୟାସ କଟର ଚୋରି କରିଥିଲେ । ପରେ ତାକୁ ଏକ ପିକଅପ୍ ଗାଡିରେ ଆଣି ଧର୍ମଗଡ ଚାରିଛକଠାରେ ଥିବା ଆଇଓବି (ଇଣ୍ଡିଆନ ଓଭରସିଜ ବ୍ୟାଙ୍କ) ଏଟିଏମ୍ ଶାଖାରେ ଗ୍ୟାସ୍ କଟର ସହାୟତାରେ କାଟି ଟଙ୍କା ସହ ମେଶିନ ଉଠାଇ ନେଇଛନ୍ତି । ପରେ ଧମଗଡ ବସ୍ତିପଡା ଏସବିଆଇ ଏଟିଏମ କାଉଣ୍ଟରକୁ ଆସି ସିସିଟିଭି ଭାଙ୍ଗିବା ସହ ଭଙ୍ଗାରୁଜା କରିଛନ୍ତି। ଏସବିଆଇ ଏଟିଏମଗୁଡିକ ସେଣ୍ଟ୍ରାଲ ମନିଟର ହେଉଥିବାରୁ ଏସବିଆଇର ବମ୍ବେସ୍ଥିତ କାର୍ଯ୍ୟାଳୟ ତୁରନ୍ତ ଏବାବଦ ଜାଣିବାକୁ ପାଇ ଧର୍ମଗଡ ଥାନାକୁ ଖବର ଦେଇଥିଲେ । ଧର୍ମଗଡ ପୋଲିସ ଦୁଇ ଭାଗରେ ବିଭକ୍ତ ହୋଇ ଘଟଣାସ୍ଥଳକୁ ଆସିବା ବେଳେ ସାଇରନ ବାଜିବାରୁ ଦୁର୍ବୃତ୍ତମାନେ ଦେଭୋଗ ରାସ୍ତା ଦେଇ ଫେରାର ହୋଇଥିଲେ। ଖବର ପାଇ ମଙ୍ଗଳବାର ସକାଳେ କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏହା ସହ ଫୋରେନସିକ ଟିମ, ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି । ଆଇଓବି ମ୍ୟାନେଜର ଗିରିଜା ସାହୁଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା ରୁଜୁ କରିଛି। ଧର୍ମଗଡ ଡିଏସ୍‌ପି ସୁରେନ୍ଦ୍ର ନାଥ ଶତପଥୀ ଓ କଳାହାଣ୍ଡି ଏସପିଙ୍କ ନେତୃତ୍ୱରେ ପୋଲିସ ଦୁଇଟି ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଛି। ଏଟିଏମ୍‌ରେ ପ୍ରାୟ ୨ ଲକ୍ଷ ୭୦ ହଜାର ଟଙ୍କା ଥିବା ଆଇଓବି ମ୍ୟାନେଜର ସୂଚନା ଦେଇଥିବା ପୋଲିସ କହିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁର୍ବୃତ୍ତମାନଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ଧର୍ମଗଡ ଡିଏସ୍‌ପି କହିଛନ୍ତି ।

# ଖୋଲିଲା ଝାରସୁଗୁଡ଼ା ଗୁଡ୍ ନିଉଜ୍ ଇଣ୍ଡିଆର ତାଲା

**ଝାରସୁଗୁଡା ଅଫିସ,୫।୨** ଢେଙ୍କାନାଳ ଜିଲା ବେଲଟିକିରିସ୍ଥିତ ଗୁଡ୍ ନିଉଜ୍ ଇଣ୍ଡିଆର ସେଲଟେର ହୋମରେ ଛାତ୍ରୀଙ୍କୁ ଯୌନଶୋଷଣ ଅଭିଯୋଗ ପରେ ବନ୍ଦ କରାଯାଇଥିବା ଝାରସୁଗୁଡା ଗୁଡ୍ ନିଉଜ ଇଣ୍ଡିଆର ଡ୍ରିମ୍ ସେଣ୍ଟରକୁ ମଙ୍ଗଳବାର ଦିନ ଖୋଲା ଯାଇଛି। ସେଠାରେ ରହୁଥିବା ଅନ୍ତେବାସୀଙ୍କ ଆଗାମୀ ବୋର୍ଡ ପରୀକ୍ଷାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କେନ୍ଦ୍ରକୁ ଖୋଲିବା ପାଇଁ ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ ଅନୁମୋଦନ ଦେଇଥିଲେ। ଏଣୁ ମଙ୍ଗଳବାର ଝାରସୁଗୁଡା ତହସିଲଦାର, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା, ଜିଲା ସମାଜ ମଙ୍ଗଳ ଅଧିକାରୀ ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପଞ୍ଚପଡା ଯାଇ ଗୁଡ୍ ନିଉଜ ଇଣ୍ଡିଆର ଡ୍ରିମ୍ ସେଣ୍ଟର ଖୋଲିଥିଲେ। ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲା ବେଲଟିକିରିସ୍ଥିତ ଗୁଡ୍ ନିଉଜ୍ ଇଣ୍ଡିଆର ସେଲଟେର ହୋମରେ ଛାତ୍ରୀଙ୍କୁ ଯୌନଶୋଷଣ ଅଭିଯୋଗ ପରେ ରାଜ୍ୟରେ ଥିବା ଏହି ସଂସ୍ଥାର ସମସ୍ତ କେନ୍ଦ୍ର ଉପରେ ଚଢାଉ ଆରମ୍ଭ ହୋଇଥିଲା। ସେହିକ୍ରମରେ ଝାରସୁଗୁଡା ପଞ୍ଚପଡାସ୍ଥିତ ଗୁଡ୍ ନିଉଜ ଇଣ୍ଡିଆର ଡ୍ରିମ୍ ସେଣ୍ଟରରେ ୩ ଦିନିଆ ଯାଞ୍ଚ ପରେ ଡିସେମ୍ବର ୬ ତାରିଖରେ ଏହାକୁ ସିଲ୍ କରାଯାଇଥିଲା। ଏହି କେନ୍ଦ୍ରରେ ଝାରସୁଗୁଡା, ସୁନ୍ଦରଗଡ ଏବଂ ସମ୍ବଲପୁର ଜିଲାରୁ ୧୫୬ ବାଳକ, ବାଳିକା ରହୁଥିଲେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଯାହାର କୌଣସି ମୂଲ୍ୟ ନାହିଁ, ତାକୁ ହିଁ ପାଇବା ପାଇଁ ସମୟେ ସମୟେ ଯେଉଁ ଶକ୍ତି ବ୍ୟୟ ହୁଏ ତାହା ମହାଦୁଃଖଦାୟକ।
- ଆଇନଷ୍ଟାଇନ୍



## ସଂକ୍ଷେପରେ

### ଚଲକି କପ ଫୁଟବଲ ଟୁର୍ଣ୍ଣାମେଣ୍ଟ: ବଡ଼ମାଳ ବିଜୟୀ

**ଟିକ୍ରାପଡା, ୫।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଚଲକି ଗ୍ରାମରେ ଆୟୋଜିତ ୨୪ତମ ଜୟ ଜଗନ୍ନାଥ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଥିଲା ତୃତୀୟ ଦିବସ। ବଡମାଳ ଓ ଖଲିଆଖମାର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଖଲିଆଖମାର ଦଳକୁ ୧-୦ଗୋଲରେ ହରାଇ ବଡମାଳ ବିଜୟୀ ହୋଇଥିଲା। ଆଶୀର୍ବାଦ ସା, ଆଶିଷ ଦେବ ସା, ପ୍ରତାପ ଭୁକ୍ତା ଖେଳ ପରିଚାଳନା କରିଥିଲେ। ବରିଷ୍ଠ ଭାଜପା ଜିଲା ଉପ ସଭାପତି ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି, ସମୀର ପଟ୍ଟନାୟକ, ଅଭିମନ୍ୟୁ ମାଝି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୁଧବାର ଚଲକି ଓ ନକଟାସର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ।

### କଫ୍ ସିରପ ଜବତ୍, ଜଣେ ଗିରଫ

**ବଲାଙ୍ଗୀର ଅଫିସ, ୫।୨:** ବଲାଙ୍ଗୀର ପୋଲିସର ସ୍ପେଶାଲ ସ୍କ୍ୱାର୍ଡ ରାଜୀବ ନଗରଠାରେ ଚଢ଼ାଉ କରି ଜଣେ କଫ୍ ସିରପ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ଜଣକ ହେଲେ ରାଜୀବନଗରର କୃପା ସାହୁ(୩୫)। ତାଙ୍କ ଘରେ ପୋଲିସ ଟିମ୍ ଅତର୍କିତ ଚଢ଼ାଉ କରି କଫ୍ ସିରପ ଜବତ କରିଛି। ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି।

### ତୁଷୁରାରେ ୧୨୪ଜଣଙ୍କୁ ପଟ୍ଟା ବଣ୍ଟନ

**ଗୁଡ଼ଭେଲା, ୫।୨(ଡି.ଏନ.ଏ.):** ରାଜ୍ୟ ସରକାରଙ୍କ ଜାଗା ମିଶନ ଯୋଜନାରେ ତୁଷୁରା ସହରର ୧୨୪ ଜଣ ହିତାଧିକାରୀଙ୍କୁ ମଙ୍ଗଳବାର ପଟ୍ଟା ବଣ୍ଟନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଘରଡିହ ପଟ୍ଟା ଦେବା ଶୁଭାରମ୍ଭ କରିବା ପରେ ତୁଷୁରାରେ ମଧ୍ୟ ପଟ୍ଟା ବଣ୍ଟନ କରାଯାଇଥିଲା। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଟିଟିଲାଗଡ ବିଧାୟିକା ଟୁକୁନି ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଗାମୀ ଦିନରେ ଉକ୍ତ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିଯିବ ବୋଲି ପ୍ରକାଶ କରିଥିଲେ। ଉପଜିଲାପାଳ ଭୈରବ ସିଂ ପଟେଲ, ଏନଏସି ଅଧ୍ୟକ୍ଷା ଭାଗ୍ୟଶ୍ରୀ ନାଗ, ଅତିରିକ୍ତ ତହସିଲଦାର ଚନ୍ଦ୍ରମଣୀ ନାଗ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଏନଏସି ଉପାଧ୍ୟକ୍ଷ ଦିନଦୟାଳ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

### ତରଭାରେ ସଡକ ସୁରକ୍ଷା ସପ୍ତାହ

**ତରଭା, ୫।୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭାରେ ମଙ୍ଗଳବାର ସୋନପୁର ଆଞ୍ଚଳିକ ପରିବହନ ବିଭାଗ ତରଫରୁ ୩୦ ତମ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ବ୍ଲକ ସମ୍ମୁଖରେ ଏମଭିଆଇ ରବିନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୋନପୁର ଆଡିସନାଲ ଆରଟିଓ ଶିବାଶିଷ ସାହୁ, ଜୁନିୟର ଏମଭିଆଇ ଜନ୍ ପ୍ରତାପ କୁଲୁ, ଟ୍ରାଫିକ ସବଇନ୍ସପେକ୍ଟର ସୁଶାନ୍ତ କୁମାର ପାତ୍ର ଇଣ୍ଟରସେପ୍ଟର ଅପରେଟର ଆନନ୍ଦଚନ୍ଦ୍ର ମିଶ୍ର, ପ୍ରଧାନଶିକ୍ଷକ ସୁଶ୍ରୀ ମିନତୀ ମିଶ୍ର, ଅର୍ଜୁନ ମହାପାତ୍ର, ଶିକ୍ଷକ ସୁରଜ ସେଠୀ, ସତ୍ୟବ୍ରତ ମିଶ୍ର, ମେଘନାଦ ମହଲା, ରଞ୍ଜନ କର୍ଣ୍ଣ ଓ ଅର୍ଜୁନ ଝାଙ୍କର ପ୍ରମୁଖ ଯୋଗଦାନ କରିଥିଲେ। ନିରାପଦ ଗାଡି ଚାଳନା ପାଇଁ ସର୍ବଦା ଟ୍ରାଫିକ ନିୟମ ପାଳନ, ହେଲମେଟ ବ୍ୟବହାର, ଗାଡି ଚଳାଇବା ସମୟରେ ମଦ୍ୟପାନ ଓ ମୋବାଇଲରେ କଥା ବାର୍ତ୍ତା ନ କରିବା, ଦ୍ରୁତଗତିରେ ଗାଡି ନ ଚଳାଇବା ବିଷୟରେ ଏମଭିଆଇ ପଟ୍ଟନାୟକ ଉପସ୍ଥିତ ଜନ ସାଧାରଣ ତଥା ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ପରେ ବ୍ଲକ ଛକରୁ ଏକ ସଚେତନତା ରାଲି ତରଭା ସହର ମୁଖ୍ୟରାସ୍ତା ଦେଇ ସଡକ ସୁରକ୍ଷା ଉପରେ ଲୋକଙ୍କୁ ସଚେତନ କରାଇଥିଲେ। ଏହି ଶୋଭାଯାତ୍ରାରେ ତରଭା ସରକାରୀ ବାଳକ ଓ ବାଳିକା ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଏଇଏସ କଲେଜ, ଓଡିଶା ଆଦର୍ଶ ବିଦ୍ୟାଳୟ ଓ ନବୋଦୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦେବେନ୍ଦ୍ର ନାଏକ ପରିଚାଳନା କରିଥିଲେ।

# ମଦ ବିରୋଧରେ ତାତିଲେ ମହିଳା

**ଅମରପାଲି/ବୀରମହାରାଜପୁର, ୫।୨ (ଡି.ଏନ.ଏ)**

- ତେଜରାତି ଦୋକାନରେ ମଦ ବିକ୍ରି
- ଭାଙ୍ଗିଲେ ମଦ ବୋତଲ
- ମଦ ବିକ୍ରି ବନ୍ଦ ପାଇଁ ଶପଥ ନେଲେ



ମହିଳାମାନେ ମଦ ବିକ୍ରି ହେଉଥିବା ତେଜରାତି ଦୋକାନ ସମ୍ମୁଖରେ ଏକତ୍ରିତ ହୋଇଛନ୍ତି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ବଡଖମାର ଗ୍ରାମରେ ଅବାଧ ମଦ କାରବାର ବିରୋଧରେ ତାତିଛନ୍ତି ମହିଳା। ମଙ୍ଗଳବାର ଶହ ଶହ ମହିଳା ଏକତ୍ରିତ ହୋଇ ମଦବିକ୍ରି ବନ୍ଦ କରିବା ସହିତ ଦେଶୀ ଓ ବିଦେଶୀ ମଦ ବୋତଲ ଭାଙ୍ଗିଛନ୍ତି। ମହିଳାମାନଙ୍କ ଅଭିଯୋଗ ମତେ ଦୀର୍ଘ ଦିନ ହେଲା ଗାଁରେ ବେଆଇନ କୁଟିଆ ମଦ ବିକ୍ରି ଦେବା ସହିତ ଚୋରା ମଦ କାରବାର ଚାଲୁଥିଲା। ଫଳରେ ଅଧିକାଂଶ ସମୟରେ ଗଣ୍ଡଗୋଳ ହେବା ସହିତ ସନ୍ଧ୍ୟା ହେବା ମାତ୍ରେ ଗ୍ରାମର ମହିଳାମାନେ ଘରୁ ବାହାରକୁ ଆସି ପାରୁ ନ ଥିଲେ। ଏପରିକି ଦିନ ବେଳା ସ୍କୁଲ ଓ କଲେଜ ପଢୁଆ ଛାତ୍ରୀମାନେ ରାସ୍ତାରେ ଯିବା ଆସିବା କରିପାରୁ ନ ଥିଲେ। ଅବାଧ ମଦ ବିକ୍ରି ଯୋଗୁଁ ଗାଁରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଗାଁର ଅଳ୍ପ ବୟସ୍କ ପିଲାମାନେ ମଧ୍ୟ ମଦ ପିଇ ଭ୍ରଷ୍ଟ ହେଉଥିବା ଦେଖାଯାଉଛି। ଏପରକି ଗ୍ରାମର ତେଜରାତି ଦୋକାନମାନଙ୍କରେ ମଧ୍ୟ ମଦ ବିକ୍ରି ହେଉଥିଲା। ଫଳରେ ଗାଁର ଏସଏଚଜି ଗ୍ରୁପ ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆ ଯାଇ ନ ଥିବାରୁ ମଦବିକ୍ରି ବୃଦ୍ଧି ପାଉଥିଲା। ଏହାର ବିରୋଧ କରି ଗ୍ରାମର ୧୦ ଏସ୍‌ଏଚଜିର ମହିଳା ଏକତ୍ରିତ ହୋଇ ଏକ ସଭା କରିଥିଲେ। ମଦ ବିକ୍ରି ବନ୍ଦ କରିବା ପାଇଁ ଶପଥ ନେଇଥିଲେ। ପ୍ରଥମେ ମହିଳାମାନେ ଚୋରାରେ ମଦ ବିକ୍ରି କରୁଥିବା ତେଜରାତି ଦୋକାନୀମାନଙ୍କୁ ମଦବିକ୍ରି ବନ୍ଦ କରିବାକୁ କହିଥିଲେ। ମାତ୍ର ସେମାନେ ମଦ ବିକ୍ରି ବନ୍ଦ କରି ନ ଥିଲେ। ତେଣୁ ମହିଳାମାନେ ଏକତ୍ରିତ ହୋଇ ସ୍ଥାନୀୟ ସରପଞ୍ଚ ରୁଦ୍ରାଣୀ ଚାନ୍ଦଙ୍କ ସହିତ ଏକ ସଭାକରି ଏକତ୍ରିତ ହୋଇ ସମ୍ପୃକ୍ତ ଦୋକାନକୁ ଯାଇ ମଦ ବିକ୍ରି ବନ୍ଦ କରିବାକୁ କହିଥିଲେ। ସମ୍ପୃକ୍ତ ଚୋରାମଦ ବେପାରୀ ଓ ମହିଳା ମାନଙ୍କ ମଧ୍ୟରେ କିଛି ସମୟ ଯୁକ୍ତିତର୍କ ହୋଇ ଉତ୍ତେଜନା ପରିସ୍ଥିତି ଦେଖାଯାଇଥିଲା। ଶେଷରେ ମହିଳାମାନେ ଦୋକାନକୁ ଯାଇ ଦେଶୀ ଓ ବିଦେଶୀ ମଦ ବୋତଲ ଆଣି ଭାଙ୍ଗି ଦେଇଥିଲେ। ଏନେଇ ସରପଞ୍ଚ ଚାନ୍ଦଙ୍କୁ ପଚାରିବାରୁ କହିଲେ ଯେ, ଆଗକୁ ପଞ୍ଚାୟତର ସବୁ ଗ୍ରାମରେ ମଦ ବିକ୍ରି ବିରୋଧରେ ଆନ୍ଦୋଳନ କରାଯିବ।

### ବେଆଇନ ବାଲି ଚାଲାଣ: ୪ଗାଡିରୁ ୧.୨୩ଲକ୍ଷ ଜରିମାନା ଆଦାୟ

**ଲୋଇସିଂହା, ୫।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ନିକଟ ଅଙ୍ଗନଦୀରୁ ଅବାଧରେ ଚାଲିଛି ବେଆଇନ ବାଲି ଚାଲାଣ। ମଙ୍ଗଳବାର ଆଗଲପୁର ତହସିଲଦାର ବାଲି ଚାଲାଣ କରୁଥିବା ୪ଗାଡି ଉପରେ ଚଢାଉ କରି ଜରିମାନା ଆଦାୟ କରିଛନ୍ତି। ୩ଟି ହାଇୱା ଓଡି୩୧ଡି ୮୩୪୫, ଓଡି୩୧ଡି ୮୩୪୬, ଓଡି୧୭କେ ୭୫୬୯ ଓ ଏକନମ୍ବର ବିହୀନ ଟ୍ରାକ୍ଟର ସମେତ ୪ଟି ଗାଡିରେ ବେଆଇନ ଭାବେ ଅଙ୍ଗନଦୀରୁ ବାଲି ଚାଲାଣ କରାଯାଉଥିଲା। ଏହି ରାସ୍ତାରେ ଯାଉଥିବା ତହସିଲଦାର ଉଗ୍ରସେନ ଓରାମ ସଂପୃକ୍ତ ଗାଡିଗୁଡିକୁ ଅଟକାଇ ଥିଲେ। ଡ୍ରାଇଭରମାନେ କାଗଜାତ ଦେଖାଇ ନପାରିବାରୁ ୧ଲକ୍ଷ ୨୩ ହଜାର ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ସୂଚନା ଦେଇଛନ୍ତି।

# ସୁବର୍ଣ୍ଣପୁର ଜିଲା: ୮,୮୦୩ ମାଟ୍ରିକ ପରୀକ୍ଷାର୍ଥୀ

**ସୋନପୁର, ୫।୨(ନି.ପ୍ର.)**

- ୪୭ ପରୀକ୍ଷା କେନ୍ଦ୍ର
- ପ୍ରଶ୍ନପତ୍ର ସୁରକ୍ଷା ପାଇଁ ୭ ନୋଡାଲ ସେଣ୍ଟର

ମାଧ୍ୟମିକ ଶିକ୍ଷା ପରିଷଦ, ଓଡିଶା ପକ୍ଷରୁ ଆସନ୍ତା ୨୨ରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା-୨୦୧୯ ଅନୁଷ୍ଠିତ ହେବାକୁ ଯାଉଛି। ଏଥର ସୁବର୍ଣ୍ଣପୁର ଜିଲାରେ ମୋଟ ୪୭ଟି କେନ୍ଦ୍ରରେ ସମୁଦାୟ ୮ ହଜାର ୮୦୩ ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବେ। ସେଥି ମଧ୍ୟରୁ ୧୨୬ ହାଇସ୍କୁଲର ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଅଛନ୍ତି। ଅନ୍ୟପକ୍ଷରେ ମଧ୍ୟମା ପରୀକ୍ଷାର୍ଥୀଙ୍କ ପାଇଁ ବୀରମହାରାଜପୁର ପରୀକ୍ଷା କେନ୍ଦ୍ରକୁ ଚଳିତ ଥର ବନ୍ଦ କରାଯାଇଛି। କେବଳ ସୋନପୁର ଏମ.ଆର ହାଇସ୍କୁଲରେ ଗୋଟିଏ ପରୀକ୍ଷା କେନ୍ଦ୍ର କରାଯାଇଛି। ୩ଟି ସଂସ୍କୃତ ବିଦ୍ୟାଳୟର ୬୮ଜଣ ପରୀକ୍ଷାର୍ଥୀ ଏହି କେନ୍ଦ୍ରରେ ପରୀକ୍ଷା ଦେବେ। ଏହି ପରୀକ୍ଷା ରେଗୁଲାର, ଏକ୍ସ-ରେଗୁଲାର ଓ ମଧ୍ୟମା ପରୀକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ। ଏଥିପାଇଁ ୮ ତାରିଖରୁ ପରୀକ୍ଷାର୍ଥୀଙ୍କ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହେବ। ପୂର୍ବାହ୍ନ ୧୦ଟାରୁ ପରୀକ୍ଷା ଆରମ୍ଭ ହେବ। ପ୍ରତ୍ୟେକ ପରୀକ୍ଷା ପୂର୍ବାହ୍ନ ୯ଟାରୁ ଆରମ୍ଭ ହୋଇ ସାଢେ ୧୨ଟାରେ ସରିବ। କେବଳ ଗଣିତ ପରୀକ୍ଷାରେ ଅତିରିକ୍ତ ୧୫ ମିନିଟ୍ ସମୟ ଦିଆଯାଇ ୧୨.୪୫ରେ ଶେଷ ହେବ। ପ୍ରଶ୍ନପତ୍ର ସୁରକ୍ଷା ପାଇଁ ଜିଲାର ସଦର ମହକୁମା ସୋନପୁରର ମହାରାଜା ହାଇସ୍କୁଲ, ବୀରମହାରାଜପୁର ହାଇସ୍କୁଲ, ଉଲୁଣ୍ଡାର ପଞ୍ଚାୟତ ସମିତି ହାଇସ୍କୁଲ, ତରଭା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ବିନିକା ହାଇସ୍କୁଲ, ରାମପୁର ହାଇସ୍କୁଲ ଓ ଡୁଙ୍ଗୁରିପାଲି ହାଇସ୍କୁଲ ଭଳି ୭ଟି ସ୍କୁଲକୁ ନୋଡାଲ ସେଣ୍ଟର କରାଯାଇଛି। ଚଳିତ ବର୍ଷ ତିନି ପର୍ଯ୍ୟାୟ ସିଲରେ ଯିବ ପ୍ରଶ୍ନପତ୍ର। ନୋଡାଲ ସେଣ୍ଟରରୁ ପରୀକ୍ଷା କେନ୍ଦ୍ରକୁ ନିରାପତ୍ତାରେ ପ୍ରଶ୍ନପତ୍ର ନେଇ ଯିବା ପାଇଁ ଡେସପାଚ ଟିମ୍ ଗଠନ କରାଯାଇଛି। ପୂର୍ବରୁ ପରୀକ୍ଷା କେନ୍ଦ୍ରକୁ କିଛି ଦିନ ଆଗରୁ ପ୍ରଶ୍ନପତ୍ର ଦିଆ ଯାଉଥିଲା। ଚଳିତ ବର୍ଷ ପରୀକ୍ଷା ଦିନ ସକାଳ ୬ଟାରୁ ସାଢେ ୮ଟା ମଧ୍ୟରେ ପ୍ରଶ୍ନପତ୍ର କେନ୍ଦ୍ରରେ ପହଞ୍ଚିବ। କପି ରୋକିବା ପାଇଁ ତ୍ରିସ୍ତରୀୟ ସ୍କ୍ୱାଡର୍ ବ୍ୟବସ୍ଥା କରାଯାଇଛି। ଯେଉଁଥିରେ ଜିଲା ପ୍ରଶାସନ, ଜିଲା ଶିକ୍ଷା ଅଧିକାରୀ ଓ ବୋର୍ଡ ତରଫରୁ କପି ରୋକିବା ପାଇଁ ସ୍କ୍ୱାର୍ଡ ଗଠନ କରାଯିବ। ପ୍ରତି କେନ୍ଦ୍ରରେ ନିରାପତ୍ତା ଦୃଷ୍ଟିରୁ ୧/୪ ସେକ୍ସନ ପୋଲିସ ଫୋର୍ସ ମୁତୟନ ପାଇଁ ବ୍ୟବସ୍ଥା ରହିଛି। ମହାରାଜା ହାଇସ୍କୁଲରେ ଜିଲାର ସମସ୍ତ ପରୀକ୍ଷା ଖାତା ମୂଲ୍ୟାୟନ ହେବ ବୋଲି ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ସୂଚନା ଦେଇଛନ୍ତି।

### କମୁଛି ମାଟ୍ରିକ ପରୀକ୍ଷାର୍ଥୀଙ୍କ ସଂଖ୍ୟା

ମାଟ୍ରିକ୍ ପରୀକ୍ଷା ୨୦୧୮ରେ ଏହି ଜିଲାରୁ ୮ ହଜାର ୯୭୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏଥିପାଇଁ ୪୮ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଗତବର୍ଷ ତୁଳନାରେ ଚଳିତ ବର୍ଷ ପରୀକ୍ଷାର୍ଥୀଙ୍କ ସଂଖ୍ୟା ୧୭୪ କମିଛି। ସେହିପରି ୨୦୧୭ରେ ଏହି ଜିଲାରୁ ୯ ହଜାର ୩୨୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୨୦୧୬ ତୁଳନାରେ ସେହିବର୍ଷ ପରୀକ୍ଷାର୍ଥୀଙ୍କ ସଂଖ୍ୟା ୩୫୦ କମିଥିଲା। ୨୦୧୬ରେ ଏହି ଜିଲାରୁ ୧୦ ହଜାର ୫୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୨୦୧୫ ତୁଳନାରେ ସେହିବର୍ଷ ପରୀକ୍ଷାର୍ଥୀଙ୍କ ସଂଖ୍ୟା ୭୨୬ କମିଥିଲା। ଏହି ଘଟଣା ଜିଲାର ଶିକ୍ଷା ବ୍ୟବସ୍ଥା ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରିଛି। ବିଶେଷ କରି ସରକାରୀ ଓ ବେସରକାରୀ ହାଇସ୍କୁଲ ଗୁଡିକର ଶିକ୍ଷାଦାନ ବ୍ୟବସ୍ଥା ପ୍ରତି ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ବିତସ୍ପୃହ ଏହାର ମୁଖ୍ୟ କାରଣ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ବ୍ୟବସାୟିକ ଶିକ୍ଷାନୁଷ୍ଠାନ ଗୁଡିକର ଭିତ୍ତିଭୂମି ଓ ଶିକ୍ଷାଦାନ ବ୍ୟବସ୍ଥା ଆକର୍ଷଣରେ ଅଭିଭାବକମାନେ ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏବେ ସରକାରୀ ହାଇସ୍କୁଲରୁ ପିଲାଙ୍କୁ ନେଇ ଯାଉଥିବା ଲକ୍ଷ୍ୟ କରାଯାଉଛି।

### ସିସିଟିଭି ବଳୟରେ ରହିବ ୧୦ ପରୀକ୍ଷା କେନ୍ଦ୍ର

ଚଳିତ ବର୍ଷ ପ୍ରଶ୍ନପତ୍ର ବିଭ୍ରାଟକୁ ଏଡାଇବା ପାଇଁ ପରୀକ୍ଷା କେନ୍ଦ୍ରଗୁଡିକୁ ସିସିଟିଭି ବଳୟରେ ରଖିବା ପାଇଁ ନିଷ୍ପତ୍ତି ହୋଇଛି। ଜିଲାର ୧୦ଟି କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯିବା ପାଇଁ ପ୍ରସ୍ତାବ ରହିଥିଲା। ପ୍ରାଥମିକ ପର୍ଯ୍ୟାୟରେ ୩ଟି କେନ୍ଦ୍ର ପାଇଁ ସିସିଟିଭି ଆସିଥିବା ଜଣାପଡିଛି। ଏହି କେନ୍ଦ୍ରଗୁଡିକ ହେଲା ଡୁଙ୍ଗୁରିପାଲି ବାଳକ ଉଚ୍ଚ ବିଦ୍ୟାଳୟ, ତରଭା ବ୍ଲକର ସରଗଜ ଉଚ୍ଚ ବିଦ୍ୟାଳୟ ଓ ଉଲୁଣ୍ଡା ବ୍ଲକର ସିନ୍ଧୋଲ ସ୍ଥିତ ଗୁପ୍ତେଶ୍ୱର ଉଚ୍ଚ ବିଦ୍ୟାଳୟ। ପରୀକ୍ଷା କେନ୍ଦ୍ରକୁ ମୋବାଇଲ ଫୋନ ନେବା ଉପରେ ମଧ୍ୟ ଚଳିତ ବର୍ଷ କଟକଣା ଜାରି ହୋଇଛି।

# ଜିଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମିଳିଲାନି ଘର

## ପରଘରେ ଆଶ୍ରୟ ନେଉଛନ୍ତି ଦିବ୍ୟାଙ୍ଗ ସୁନୀତା



ନିଜ ଭଙ୍ଗାଘର ଆଗରେ ଦିବ୍ୟାଙ୍ଗ ସୁନିତା।

**ଅମରପାଲି, ୫।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇ ଗ୍ରାମରେ ପକ୍କାଘର ଖଣ୍ଡେ ନ ପାଇବାରୁ ଜଣେ ଦିବ୍ୟାଙ୍ଗ ପର ଘରେ ଆଶ୍ରୟ ନେଇଛନ୍ତି। ଉକ୍ତ ଗ୍ରାମର ବାପଛେଉଣ୍ଡ ସୁନିତା ମନ୍ତ୍ରା ମୂକ ଓ ବଧିର। ତାଙ୍କୁ ୧୦୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ମଧ୍ୟ ଦିଆଯାଇଛି। ସରକାରଙ୍କ ତରଫରୁ ଭତ୍ତା ବାବଦକୁ ପାଉଛନ୍ତି ୫ଶହ ଟଙ୍କା। ଘରେ ସେ ବିଧବା ମା' ସୁବାଶିନୀ ମନ୍ତ୍ରାଙ୍କ ସହ ରହୁଥିଲେ। ଗତ ବର୍ଷାରେ ସେମାନେ ରହୁଥିବା ମାଟି ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଗଲା। ଗରୀବ ଶ୍ରେଣୀର ହୋଇଥିବାରୁ ସେମାନେ ଘରକୁ ଆଉ ମରାମତି କରିପାରିଲେ ନାହିଁ। ଫଳରେ ସେମାନେ ବାଧହୋଇ ଅନ୍ୟ ଜଣକଙ୍କ ଘରେ ଆଶ୍ରୟ ନେଉଛନ୍ତି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଜୁ ପକ୍କାଘର, ମୋ କୁଡିଆ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବ ଓ ଦିବ୍ୟାଙ୍ଗମାନଙ୍କୁ ଘର ଯୋଗାଇ ଦେଉଛନ୍ତି। ମାତ୍ର କିଛି ବିଭାଗୀୟ ଅଧିକାରୀଙ୍କ ଖିଆଲି ମନୋଭାବ ଯୋଗୁଁ ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବାଦ ପଡୁଛନ୍ତି। ଏନେଇ ଧରିତ୍ରୀରେ ଗତ ଜୁନ ୨୬ ତାରିଖରେ ଦିବ୍ୟାଙ୍ଗ ସୁନୀତାଙ୍କୁ ପକ୍କାଘର ସ୍ୱପ୍ନ ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶନ ପରେ ଡିଏଲସି ସଚିବ ସୁନୀତା ପଟ୍ଟନାୟକ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷଙ୍କୁ ଚିଠି ଲେଖି ପାରାଲିଗାଲ ଭଲ୍ୟୁଣ୍ଟିୟରଙ୍କ ଜରିଆରେ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏପରିକି ଦିବ୍ୟାଙ୍ଗ ସୁନିତା ଉଲୁଣ୍ଡା ବିଡିଓ, ବୀରମହାରାଜପୁର ଉପଜିଲାପାଳ ଓ ଜିଲାପାଳଙ୍କୁ ଅକ୍ଟୋବର ୨୨ତାରିଖରେ ଘରଖଣ୍ଡେ ପାଇଁ ଅଭିଯୋଗ କରିଥିଲେ। ତତ୍କାଳୀନ ଜିଲାପାଳ ତାଙ୍କୁ ଯଥାଶୀଘ୍ର ଘର ଯୋଗାଇ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତାଙ୍କୁ ଏଯାଏ ଘର ମିଳିପାରି ନାହିଁ। ଏନେଇ ସ୍ଥାନୀୟ ସରପଞ୍ଚ ସତ୍ୟାନନ୍ଦ ମେଣ୍ଡିଲିଙ୍କୁ ଯୋଗାଯୋଗ କରିବାରୁ ସୁନିତା ମନ୍ତ୍ରାଙ୍କୁ ବିଧାୟକଙ୍କ ଅନୁମୋଦନ ପରେ ବିଜୁ ପକ୍କାଘର ଯୋଗାଇ ଦିଆଯିବ ବୋଲି କହିଥିଲେ।

# ୧୨୦ ଛାତ୍ରୀ ନେବେ ଆତ୍ମରକ୍ଷା ତାଲିମ

**ବିନିକା, ୫।୨(ଡି.ଏନ୍.ଏ.)**




ଶିବିର ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ଅତିଥି।

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜ ପରିସରରେ ମଙ୍ଗଳବାର ଆତ୍ମରକ୍ଷା ତାଲିମ୍ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିରକୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାପାଳ ମଧୁସୂଦନ ମିଶ୍ର ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ ପଣ୍ଡାଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରର ସଂଯୋଜକ ଅଧ୍ୟାପକ ହରିଶ୍ଚନ୍ଦ୍ର ହୋତା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଧିରେନ୍ଦ୍ର କୁମାର ନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଶିବିର ଆସନ୍ତା ୧୯ତାରିଖ ଯାଏଁ ଚାଲିବ। ୧୨୦ଜଣ ଛାତ୍ରୀ ଶିବିରାର୍ଥୀଭାବେ ଯୋଗଦେଇଛନ୍ତି। ଆମସୁରକ୍ଷା ତାଲିମ୍‌ପ୍ରାପ୍ତ ଛାତ୍ରୀ ସୁରୁବୁଇ ବାରିକ, ଟିଂକି ସାହୁ ଓ ସୁରଭୀ ଦାଶ ପ୍ରଶିକ୍ଷଣ କାର୍ଯ୍ୟ ତୁଲାଇବେ। ଶେଷରେ ଅଧ୍ୟାପକ ଗୋପାଳକୃଷ୍ଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ମଣ୍ଡି ବନ୍ଦ: ସରିଲା ସରକାରୀ ଧାନ ସଂଗ୍ରହ ପ୍ରକ୍ରିୟା

# ଚାଷୀ ବିକିଲେ ୮ଲକ୍ଷ ୨୨ହଜାର ୫୮୧ କ୍ୱିଣ୍ଟାଲ

**ବୀରମହାରାଜପୁର, ୫।୨ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲାର ଅନ୍ୟାନ୍ୟ ଅଞ୍ଚଳ ସହ ବୀରମହାରାଜପୁର ଉପଖଣ୍ଡର ଦୁଇଟି ଯାକ ବ୍ଲକରେ ସୋମବାରଠାରୁ ଧାନ ମଣ୍ଡିଗୁଡିକ ବନ୍ଦ ରଖାଯାଇଛି। ପୂର୍ବ ଘୋଷଣା ଅନୁସାରେ ଯୋଗାଣ ବିଭାଗ ପକ୍ଷରୁ ଉପଖଣ୍ଡର ୨୦ଟି ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ମାଧ୍ୟମରେ ଚାଲିଥିବା ଧାନସଂଗ୍ରହ ପ୍ରକ୍ରିୟାକୁ ରହିତ କରାଯାଇଛି। ତେବେ କେତେକ ମଣ୍ଡିରେ ଧାନ ବିକ୍ରି ହୋଇ ନ ପାରି ପଡି ରହିବା ଫଳରେ ଅସନ୍ତୋଷ ପ୍ରକାଶ ପାଇଛି। ଉପଖଣ୍ଡ ପ୍ରଶାସନ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଚଳିତ ବର୍ଷ ସମୁଦାୟ ୮ଲକ୍ଷ ୨୭ ହଜାର ୫୮୧ କ୍ୱିଣ୍ଟାଲ ଖରିଫ ଧାନ ସଂଗୃହୀତ ହୋଇଛି। ଏ ଦିଗରେ ୨୦ଟି ପ୍ୟାକ୍ସ ମଧ୍ୟରୁ ଉଲୁଣ୍ଡା ବ୍ଲକରେ ଜାଲୋଏ ପ୍ୟାକ୍ସ ସର୍ବାଧିକ ୮୧,୮୦୪ କ୍ୱିଣ୍ଟାଲ ଏବଂ ବୀରମହାରାଜପୁର ବ୍ଲକରେ ମୁର୍ଷୁଣ୍ଡୀ ପ୍ୟାକ୍ସ ୬୦, ୪୮୪. ୬୮ କ୍ୱିଣ୍ଟାଲ ଧାନ କିଣି ଆଗରେ ଅଛନ୍ତି। ଏହିକ୍ରମରେ ବୀରମହାରାଜପୁର ବ୍ଲକ ଅଧିନ ଖଣ୍ଡହତା ପ୍ୟାକ୍ସ ଜରିଆରେ ୪୭, ୦୦୫ କ୍ୱିଣ୍ଟାଲ, ସୁବଳୟା ୧୯, ୪୪୯, ହିଲୁଙ୍ଗ ୪୮. ୨୪୭, କେନ୍ଦୁଝରିଆପାଲି ୪୯.୧୩୭, ବହଳପଦର ୪୦୧୭୦, ଉଫୁଲା ୨୯୨୬୧.୬୨, ଜଟେସିଂଘା ୪୧, ୮୦୧, ବାଗବର ୨୪, ୭୭୨.୮୪ ଏବଂ ପିତାମହୁଲ ପ୍ୟାକ୍ସରେ ୩୪.୫୦୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ସେହିଭଳି ଉଲୁଣ୍ଡା ବ୍ଲକର ଏସ ପତ୍ରପାଲି ପ୍ୟାକ୍ସ ଜରିଆରେ ଚାଷୀଙ୍କଠାରୁ ୨୯.୪୫୩ କ୍ୱିଣ୍ଟାଲ ଧାନ ସହାୟକ ମୂଲ୍ୟରେ କ୍ରୟ ହୋଇଛି। କୋଟସମଲାଇରେ ୫୬, ୫୭୮, ମହଦା ୩୮୩୦୦.୫୨, ଚଢ଼େଇପଙ୍କ ୭୫, ୨୨୭, ରକସା ୩୪, ୨୪୫.୫୮, କଳାପଥର ୩୫, ୩୭୨. ୮୯, ବିଶିପଡା ୪୨, ୦୨୪.୫୫, ଉଲୁଣ୍ଡା ୨୫, ୬୮୦.୮୯ ଏବଂ ପଥମହଲା ପ୍ୟାକ୍ସରେ ୪୮, ୫୫୧.୬୭ କ୍ୱିଣ୍ଟାଲ ଧାନ ସଂଗୃହୀତ ହୋଇଥିବା ଅତିରିକ୍ତ ଯୋଗାଣ ଅଧିକାରୀ ସୁବୋଧ କୁମାର ହୋତାଙ୍କଠାରୁ ସୂଚନା ମିଳିଛି।

# କାଳିଆ ଯୋଜନାରେ ପଡ଼ିଛି ୪୭୯୫୬ ଆବେଦନ

**ବୀରମହାରାଜପୁର, ୪।୨ (ଡି.ଏନ.ଏ.)**



ବ୍ୟାଙ୍କ ସମ୍ମୁଖରେ ହିତାଧିକାରୀଙ୍କ ଭିଡ଼।

**ବୀରମହାରାଜପୁର ବ୍ଲକ**

- ଚିଠା ତାଲିକାର ବହୁ ଚାଷୀଙ୍କୁ ମିଳିନି ଟଙ୍କା
- ଆଶା, ଆଶଙ୍କାରେ ହିତାଧିକାରୀ

ଏବେ ସବୁଠି କାଳିଆ ଯୋଜନା ଚର୍ଚ୍ଚା। ଆଉ ସୋଇଥି ପାଇଁ ସୁବର୍ଣ୍ଣପୁର ଜିଲାର କୃଷି ପ୍ରଧାନ ଅଞ୍ଚଳ ଭାବେ ପରିଚିତ ବୀରମହାରାଜପୁର ଉପଖଣ୍ଡ ସାରା ଚଳଚଞ୍ଚଳ। ସରକାରଙ୍କ ଘୋଷଣାନୁଯାୟୀ, ଏହି ଯୋଜନାରେ ସାମିଲ ହେବାକୁ ପର୍ଯ୍ୟାୟ କ୍ରମେ ଆବେଦନ ପତ୍ର ଦାଖଲ ଦେବା ସହ ତନଖି ପାଇଁ ବିଭିନ୍ନ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ମାନଙ୍କରେ ସ୍ଥାନୀୟ ଚାଷୀମାନଙ୍କ ଚଳପ୍ରଚଳ ଲାଗିରହିଛି। ଆକାଉଣ୍ଟ ଖୋଲିବା ଏବଂ ଟଙ୍କା ଉଠାଣ ନିମନ୍ତେ ବ୍ୟାଙ୍କରେ ବି ସବୁବେଳେ ଭିଡ ପରିଲକ୍ଷିତ ହେଉଛି। ମିଳିଥିବା ସୂଚନାମତେ ୩ତାରିଖ ରବିବାର ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ପତ୍ର ଦାଖଲର ଶେଷ ଅବଧି ସୁଦ୍ଧା କେବଳ ବୀରମହାରାଜପୁର ବ୍ଲକରେ ପଡିଛି ସମୁଦାୟ ୪୭, ୯୫୬ଟି ସବୁଜ ଫର୍ମ। ଯୋଜନାର ନୋଡାଲ ଅଫିସର ଦାୟିତ୍ୱରେ ଥିବା ବୀରମହାରାଜପୁର ବ୍ଲକ ସହକାରୀ କୃଷି ଅଧିକାରୀ କାଳିନ୍ଦୀ ପରିଡାଙ୍କଠାରୁ ସଂଗୃହୀତ ତଥ୍ୟ ଅନୁସାରେ ଗତ ମାସ ୧୫ତାରିଖ ସୁଦ୍ଧା ପ୍ରଥମ ପର୍ଯ୍ୟାୟ ପଞ୍ଜିକୃତ ହୋଇଥିବା ମୋଟ ୨୬, ୯୮୧ ଆବେଦନ ପତ୍ର ମଧ୍ୟରୁ ୧୨ ହଜାର ୭୯୫ ଜଣ କ୍ଷୁଦ୍ର ତଥା ନାମମାତ୍ର ଚାଷୀ ଥିବାବେଳେ ୯୫୧୧ ଭୂମିହୀନ ଆବେଦନ କରିଥିଲେ। ତାଛଡା ସରକାରୀ ଭାବେ ପ୍ରକାଶିତ ଚାଷୀ ଚିଠା ତାଲିକା ମଧ୍ୟରୁ ଟଙ୍କା ପାଇ ନ ଥିବା ଚାଷୀଙ୍କୁ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବାକୁ ପରାମର୍ଶ ଦିଆଯାଇଥିଲା। ଏମାନଙ୍କ ମଧ୍ୟରେ ୪୬-୭୫ ଚାଷୀ ଆବେଦନପତ୍ର ଦାଖଲ କରିଥିବା ଜଣାପଡିଛି। ପ୍ରଥମ ପର୍ଯ୍ୟାୟ ଦରଖାସ୍ତକାରୀଙ୍କ ବିସ୍ତୃତ ତାଲିକା ପ୍ରକାଶ ପାଇ ସାରିଥିବା ବେଳେ ରବିବାର ୨ୟ ପର୍ଯ୍ୟାୟ ଆବେଦନ ପ୍ରକ୍ରିୟା ମଧ୍ୟ ସରିଛି। ଏହିକ୍ରମରେ ମିଳିଥିବା ସମୁଦାୟ ୨୦ ହଜାର ୯୭୫ ଆବେଦନ ପତ୍ର ମଧ୍ୟରୁ ରହିଛି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କର ୨୨୮୮ ଏବଂ ଭୂମିହୀନ ଶ୍ରେଣୀର ୧୫, ୧୮୪। ସେହିଭଳି ପୂର୍ବ ଚିଠାର ଅସମ୍ପୂର୍ଣ୍ଣ ତାଲିକାରେ ସ୍ଥାନପାଇଥିବା ଚାଷୀଙ୍କ ମଧ୍ୟରୁ ୩୫୦୩ ଜଣ ଏଥର ଆବେଦନ କରିଥିବା ଜଣାଯାଇଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ସରକାରଙ୍କ ଦ୍ୱାରା ପୂର୍ବ ପ୍ରକାଶିତ ଚିଠାରେ ସ୍ଥାନିତ ବ୍ୟକ୍ତିଙ୍କୁ ହିତାଧିକାରୀଭାବେ ଚିହ୍ନଟ କରାଯାଇ ଆବେଦନ ପତ୍ର ଦାଖଲର ଆବଶ୍ୟକତା ନଥିବା କୁହାଯାଇଥିଲା। କିନ୍ତୁ ସେମାନଙ୍କ ମଧ୍ୟରୁ କେତେକଙ୍କ ଆକାଉଣ୍ଟକୁ ଟଙ୍କା ପହଞ୍ଚିଥିବା ବେଳେ ଅନେକ ତହିଁରୁ ବଞ୍ଚିତ ହୋଇଛନ୍ତି। ଯଦ୍ୱାରା ଗାଁ ଗାଁରେ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନିକ ସୂଚନାନୁଯାୟୀ, ସେଭଳି ଚାଷୀ ପୁନଃ ସହଜ ଫର୍ମରେ ଆବେଦନ କରିଥିଲେ ସୁଦ୍ଧା ସହାୟତା ଟଙ୍କା ପାଇବା ନେଇ ଆଶା ଓ ଆଶଙ୍କା ଭିତରେ ରହିଛନ୍ତି। ଏହାକୁ ନେଇ ସବୁଠି ଚର୍ଚ୍ଚା ଚାଲିଛି।

## ସଂକ୍ଷେପରେ



### ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଭେଡ଼େନ,୫।୨(ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଅନ୍ତର୍ଗତ ଅଏଁଲାପାଲି ଗ୍ରାମପଞ୍ଚାୟତର ରୁଗୁଡ଼ି ବରଗାଁରେ ଦୁର୍ଗା ମନ୍ଦିର ଏବଂ ଗୁରୁପାଲିରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଆରମ୍ଭ ହୋଇଛି । ରୁଗୁଡ଼ି ବରଗାଁରେ ଜିରା ନଦୀରୁ କଳସ ଆବାହନ କରି ଯଜ୍ଞସ୍ଥଳରେ ସ୍ଥାପନ କରାଯିବା ପରେ ହୋମ ଯଜ୍ଞାରମ୍ଭ, ଚଣ୍ଡୀପାଠ ଆରମ୍ଭ ହୋଇଛି । ଏଥିରେ କର୍ତ୍ତା ଭାବେ ରସିକ ବାଗ ଏବଂ ତାଙ୍କ ସ୍ତ୍ରୀ ବନବାସୀ ବାଗ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ବିନୋଦ ବିହାରୀ ଦାଶ, ରାଜେନ୍ଦ୍ର ପାଣିଗ୍ରାହୀ ଏବଂ କୃଷ୍ଣଚନ୍ଦ୍ର ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଏହି ଅବସରରେ ସସ୍ମିତା ଭୋଇ ସୁନ୍ଦରାକାଣ୍ଡ ପାରାୟଣ ଏବଂ ନାଟକ ପରିବେଷିତ ହୋଇଥିଲା । ଆସନ୍ତା ୭ତାରିଖରେ ଏହା ଉଦ୍ଯାପିତ ହେବ । ସେହିପରି ଗୁରୁପାଲିରେ ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ ସୋମବାର ମଣ୍ଡଳକରଣ, ମଙ୍ଗଳବାର ମନ୍ଦିରର ରତ୍ନମୁଦ ଉତ୍ସବ ହୋଇ କଳସ ଯାତ୍ରା ହୋଇଥିଲା । ଏହି ଅବସରରେ ବନ୍ଦିତା ନାୟକଙ୍କ ସୁନ୍ଦରାକାଣ୍ଡ ପାରାୟଣ ପରିବେଷିତ ହୋଇଥିଲା ।

### ଭାଜପାର ପ୍ରାକ୍ ନିର୍ବାଚନୀ ବୈଠକ

**ସୋହେଲା, ୫।୨(ଡ଼ି.ଏନ.ଏ):** ସୋହେଲା ବ୍ଲକ ଟୁର୍ଙ୍ଗିବନ୍ଧଲି ପଞ୍ଚାୟତ ଡାଣ୍ଡୋଲ ଗ୍ରାମ ନିକଟସ୍ଥ ଉତାଲି ଡ୍ୟାମଠାରେ ପଞ୍ଚାୟତସ୍ତରୀୟ ଭାଜପା କର୍ମକର୍ତ୍ତାଙ୍କ ଏକ ପ୍ରାକ୍ ନିର୍ବାଚନୀ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁବନେତା ବାସୁଦେବ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ହୃଷିକେଶ ନାୟକ ଓ ପଲସ୍ତି ସାହାଙ୍କ ଆହ୍ୱାନ ତଥା ତରଣୀ ଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସାମ୍ପ୍ରତିକ ରାଜନୈତିକ ସ୍ଥିତି ଉପରେ ବିଚାର ବିମର୍ଶ ହୋଇଥିଲା । ଆଗାମୀ ଦିନରେ ଦଳକୁ କିପରି ଅଧିକ ମଜବୁତ କରାଯାଇ ପାରିବ ସେ ନେଇ ମୁଖ୍ୟଅତିଥି ନାୟକ ଆଲୋକପାତ କରିଥିଲେ । ଶେଷରେ ଦାରା ସିଂ ଲୁହୁରା ଧନ୍ୟବାଦ ଅର୍ପଣ କରିଥିଲେ ।

### ଶହୀଦଙ୍କ ସ୍ମୃତିରେ ରକ୍ତ ସଂଗ୍ରହ

**ବରଗଡ଼ ଅଫିସ୍,୫।୨;** ଶହୀଦ ହେମନ୍ତ ପଣ୍ଡାଙ୍କ ସ୍ମୃତିରେ ଜୀବନ ବିନ୍ଦୁ ଆନୁକୂଲ୍ୟରେ ବରଗଡ଼ ବ୍ଲକ କଟାପାଲିରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ତଥା ବିଜେଡ଼ି ନେତା ସମ୍ବିତ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍ଘାଟନ କରିଥିଲେ । ଜୀବନ ବିନ୍ଦୁର ଜିଲା ଯୁଗ୍ମ ସଂଯୋଜକ ଅଶ୍ୱିନୀ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶିବିରରେ ୪୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଯୁବନେତା ଉମେଶ ପଣ୍ଡା, ଆଶିଷ କର, ଦିବ୍ୟ କିଶୋର ଆଚାର୍ଯ୍ୟ, ହଳଦର ଶାହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ରକ୍ତଦାତାମାନଙ୍କୁ ଜୀବନ ବିନ୍ଦୁ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରର ଟେକ୍ନିସିଆନ ରକ୍ତ ସଂଗ୍ରହ କରିଥିଲେ ।

### ଗଡ଼ିଲା ସଡ଼କ ସୁରକ୍ଷା ରଥ

**ବରଗଡ଼ ଅଫିସ୍,୫।୨:** ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସ୍ଥାନୀୟ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସୋମବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ସଡ଼କ ସୁରକ୍ଷା ରଥର ଶୁଭାରମ୍ଭ କରାଯାଇଛି । ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରଥର ଶୁଭାରମ୍ଭ କରିଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ ସଡ଼କ ସୁରକ୍ଷା ରଥ ପରିକ୍ରମା ଉପରେ ସୂଚନା ଦେଇଥିଲେ । ଏହି ରଥ ଜିଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ସଡ଼କ ସୁରକ୍ଷା ତଥା ଟ୍ରାଫିକ ନିୟମ ଉପରେ ଲୋକଙ୍କୁ ସଚେତନ କରିବ ବୋଲି ସେ କହିଥିଲେ ।

# ମଦ ଜବତ କରି ପୋଡ଼ିଲେ ମହିଳା

**ବରଗଡ଼ ଅଫିସ୍,୫।୨**

ବରଗଡ଼ ସହର ସମେତ ସାରା ଜିଲାରେ ନିଶା କାରବାର ବଢ଼ି ଚାଲିଛି। ଚୋରାମଦ, ଗଞ୍ଜେଇ, କଫ ସିରପ୍, ନିଶା ବଟିକା ଆଦି ଅବାଧରେ ବିକ୍ରି ଚାଲିଛି। ଏଥିପାଇଁ ନିଶାଜନିତ ଅପରାଧ ସାଙ୍ଗକୁ ସଡ଼କ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଏଭଳିସ୍ଥଳେ ଅବକାରୀ ଓ ପୋଲିସ ଚେଇଁ ଶୋଇ ଥିବାବେଳେ ଜିଲାର ବିଭିନ୍ନ ସ୍ଥାନରେ ମହିଳାମାନେ ନିଶା ବିରୋଧୀ ଅଭିଯାନରେ ବାହାରିଛନ୍ତି। ମଙ୍ଗଳବାର ବରଗଡ଼ ସହରସ୍ଥିତ ନଦୀପଡ଼ାର ମହିଳାମାନେ ସଙ୍ଗଠିତ ହୋଇ ମଦ ବିରୋଧରେ ରାସ୍ତାକୁ ଓହ୍ଲାଇଥିଲେ । ସେମାନେ ପଡ଼ାରେ ବିକ୍ରି ହେଉଥିବା ମଦ ଜବତ କରି ତାକୁ ରାସ୍ତା ଉପରେ ପୋଡ଼ିଥିବା ଦେଖିବାକୁ ମିଳିଥିଲା ।

ବରଗଡ଼ ସହରର ବିଭିନ୍ନ ଗଳିକନ୍ଦିରେ ଚୋରାମଦ, ଗଞ୍ଜେଇ, କଫ୍ ସିରପ୍, ନିଶା ବଟିକା କାରବାର ଚାଲୁଥିବା ଯୋଗୁ ଅଞ୍ଚଳରେ ତାର ଯଥେଷ୍ଟ କୁପ୍ରଭାବ ପଡ଼ୁଛି । ନିଶା ସେବନ କରି ଯୁବପୀଢ଼ି ପଥଭ୍ରଷ୍ଟ ହେଉଛନ୍ତି । ସେଥିପାଇଁ ନାନାଦି ହିଂସା ମଧ୍ୟ ଘଟୁଛି । ଏଭଳି ନିଶା କାରବାର ବନ୍ଦ କରିବା ଦିଗରେ ବିହିତ

**ନିଶା ବିରୋଧରେ ତାତିଲେ**



ମହିଳାମାନେ ଜବତ କରିଥିବା ଚୋରାମଦ ପୋଡୁଛନ୍ତି ।

ପଦକ୍ଷେପ ନେବା ପାଇଁ ନଦୀପଡ଼ାବାସୀ ପୂର୍ବରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଫେରାଦ ହୋଇଥିଲେ । ଏହାସତ୍ତ୍ୱେ କିଛି ପଦକ୍ଷେପ ନିଆଯାଇ ନ ଥିବା ଯୋଗୁ ପଡ଼ାର ମହିଳାମାନେ ସଙ୍ଗଠିତ ହୋଇ ମଦ ଜବତ କରିଥିଲେ । ପରେ ସେମାନେ ବରଗଡ଼ ସହରରୁ ଅମ୍ବାପାଲିକୁ ସଂଯୋଗ କରୁଥିବା ଜିରା ନଦୀର ଫେୟାର ୱେଦର ରାସ୍ତାକୁ ଆସି ଅବରୋଧ କରିଥିଲେ । ସ୍ଥାନୀୟ ପୋଲିସ ଆନ୍ଦୋଳନସ୍ଥଳକୁ ପହଞ୍ଚି ମଦ ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଏହାପରେ ସେମାନେ ରାସ୍ତାରୋକୋ ଆନ୍ଦୋଳନରୁ ଓହରିଥିଲେ । ତେବେ ଚୋରାମଦ ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆଗକୁ ଆନ୍ଦୋଳନକୁ ବ୍ୟାପକ କରିବେ ବୋଲି ମହିଳାମାନେ ଚେତାବନୀ ଦେଇଥିଲେ ।

# ଜିଲାପାଳଙ୍କୁ ଡେବ୍ରିଗଡ଼ ବିସ୍ଥାପିତଙ୍କ ଫେରାଦ

**ବରଗଡ଼ ଅଫିସ୍,୫।୨**

ବରଗଡ଼ ଜିଲା ଡେବ୍ରିଗଡ଼ ଅଭୟାରଣ୍ୟର ବିସ୍ଥାପିତଙ୍କୁ ପ୍ରତିଶ୍ରୁତି ମୁତାବକ ସୁବିଧା ସୁଯୋଗ ମିଳି ନ ଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ନେଇ ଏହି ଅଭୟାରଣ୍ୟର ଝଗଡ଼ାବେହେରା ଏବଂ ଡେବ୍ରିଗଡ଼ରୁ ବିସ୍ଥାପିତ ହୋଇଥିବା ଲୋକେ ସୋମବାର ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ସେମାନେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟି ପ୍ରତିଶ୍ରୁତି ମୁତାବକ ସେମାନଙ୍କୁ ସରକାରୀ ସହାୟତା ମିଳି ନ ଥିବା ଅଭିଯୋଗ କରିଥିଲେ। ଏ ନେଇ ସେମାନେ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରିଥିଲେ ।

ବିସ୍ଥାପନ କରିବା ସମୟରେ ସେମାନଙ୍କୁ ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ଗୃହ, ବିଜୁ ପକ୍କାଘର ଆଦି ଯୋଗାଇ ଦେବା ସହିତ ୪ ଡେସିମିଲ ଲେଖାଏଁ ବାସୋପଯୋଗୀ ଜମି ଦେବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା । ଏହା ସହିତ ବିଦ୍ୟୁତ, ପାନୀୟଜଳ, ରାସ୍ତାଘାଟର ସୁବିଧା ସୁଯୋଗ ସହିତ ବିସ୍ଥାପିତ ହୋଇଥିବା ୧୮ଜଣ ଝିଅଙ୍କୁ ମଧ୍ୟ କ୍ଷତିପୂରଣ ଦିଆଯିବ ବୋଲି ବିଭାଗୀୟ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବିସ୍ଥାପନ ହେବାର ବର୍ଷାଧିକ କାଳ ବିତିଯିବା ପରେ ମଧ୍ୟ ସେମାନଙ୍କୁ ଉପରୋକ୍ତ ସୁବିଧାସୁଯୋଗ ମିଳି ନ ଥିବା ବିସ୍ଥାପିତ ଲୋକେ ଅଭିଯୋଗ କରିଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ଅରକ୍ଷିତ ଭୁଏ, ପ୍ରମୋଦ ଭୁଏ,ସଂକୀର୍ତ୍ତନ ଭୁଏ ପ୍ରମୁଖ ଜିଲାପାଳ ଅଫିସ ଆସି ସାମାଜିକ କର୍ମୀ ଅମିତାଭ ପାତ୍ରଙ୍କ ନେତୃତ୍ୱରେ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ପଦ୍ମପୁରକୁ ଜିଲା, ଗାଇସିଲେଟକୁ ସବ୍ ଡିଭିଜନ ମାନ୍ୟତା ଦାବି



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଉଛି ।

**ଗାଇସିଲେଟ, ୫।୨(ଡି.ଏନ.ଏ)**

ପଦ୍ମପୁରକୁ ଜିଲା ଓ ଗାଇସିଲେଟକୁ ସବ୍‌ଡିଭିଜନ ମାନ୍ୟତା ଦାବି ନେଇ କ୍ରିୟାନୁଷ୍ଠାନ କମିଟି ବ୍ଲକ ଆବାହକ ରଞ୍ଜନ ପଣ୍ଡାଙ୍କ ଆହ୍ୱାନରେ ତହସିଲ ଅଫିସ ସମ୍ମୁଖରେ ଧାରଣା ଜାରି ରହିଛି। ଏହି ଧାରଣାରେ ମଙ୍ଗଳବାର ନାଗରିକ କମିଟି ସଭାପତି ପ୍ରଣୟ କୁମାର ସାହୁ, ସମ୍ପାଦକ ପ୍ରବୀଣ ପାଣିଗ୍ରାହୀ, ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ, ସରପଞ୍ଚ ସଂଘ ସଭାପତି ସରୋଜ ଶ୍ରୀ ଭୂଷଣ ସାହୁ, ସମିତି ସଭ୍ୟ ସଭାପତି ଦେବେନ୍ଦ୍ର ଯୋଷୀ, କେନ୍ଦ୍ରୀୟ ଆବାହକ କମିଟି ସଦସ୍ୟ ଅରବିନ୍ଦ ପଣ୍ଡା, ଓକିଲ ସଂଘର ଆଲୋକ ଦାଶ, ଏମ୍‌ପି ପ୍ରତିନିଧି ଶ୍ରୀକାନ୍ତ ଦାଶ, ବଣିକ ସଂଘର ଅମୂଲ୍ୟ ଯୋଷୀ, ବିଜେଡି ନେତା ମନୋଜ ପଣ୍ଡା, କୈବର୍ତ୍ତ ସମାଜର ଉପେନ୍ଦ୍ର କାଲୋ ପ୍ରମୁଖ ଉପସ୍ଥିତ ଥିଲେ । ପଦ୍ମପୁରକୁ ଜିଲା ତଥା ଗାଇସିଲେଟକୁ ସବ୍‌ଡିଭିଜନ ମାନ୍ୟତା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ଭଗତ ସେଠଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା ।

# ଆଜିଠୁ ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ବରଗଡ଼ ଅଫିସ୍,୫।୨**

ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ ଅଧିନରେ କାର୍ଯ୍ୟ କରୁଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନଏଚଏମ) କର୍ମଚାରୀମାନେ ବିଭିନ୍ନ ଦାବି ନେଇ ବୁଧବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ । ଏ ନେଇ ସେମାନେ ମଙ୍ଗଳବାର ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡ଼ିଏମଓ) ଡା. ନନ୍ଦକିଶୋର ପାଢ଼ୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ଗତ ୧୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ



ସ୍ୱାସ୍ଥ୍ୟ ମିଶନ କର୍ମଚାରୀମାନେ ସିଡ଼ିଏମଓଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

କରି ଆସୁଛନ୍ତି । ସମାନ କାମକୁ ସମାନ ଦରମା, ନନ୍ ମେଡ଼ିକୋ ପବ୍ଲିକ ହେଲ୍ଥ ମ୍ୟାନେଜମେଣ୍ଟ କ୍ୟାଡ଼ର ତିଆରି, ସମସ୍ତ କର୍ମଚାରୀଙ୍କୁ ସ୍ଥାୟୀ କରିବା, କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ପ୍ରଦାନ, ସ୍ୱାସ୍ଥ୍ୟବୀମା ପ୍ରଦାନ, ପର୍ଫରମେନ୍ସ ଇନସେଣ୍ଟିଭ ଉଚ୍ଛେଦ, ଘରଭଡ଼ା ଓ ଅଭିଜ୍ଞତା ଭତ୍ତା ପ୍ରଦାନ ଆଦି ପାଇଁ କର୍ମଚାରୀମାନେ ବହୁଦିନରୁ ଦାବି କରିଆସୁଛନ୍ତି । ମାତ୍ର ସରକାର ସେହି ଦାବି ପୂରଣ ନେଇ ଆଦୌ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି । ଏହି ଦାବି ସମୂହ ନେଇ ଗତବର୍ଷ ସେପ୍ଟେମ୍ବର ୧୦ତାରିଖରୁ କର୍ମଚାରୀମାନେ ବିଧାନସଭା ସମ୍ମୁଖରେ ୭ଦିନ ଧରି ଧାରଣାରେ ବସିଥିଲେ । ସେତେବେଳେ ସରକାର ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଇତିମଧ୍ୟରେ ୫ମାସ ବିତିଯିବା ସତ୍ତ୍ୱେ କିଛି ପଦକ୍ଷେପ ନିଆଯାଇ ନ ଥିବା ଯୋଗୁ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଥିବା ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ବରଗଡ଼ ଶାଖା ସଭାପତି ବେଦବ୍ୟାସ ହୋତା ସୂଚନା ଦେଇଛନ୍ତି ।

# ଓକିଲଙ୍କ ଆନ୍ଦୋଳନ, କୋର୍ଟ ଅଚଳ



ବିଚାରପତିମାନେ ଓକିଲଙ୍କ ସହିତ କୋର୍ଟ ସମ୍ମୁଖରେ ଆଲୋଚନା କରୁଛନ୍ତି ।

**ବରଗଡ଼ ଅଫିସ୍,୫।୨**

ପଶ୍ଚିମ ଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବି ନେଇ ଓକିଲଙ୍କ ଆନ୍ଦୋଳନ ଦିନକୁ ଦିନ ବ୍ୟାପକ ହେବାରେ ଲାଗିଛି । ଏହି ଦାବି ନେଇ ଗତ ୧ତାରିଖରୁ ବରଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ସ୍ଥାନୀୟ କୋର୍ଟକୁ ଅଚଳ କରି ଦିଆଯାଇଛି । କୋର୍ଟ ସମ୍ମୁଖରେ ଓକିଲମାନେ ପିକେଟିଂ କରୁଥିବା ଯୋଗୁ କୋର୍ଟର ବିଚାରପତି ତଥା ଅନ୍ୟ ବିଚାର ବିଭାଗୀୟ କର୍ମଚାରୀମାନେ କୋର୍ଟ ଭିତରକୁ ପଶି ପାରୁ ନାହାନ୍ତି । କୋର୍ଟକୁ ଆସୁଥିଲେ ମଧ୍ୟ ସେମାନଙ୍କୁ କୋର୍ଟ ସମ୍ମୁଖରୁ ଫେରିଯିବାକୁ ପଡ଼ୁଛି । ଫଳରେ ଏଠାରେ ଗତ ୫ଦିନ ହେଲା କୋର୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ପଡ଼ିଯାଇଛି । ଆସନ୍ତା ସାଧାରଣ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ପର୍ଯ୍ୟନ୍ତ କୋର୍ଟକୁ ଏଭଳି ଅଚଳ କରି ଦିଆଯିବ ବୋଲି ଓକିଲ ସଂଘ ସାଧାରଣ ସମ୍ପାଦକ ଲିପ୍‌ସିତ ମିଶ୍ର ସୂଚନା ଦେଇଛନ୍ତି ।

# ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ବଣ୍ଟନ

**ପାଇକମାଲ, ୫।୨ (ଡି.ଏନ.ଏ)**

ପାଇକମାଲ ବିନ୍ଧ୍ୟବାସିନୀ ଡିଗ୍ରୀ କଲେଜରେ ବିଏ (ସ୍ନାତକ)- ୨୦୧୮ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏ ନେଇ ଅନୁଷ୍ଠିତ ସଭାରେ କଲେଜ ଅଧ୍ୟକ୍ଷ ଲୋହିତ କୁମାର ବାରିକ ସଭାପତିତ୍ୱ କରିଥିଲେ। ବୀରସୁରେନ୍ଦ୍ର ସାଏ ମେଡିକାଲ କଲେଜର ସହାୟକ ପ୍ରଫେସର ଡ. ଶଙ୍କର ରାମଚନ୍ଦାନୀ ମୁଖ୍ୟଅତିଥି, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ କ୍ଷିତି ଭୂଷଣ ବିଶ୍ୱାଳ ମୁଖ୍ୟବକ୍ତା, ନିତ୍ୟାନନ୍ଦ ଜେନା ଓ ଅଧ୍ୟାପକ ପ୍ରଭାତ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ୯୪ଜଣ ସ୍ନାତକ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ସେହିପରି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଭାଗ ନେଇଥିବା ୫୧ଜଣ ଓ କୃତୀ ଖେଳାଳିମାନଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା । ପ୍ରଦୀପ୍ତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ ।

# କ୍ରିକେଟ ଟୁର୍ନାମେଣ୍ଟ: ବାଦୀପାଲିକୁ ହରାଇ ନଅଗାଁ ଚାମ୍ପିୟନ

**ସୋହେଲା, ୫।୨(ଡି.ଏନ.ଏ)**

ସୋହେଲା ବ୍ଲକ ନଅଗାଁର ବିଜୟ ବାବୁଲୁ(ବିବି) ସ୍ପୋର୍ଟିଙ୍ଗ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ପଡିଆଠାରେ ଗତ ୩୦ ତାରିଖରୁ ଆରମ୍ଭ ହୋଇଥିବା ୨ୟ ବାବୁଲୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍ଯାପିତ ହୋଇଛି । ଏଥିରେ ନଅଗାଁ ଦଳ ଚାମ୍ପିୟନ ହୋଇଛି । ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ଖେଳରେ ଆୟୋଜକ ନଅଗାଁ ଦଳ ୬ ଉଇକେଟରେ ବାଦୀପାଲି ଦଳକୁ ପରାସ୍ତ କରିଥିଲା । ନଅଗାଁ ଦଳର ଅନନ୍ତ ମ୍ୟାନ ଅଫ ଦି ମ୍ୟାଚ, ବାଦିପାଲି ଦଳର ଦେବେନ ମ୍ୟାନ ଅଫ ଦି ସିରିଜ, ନଅଗାଁ ଦଳର ଅନନ୍ତ ବେଷ୍ଟ ବୋଲର ଏବଂ ବାଦୀପାଲି ଦଳର ଟୁନା ବେଷ୍ଟ ବ୍ୟାଟ୍ସ ମ୍ୟାନ ଭାବେ ପୁରସ୍କୃତ ହୋଇଥିଲେ। ଶୃଙ୍ଖଳିତ ଦଳ ଭାବରେ ମହଦା ଦଳକୁ ପୁରସ୍କୃତ କରାଯାଇଥିଲା । ଫାଇନାଲ ଖେଳକୁ ବଳଦେବ ପଧାନ ଓ ସଦାନନ୍ଦ ସେଠ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ସଭାରେ ଅଧ୍ୟାପକ ଦରିଦ୍ର ପଧାନ ସଭାପତିତ୍ୱ କରିଥିଲେ। ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟ ସୁବ୍ରତ ବେହେରା, ସତ୍ୟନାରାୟଣ ପଧାନ, ଡୋଲାମଣି ସାହୁ, ଶ୍ରୀକାନ୍ତ ପଣ୍ଡା, ନିର୍ମଳ କର ଓ ଡୋଲାମଣି ଗୁରୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ । ମନୋଜ ପଧାନ, ନୀଳମଣି ଦେୱାନ, ଜିକେସ ଖମାରୀ, ସନ୍ୟାସୀ ନାଏକ, ରମଣ ରେଡ୍ଡୀ ଓ ମନ ମହାକୁର ସହଯୋଗ କରିଥିଲେ ।

# କର୍ମୀ ସମ୍ମିଳନୀରେ ନିର୍ବାଚନୀ ବିଗୁଲ୍

**ବରଗଡ଼ ଅଫିସ୍,୫।୨**

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ରାଜନୈତିକ ଦଳ ଗୁଡ଼ିକ ସେଭଳି ତତ୍ପର ହୋଇ ପଡ଼ିଛନ୍ତି । ଏହି କ୍ରମରେ ବିଜେଡ଼ି ଜିଲାର ବିଭିନ୍ନ ଅଞ୍ଚଳରେ କର୍ମୀ ସମ୍ମିଳନୀ ଆୟୋଜନ କରିଛି । ବରଗଡ଼ ବ୍ଲକ ବରଗାଁ ଓ ଜମୁର୍ଡ଼ାଠାରେ ବିଜେଡ଼ି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଦଳର ବରିଷ୍ଠ ବିଜେଡ଼ି ନେତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଦଳର ପୂର୍ବତନ ବରଗଡ଼ ବ୍ଲକ ସଭାପତି କେଶବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ତଥା ବରିଷ୍ଠ ବିଜେଡ଼ି ନେତା ସମ୍ବିତ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ଏହି ଅବସରରେ ଦଳ ପାଇଁ ନିଷ୍ଠାର ସହିତ ଶୃଙ୍ଖଳିତ ଭାବେ କାର୍ଯ୍ୟ କରି ଆସୁଥିବା ଦଳୀୟ କର୍ମୀଙ୍କୁ ଆଚାର୍ଯ୍ୟ ସମ୍ବର୍ଦ୍ଧିତ କରିଥିଲେ । ଯୁବନେତା ଉମେଶ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦଳୀୟ ସଙ୍ଗଠନକୁ ମଜବୁତ୍ କରିବା ସହିତ ଅଞ୍ଚଳର ବିକାଶ ପାଇଁ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୀରମଣି




ବରଗାଁ କର୍ମୀ ସମ୍ମିଳନୀରେ ବିଜେଡ଼ି ନେତା ଉଦ୍‌ବୋଧନ ଦେଉଛନ୍ତି ।

କର୍ଣ୍ଣ, ରାତ୍ର ବାରିକ, ବସନ୍ତ ବିଶ୍ୱାଳ, ତ୍ରିଲୋଚନ ପ୍ରଧାନ, ମାଲିକ ଭୁଏ, ସୁରୁ ପ୍ରଧାନ, ତରୁଣ ପ୍ରଧାନ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସେହିପରି ବରଗାଁରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ବରିଷ୍ଠ ବିଜେଡ଼ି ନେତା ହାରାଧନ ଦେବତା ଅଧ୍ୟକ୍ଷତା କରିଥିଲେ । ଏଠାରେ ମଧ୍ୟ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ତଥା ବରିଷ୍ଠ ବିଜେଡ଼ି ନେତା ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ଯୋଗୁ ଏବେଠାରୁ ଏକଜୁଟ୍ ହୋଇ ସଙ୍ଗଠନକୁ ସୁଦୃଢ଼ କରିବାକୁ ସେ ଦଳୀୟ କର୍ମୀଙ୍କୁ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଉମେଶ ପଣ୍ଡା, ବାଙ୍କ ବିହାରୀ ସାହୁ, ଆହ୍ଲାଦ ଖମାରୀ, ଇନ୍ଦ୍ରଜିତ ଖମାରୀ, ଡୋଲାମଣି ସେଠ, ପ୍ରକାଶ ବାରିକ, ମନୋଜ ସାହୁ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସେହିପରି ବରଗଡ଼ ବ୍ଲକ ବରଢ଼ୋଲଠାରେ ସୋମବାର ବିଜେଡ଼ି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ରଥ ପଡ଼ିଆରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବିଜେଡ଼ି ନେତା ବୁଲୁ ଭୋଇ ଅଧ୍ୟକ୍ଷତା କରିଥିଲେ । ଏଥିରେ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ତଥା ବିଜେଡ଼ି ନେତା ସମ୍ବିତ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ଯୁବନେତା ଉମେଶ ପଣ୍ଡା, ପୂର୍ବତନ ସରପଞ୍ଚ ଆହ୍ଲାଦ ପ୍ରଧାନ, ଚିନ୍ତାମଣି ମେହେର, ବିପିନ ବାରିକ, ଶୁକଦେବ ପ୍ରଧାନ, ତପ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ସମ୍ମିଳନୀରେ ଦଳୀୟ ସଙ୍ଗଠନକୁ ମଜୁବତ୍ କରିବା ପାଇଁ ଗୁରୁତ୍ୱ ଦିଆଯାଇଥିଲା । ସେହିପରି ମୁଖ୍ୟଅତିଥି ଆଚାର୍ଯ୍ୟ ଆସନ୍ତା ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ସାଙ୍ଗଠନିକ କାର୍ଯ୍ୟ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ ।



ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।
- ଜର୍ଜ ବର୍ଣ୍ଣାଡ ଶ'

## ସଂକ୍ଷେପରେ

### ଗଞ୍ଜେଇ ଜବତ, ମହିଳା ଗିରଫ

**ବରଗଡ଼ ଅଫିସ୍,୫।୨:** ବରଗଡ଼ ଜିଲା ଅମ୍ବାଭୋନା ଥାନା କଲମୀ ଗ୍ରାମରେ ଗଞ୍ଜେଇ କାରବାର କରୁଥିବା ଅଭିଯୋଗରେ ଅବକାରୀ ବିଭାଗ ଜଣେ ମହିଳାଙ୍କୁ ଗିରଫ କରିଛି। ତାଙ୍କ ପାଖରୁ ୧୪କିଗ୍ରା ଗଞ୍ଜେଇ ଜବତ ହୋଇଛି ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପ୍ରକାଶ ଯେ, ଗିରଫ ମହିଳାଙ୍କ ଘରେ ଗଞ୍ଜେଇ ଗଚ୍ଛିତ ଥିବା ସୂଚନା ପାଇ ଅବକାରୀ ବିଭାଗର ଏକ ଟିମ୍ ସେଠାରେ ଚଢ଼ାଉ କରିଥିଲା । ଚଢ଼ାଉରେ ଗଞ୍ଜେଇ ଜବତ ହେବା ସହିତ ସମ୍ପୃକ୍ତ ମହିଳାଙ୍କୁ ଗିରଫ କରାଯାଇଥିଲା। ଅବକାରୀ ଅଧୀକ୍ଷକ ମକରଧ୍ୱଜ ବର୍ଗେଙ୍କ ତତ୍ତ୍ୱାବଧାନରେ ଇନ୍ସପେକ୍ଟର ପ୍ରସନ୍ନ କୁମାର ନାୟକ, ଏସଆଇ ଚନ୍ଦନ କୁମାର ମଣ୍ଡଳ ପ୍ରମୁଖଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା ।

### ପାର୍ଶ୍ୱ ଦେବତା ପ୍ରତିଷ୍ଠା ଉତ୍ସବ

**ପୁରୁଣାକଟକ,୫।୨ (ଡି.ଏନ.ଏ):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଶୈବପୀଠ ଗୁପ୍ତେଶ୍ୱର ମନ୍ଦିରରେ ମଙ୍ଗଳବାର ପାର୍ଶ୍ୱ ଦେବତା ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୁରୁଣାକଟକ ଭୈରବୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ପୁରୁଣାକଟକ ସ୍ଥିତ ମହାଦେବ ମନ୍ଦିର ଘାଟରୁ ହଜାର ହଜାର ମହିଳା ଭକ୍ତ କଳସରେ ପାଣି ନେଇ ବୁରୁବୁଡା ଗୁପ୍ତେଶ୍ୱର ମନ୍ଦିରକୁ ଯାଇଥିଲେ । ବୌଦ୍ଧ ଜିଲାପାଳ ସୀତାଂଶୁ କୁମାର ରାଉତ ଉପସ୍ଥିତ ରହି ପୂଜାର୍ଚ୍ଚନା କରି କଳସ ଶୋଭାଯାତ୍ରା ଆରମ୍ଭ କରିଥିଲେ। ବୁଧବାର ଷୋହଳ ପ୍ରହର ନାମଯଜ୍ଞ ସହ ପାର୍ଶ୍ୱ ଦେବତାଙ୍କ ପ୍ରତିଷ୍ଠା, ଗୁରୁବାର ବିଗ୍ରହ ସ୍ନାନ ଓ ପ୍ରାଣ ପ୍ରତିଷ୍ଠା, ଶୁକ୍ରବାର ବିଗ୍ରହ ସ୍ଥାପନ ଓ ନାମଯଜ୍ଞ ସମାପନ କରାଯିବ ବୋଲି ବାବା ଗୁପ୍ତେଶ୍ୱର ଆଞ୍ଚଳିକ ମନ୍ଦିର ପରିଚାଳନା କମିଟି ସୂତ୍ରରୁ ପ୍ରକାଶ। ମନ୍ଦିର ସଭାପତି ଉଦିତ୍ ପ୍ରତାପ ଦେହୁରୀ, ସମ୍ପାଦକ ସୁପରନେଶ ପୁରୋହିତଙ୍କ ସମେତ ବୁରୁବୁଡା ଗ୍ରାମବାସୀ ସହଯୋଗ କରିଥିଲେ ।

### ନାମଯଜ୍ଞ, ପାରାୟଣ ଉଦ୍ୟାପିତ

**ବାଉଁଶୁଣୀ,୫।୨(ଡି.ଏନ୍.ଏ):** ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନାପଡାରେ ରାମାୟଣ ସଂକୀର୍ତ୍ତନ ମଙ୍ଗଳବାର ଉଦ୍ୟାପିତ ହୋଇଯାଇଛି । ଆଶିଷ ଦାସ ରାମାୟଣ ଗାୟକ ଥିଲେ । ଇନ୍ଦ୍ରମଣୀ ମେହେର ଓ ତାଙ୍କ ସ୍ତ୍ରୀ ନିନା ମେହେର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଦ୍ୱିତୀୟ ଦିବସରେ ଦଶଟି ଦଳକୁ ନେଇ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଥାନାପଡା ଗ୍ରାମବାସୀ ୪ବର୍ଷ ହେବ ଏହି ପାରାୟଣ ନାମଯଜ୍ଞ କରିଆସୁଛନ୍ତି ।

### ତିଳେଶ୍ୱର ହାଇସ୍କୁଲର ବାର୍ଷିକ ଉତ୍ସବ

**ପୁରୁଣାକଟକ, ୫।୨(ଡି.ଏନ.ଏ):** ବୌଦ୍ଧ ଜିଲ୍ଲା ତିଳେଶ୍ୱର ଲାଲବାହାଦୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜନିକାନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ କ୍ଷୁଦ୍ର ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ଉମେଶ ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଆଲୋଚନା କରିଥିଲେ । ମୋ ସ୍କୁଲ ଅଭିଯାନର ସଭାପତି ସିମୁନ ନାଏକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସୀମାରାଣୀ ପ୍ରଧାନ, ସିଲି ବଡମାଳି, ଶିବାନୀ ଭୋଇଙ୍କୁ ମୁଖ୍ୟଅତିଥି ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ । ସେହିପରି ବିଦ୍ୟାଳୟର ବାର୍ଷିକ କ୍ରୀଡାରେ ପୁରୁଷ ଚାମ୍ପିୟନ ଚିକୁନ ସାହୁ, ମହିଳା ଚାମ୍ପିୟନ ଜ୍ୟୋତ୍ସ୍ନା ଦାସ, ନମିତା ଦେହୁରୀ, ଉତ୍ତମ ଛାତ୍ରୀ ଭାବେ ସୀମାରାଣୀ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା । ଶିକ୍ଷୟିତ୍ରୀ ପୁଷ୍ପଲତା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉମାକାନ୍ତ ଦେହୁରୀ ଅତିଥି ପରିଚୟ ଏବଂ ଶୁଭେନ୍ଦୁ ରଞ୍ଜନ ଖମାରୀ ମଞ୍ଚ ପରିଚାଳନା କରିଥିଲେ। ପ୍ରଫୁଲ୍ଲ କୁମାର ମହାକୁଡ, ମଧୁସୂଦନ ଦାସ, ବିଭୁଦତ୍ତ ନେଗୀ, ସଞ୍ଜୀବ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ସଡ଼କ ସୁରକ୍ଷା ପାଇଁ ଶୋଭାଯାତ୍ରା

**ବୌଦ୍ଧ ଆଞ୍ଚଳିକ ପରିବହନ ବିଭାଗ**

**ବୌଦ୍ଧ,୫।୨(ସ୍ୱ.ପ୍ର)**

ସାରା ରାଜ୍ୟରେ ଗତ ୪ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ସଡକ ସୁରକ୍ଷା ସପ୍ତାହ ପାଳିତ ହେଉଛି । ଏ ନେଇ ମଙ୍ଗଳବାର ବୌଦ୍ଧ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା କରାଯାଇଥିଲା । ଏହାକୁ ଜିଲାପାଳ ସୀତାଂଶୁ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିଥି ଭବନ ସମ୍ମୁଖରୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶୀଲ କୁମାର ପାଣିଗ୍ରାହୀ, ଆଞ୍ଚଳିକ ପରିବହନ ଅଧିକାରୀ ଭାଗୀରଥି ନାୟକ ଓ ଯୁବ ରେଡକ୍ରସ୍ ସମ୍ପାଦକ ଅଧ୍ୟାପକ ପ୍ରବୀର କୁମାର ଦାସ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ । ସାଇକେଲ ଶୋଭାଯାତ୍ରାରେ ଟ୍ରାଫିକ ନିୟମ ସମ୍ବନ୍ଧୀୟ ବାର୍ତ୍ତା ନେଇ ଏକ ସଚେତନତା ରଥ ସମେତ ଛାତ୍ରୀଛାତ୍ରମାନେ ସହର ପରିକ୍ରମା କରି ଲୋକଙ୍କୁ ପ୍ରଚାରପତ୍ର ଓ ସ୍ଲୋଗାନ ମାଧ୍ୟମରେ ସଚେତନ କରାଇଥିଲେ । ଏହି ଶୋଭାଯାତ୍ରା ସହର ପରିକ୍ରମା କରି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା । ସେଠାରେ ବିଭାଗୀୟ ମୁଖ୍ୟ ନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଛାତ୍ରୀଛାତ୍ର ଓ ସାଧାରଣ ଲୋକଙ୍କୁ ଟ୍ରାଫିକ ସଚେତନତା ଓ ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ନିୟମିତ ହେଲମେଟ୍ ବ୍ୟବହାର, ନିଶାସେବନ କରି ଗାଡି ନ ଚଳାଇବାକୁ ପରାମର୍ଶ ଦିଆଯାଇଥିଲା । ଏହାପରେ ଟାଉନ ହଲ ଓ ଏନଏସି କଲ୍ୟାଣ ମଣ୍ଡପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, କୁଇଜ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଉଦଯାପନୀ ଦିବସରେ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି । ସେହିପରି ଏନଏସି ଛକରେ ଅରୁଣ ମେଣ୍ଡେଲିଙ୍କ ତତ୍ତ୍ୱାବଧାନରେ ଟ୍ରାଫିକ ସଚେତନତା ସମ୍ବନ୍ଧୀୟ ଏକ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା ।



ଛାତ୍ରୀଛାତ୍ର ସାଇକେଲ ଯୋଗେ ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି ।

# ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୫।୨**

ବରଗଡ଼ ଜିଲା ସୋହେଲା ବ୍ଲକ ଘେଁସ କଲେଜରେ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି । କଲେଜର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ଯୋଗଦେଇ ଟ୍ରାଫିକ ନିୟମ ଉପରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ବବିତା ଦୀପ, ସସ୍ମିତା ବାଗ, ଜିତେନ୍ଦ୍ରୀୟ ସାହୁ, ଲୋକନାଥ ଚେରିକିଆ ପ୍ରମୁଖ କୃତିତ୍ୱ ଅର୍ଜନ କରି ପୁରସ୍କୃତ ହୋଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କଲେଜର ଅଧ୍ୟାପିକା, ଅଧ୍ୟାପକମାନେ ସହଯୋଗ କରିଥିଲେ । ଅଧ୍ୟାପିକା ସ୍ୱରୂପମୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ପଦ୍ମପୁର ଉଚ୍ଚ ମାଧ୍ୟମିକ କଲେଜରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । ଏଠାରେ ମଧ୍ୟ ଟ୍ରାଫିକ ସଚେତନତା ସଂଯୋଜକ ଭୋସାଗର ଯୋଗଦେଇ ସଡ଼କ ସୁରକ୍ଷା ଉପରେ ନିଜ ବକ୍ତବ୍ୟ ରଖିଥିଲେ । ସଡ଼କ ସୁରକ୍ଷା ନେଇ ଅନୁଷ୍ଠିତ ପ୍ରତିଯୋଗିତାରେ ସ୍ମିତାରାଣୀ ପ୍ରଧାନ, ସସ୍ମିତା ସାହୁ, ବିଜୟା ସୁନା, ରୋଜି ପ୍ରଧାନ, ବାସନ୍ତୀ ସାହୁ କୃତିତ୍ୱ ଅର୍ଜନ କରି ପୁରସ୍କୃତ ହୋଇଥିଲେ। ଅଧ୍ୟାପିକା ସୁଧାରାଣୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରେଲୱେ ଓଭରବ୍ରିଜ୍ ପାଇଁ ଉଚ୍ଛେଦ ଅଭିଯାନ



ପ୍ରଶାସନ ପକ୍ଷରୁ ଉଚ୍ଛେଦ ଅଭିଯାନ ଚାଲିଛି ।

**ବରପାଲି, ୫।୨ (ଡି.ଏନ.ଏ)**

ବରପାଲିରେ ରେଲୱେ ଓଭରବ୍ରିଜ୍ ନିର୍ମାଣ ଲାଗି ସ୍ଥାନୀୟ ଜଗନ୍ନାଥ ନଗରରେ ମଙ୍ଗଳବାର ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି । ଗତ ଅକ୍ଟୋବର ମାସରେ ବରପାଲିରୁ ସୁବର୍ଣ୍ଣପୁର ଜିଲାକୁ ସଂଯୋଗ କରୁଥିବା ରାସ୍ତା ଉପରେ ୩୧ କୋଟି ୮୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହାର ଶିଳାନ୍ୟାସ କରାଯାଇଥିଲା । ଏ ନେଇ ପ୍ରଥମ ପର୍ଯ୍ୟାୟ ଓଭରବ୍ରିଜ କାମ ରେଳବାଇ ଛକରୁ ହାଇସ୍କୁଲ ପର୍ଯ୍ୟନ୍ତ ଚାଲିଥିବା ବେଳେ ଏବେ ଜଗନ୍ନାଥନଗରରେ କାମ ହେବ । ଫଳରେ ଜବରଦଖଲ କରିଥିବା ବ୍ୟବସାୟୀ ଓ ଉଠାଦୋକାନୀଙ୍କୁ ସେଠାରୁ ଉଚ୍ଛେଦ ନୋଟିସ ଦିଆଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି । ଉଚ୍ଛେଦ ବେଳେ ମଙ୍ଗଳବାର ସକାଳେ ତହସିଲଦାର ଯୁଧିଷ୍ଠିର ମେହେରଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ରୋଜାଲିନ ପଟେଲ, ବରଗଡ ପୋଲିସ ନଗେନ୍ଦ୍ର କୁମାର ନାଏକ ପ୍ରମୁଖ ପୋଲିସ ଫୋର୍ସ ମୁତୟନ ହୋଇଥିଲେ । ତେବେ ଉଚ୍ଛେଦ ଯୋଗୁ ଦୀର୍ଘଦିନରୁ ବ୍ୟବସାୟ ଚଳାଇ ଆସିଥିବା ଦୋକାନୀମାନଙ୍କୁ ସେମାନଙ୍କ ଜୀବିକା ହରାଇବାକୁ ପଡିଛି ।

# ନିର୍ମାଣ ଶ୍ରମିକଙ୍କୁ ମିଳୁନି ସହାୟତା

**ବରଗଡ଼ ଅଫିସ୍,୫।୨**



ବଳଦେବ ଦେହେରୀ

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭଏନାତୋରା ଗ୍ରାମର ଜଣେ ନିର୍ମାଣ ଶ୍ରମିକ ବଳଦେବ ଦେହେରୀଙ୍କୁ ଏପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ମିଳି ନଥିବା ସେ ଅଭିଯୋଗ କରିଛନ୍ତି । ଏଭଳି ଅଭିଯୋଗ ନେଇ ବଳଦେବ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗତ ୩ବର୍ଷ ହେଲା ସେ ନିର୍ମାଣ ଶ୍ରମିକ ଭାବେ ପଞ୍ଜୀକୃତ ହୋଇ ସାରିଛନ୍ତି। ସେହିପରି ସରକାରୀ ସହାୟତା ପାଇଁ ମଧ୍ୟ ଅନେକଥର ଆବେଦନ କରିଛନ୍ତି। ମାତ୍ର ଏପର୍ଯ୍ୟନ୍ତ ତାଙ୍କୁ ନିର୍ମାଣ ଶ୍ରମିକଙ୍କ ପାଇଁ ରହିଥିବା କିଛି ସହାୟତା ମିଳି ନ ଥିବା ସେ ଅଭିଯୋଗ କରିଛନ୍ତି ।

### ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର

**ବରଗଡ଼ ଅଫିସ୍,୫।୨**

ବରଗଡ଼ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସ୍ଥାନୀୟ ସ୍ୱୟଂସିଦ୍ଧା ଭବନରେ ଚାଲିଥିବା ତିନିଦିନିଆ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି । ଏଥିରେ ବରଗଡ଼ ଏମ୍‌ପି ପ୍ରଭାସ ସିଂ ଅତିଥି ଭାବେ ଯୋଗ ଦେଇଥିଲେ । ଆନ୍ତର୍ଜାତିକ ମାନ୍ୟତାପ୍ରାପ୍ତ ପ୍ରଶିକ୍ଷକ ଜୟପ୍ରକାଶ ଶତପଥୀ, ଷ୍ଟେଟବ୍ୟାଙ୍କ ସ୍ୱାବଲମ୍ବୀ ଟ୍ରେନିଂ ଇନଷ୍ଟିଚ୍ୟୁଟ୍‌ର ମୁଖ୍ୟ ନାନିଗୋପାଲ ଜାନା, ରାକେଶ ସାହୁ, ପ୍ରଦୀପ ମେହେର, ଝସକେତନ ମେହେର, ପରିବେଶବିତ୍ ସଞ୍ଜୟ ଖମାରୀ, ସାମାଜିକ କର୍ମୀ ଚୁନ୍ନିଲାଲ ପ୍ରଧାନ, ରାଜେନ୍ଦ୍ର ବାଗ ପ୍ରମୁଖ ଯୋଗଦେଇ ଯୁବକମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ନେହେରୁ ଯୁବକେନ୍ଦ୍ରର ସଂଯୋଜକ ତ୍ରିଲୋଚନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ରଜଗୋପିକା ଧାମ ପକ୍ଷରୁ ନଗର ପରିକ୍ରମା

**ବରଗଡ଼ ଅଫିସ୍,୫।୨**





ବ୍ରଜଗୋପିକା ଧାମ ପକ୍ଷରୁ ନଗର ସଂକୀର୍ତ୍ତନ ପରିକ୍ରମା ଚାଲିଛି ।

ବ୍ରଜଗୋପିକା ଧାମ, ବରଗଡ଼ ପରିବାର ପକ୍ଷରୁ ନଗର ସଂକୀର୍ତ୍ତନ କାର୍ଯ୍ୟକ୍ରମ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଗୁରୁଦ୍ୱାରା ନିକଟରୁ ନଗର ସଂକୀର୍ତ୍ତନ ବାହାରି ସହର ପରିକ୍ରମା ପରେ ପୁଣି ଗୁରୁଦ୍ୱାରା ନିକଟକୁ ଫେରିଥିଲା । ଉକ୍ତ କାର୍ଯ୍ୟକ୍ରମରେ ରବିନ୍ଦ୍ରନାଥ ଦେ, ଅନ୍ତର୍ଯାମୀ ସାହା, ପ୍ରଦୀପ ଶତପଥୀ, ନରସିଂହ ପାଣିଗ୍ରାହୀ, ଦାମୋଦର ମିଶ୍ର, କୃପାସିନ୍ଧୁ ଗୁରୁ ତଥା ବ୍ରଜଗୋପିକା ଧାମ ପରିବାରର ସମସ୍ତ ସଦସ୍ୟା ସଦସ୍ୟ ଅଂଶଗ୍ରହଣ କରିଥିଲେ । ପ୍ରକାଶଥାଉକି, ଗତମାସ ୨୦ତାରିଖରେ ଭାରତୀୟ ଛାତ୍ର ସଂସଦ, ଏମଆଇଟି ୱାର୍ଲ୍ଡ ପିସ୍ ୟୁନିଭର୍ସିଟି, ପୁନେ ତରଫରୁ ଜଗଦଗୁରୁ କୃପାଳୁଜୀ ମହାରାଜଙ୍କ ପ୍ରମୁଖ ପ୍ରଚାରିକା ରାସେଶ୍ୱରୀ ଦେବୀଜୀଙ୍କୁ ଆଦର୍ଶ ଯୁବ ଆଧ୍ୟାତ୍ମିକ ଗୁରୁ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ବ୍ରଜଗୋପିକା ଧାମ, ବରଗଡ଼ ପରିବାର ପକ୍ଷରୁ ଉପରୋକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### କୃମିନାଶକ ଦିବସ କର୍ମଶାଳା

**ବରଗଡ଼ ଅଫିସ୍,୫।୨**

ଆସନ୍ତା ୮ତାରିଖରେ ବରଗଡ଼ ଜିଲାରେ ଜାତୀୟ କୃମିନାଶକ ଦିବସ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ନିଶାମଣି ସ୍କୁଲରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନନ୍ଦକିଶୋର ପାଢ଼ୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ଜାତୀୟ କୃମିନାଶକ ଦିବସରେ ସମସ୍ତ ଶିଶୁଙ୍କୁ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ମାଗଣାରେ କୃମିନାଶକ ବଟିକା କିମ୍ବା ସିରପ୍ ଦିଆଯିବ। ଅଣପଞ୍ଜୀକୃତ ଏବଂ ସ୍କୁଲ ଯାଉ ନ ଥିବା ପିଲାମାନଙ୍କୁ ମଧ୍ୟ ତାହା ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା।

# ସ୍ୱାସ୍ଥ୍ୟ ସମସ୍ୟା ନେଇ ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ୍,୫।୨**

ବରଗଡ଼ ବ୍ଲକ ଅନ୍ତର୍ଗତ କଲାପାଣି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ସେବା ଠିକ୍ ଭାବେ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ଗ୍ରାମବାସୀ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇଛନ୍ତି । ସେମାନେ ଏ ନେଇ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ଜଣ ଡାକ୍ତରଙ୍କୁ ଅବସ୍ଥାପିତ କରାଯାଇଛି । ମାତ୍ର ଅବସ୍ଥାପିତ ଡାକ୍ତରମାନେ ନିୟମିତ ଆସୁ ନ ଥିବା ଯୋଗୁ ରୋଗୀମାନେ ଠିକ୍‌ଭାବେ ସ୍ୱାସ୍ଥ୍ୟସେବା ପାଇ ପାରୁ ନାହାନ୍ତି । ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କଲାପାଣି ସମେତ କୁର୍ଲା, ବରାହଗୋଡ଼ା, ଆମ୍ବସଢ଼ା, ବୁଦେଲପାଲି, ପୋଡ଼ପାଲି ଆଦି ଗ୍ରାମର ଲୋକେ ନିର୍ଭର କରିଥାନ୍ତି । ଅନେକ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବା ଯୋଗୁ ସେମାନଙ୍କୁ ନିରାଶରେ ଫେରିବାକୁ ପଡୁଛି ବୋଲି ସୁରେଶ ନେକାଣ୍ଡି, ନିର୍ଭୟ ଗୁପ୍ତା ପ୍ରମୁଖ ଗ୍ରାମବାସୀ ଜିଲାପାଳଙ୍କଠାରେ ଅଭିଯୋଗ କରି ଏଥିପ୍ରତି ବିହିତ ପଦକ୍ଷେପ ନେବା ପାଇଁ ନିବେଦନ କରିଛନ୍ତି ।

# ରାବଣ ବଧ ସହ ରାମଲୀଳା ମହୋତ୍ସବ ଉଦ୍‌ଯାପିତ

**ରାମଲୀଳା, ଅଖଣ୍ଡ ଶ୍ରୀହରି ନାମଯଜ୍ଞ**

**ଭେଡ଼େନ,୫।୨(ଡି.ଏନ.ଏ)**

ଦଶଦିନ ଧରି ଚାଲିଥିବା ବରଗଡ଼ ଜିଲା ଭେଡ଼େନରେ ବିରାଟ ନବରାତ୍ର ରାମଲୀଳା ମହୋତ୍ସବ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ରାବଣ ବଧ ସହ ଉଦ୍‌ଯାପିତ ହୋଇଛି। ଅନ୍ତିମ ସନ୍ଧ୍ୟାରେ ବିଜୟା ମଣ୍ଡପ ସ୍ଥିତ ଅଯୋଧ୍ୟା ମଞ୍ଚରେ ରାମାୟଣର ବିଷୟ ବସ୍ତୁ ମହିରାବଣ ବଧ, ଲଙ୍କା ଦରବାରରେ ରାମ ରାବଣ ସମର, ରାବଣ ବଧ, ବିଭୀଷଣଙ୍କ ରାଜାଭିଷେକ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା । ରାବଣ ମଞ୍ଚରେ ହୋଇଥିବା ଉଦଯାପନୀ ଉତ୍ସବରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଯାତ୍ରା କମିଟି ସଭାପତି ସ୍ୱାଧିନ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଏହା ପୂର୍ବରୁ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ନବରାତ୍ର ବ୍ୟାପୀ ବାବା ହରିଚରଣ ଦାଶଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଅଖଣ୍ଡ ଶ୍ରୀହରି ନାମଯଜ୍ଞ ମଙ୍ଗଳବାର ମଧ୍ୟାହ୍ନରେ ପୂର୍ଣ୍ଣାହୁତି ସହ ସମାପନ ହୋଇଛି । ଏଥିରେ ଭେଡ଼େନ ସମେତ ବିଭିନ୍ନ ଗ୍ରାମର ସଂକୀର୍ତ୍ତନ ଦଳ ଏବଂ ସାଧୁସନ୍ଥ ଯୋଗଦେଇ ହରିନାମ ଜପ କରିଥିଲେ। ଏହାସହ ଖୋଳପୂଜା, ନଗର ସଂକୀର୍ତ୍ତନ, ଦଧିଭାଣ୍ଡ ଭଞ୍ଜନ, ମହନ୍ତ ବିଦାୟ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହାପରେ ବସଷ୍ଟାଣ୍ଡ ପରିସରରେ ଉପସ୍ଥିତ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଖେଚୁଡ଼ି ଭୋଗ ବିତରଣ କରାଯାଇଥିଲା । ଏଫସି କ୍ଲବ, ଭରସା ପରିବାର, ଡ଼ିଫେନ୍ସ କୋଚିଙ୍ଗ ସେଣ୍ଟର, ମଧପଡ଼ା ମହାକାଳ ୟଙ୍ଗଷ୍ଟାର ଗ୍ରୁପ, ଡ୍ରାଇଭର ସଂଘ ସହଯୋଗ କରିଥିଲେ । ଭେଡ଼େନ କୃଷି ସମବାୟ ସମିତି କର୍ମଚାରୀମାନେ ପାଉଚ ପାଣି ବିତରଣ କରିଥିଲେ । କମିଟିର ବରିଷ୍ଠ ସଭ୍ୟ ଦଶରଥ ମେହେର ଏବଂ ଅନ୍ୟ ସଦସ୍ୟମାନଙ୍କ ପରିଚାଳନାରେ ନାମଜପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦର୍ଶକଙ୍କ ମନୋରଞ୍ଜନ ପାଇଁ ମଙ୍ଗଳବାର ରାତ୍ରିରେ ନାଟକ ପରିବେଷିତ ହୋଇଥିଲା।

**ଭେଡ଼େନ ରାମଲୀଳା ମହୋତ୍ସବ**

# ଅନୁଭୂତି ବାଣ୍ଟିଲେ କଳାକାର

ବରଗଡ଼ ଜିଲା ଭେଡ଼େନ ଠାରେ ଦଶଦିନ ବ୍ୟାପୀ ଚାଲିଥିବା ବିରାଟ ରାମଲୀଳା ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି । ଏହି ମହୋତ୍ସବରେ ଅନେକ କଳାକାର ନିଜ ନିଜ ଅଭିନୟ କଳା ଚାତୁରୀରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏହି ଅବସରରେ ଆମେ କେତେଜଣ କଳାକାରଙ୍କୁ ଭେଟିଥିଲୁ । ସେମାନଙ୍କ ଅନୁଭୂତି ସମ୍ପର୍କରେ ଯାହା କହିଲେ ତାକୁ ନେଇ ଏକ ଉପସ୍ଥାପନା।



ମୁଁ ଭେଡ଼େନ ଗ୍ରାମର ବାସିନ୍ଦା । ଜଣେ କମ୍ପ୍ୟୁଟର ଶିକ୍ଷକ । ଏହାସହ ଜଣେ ନାଟ୍ୟ ନିର୍ଦ୍ଦେଶକ, ଲେଖକ ତଥା ଅଭିନେତା ମଧ୍ୟ । ବିଗତ ଦଶ ବର୍ଷ ଧରି ରାମ ଭୂମିକାରେ ଅଭିନୟ କରିଆସୁଛି। ଏହି ଭୂମିକାରେ ଦର୍ଶକ ତାଙ୍କଠାରୁ ଆଶା କରିଥିବା ଅଭିନୟ କରିପାରିଥିବାରୁ ଆତ୍ମ ସନ୍ତୋଷ ମିଳିଛି ।
**–ମହେନ୍ଦ୍ର ସେଠ, ରାମ ଅଭିନେତା**



–ବରପାଲି ନିକଟସ୍ଥ କଳାଭୂମି କୁମ୍ଭାରୀ ଗ୍ରାମର ବାସିନ୍ଦା । ରାମଲୀଳାରେ ଗତ ୪ ବର୍ଷ ହେଲା ଲକ୍ଷ୍ମଣ ଭୂମିକାରେ ଅବତୀର୍ଣ୍ଣ ହେଉଛି । ପିଲାଟି ଦିନରୁ କଳାକାରଙ୍କ ପରିବେଶରେ ରହି ନିଜକୁ ଜଣେ କଳାକାର ଭାବେ ଦେଖିଆସିଛି । ଲକ୍ଷ୍ମଣ ଚରିତ୍ରରେ ଅଭିନୟ କରିବା ତାଙ୍କ ପାଇଁ ଏକ ଭିନ୍ନ ଅନୁଭୂତି ।
**–ସଚିନ ମହାପାତ୍ର, ଲକ୍ଷ୍ମଣ ଅଭିନେତା**



–ଭେଡ଼େନ ଗ୍ରାମର ବାସିନ୍ଦା ଓ ବୃତ୍ତିରେ ଜଣେ ମିଠା କାରିଗର । ଭେଡ଼େନ ରାମଲୀଳା ଆରମ୍ଭରୁ ହନୁମାନ ଭୂମିକାରେ ଅଭିନୟ କରିଆସିଛି । ସୀତା ଠାବ, ଲକ୍ଷ୍ମଣ ଶକ୍ତିଭେଦ ଆଦି ଦୃଶ୍ୟରେ ମୋ ଅଭିନୟ ଦର୍ଶକମାନଙ୍କୁ ଭଲ ଲାଗିଥିବାରୁ ଖୁସି ଅଛି ।
**– ଶାନ୍ତନୁ ସାହୁ, ହନୁମାନ ଅଭିନେତା**



–ମୁଁ ଜଣେ ଚାଷୀ । ହେଲେ ଭେଡ଼େନ ରାମଲୀଳା ଆରମ୍ଭରୁ ରାବଣର ସେନାପତି ଭାବେ ଅଭିନୟ କରିଆସିଛି । ନିଜସ୍ୱ କେଶ, ନିଶ ତଥା ବିକଟାଳ ଠାଣି ହିଁ ମୋତେ ସେନାପତି ଭୂମିକାରେ ଅଭିନୟ ପାଇଁ ସୁଯୋଗ ଦେଇଛି ।**–ଜପ ଅଦାବର, ସେନାପତି ଅଭିନେତା**



–ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ଗ୍ରାମର ବାସିନ୍ଦା । ବୃତ୍ତିରେ ଜଣେ ଚାଷୀ । ବିଗତ ୭ ବର୍ଷ ହେବ ଭେଡ଼େନ ରାମଲୀଳାରେ ବିଭୀଷଣ ଚରିତ୍ରରେ ଅଭିନୟ କରୁଛି। ରାବଣ ବଧ ଦୃଶ୍ୟରେ ମୋର କରୁଣ ଅଭିନୟ ହୃଦୟସ୍ପର୍ଶୀ ହୋଇଥିବା ଆଲୋଚନା ଚାଲିଛି । ଏହା ମୋତେ ଖୁସି ଦେଇଛି ।
**– ପ୍ରଦୀପ ବଡ଼ପଣ୍ଡା, ବିଭୀଷଣ ଅଭିନେତା**



–ବକଟି ଗ୍ରାମର ବାସିନ୍ଦା । ଭେଡ଼େନ ବାଳିକା ହାଇସ୍କୁଲରେ ଶିକ୍ଷକ ଭାବେ କାର୍ଯ୍ୟରତ । ଭେଡ଼େନ ରାମଲୀଳାରେ ବିଭିନ୍ନ ଦିବସରେ ବୃଦ୍ଧ କୈବର୍ତ୍ତ, ମାରିଚ, ସୌଦାଗର, ମାତଳି ଆଦି ଚରିତ୍ରରେ ଅଭିନୟ କରିଛି । ଏହାସହ ଅଯୋଧ ମଞ୍ଚର ଦୃଶ୍ୟାଭିନୟକୁ ପରିଚାଳନା କରିଛି । ଅଭିନୟ ମୋତେ ଆତ୍ମ ସନ୍ତୋଷ ଦେଇଛି। –
**ମୀନକେତନ ଭୋଇ, ଅଭିନେତା**

**ଉପସ୍ଥାପନା: ନିର୍ମଳ କୁମାର ମେହେର, ଭେଡ଼େନ**



ଯଦି ଆମେ ଅପରର ଦୁଃଖକୁ ପ୍ରକୃତ ବୁଝିପାରୁଥାନ୍ତେ,
ତେବେ ଏ ସଂସାର ସ୍ୱର୍ଗରେ ପରିଣତ ହୋଇଯାନ୍ତା।
- ସକ୍ରେଟିସ୍



## ସଂକ୍ଷେପରେ

### ଚଲକି କପ ଫୁଟବଲ ଟୁର୍ନାମେଣ୍ଟ: ବଡ଼ମାଳ ବିଜୟୀ

**ଟିକ୍ରାପଡା, ୫।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଚଲକି ଗ୍ରାମରେ ଆୟୋଜିତ ୨୪ତମ ଜୟ ଜଗନ୍ନାଥ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଥିଲା ତୃତୀୟ ଦିବସ । ବଡମାଳ ଓ ଖଲିଆଖମାର ମଧରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ଖଲିଆଖମାର ଦଳକୁ ୧-୦ଗୋଲରେ ହରାଇ ବଡମାଳ ବିଜୟୀ ହୋଇଥିଲା । ଆଶୀର୍ବାଦ ସା, ଆଶିଷ ଦେବ ସା, ପ୍ରତାପ ଭୁକ୍ତା ଖେଳ ପରିଚାଳନା କରିଥିଲେ । ବରିଷ୍ଠ ଭାଜପା ଜିଲା ଉପ ସଭାପତି ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି, ସମୀର ପଟ୍ଟନାୟକ, ଅଭିମନ୍ୟୁ ମାଝି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବୁଧବାର ଚଲକି ଓ ନକଟାସର ମଧରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ ।

### କଫ୍ ସିରପ ଜବତ୍, ଜଣେ ଗିରଫ

**ବଲାଙ୍ଗୀର ଅଫିସ, ୫।୨:** ବଲାଙ୍ଗୀର ପୋଲିସର ସ୍ପେଶାଲ ସ୍କ୍ୱାର୍ଡ ରାଜୀବ ନଗରଠାରେ ଚଢ଼ାଉ କରି ଜଣେ କଫ୍ ସିରପ ବ୍ୟବସାୟୀକୁ ଗିରଫ କରିଛି । ଗିରଫ ବ୍ୟକ୍ତି ଜଣକ ହେଲେ ରାଜୀବନଗରର କୃପା ସାହୁ(୩୫) । ତାଙ୍କ ଘରେ ପୋଲିସ ଟିମ୍ ଅତର୍କିତ ଚଢ଼ାଉ କରି କଫ୍ ସିରପ ଜବତ କରିଛି । ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି ।

### ତୁଷୁରାରେ ୧୨୪ଜଣଙ୍କୁ ପଟ୍ଟା ବଣ୍ଟନ

**ଗୁଡ଼ଭେଲା,୫।୨(ଡି.ଏନ.ଏ.):** ରାଜ୍ୟ ସରକାରଙ୍କ ଜାଗା ମିଶନ ଯୋଜନାରେ ତୁଷୁରା ସହରର ୧୨୪ ଜଣ ହିତାଧିକାରୀଙ୍କୁ ମଙ୍ଗଳବାର ପଟ୍ଟା ବଣ୍ଟନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧମରେ ଘରଡିହ ପଟ୍ଟା ଦେବା ଶୁଭାରମ୍ଭ କରିବା ପରେ ତୁଷୁରାରେ ମଧ ପଟ୍ଟା ବଣ୍ଟନ କରାଯାଇଥିଲା । ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଟିଟିଲାଗଡ ବିଧାୟିକା ଟୁକୁନି ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଗାମୀ ଦିନରେ ଉକ୍ତ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିଯିବ ବୋଲି ପ୍ରକାଶ କରିଥିଲେ । ଉପଜିଲାପାଳ ଭୈରବ ସିଂ ପଟେଲ, ଏନଏସି ଅଧକ୍ଷା ଭାଗ୍ୟଶ୍ରୀ ନାଗ, ଅତିରିକ୍ତ ତହସିଲଦାର ଚନ୍ଦ୍ରମଣୀ ନାଗ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଏନଏସି ଉପାଧକ୍ଷ ଦିନଦୟାଲ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

### ମୋ ସ୍କୁଲ ଅଭିଯାନ

**ସଇଁତଲା, ୫।୨(ଡି.ଏନ.ଏ.):** ସଇଁନ୍ତଲା ବ୍ଲକ ଆମ୍ବପାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ତଥା ଅଞ୍ଚଳର ବୁଦ୍ଧିଜୀବୀମାନଙ୍କୁ ନେଇ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ବିଜୟ ବାଗଙ୍କ ସଭାତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କ୍ଷୀରଭରା ସାଗର, ଯୁଗାନ୍ତ ସାଗର, ସୁରେନ୍ଦ୍ର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ସ୍କୁଲର ବିଜ୍ଞାନ ଶିକ୍ଷକ ଅନୀଲ ନନ୍ଦ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ୩୦୦ ଜଣ ପୂର୍ବତନ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବା ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା । ସଭାରେ ଶିକ୍ଷକ ଛନ୍ଦା ଚରଣ ସୁନା ଅତିଥି ପରିଚୟ ପ୍ରଦାନ ଶିକ୍ଷକ ରାଜ କିଶୋର କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ ।

### ଘୁଙ୍ଗି ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ

**ଲୋଇସିଂହା,୫।୨(ଡି.ଏନ.ଏ.) :** ଲୋଇସିଂହା ବ୍ଲକ କୁଶମେଲ ପଞ୍ଚାୟତ ଅଧୀନ ଘୁଙ୍ଗି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ୧୯୬୪ରେ ପ୍ରତିଷ୍ଠିତ ଉକ୍ତ ବିଦ୍ୟାଳୟରେ ପ୍ରଥମ ଥର ବାର୍ଷିକ ଉତ୍ସବ ଆୟୋଜିତ ହୋଇଥିବାରୁ ଛାତ୍ରୀଛାତ୍ରମାନଙ୍କ ମଧରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା। ପ୍ରଧାନଶିକ୍ଷକ କୁଞ୍ଜବିହାରୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଯୁବନେତା ଆକାଶ ମିଶ୍ର ମୁଖ୍ୟଅତିଥି, ପିଇଓ ବିକାରୀ କର୍ମୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ମିଶ୍ର ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ କୈବଲ୍ୟ ସୁନା, କସ୍ତୁବ ସାହୁଙ୍କ ସମେତ ଅଭିଭବାକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ତୁଷୁରା ଚିକିତ୍ସାଳୟକୁ ଅପଗ୍ରେଡ କରିବାକୁ ଦାବି

# ତହସିଲଦାରଙ୍କୁ ନାଗରିକ କମିଟିର ଦାବିପତ୍ର

**ଗୁଡ଼ଭେଲା, ୫।୨(ଡ଼ି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ପ୍ରାଥମିକ ଚିକିତ୍ସାଳୟକୁ ଅପଗ୍ରେଡ କରି ୩୦ଶଯ୍ୟା ବିଶିଷ୍ଟ କରିବାକୁ ଦାବି ହୋଇଛି। ମଙ୍ଗଳବାର ସ୍ଥାନୀୟ ନାଗରିକ କମିଟି ପକ୍ଷରୁ ତୁଷୁରା ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସାତ ଦିନ ମଧରେ ଦାବି ପୂରଣ ନହେଲେ ଆସନ୍ତା ୧୨ ତାରିଖରୁ ତୁଷୁରା ବନ୍ଦ ପାଇଁ ଚେତାବନୀ ଦିଆଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ତୁଷୁରା ଚିକିତ୍ସାଳୟ ଉପରେ ବୌଦ୍ଧ, କଳାହାଣ୍ଡି, ସୁବର୍ଣ୍ଣପୁର ଜିଲାର ସୀମାନ୍ତରେ ଥିବା ଗ୍ରାମଗୁଡିକ ନିର୍ଭର କରିଥାନ୍ତି । କିନ୍ତୁ ଏହି ସହରଟି ଏନଏସି ହେବାର ଚାରି ବର୍ଷ ବିତିଯାଇଥିଲେ ସୁଦ୍ଧା ଏଠାରେ ଥିବା ୯୬ ବର୍ଷର ପୁରୁଣା ଚିକିତ୍ସାଳୟର ଉନ୍ନତି ହୋଇ ପାରିନାହିଁ। ଏହି ଚିକିତ୍ସାଳୟରେ ଗୋଟିଏ ମାତ୍ର ଏମବିବିଏସ ପଦବୀ ରହିଛି । ଏଣୁ ସାମାନ୍ୟ ଚିକିତ୍ସା ପାଇଁ ଅଞ୍ଚଳବାସୀ ଅଯଥା ଖର୍ଚ୍ଚାନ୍ତ ହେବା ସହ ବଲାଙ୍ଗୀର, ବୁର୍ଲା, ରାୟପୁର ଓ ବିଶାଖାପାଟଣା ଉପରେ ନିର୍ଭର କରିବାକୁ ପଡୁଛି । ଏହି ଚିକିତ୍ସାଳୟର ପାହ୍ୟା ବୃଦ୍ଧି କରିବା ପାଇଁ କମିଟି ପକ୍ଷରୁ ତା ୩।୧୦।୧୮ ଓ ତା୩।୧୧।୧୮ରିଖରେ ସ୍ୱାସ୍ଥ୍ୟମନ୍ତ୍ରୀ, ଏମପି, ଜିଲା ମୁଖ୍ୟ ଚିକିତ୍ସାଳୟଙ୍କୁ ଲିଖିତ ଜଣାଇ ଦିଆଯାଇଥିଲା। ଏପରିକି ବଲାଙ୍ଗୀର ଗସ୍ତରେ ଆସିଥିବା ରାଜ୍ୟପାଳ ପ୍ରଫେସର ଗଣେଶୀଲାଲଙ୍କୁ ବଲାଙ୍ଗୀର ସର୍କିଟ ହାଉସରେ ଭେଟି ଏ ନେଇ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଣୁ ଆସନ୍ତା ୧୧ତାରିଖ ପର୍ଯ୍ୟନ୍ତ ଏହା ଉପରେ କିଛି ଆଖିଦୃଶିଆ ପଦକ୍ଷେପ ନିଆ ନଗଲେ ଆମ୍ଭେ ବାଧ୍ୟ ହୋଇ ରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ହେଇଛନ୍ତି । ଏହି କାର୍ଯ୍ୟକ୍ରମରେ କମିଟି ସଭାପତି ରୁଣୁଗୋପାଳ ସାହୁ,ଏନଏସି ଅଧକ୍ଷା ଭାଗ୍ୟଶ୍ରୀ ନାଗ, ଦେବ୍ରତ ପାଣିଗ୍ରାହୀ, ବିଜୟ ବାଗ, ସୁମନ ମାଝୀ, ଆର୍ତ୍ତତ୍ରାଣ ପୁରୋହିତ, ମନୋଜ ଜୈନ, ବିନୋଦିନୀ ମହାଲିଙ୍ଗ, ଶେଷଦେବ ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ। ଅନ୍ୟମାନଙ୍କ ମଧରେ ସଞ୍ଜୀବ ପ୍ରଧାନ, ଶ୍ରୀକାନ୍ତ ବାଗ, କାହ୍ନା ପ୍ରଧାନ, ଦୀନବନ୍ଧୁ ବେହେରା, ବ୍ରଜକିଶୋର ବେହେରା, ଅନୀଲ ଶର୍ମା, ନନ୍ଦଲାଲ ଜୟଶ୍ୱାଳ, ୟୁଥ ଏକ୍ସନ କମିଟି, ତୁଷୁରା ସାମ୍ବାଦିକ ସଂଘ, ଓକଲ ସଂଘ, ବଜରଙ୍ଗ ଦଳ, ଡ୍ରାଇଭର ସଂଘ, ବଣିକ ସଂଘ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା, ମାରୱାଡ଼ି ଯୁବାମଞ୍ଚ,ଏନଏସିର କାଉନସିଲରମାନେ ସାମଲ ହୋଇଥିଲେ।



ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଦାବି ପୂରଣ ନ ହେଲେ ୧୨ରେ ବନ୍ଦ**

### ୮୧ ଦିନରେ କଣ୍ଟାବାଞ୍ଜି ଜିଲା ଦାବି ଧାରଣା

**କଣ୍ଟାବାଞ୍ଜି , ୫।୨(ଡି.ଏନ.ଏ.)**

କଣ୍ଟାବାଞ୍ଜି ଜିଲା ଦାବି ଆନ୍ଦୋଳନରେ ମଙ୍ଗଳବାର ତୁରେକେଲା ବ୍ଲକ କମେଇମୁଣ୍ଡା ପଞ୍ଚାୟତ ସଦର ଗାଁର ବରିଷ୍ଠ ନାଗରିକମାନେ ସାମିଲ ହୋଇଛନ୍ତି। ଆନ୍ଦୋଳନର ୮୧ ଦିନରେ ଆଇନଜୀବୀ ଭକ୍ତଚରଣ ବାଗ, ଦାମୋଦର ସାହୁ, କୈଳାସ ବିଶ୍ୱାଳ, ମନୋଜ ମେହେରଙ୍କ ସହ ସଂଘର୍ଷ ସମିତିର ନରେନ୍ଦ୍ର ସୁନା ପ୍ରମୁଖ ସାମିଲ ହୋଇଥିଲେ।

### ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ସଇଁତଲା, ୫।୨(ଡି.ଏନ.ଏ.)**

ସଇନ୍ତଲା ବ୍ଲକ ଘୁନସର ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବଳରାମ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସନ୍ତୋଷ ବେହେରା ମୁଖ୍ୟ ଅତିଥି,ଏସଏମସି କମିଟି ସଭାପତି ବିକାଶ ରଣା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଗୀତାଞ୍ଜଳି ନାଏକ ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ଅଭିମନ୍ୟୁ ଭୋଇ ଖେଳ ପରିଚାଳନା କରିଥିଲେ । ସିନିୟର ବିଭାଗରେ ଛାତ୍ରୀ ସୂର୍ଯ୍ୟକାନ୍ତ ମାଝୀ, ବର୍ଷା ଗହିର ଓ ଜୁନିୟର ବିଭାଗରେ ତୁଳସୀଦାସ ଭୋଇ, ସପ୍ନା ଭୋଇ ଚାମ୍ପିୟନ ହୋଇଥିଲେ।

## ବନବିଭାଗ ଚଢ଼ାଉ: ଟ୍ରକ ସହ ବିପୁଳ ପରିମାଣରେ କାଠ ଜବତ



ଜବତ କାଠ ବୋଝେଇ ଟ୍ରକ।

**ଖପ୍ରାଖୋଲ, ୫।୨(ଡି.ଏନ.ଏ.)**

ଜଙ୍ଗଲରୁ ଅବାଧ ଗଛକଟା ସହ କାଠ ମାଫିଆଙ୍କ ଲୋଲପ ଦୃଷ୍ଟିରୁ ଶେଷ ହେଉଛି ଜଙ୍ଗଲ । ଚୋରା ଚାଲାଣକୁ ରୋକିବା ପାଇ ବନ ବିଭାଗ ସକ୍ରିୟ ହୋଇଥିବା ବେଳେ ପାଟଣାଗଡ ରେଞ୍ଜ ପାଢେଲ ବିଟ ଅଧିନ ଖପ୍ରାଖୋଲ-ଯୁରିଆ ରାସ୍ତାର ଭଟଲି ଛକ ନିକଟରୁ ମଙ୍ଗଳବାର ଭୋରରୁ କାଠ ବଝୋଇ ମିନି ଟ୍ରକ ବନ ବିଭାଗ ଜବତ କରଛି । ପାଟଣାଗଡ ବନବିଭାଗ ଖପ୍ରାଖୋଲ-ଯୁରିଆ ରାସ୍ତାରେ ଏକ ୭୦୯ ମିନି ଟ୍ରକ ସିଜି ୦୪.ଜି.୯୪୦୦ରେ ବିପୁଳ ପରିମାଣରେ ଖଇର କାଠ ଚାଲାଣ ହେଉଥିବା ଖବର ପାଇଥିଲା । ରେଞ୍ଜ ଅଧିକାରୀ ବାସୁଦେବ ନାଥଙ୍କ ନେତୃତ୍ୱରେ ପାଢେଲ ବନପାଳ ଅରବିନ୍ଦ ଧରୁଆ, ପାଟଣାଗଡ ବନପାଳ ରିତସିଂ ବାବୁ, ଆଶୁତୋଷ ମହାକୁଡଙ୍କ ସମେତ ସଦଳବଳେ ରାସ୍ତାରେ ନାକାବନ୍ଦି କଲାବେଳେ ମିନି ଟ୍ରକ ଛାଡି ଡ୍ରାଇଭର ଫେରାର ହୋଇଯାଇଥିଲେ। ଜବତ ଗାଡିରେ ବିପୁଳ ପରିମାଣରେ ଖଇର କାଠ ଥିଲା। ଖପ୍ରାଖୋଲ ଲାଠୋର ଅଞ୍ଚଳରୁ ସଂଗ୍ରହ ହୋଇଥିବା କାଠ ରାୟପୁର ଅଞ୍ଚଳକୁ ଚାଲାଣ ହେଉଥିବା ବନ ବିଭାଗ ଅନୁମାନ କରିଛି । ଜବତ କାଠର ମୂଲ୍ୟ ୨ଲକ୍ଷ ଟଙ୍କା ହେବ ବୋଲି ରେଞ୍ଜ ଅଧିକାରୀ ପ୍ରକାଶ କରିଛନ୍ତି। ଏନେଇ ଏକ ମାମଲା (ନଂ ୨୫/୧୯) ରୁଜୁ ହୋଇଛି।

### ବେଆଇନ ବାଲି ଚାଲାଣ: ୪ଗାଡିରୁ ୧.୨୩ଲକ୍ଷ ଜରିମାନା ଆଦାୟ

**ଲୋଇସିଂହା,୫।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ନିକଟ ଅଙ୍ଗନଦୀରୁ ଅବାଧରେ ଚାଲିଛି ବେଆଇନ ବାଲି ଚାଲାଣ। ମଙ୍ଗଳବାର ଆଗଲପୁର ତହସିଲଦାର ବାଲି ଚାଲାଣ କରୁଥିବା ୪ଗାଡି ଉପରେ ଚଢାଉ କରି ଜରିମାନା ଆଦାୟ କରିଛନ୍ତି। ୩ଟି ହାଇୱା ଓଡି୩୧ଡି ୮୩୪୫, ଓଡି୩୧ଡି ୮୩୪୬, ଓଡି୧୭କେ ୭୫୬୯ ଓ ଏକନମ୍ବର ବିହୀନ ଟ୍ରାକ୍ଟର ସମେତ ୪ଟି ଗାଡିରେ ବେଆଇନ ଭାବେ ଅଙ୍ଗନଦୀରୁ ବାଲି ଚାଲାଣ କରାଯାଉଥିଲା । ଏହି ରାସ୍ତାରେ ଯାଉଥିବା ତହସିଲଦାର ଉଗ୍ରସେନ ଓରାମ ସଂପୃକ୍ତ ଗାଡିଗୁଡିକୁ ଅଟକାଇ ଥିଲେ । ଡ୍ରାଇଭରମାନେ କାଗଜାତ ଦେଖାଇ ନପାରିବାରୁ ୧ଲକ୍ଷ ୨୩ ହଜାର ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ସୂଚନା ଦେଇଛନ୍ତି। ଅପରପକ୍ଷେ ଗତ ଜାନୁୟାରୀ ମାସରେ ବାବୁଫାଡରୁ ସାଲେଭାଟ ଅଞ୍ଚଳକୁ ଚାଲାଣ ବେଳେ ଓଆର୦୯ ଏନ ୪୪୨୮କୁ ଜବତ କରି ସାଲେଭଟା ଫାଣ୍ଡିରେ ଜିମା ଦେଇଥିଲେ । ସେତେବେଳେ ଫାଣ୍ଡି ଅଧିକାରୀ ନଥିବାରୁ ଜରିମାନା ଆଦାୟ ହୋଇ ପାରି ନ ଥିଲା । ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଗାଡିକୁ ପୋଲିସ ଛାଡିଦେଇଥିବା ନେଇ ତହସିଲଦାର କ୍ଷୋଭ ପ୍ରକାଶ କରିଥିଲେ। ଇତି ମଧ୍ୟରେ ୧୯ ଦିନ ବିତିଯାଇଥିଲେ ସୁଦ୍ଧା ସମ୍ପୃକ୍ତ ଗାଡି ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ତହସିଲଦାର ଓରାମ କହିଛନ୍ତି।

## କଳାକାର ଚିହ୍ନଟ କାର୍ଯ୍ୟକ୍ରମ

**ଦେଓଗାଁ, ୫।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଡାକ ବଙ୍ଗଳା ପରିସରରେ କୁଡୁର୍ଲା କୋଶଳୀ ଲୋକନୃତ୍ୟ ଏକାଡେମୀ ଆୟୋଜନରେ କଳାକାର ଚିହ୍ନଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲୋକନୃତ୍ୟ ଏକାଡେମୀର ସଭାପତି ମାର୍କଣ୍ଡ ମେହେରଙ୍କ ସଭାପତିତ୍ୱ ଓ ସମ୍ପାଦକ ଧରଣୀଧର ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପ୍ରାନ୍ତରୁ କଳାକାରମାନେ ଯୋଗଦେଇ ନିଜନିଜ କଳା ପ୍ରଦର୍ଶନ କରିଥିଲେ। ବ୍ଲକର ୨୬ଟିପଞ୍ଚାୟତର ବିଭିନ୍ନ ଗ୍ରାମରୁ କଳାକାର ଭଉଣୀଭାଇମାନେ ଏକକ ଓ ଦଳଗତ ଭାବେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏକାଡେମୀ ତରଫରୁ ସମସ୍ତ କଳାକାରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ସମ୍ପର୍କରେ ସଭାପତି ମେହେରଙ୍କ ମତଲୋଡିବାରୁ ବିଭିନ୍ନ ଗ୍ରାମରେ କଳାକାର ଲୁକାୟିତ ଭାବେ ରହିଯାଉଥିବାରୁ ଆମ ସଂଗଠନ ତରଫରୁ ଏମାନଙ୍କୁ ଚିହ୍ନଟ କରି ବ୍ଲକ ଓ ଜିଲାସ୍ତରକୁ ପଠାଇବା ପାଇଁ ଏହା ଏକମାତ୍ର ପ୍ରୟାସ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ କୁଡୁର୍ଲା କୋଶଳୀ ଲୋକନୃତ୍ୟ ଏକାଡେମୀର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



ଦେଓଗାଁ ଡାକବଙ୍ଗଳା ପରିସରରେ କଳାକାର ଚିହ୍ନଟ କାର୍ଯ୍ୟକ୍ରମରେ ସିକୁଆଁ ଗ୍ରାମର ରାମ ଓ ସାଥୀଙ୍କ ଦ୍ୱାରା ପାରମ୍ପରିକ ପରଭା ନୃତ୍ୟ।

ଯାଞ୍ଚ ପ୍ରକ୍ରିୟାରେ ବିଳମ୍ବ

## କ୍ଷୁଦ୍ର ଜମାକାରୀଙ୍କ ମଧ୍ୟରେ ଅସନ୍ତୋଷ

**ଲୋଇସିଂହା,୫।୨(ଡି.ଏନ.ଏ.)**

ଚିଟଫଣ୍ଡ କ୍ଷୁଦ୍ର ଜମାକାରୀମାନଙ୍କୁ ରାଜ୍ୟର ବିଭିନ୍ନ ସ୍ଥାନରେ ଟଙ୍କା ଫେରସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି । ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ତହସିଲକୁ ଚିହ୍ନଟ ହୋଇ ଆସିଥିବା କ୍ଷୁଦ୍ର ଜାମାକରୀଙ୍କ ତାଲିକା ଯାଞ୍ଚ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇ ପାରିନାହିଁ । ଯାଞ୍ଚରେ ବିଳମ୍ବ ହେଉଥିବାରୁ ଜମାକାରୀ ଟଙ୍କା ଫେରି ପାଇବା ନେଇ ଆଶା ଓ ଅଶଙ୍କାରେ ଦିନ ଗଣୁଥିବା ଅଭିଯୋଗ ହେଉଛି । ପ୍ରାପ୍ତ ମତେ,ଜଷ୍ଟିଶ ଏମ.ଏମ ଦାସ କମିଶନ ରାଜ୍ୟ ସରକାରଙ୍କୁ ଦେଇଥିବା ଅନ୍ତରୀଣ ରିପୋର୍ଟ ୧ ଓ ୨ ଅନୁସାରେ ଚିହ୍ନଟ ହୋଇଥିବା କ୍ଷୁଦ୍ର ଜମାକାରୀ ଯେଉଁମାନେ ୧୦ ହଜାରରୁ କମ ଟଙ୍କା ଜାମା କରିଥିବେ ସେମାନଙ୍କୁ ପ୍ରଥମେ ଟଙ୍କା ମିଳିବ । ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି । ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ଜିଲାପାଳଙ୍କ ଜରିଆରେ ତହସିଲକୁ ଟଙ୍କା ଦିଆ ସରିଛି । ତହସିଲ ପକ୍ଷରୁ ଜମାକାରୀଙ୍କ ଯାଞ୍ଚ କରି ଟଙ୍କା ଫେରାଇବା ପ୍ରକ୍ରିୟା ରହିଛି । ଏହିକ୍ରମରେ ଲୋଇସିଂହା ତହସିଲ ଅଞ୍ଚଳର ୩୭୫ ଜଣ କ୍ଷୁଦ୍ର ଜମାକାରୀଙ୍କୁ ପ୍ରଥମ ପର୍ଯ୍ୟାରେ ଚିହ୍ନଟ କରାଯାଇଛି । ଚିହ୍ନଟ କ୍ଷୁଦ୍ର ଜମାକରୀ ତାଲିକା ମଧ୍ୟରୁ ମାତ୍ର ୯୫ ଜଣଙ୍କ କାଗଜାତ ଯାଞ୍ଚ ହୋଇ ପାରିଛି । ଯାଞ୍ଚ ପ୍ରକ୍ରିୟା ଶୀଥିଳ ହୋଇ ପଡିଥିବାରୁ ଜମାକାରୀ ଟଙ୍କା ଫେରି ପାଇବାରେ ବିଳମ୍ବ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ତେବେ ଯାଞ୍ଚ ପ୍ରକ୍ରିୟାକୁ ଶୀଘ୍ର ସାରି ଟଙ୍କା ଫେରାଇବା ବ୍ୟବସ୍ଥା କରିବେ ବୋଲି କହିଛନ୍ତି ତହସିଲଦାର ରୀନା ମେହର।

ଗୌଡ଼ଗୋଠ ପଞ୍ଚାୟତ ହାଇସ୍କୁଲର ବାର୍ଷିକ କ୍ରୀଡା

## ବାଳିକାରେ ସୈରେନ୍ଦ୍ରୀ, ବାଳକରେ ଗୋବିନ୍ଦ ଚାମ୍ପିୟନ

**ଦେଓଗାଁ,୫।୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଗୌଡଗୋଠ ଗ୍ରାମପଞ୍ଚାୟତ ହାଇସ୍କୁଲରେ ସୋମବାର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଖେଳ ଶିକ୍ଷକ ଜିତେନ୍ଦ୍ର କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କ୍ରୀଡା ଉତ୍ସବର ଉଦ୍‌ଯାପନୀ ଦିବସରେ ପରିଚାଳନା କମିଟି ସଭାପତି ନୀଳମଣି ରଣା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପ୍ରତିମା ନନ୍ଦ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ଉପେନ୍ଦ୍ର ମିଶ୍ର ସ ସମ୍ମାନୀତ ଅତିଥିଭାବେ କ୍ଷୀରୋଦ୍ର ପ୍ରସାଦ ରଣା ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ବାଳିକା ଓ ବାଳକ ବିଭାଗରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳିକା ବିଭାଗରେ ସୈରେନ୍ଦ୍ରୀ ଶାନ୍ତ ଓ ବାଳକ ବିଭାଗରେ ଗୋବିନ୍ଦ ରଣା ଚାମ୍ପିୟନ ହୋଇଥିଲେ । ସମସ୍ତ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ପ୍ରେମରାଜ ପ୍ରଧାନ କ୍ରୀଡା ପତାକା ଉତ୍ତୋଳନ ପୂର୍ବକ ଉତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ଶିକ୍ଷକ ଶରତ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ନବ କୁମାର ସାହୁ, ହେମନ୍ତ କୁମାର ବେହେରା, ପୂର୍ଣ୍ଣଚନ୍ଦ୍ର ସା, ରାଧାନାଥ ଦାସ, ଗଦାଧର ବେରିଆ, ଦଶାନନ ବାଗ, କୁନ୍ଦୁରୁ ରଣା, ବାଞ୍ଛାନିଧି ରଣା, ରୋହିତ ପଧାନ ପ୍ରମୁଖ ସହଯୋଗ କରିଥିଲେ।



ଗୌଡଗୋଠ ହାଇସ୍କୁଲ ବାର୍ଷିକ ଉତ୍ସବ ଉଦଯାପନୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

ପୋଲିସର ଜନସମ୍ପର୍କ କାର୍ଯ୍ୟକ୍ରମ

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ, ଫୁଲଝର ଏ ଚାମ୍ପିୟନ

**ଲାଠୋର, ୫।୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡା ପଞ୍ଚାୟତ ଅନ୍ତର୍ଗତ ଗ୍ରୀନ ଫୁଟବଲ ପଡିଆରେ ମଙ୍ଗଳବାର ବଲାଙ୍ଗୀର ଜିଲା ପୋଲିସ ଓ ଲାଠୋର ଥାନାର ମିଳିତ ଆନୁକୂଲ୍ୟରେ ଜନ ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଲାଠୋର ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଏଏସପି ବରୁଣ କୁମାର ଗୁଣ୍ଟୁପଲ୍ଲୀ, ସମ୍ମାନିତ ଅତିଥି ଭାବେ ପାଟଣାଗଡ ଏସଡିପିଓ ଶେଷଦେବ ବରିହା, ଆସିଷ୍ଟାଣ୍ଡ କମାଣ୍ଡାଣ୍ଟ କୁମୁଦ ରଞ୍ଜନ ସେଠ, ଆରଆଇ ଅଶିଷ ସାହୁ, ମାଲପଡା ସରପଞ୍ଚ ମଧୁ ନିଆଲ, ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲ, ବେନ୍ଦେର ସମିତି ସଭ୍ୟ ଲକ୍ଷ ପଧାନ, ମୋହନ ସୁନା, ଆଦିବାସୀ ନେତା ଛେଲିଆ ମାଝୀ ପ୍ରମୁଖ ଯୋଗଦେଇଥିଲେ। ମାଲପଡା ଏବଂ ସାହାଜପାଣି ପଞ୍ଚାୟତର ଜନସାଧାରଣଙ୍କୁ ନେଇ ହୋଇଥିବା ଜନ ସମ୍ପର୍କ କାର୍ଯ୍ୟକ୍ରମରେ ପୋଲିସ ଲୋକଙ୍କ ସେବା ପାଇଁ ନିୟୋଜିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରମାନେ ନୃତ୍ୟ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ସ୍କୁଲ ବ୍ୟାଗ ଓ ପାଠ୍ୟ ଉପକରଣ ପୁରସ୍କାର ରୂପେ ପାଇଥିଲେ। ଜନସାଧାରଣଙ୍କୁ କମ୍ବଳ, ମଶାରୀ, ଲାଇଟ, ପାଣିବୋତଲ ଇତ୍ୟାଦି ବଣ୍ଟନ କରାଯାଇଥିଲା। ଲାଠୋର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ବିଶ୍ୱଭୂଷଣ ମଲ୍ଲିକ ସ୍ୱାସ୍ଥ୍ୟ ଶିବିରରେ ଯୋଗଦେଇ ୨ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ପ୍ରଦାନ କରିଥିଲେ। ସେହିପରି ବଲାଙ୍ଗୀର ପୋଲିସ ହସପିଟାଲର ବିପିନ ବିହାରି ପଣ୍ଡା ଏବଂ ସଞ୍ଜୟ କୁମାର ସାହୁ ଯୋଗଦେଇ ଔଷଧ ବିତରଣ କରିଥିଲେ। ଏହି ଅବସରରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ କରାଯାଇଥିଲା। ଏଥିରେ ଫୁଲଝର ଏ ଦଳ ଚାମ୍ପିୟନ ଓ ଫୁଲଝର ବି ଦଳ ରନର୍ସ ଅପ ହୋଇଥିଲା। ଉଭୟ ଦଳଙ୍କୁ ଟ୍ରଫି ସହ ଜର୍ସି ପ୍ରଦାନ କରାଯାଇଥିଲା। ମାଲପଡା ଦଳର କ୍ରିକେଟର ବିକାଶଙ୍କୁ ବେଷ୍ଟ ସିକ୍ସରଭାବେ ଲାଠୋର ସରପଞ୍ଚ ପୁରସ୍କୃତ କରିଥିଲେ। ବଲାଙ୍ଗୀର ପୋଲିସ ଟିମ ଦ୍ୱାରା ପଥପ୍ରାନ୍ତ ନାଟକ ନକ୍ସଲ ଦମନ ପ୍ରଦର୍ଶନ କରାଯାଇଥିଲା।



ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟରେ ଉଭୟ ଦଳର ଖେଳାଳିଙ୍କ ସହ ଅତିଥିମାନେ।



ଜୀବନର ପ୍ରତ୍ୟେକ ସଫଳତାର ଶ୍ରେୟ ମୁଁ ମାତାପିତାଙ୍କୁ ଦିଏ।
-ଅଙ୍କିତା ଲୋଖାଣ୍ଡେ, ବଲିଉଡ ଅଭିନେତ୍ରୀ

# କୁଡ଼ିଆଘରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର

ନୂଆପଡା ଅଫିସ,୫।୨

ସରକାର ସବୁବେଳେ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମକୁ ନିଶ୍ଚିତ କରିଥିବା ନେଇ କହୁଥିବାବେଳେ ନୂଆପଡା ଜିଲାର ବିଭିନ୍ନ ଉପାନ୍ତ ତଥା ଆଦିବାସୀ ଇଲାକାରେ ଏଥିରେ ବ୍ୟତିକ୍ରମ ହେଉଥିବା ପରିଲକ୍ଷିତ ହେଉଛି । ଜିଲା ସଦର ମହକୁମାଠାରୁ ମାତ୍ର ୧୫ କିମି ଦୂର କୋମନା ବ୍ଲକ ଅନ୍ତର୍ଗତ ଲଖନା ଗ୍ରାମପଞ୍ଚାୟତ ସାରସମାଲ-ଡେଡେଙ୍ଗା ଗାଁରେ ଆଜକୁ ୨୨ ବର୍ଷ ହେଲା ଅଙ୍ଗନୱାଡି ଘର ନିର୍ମାଣ ହୋଇପାରୁ ନ ଥିବାରୁ କୁନି ପିଲାମାନେ କୁଡିଆ ଘରେ ବିପଦ ସଙ୍କୁଳ ଅବସ୍ଥାରେ ବସି ପାଠ ପଢୁଛନ୍ତି । ଏହାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି ।

ନୂଆପଡା-ବଲାଙ୍ଗୀର ଜିଲା ସୀମାନ୍ତ ଗାଁ ହେଉଛି ଡେଡେଙ୍ଗା। ଶତ ପ୍ରତିଶତ ଅନୁସୂଚୀତ ଜନଜାତି ବର୍ଗର ଲୋକ ଏଠାରେ ବାସ କରୁଛନ୍ତି। ଏଠାରେ ଲୋକଙ୍କୁ ବର୍ଷର ଅଧା ସମୟରେ ରୋଜଗାର ମିଳୁ ନ ଥିବାରୁ ଲୋକେ ବାଧ୍ୟ ହୋଇ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥାନ୍ତି। ଲୋକଙ୍କ ଆର୍ଥିକସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଲୋକେ କୁଲି ମଜୁରୀ ଜିବୀକା ନିର୍ବାହ କରିଥାନ୍ତି। ଏଭଳି ସ୍ଥିତିରେ ଏଠାରେ ସାମାଜିକ ସୁରକ୍ଷା ଯୋଜନାର ବହୁଳ ଆବଶ୍ୟକତା ରହିଛି । ଆଜକୁ ୨୨ବର୍ଷ ତଳେ ୧୯୯୭ରେ ସାରସମାଲ ଏବଂ ଡେଡେଙ୍ଗା ଦୁଇଟି ଗାଁ ଲୋକଙ୍କ ସକାଶେ ଏଠାରେ ଏକ ଅଙ୍ଗନୱାଡି କେନ୍ଦ୍ର ଖୋଲିଥିଲେ। ସେହିଦିନଠାରୁ ଦୁରମତି ଶବର ନାମ୍ନୀ ଜଣେ କର୍ମୀ ଏହି ଦାୟିତ୍ୱରେ ରହି ଆସିଛନ୍ତି। ଏଠାରେ ସବୁବେଳେ ୪୦ରୁ ଊର୍ଦ୍ଧ୍ୱ ଶିଶୁ ପାଠ ପଢିଥାନ୍ତି। ଗ୍ରାମବାସୀଙ୍କ ବହୁବାର ଦାବି ପରେ ଆଜକୁ ୩ ବର୍ଷ ତଳେ ଏକ ନୂତନ ଘର ମଞ୍ଜୁର ହୋଇଆସିଥିଲା । ଠିକାଦାରଙ୍କ ଅବହେଳା ଯୋଗୁ ଏହାର ନିର୍ମାଣ କାମ ଅଧାରେ ଆସି ଅଟକି ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେହି ଦିନଠାରୁ ଗାଁର ଜଣେ ଦାତାଙ୍କ କୁଡିଆ ଘରେ ଅଙ୍ଗନୱାଡି କେନ୍ଦ୍ର ଚାଲିଛି । ଏଥିରେ କୌଣସି ବ୍ୟବସ୍ଥା ନ ଥିବାରୁ ଖରା ବର୍ଷାରେ ଭଙ୍ଗା କୁଡିଆରେ ପିଲାଙ୍କୁ ପଠାଇବାକୁ ବାଧ୍ୟ ହେଉଥିବା କର୍ମୀ ଦୁରମତି କହିଛନ୍ତି। କୁଡିଆ ଚାରିକଡେ ଜଙ୍ଗଲ ବୁଦା ରହିଥିବାରୁ ସବୁବେଳେ ବିଛାସାପ ପ୍ରତି ଭୟ ରହିଥାଏ । ଭୟରେ ବହୁ ସମୟରେ ପିଲା ଏଠାରେ ଠିକ ସମୟରେ ରହୁନାହାନ୍ତି । ଏକ ସ୍ୱାଭାବିକ କେନ୍ଦ୍ର ଭଳି ପଠା ପଢା ହୋଇପାରୁ ନ ଥିବା ବେଳେ କୋମଳମତି ଶିଶୁମାନେ ଶିଶୁ ଅଧିକାରରୁ ବଞ୍ଚିତ ରହୁଥିବା ବେଦମତୀ ଶବର ନାମ୍ନୀ ଜଣେ ଅଭିଭାବିକା ପ୍ରକାଶ କରିଛନ୍ତି। ଏହା ଉପରେ ବିଭାଗୀୟ ଅଧିକାରୀମାନେ ମଧ୍ୟ ବାରମ୍ବାର ରିପୋର୍ଟ ନେଉଛନ୍ତି। ହେଲେ ଏହାର କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ କହିଛନ୍ତି। ଏହା ଉପରେ ଜିଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଗୃହ ନିର୍ମାଣ କାମ ଶେଷ କରିବା ସହ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି ।



ଭଙ୍ଗା କୁଡିଆ ଘରେ ଚାଲୁଥିବା ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ପାଠ ପଢାଉଛନ୍ତି ।

**୨୨ ବର୍ଷ ହେଲା**
- ଆଦିବାସୀ ଇଲାକାରେ ଅଙ୍ଗନୱାଡି ସେବା ଠପ
- ବିପଦ ସଙ୍କୁଳରେ ବସି ପାଠ ପଢୁଛନ୍ତି
- ନବନିର୍ମିତ ଘର ହସ୍ତାନ୍ତର ନୋହିଲା
- ସାରସମାଲ- ଡେଡେଙ୍ଗା

## ସଂକ୍ଷେପରେ

### ଜୁନାଗଡ ନଗର କଂଗ୍ରେସ ସଭାପତି ଭାବେ ସୁଧାଂଶୁ ମନୋନୀତ

ଜୁନାଗଡ,୫।୨(ଡି.ଏନ.ଏ.)
ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝିଙ୍କ ଅନୁମୋଦନ କ୍ରମେ କଳାହାଣ୍ଡି ଜିଲା କଂଗ୍ରେସ ସଭାପତି ଭାରତ ଭୁଷଣ ବେମାଲ ଜୁନାଗଡ ନଗର କଂଗ୍ରେସ ସଭାପତି ଭାବେ ପୂର୍ବତନ ବିଧାୟକ ମହେଶ୍ୱର ବରାଡଙ୍କ ପୁତ୍ର ସୁଧାଂଶୁ ଶେଖର ବରାଡଙ୍କୁ ମନୋନୀତ କରିଛନ୍ତି। ଏ ନେଇ ଜୁନାଗଡ ସହରର କଂଗ୍ରେସ କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ନଗର ସଭାପତି ବରାଡ ପୂର୍ବରୁ ଜୁନାଗଡ ଏନଏସି ଅଧ୍ୟକ୍ଷ ମଧ୍ୟ ରହିଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସକୁ ବହୁମାତ୍ରାରେ ବିଜୟୀ କରିବା ପାଇଁ ଅଞ୍ଚଳରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି କହିଛନ୍ତି।

### ଖବରଦାତା ସମ୍ମିଳନୀରେ ବିଳମ୍ବ ନେଇ ଅସନ୍ତୋଷ

ରାଉରକେଲା ଅଫିସ,୫।୨
ମଙ୍ଗଳବାର ଅପରାହ୍ନ ୪ଟାରେ ରାଉରକେଲା ଏରୋଡ୍ରମ ପଡ଼ିଆ ରାହୁଲ ଗାନ୍ଧୀଙ୍କ ସଭାମଞ୍ଚ ସ୍ଥଳରେ ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ ଡାକି ଗଣମାଧ୍ୟମ ପ୍ରତିନିଧିଙ୍କୁ ହଟହଟା କରାଯିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ମିଳନୀରେ ଯୋଗଦେବାକୁ ଆସିଥିବା ଖବରଦାତାଙ୍କୁ ଘଣ୍ଟାଏ ପର୍ଯ୍ୟନ୍ତ ପଡ଼ିଆ ଚାରିପଟେ ବାରଦୁଆର ଶୁଣ୍ଠିପିଣ୍ଡା ଅବସ୍ଥା ଭୋଗିବାକୁ ପଡ଼ିଥିଲା। ଶେଷରେ ମଞ୍ଚ ସମ୍ମୁଖରେ ରୁଣ୍ଡ ହୋଇଥିବା ଖବରଦାତାଙ୍କୁ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ବାହାରକୁ ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପିଜି କର୍ଡନ ଭିତରେ ରହିଥିବା ସଭାମଞ୍ଚ ସମ୍ମୁଖକୁ ଆମକୁ କାହିଁକି ଡକାଗଲା ଓ ଅପରାହ୍ନ ୩ଟାରେ ଖବରଦାତା ସମ୍ମିଳନୀ ଡକାଯାଇ ୪ଟା ପର୍ଯ୍ୟନ୍ତ କାହିଁକି ଠିଆ କରାଗଲା ବୋଲି ପ୍ରଶ୍ନ କରିଥିଲେ ଗଣମାଧ୍ୟମ ପ୍ରତିନିଧି। ଏଣେ ସମନ୍ୱୟ ଅଭାବରୁ ଏହାର ଉତ୍ତର କୌଣସି କଂଗ୍ରେସ ନେତାଙ୍କ ପାଖରୁ ମିଳି ନ ଥିଲା। ତେବେ ସେଠାରେ ଉପସ୍ଥିତ ଜିଲା କଂଗ୍ରେସ ସଭାପତି ରବି ରାୟ ଓ ପୂର୍ବତନ ସଭାପତି ବୀରେନ ସେନାପତି ଗଣମାଧ୍ୟମ ପ୍ରତିନିଧିଙ୍କୁ ବୁଝାଶୁଝା କରିଥିଲେ। ଶେଷରେ ଦର୍ଶକ ଗ୍ୟାଲେରି ଭିତରେ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ବିଳମ୍ବ ଓ ଅଣଦେଖା ନେଇ କେତେଜଣ ଗଣମାଧ୍ୟମ ପ୍ରତିନିଧି ସ୍ଥାନ ଛାଡ଼ି ଚାଲି ଯାଇଥିବା ଦେଖିବାକୁ ମିଳିଥିଲା।

### ବଲାଙ୍ଗୀର ଟାଉନ କଂଗ୍ରେସର ନୂତନ କର୍ମକର୍ତ୍ତା

ବଲାଙ୍ଗୀର ଅଫିସ, ୫।୨
ମଙ୍ଗଳବାର ବଲାଙ୍ଗୀର ନଗର କଂଗ୍ରେସର ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି । ନଗର ସଭାପତି ବୁଲୁ ଦାନୀ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି । ଉପସଭାପତି ଭାବେ ବିଦ୍ୟୁତ ରଞ୍ଜନ କୁମ୍ଭାର, ଅରବିନ୍ଦ ପରୁଆ, ମାନସ ମହାନ୍ତି, ଅନ୍ତ ବେହେରା, କିଶୋର ଦଣ୍ଡସେନା, ସଞ୍ଜୀବ ଗୁରୁ, ଶୁକଦେବ ସାହୁ, ବିଦ୍ୟାଧର ସାହୁ, ରବି ସ୍ୱାଇଁ ଏବଂ ମନୋଜ ସାହୁଙ୍କ ନାମ ଘୋଷଣା କରାଯାଇଛି । ସାଧାରଣ ସମ୍ପାଦକ ସଦାନନ୍ଦ ସେଠ, ବାଲମୁକୁନ୍ଦ ମାଝି, ଆଶୁତୋଷ ମହାନ୍ତି, ରଞ୍ଜିତ ଦାଶ, ଗୋବିନ୍ଦ ମହାନ୍ତି, ଦୀପନ ଯୋଷୀ, ଗୋବିନ୍ଦ ପାଣିଗ୍ରାହୀ, ଅନ୍ତ ମଛଖଣ୍ଡ, ସୁରେନ୍ଦ୍ର ଅଶ୍ୱପଲ, ସୁନୀଲ ବେହେରା, ଅଭିନାଶ ଦାନୀ, ଆଶିଷ ସାହୁ, ଭକ୍ତ ପୋଡ, ସନତ ପୁରୋହିତ ଓ ସମ୍ପାଦକ ଭାବେ ଶିଶୁପାଳ ସାହୁ, ଏମ୍‌ଡି ଇମ୍ରାନ, ଶାନ୍ତନୁ ଭାଟି, ଶୁଭଙ୍କର ତ୍ରିପାଠୀ, ଗୋବିନ୍ଦ ପଣ୍ଡା, ରାଜେଶ କୁମାର ହୋତା, ସୁରେଶ କୁମାର ସାହୁ, ରାଜନ କୁମାର ମିଶ୍ର, ମାନସ କୁମାର ଜାଲ, ଶିବ ମିଶ୍ର, ସୀତାକାନ୍ତ ସ୍ୱାଇଁ, ଆଶିଷ ଭୋଇ ଦାୟିତ୍ୱ ଦିଆଯାଇଛି । ସୋସିଆଲ ମିଡିଆ ସଂଯୋଜକ ଭାବେ ଲୋକନାଥ ମହାନ୍ତି, ସଂଗଠନ ସମ୍ପାଦକ ସ୍ୱଦେଶ ପଟ୍ଟନାୟକ, ମିଡିଆ ସମ୍ପାଦକ ସନ୍ତୋଷ ମହାପାତ୍ର, ମୁଖପାତ୍ର ଭାବେ ବ୍ରଜକିଶୋର ସେଠୀ ଏବଂ କାର୍ଯ୍ୟାଳୟ ସମ୍ପାଦକ ଭାବେ ପବିତ୍ର ନେପାକଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିସହ ଏକ ୨୨ ଜଣିଆ ବରିଷ୍ଠ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି । ଆର୍ତ୍ତତ୍ରାଣ ସିଂଦେଓ, ଅଶୋକ ନନ୍ଦ, ଅଶୋକ ତ୍ରିପାଠୀ, ଅସୀମ ପଟ୍ଟନାୟକ, ବୀରେନ୍ଦ୍ର ମିଶ୍ର, ପ୍ରବୀଣ କୁମାର ମିଶ୍ର, ସତ୍ୟ ଭୋଇ, ଅରବିନ୍ଦାକ୍ଷ ପୂଝାରୀ, ପ୍ରଦୀପ ମିଶ୍ର, ନିଥଲାଲ ଛତ୍ରିଆ, ଲକ୍ଷ୍ମୀ ସାଏ, ଭଞ୍ଜ କିଶୋର ନାଗ, ସମୀର ସାହାଣୀ, ଅଜୟ ତ୍ରିପାଠୀ, ଅମିୟ ମିଶ୍ର, ରାଜେନ୍ଦ୍ର ପାଣି, ନିଶିକାନ୍ତ କୁମ୍ଭାର, ଅଶୋକ ସାହୁ, ସୀତାରାଣୀ ସାହୁ, ସନ୍ତୋଷ ମିଶ୍ର ଏବଂ ସଞ୍ଜୟ ସାଏ ନଗର କମିଟି ଉପଦେଷ୍ଟା ଭାବରେ ଅଛନ୍ତି ।

### ଛାତ୍ରଙ୍କୁ ମାଡମରା ଅଭିଯୋଗ
## ୨ ଶିକ୍ଷୟିତ୍ରୀ ନିଲମ୍ବିତ

ଟାନୱାଟ ନୋଡାଲ ପ୍ରାଥମିକ ବିଦ୍ୟାଳୟ

ନୂଆପଡା ଅଫିସ,୫।୨

ନୂଆପଡା ଜିଲା ସଦର ବ୍ଲକର ଟାନୱାଟସ୍ଥିତ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ତରୁଣ ଶବର ନାମକ ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ମାଡମରା ଅଭିଯୋଗରେ ଦୁଇ ଜଣ ଶିକ୍ଷୟିତ୍ରୀଙ୍କୁ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି । ସେମାନେ ହେଲେ ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ମାଝି ଏବଂ ଗୀତା ନିଆଲ । ସୂଚନାଯୋଗ୍ୟ ଯେ, ଟାନୱାଟ ବିଦ୍ୟାଳୟରେ ଠିକ ଛୁଟି ହେବା ସମୟରେ କୌଣସି କାରଣରୁ ତରୁଣ ନିଜ ସାଥୀଙ୍କ ସହ ମାରପିଟ ହେଉଥିବାବେଳେ ଶିକ୍ଷୟିତ୍ରୀମାନେ ହସ୍ତକ୍ଷେପ କରି ଛଡାଇଥିଲେ । ସେହି ସମୟରେ ଶିକ୍ଷୟିତ୍ରୀମାନେ କୁଆଡେ ଛାତ୍ର ତରୁଣଙ୍କୁ ମାଡ ମାରିଥିବା କୁହାଯାଉଛି । ପରେ ତରୁଣଙ୍କୁ ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଚିକତ୍ସା କରିଥିଲେ । ଖବର ପାଇ ବ୍ଲକ ଶିକ୍ଷାଧିକାରୀ ରେଶମଲାଲ ନାଏକ ହସ୍ପିଟାଲରେ ପହଞ୍ଚି ଠିକ ଭାବରେ ଚିକିତ୍ସା କରିବାକୁ ପରାମର୍ଶ ଦେଇଥିଲେ । ଏହାର ପ୍ରାଥମିକ ତଦନ୍ତ କରିବା ପରେ ପତ୍ରାଙ୍କ ସଂଖ୍ୟା ୩୫୩/୧୯ରେ ସସ୍ମିତା ମାଝି ଏବଂ ପତ୍ରାଙ୍କ ସଂଖ୍ୟା ୩୫୭/୧୯ରେ ଗୀତା ନିଆଲଙ୍କୁ ନିଲମ୍ବନ ଆଦେଶ କରାଯାଇଛି ।



ଦେଓଗାଁ ଶିକ୍ଷା ନିକେତନ ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

## ଦେଓଗାଁ ଶିକ୍ଷାନିକେତନର ବାର୍ଷିକୋତ୍ସବ

ରାଉରକେଲା ଅଫିସ,୫।୨

ଆର୍‌ଏମ୍‌ସି ଅନ୍ତର୍ଗତ ଦେଓଗାଁଠାରେ ଥିବା ଶିକ୍ଷା ନିକେତନ ତ୍ରିଭାଷୀ ବିଦ୍ୟାଳୟର ୧୭ତମ ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ଆର୍‌ଡିଏ ଅଧ୍ୟକ୍ଷ ସାରଦା ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଯୁଗୋପଯୋଗୀ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶ୍ରା ବ୍ଲକ ସହକାରୀ ଶିକ୍ଷାଧିକାରୀ ପ୍ରଶାନ୍ତ ବେହେରା ସମ୍ମାନିତ ଅତିଥି ରୂପେ ଯୋଗଦେଇ ସରକାରୀ ଯୋଜନା ଓ ଏହାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ, ପିଲାଙ୍କ ମାନସିକତାକୁ ଅନୁଧ୍ୟାନ କରି ଶିକ୍ଷୟିତ୍ରୀ ଶିକ୍ଷକ ପଠନ ଉପଯୋଗୀ ପଦକ୍ଷେପ ନିଅନ୍ତୁ ବୋଲି ବେହେରା ମତ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଗାନ୍ଧୀ ମହାବିଦ୍ୟାଳୟ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ବରାଳ, ଶିକ୍ଷାବିତ୍ ଅନ୍ନଦାପ୍ରସାଦ ମହାପାତ୍ର ବକ୍ତବ୍ୟ ରଖି ଛାତ୍ରୀଛାତ୍ର ଶୃଙ୍ଖଳା ଜ୍ଞାନ ପ୍ରତି ଦୃଷ୍ଟି ଦେବା ସହ କର୍ତ୍ତବ୍ୟପରାୟଣ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ କହିଥିଲେ, ଶ୍ରେଣୀ ବା ବିଦ୍ୟାଳୟ ଶିକ୍ଷା ସହ ଛାତ୍ରୀଛାତ୍ର ନୈତିକ ମୂଲ୍ୟବୋଧ, ପାରିବାରିକ ଓ ସାମାଜିକ କର୍ତ୍ତବ୍ୟ ପାଳନ ଦିଗରେ ସଚେତନ ହେବା ଆବଶ୍ୟକ। ଏ ନେଇ ଅଭିଭାବକ ଦୃଷ୍ଟି ଦେବାକୁ ସାହୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ସଭାପତି ପ୍ରତିଭା ପତି ଓ ସମ୍ପାଦକ ପ୍ରମୋଦ ଦାସ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରଭାସ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ରୋଜିନା ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଦମୟନ୍ତୀ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

### ସରସ୍ୱତୀ ବିଦ୍ୟାମନ୍ଦିରର କ୍ରୀଡ଼ୋତ୍ସବ

ରାଉରକେଲା ଅଫିସ,୫।୨

ବିଶ୍ରା ଡାହାର ରୋଡ୍‌ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରର ୩୬ତମ ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦିତନଗର ପରେଡ୍ ପଡ଼ିଆରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ମନୋଜ ରତେରିଆ, ସୀତାରାମ ଗୋୟଲ, ରାଜେଶ ଅଗ୍ରୱାଲ, ରାମଲାଲ ମହେମିଆ ଓ ସୀମା ରାଣା ପ୍ରମୁଖ ମଞ୍ଚାସୀନ ଥିଲେ। କ୍ରୀଡ଼ା ଶିକ୍ଷକ ବିଜୟ ପ୍ରଧାନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ରତେରିଆ କହିଥିଲେ, ଶିକ୍ଷା ଗ୍ରହଣ ସହ ଛାତ୍ରୀଛାତ୍ର ନିୟମିତ କ୍ରୀଡ଼ା, ବ୍ୟାୟାମ ଅଭ୍ୟାସ ଜାରି ରଖିବା ଉଚିତ। ଏହାଦ୍ୱାରା ପିଲାଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ବଜାୟ ରହିବ। ଏ ଦିଗରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ ପିଲାଙ୍କୁ ପ୍ରେରିତ କରିବା ଆବଶ୍ୟକ ବୋଲି ରତେରିଆ କହିଥିଲେ। ଛାତ୍ରୀଛାତ୍ରଙ୍କୁ ସିନିୟର, ଜୁନିୟର ଓ ଇଣ୍ଟର ଏଭଳି ୩ ଭାଗରେ ବିଭକ୍ତ କରାଯାଇ ୧୦୦, ୪୦୦ ଓ ୬୦୦ମିଟର ଦୌଡ଼ ପ୍ରତିଯୋଗିତା କରାଯାଇଥିଲା। ଏଥିସହ ଉଚ୍ଚ ଓ ଲମ୍ବ ଡିଆଁ, ଅଖା ଡିଆଁ, ବାଲାନ୍ସ ରେସ, ବେଙ୍ଗ ଡିଆଁ ଆଦି ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ସୁସ୍ମିତା ବ୍ରାହ୍ମା ଓ ପ୍ରତିମା ତ୍ରିପାଠୀ ପରିଚାଳନା କରିଥିଲେ। ସୁନୀତା ଅଗ୍ରୱାଲ ଧନ୍ୟବାଦ ପ୍ରଦାନ କରିଥିଲେ।

### ଆଜି ଖଡ଼ିଆଳ ମହୋତ୍ସବ ଉଦ୍‌ଘାଟନୀ ସମାରୋହ
## ଏଥର ବାହୁବଳୀ ମଞ୍ଚ ମୁଖ୍ୟ ଆକର୍ଷଣ

ଖଡିଆଳ,୫।୨(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ବୁଧବାର ଉଦଘାଟନ ହେବାକୁ ଯାଉଛି ଖଡିଆଳର ବିଲୁପ୍ତ କଳା, ସାହିତ୍ୟ ଓ ସଂସ୍କୃତିର ପୁନଃରୁଦ୍ଧାର ପାଇଁ ଆୟୋଜିତ ହେଉଥିବା ଖଡିଆଳ ମହୋତ୍ସବ-୨୦୧୯ । ଚଳିତବର୍ଷ ଏହା ୧୫ ବର୍ଷରେ ପଦାର୍ପଣ କରିଥିବା ବେଳେ ବିନା ସରକାରୀ ସହାୟତାରେ ଖଡିଆଳ ଜନ ସାଧାରଣଙ୍କ ଉଦ୍ୟମରେ ପାଳନ ହେଉଅଛି ଖଡିଆଳ ମହୋତ୍ସବ। ଗତବର୍ଷରେ ଖଡିଆଳ ଅଞ୍ଚଳର କଳା ଐତିହ୍ୟକୁ ନେଇ ମଞ୍ଚ ତିଆରି ହୋଇ ବର୍ଣ୍ଣାଢ୍ୟ ସମାରୋହରେ ରାଜ୍ୟ ତଥା ରାଜ୍ୟ ବାହାରର ସାଂସ୍କୃତିକ ଦଳ ଯୋଗଦେଇ ଆସୁଥିବା ବେଳେ ଚଳିତବର୍ଷ ମଞ୍ଚର ରୂପ ଦିଆଯାଇଛି ବାହୁବଳୀ ମଞ୍ଚ ମୁଖ୍ୟ ଆର୍କଷଣ। ମଞ୍ଚ ନିର୍ମାଣ ପାଇଁ ସୁଦୁର ଭୁବନେଶ୍ୱରରୁ କାରିଗରୀମାନେ ଆସି ମଞ୍ଚ ନିର୍ମାଣରେ ଲାଗି ପଡିଥିବା ବେଳେ ପ୍ରସ୍ତୁତି ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏଥି ସହ ଚଳିତବର୍ଷ ମହୋତ୍ସବକୁ ଆକର୍ଷଣୀୟ କରିବା ପାଇଁ ୧୬୦ରୁ ଊର୍ଦ୍ଧ୍ୱ ପ୍ରଦର୍ଶନୀ ଷ୍ଟଲର ବ୍ୟବସ୍ଥା କରାଯାଇଥିବା ବେଳେ ମୀନା ବଜାରର ଆୟୋଜନ ମଧ୍ୟ କରାଯାଇଛି । ଫେବୃୟାରୀ ୬ ରୁ ୧୦ ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରର ସାଂସ୍କୃତିକ ଦଳ ସମେତ ଉଦଯାପନୀ ସନ୍ଧ୍ୟାରେ ଷ୍ଟାର ନାଇଟ କାର୍ଯ୍ୟକ୍ରମ ସ୍ୱରୂପ ବିଶେଷ କାର୍ଯ୍ୟକ୍ରମ ହେବ । ଏଥିରେ ବଲିଉଡର ସୁପ୍ରସିଦ୍ଧ ଗାୟକ ଅଭିଜିତ ଭଟ୍ଟାଚାର୍ଯ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଉଦଘାଟନୀ ଉତ୍ସବରେ ଓଡିଶା ସରକାରଙ୍କ ପଞ୍ଚାୟତିରାଜ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିବାର କାର୍ଯ୍ୟକ୍ରମ ଥିବା ବେଳେ ଉଦଯାପନୀ ଉତ୍ସବରେ ଛତିଶଗଡ ମୁଖ୍ୟମନ୍ତ୍ରୀ ଭୁପେଶ ବଘେଲ ମୁଖ୍ୟଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।



ଖଡିଆଳ ମହୋତ୍ସବ-୨୦୧୯ ପାଇଁ ବାହୁବଳୀ ମଞ୍ଚ ନିର୍ମାଣରେ କାରିଗରମାନେ ଲାଗି ପଡିଛନ୍ତି ।

### ମାରଣାସ୍ତ୍ର ଦେଖାଇ ବାଇକ୍ ଲୁଟିନେଲେ
## ବାଇକ୍ ଚୋରି ବେଳେ ୨ ଯୁବକ ଧରାପଡିଲେ

ବଲାଙ୍ଗୀର ଅଫିସ, ୫।୨

ବଲାଙ୍ଗୀର ଜିଲାରେ ପ୍ରତିଦିନ ଲୁଟପାଟ୍ ଘଟଣା ଘଟୁଛି। ସନ୍ଧ୍ୟା କି ରାତିରେ ନୁହେଁ ଦିନ ଦ୍ୱିପହରେ ଲୁଟପାଟ ଘଟଣା ବୃଦ୍ଧି ପାଇଲାଣି । ମଙ୍ଗଳବାର ଅପରାହ୍ଣରେ ବଲାଙ୍ଗୀର-ଲଖପାଲି ରାସ୍ତାରେ ମାରଣାସ୍ତ୍ର ଦେଖାଇ ଲୁଟେରାମାନେ ଜଣେ ବ୍ୟକ୍ତିଙ୍କ ବାଇକ ଲୁଟ୍ କରି ଫେରାର ହୋଇଯାଇଛନ୍ତି । ଲଖପାଲି ଗାଁକୁ ଫେରୁଥିବାବେଳେ ଦିଲୀପ ରଣା ନାମକ ଜଣେ ବ୍ୟକ୍ତିଙ୍କ ବାଇକକୁ ଲୁଟେରାମାନେ ଲୁଟି ନେଇଛନ୍ତି । ଏ ନେଇ ଦିଲୀପ ପୁଇଁନ୍ତଲା ଥାନାରେ ଅଭିଯୋଗ କରିବା ପରେ ଘଟଣାଟି ଜଣାପଡିଛି। ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ ଅଭିଯାନ ଆରମ୍ଭ କରିଥିବା ଥାନା ଅଧିକାରୀ ଅନନ୍ତ ପ୍ରଧାନ ସୂଚନା ଦେଇଛନ୍ତି। ମଙ୍ଗଳବାର ରାତି ପ୍ରାୟ ୮ଟାରେ ସମଲେଶ୍ୱରୀ ମନ୍ଦିର ନିକଟରୁ ବାଇକ୍ ଚୋରି ଉଦ୍ୟମ ବେଳେ ଜଣେ ଯୁବକ ଲୋକଙ୍କ ହାତରେ ଧରାପଡିଥିଲେ। ଅନ୍ୟ ଜଣେ ସେଠାରୁ ଏକ ସ୍କୁଟି ନେଇ ପଳାଇଥିଲେ । ପରେ ପୋଲିସ ଫେରାର ମାରିଥିବା ଉକ୍ତ ଯୁବକଙ୍କୁ ଧରିଛି। ତେବେ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଧରିଥିଲେ ମଧ୍ୟ ସେ ନେଇଯାଇଥିବା ସ୍କୁଟି ଉଦ୍ଧାର ହୋଇ ନ ଥିବା ଜଣାପଡିଛି। ସମଲେଶ୍ୱରୀ ମନ୍ଦିର ନିକଟ ଏକ ଦୋକାନ ସମ୍ମୁଖରେ ଏକ କଇଁଚି ଭଳି ଉପକରଣ ଧରି ଜଣେ ଯୁବକ ଏକ ୟାମାହା କ୍ରକ୍ସ ଗାଡିର ଲକ୍ ଖୋଲି ନେବାକୁ ଚେଷ୍ଟା କରୁଥିବା କିଛି ଲୋକ ଦେଖିବାକୁ ପାଇଥିଲେ । ଏହାପରେ ସେଠାରେ ଥିବା ଲୋକେ ସମ୍ପୃକ୍ତ ଯୁବକଙ୍କ ଧରି ଉତ୍ତମ ମଧ୍ୟମ ଦେଇଥିଲେ । ପରେ ପୋଲିସ ପିସିଆର ଭ୍ୟାନ୍‌କୁ ଡାକି ହସ୍ତାନ୍ତର କରିଥିଲେ । ଲୋକେ ପଚରାଉଚରା କରିବା ବେଳେ ସମ୍ପୃକ୍ତ ଯୁବକ ସହ ଅନ୍ୟ ଜଣେ ଯୁବକ ମଧ୍ୟ ସେଠାରେ ଥିଲା ଓ ସେ ଏକ ସ୍କୁଟି ଗାଡି ଚୋରି କରିନେଇଯାଇଥିବା ଜଣାପଡିଥିଲା । ଏହାପରେ ପୋଲିସ ଫେରାର ମାରିଥିବା ଯୁବକଙ୍କୁ ଖୋଜାଖୋଜି କରି ତାକୁ ମଧ୍ୟ କାବୁ କରିଥିବା ଜଣାପଡିଛି । କିଛି ମାସ ଭିତରେ ସହର ତଥା ସହର ଉପକଣ୍ଠରେ ଲୁଟପାଟ ଘଟଣା ଆଶାତୀତ ଭାବେ ବୃଦ୍ଧି ପାଇଛି । ମାରଣାସ୍ତ୍ର ଦେଖାଇ ଓ ଆକ୍ରମଣ କରି ପଥଚାରୀ, ବାଇକ୍ ଆରୋହୀଙ୍କଠାରୁ ଲୁଟ୍‌ପାଟ କରାଯାଉଛି । ସହରରେ ଅବାଧ ନିଶା କାରାବାର ବୃଦ୍ଧି ଯୋଗୁଁ ବିଭିନ୍ନ ଛକରେ ଅସାମାଜିକ ଯୁବକଙ୍କ ଆଡ୍ଡା କରିଥିବା ଲୋକେ ଅଭଯୋଗ କରିଛନ୍ତି । ଏହି ଅପରାଧିଙ୍କୁ ପୋଲିସ କିଭଳି ଦମନ କରିବ ତାହା ଚ୍ୟାଲେଞ୍ଜ ହୋଇପଡିଛି।

### ରାସ୍ତାକଡ଼ରେ ଲଖନା ମଦଭାଟି
## ମୁଖ୍ୟ ରାସ୍ତାରୁ ହଟାଇବାକୁ ଦାବି ଉଠୁଛି

ନୂଆପଡା ଅଫିସ,୫।୨

ସରକାର ସବୁବେଳେ ମଦ ଭାଟିଗୁଡିକୁ ଜନଗହଳି ରାସ୍ତା କିମ୍ବା ଜନବସତି ଗୁଡିକରୁ ଦୂରରେ ରଖିବାକୁ ବିଭିନ୍ନ ସମୟରେ ନିତି ନିୟମ କରୁଛନ୍ତି । ହେଲେ ନୂଆପଡ଼ା ଜିଲା କୋମନା ବ୍ଲକ ଲଖନା ବସ୍ତିର ମୁଖ୍ୟ ଲଖନା-ନୂଆପଡା ରାସ୍ତା କଡରେ ଅବସ୍ଥାପିତ ଥିବା ଦେଶୀ ମଦଭାଟି ଉଭୟ ସାଧାରଣ ଜନତା ଏବଂ ଗୋରୁଗାଈଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ଏହାକୁ ଏଠାରୁ ସ୍ଥାନାନ୍ତର କରିବା ଦାବି ଧୀରେ ଧୀରେ ଜୋର ଧରିବାରେ ଲାଗିଛି ।

ଲଖନା କୋମନା ବ୍ଲକର ଏକ ବଡ ଗାଁ । ଏଠାରେ ରେଳ ଷ୍ଟେଶନ, ପୋଲିସ ଷ୍ଟେଶନ, ବଜାର ସହ ବିଭିନ୍ନ ସୁବିଧା ଥିବା ହେତୁ ଏଠାକୁ ପ୍ରତ୍ୟହ ଶତାଧିକ ଜନସାଧାରଣ ଯିବା ଆସିବା କରିଥାନ୍ତି । ଲଖନାରୁ ନୂଆପଡା ଜିଲା ସଦର ମହକୁମାକୁ ଯିବା ରାସ୍ତାରେ ଅର୍ଥାତ ଗାଁ ମୁଣ୍ଡରେ ଠିକ ରାସ୍ତାକୁ ଲାଗି ମଦ ଭାଟି ରହିଛି । ସବୁବେଳେ ଏଠାରେ ମଦ୍ୟପଙ୍କ ଭିଡ ଲାଗି ରହୁଥିବାବେଳେ ମଦ୍ୟପଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଥାଏ । ଏହିଭଳି ମଦଭାଟିରୁ ସବୁ ଆବର୍ଜନାକୁ ରାସ୍ତାକଡରେ ଫିଙ୍ଗି ଦିଆଯାଉଥିବାରୁ ଗୋରୁ ଗାଈ ଆସି ଖାଉଛନ୍ତି । ଏହା ଦ୍ୱାରା ବିଭିନ୍ନ ସମୟରେ ଗୋରୁ ମଇଁଷାଦି ବିଭିନ୍ନ ଅଜଣା ରୋଗର ଶିକାର ହୋଇ ମୃତ୍ୟୁବରଣ କରୁଥିବା କୁହାଯାଉଛି । ଏହା ଉପରେ ପ୍ରାଣୀ ଚିକିତ୍ସା ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବା ଦରକାର । ଯେକେହି ବି ଏହି ରାସ୍ତା ଦେଇ ଗଲେ ମଦର ଦୁର୍ଗନ୍ଧ ଆସୁଥିବା ଜାଣିପାରିବ । ମଦ ତିଆରି କରି ସାରିବା ପରେ ଆବର୍ଜନାକୁ ଦିନ ଦିପ୍ରହରେ ରାସ୍ତା କଡରେ ଫିଙ୍ଗି ଦିଆଯାଉଥିବା ଦେଖାଯାଉଛି । ଏହା ଏପରିକି ପଥିକମାନଙ୍କ ଦେହକୁ ଛିଟିକି ପଡୁଥିବା ଲୋକେ ଅଭିଯୋଗ କରିଛନ୍ତି। ଏହା ଶିଶୁ, ଛାତ୍ରୀଛାତ୍ରଙ୍କ ଉପରେ ଖରାପ ପ୍ରଭାବ ପକାଉଥିବା ଗ୍ରାମବାସୀ କହିଛନ୍ତି। ଏହା ଉପରେ ଜିଲା କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି ମଦଭାଟିକୁ ରାସ୍ତାକଡରୁ ସ୍ଥାନାନ୍ତର କରିବା ସହ ଗୋରୁ ଗାଈଙ୍କ ଭଳି ଗୃହପାଳିତ ପ୍ରାଣୀଙ୍କ ଜୀବନ ହାନି କରୁଥିବାରୁ ଏହା ଉପରେ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ହେଉଛି।



ଲଖନା ମଦ ଭାଟି ନିକଟସ୍ଥ ରାସ୍ତା କଡରେ ଗୋରୁ ଗାଈ ମଦ ଭାଟିର ଆବର୍ଜନାକୁ ଖାଉଛନ୍ତି ।

**ନିର୍ଗତ ମଇଳା ଗୋରୁଗାଈଙ୍କ ପ୍ରତି ବିପଦ**



ନିଜକୁ ସମାଲୋଚନା କରିବାର କଳା ଯେ ଶିଖିଛି,
ସେ ଉନ୍ନତି ପଥରେ ନିଶ୍ଚୟ ଆଗେଇ ଯାଇଛି।
- ଫ୍ରାଙ୍କଲିନ୍

## ସଂକ୍ଷେପରେ

### ଗାଡ଼ି ଓଲଟି ୬ ଗୁରୁତର

ଭବାନୀପାଟଣା,୫।୨(ଡି.ଏନ.ଏ.) ସୋମବାର ସନ୍ଧ୍ୟାରେ କାଶୀପୁର-ଥୁଆମୂଳ ରାମପୁର ମୁଖ୍ୟ ରାସ୍ତାର କାଠକୁରା ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଏକ ମ୍ୟାଜିକ ଗାଡି ଓଲଟି ପଡିବାରୁ ୬ ଜଣ ଗୁରୁତର ଆହତ ହେଇଛନ୍ତି । ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କୁ ମଧ୍ୟରୁ ରାମରତି ଓ ଏକ ଶିଶୁ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଆଚି ହରିଆନା ପାନିପଥ ଅଞ୍ଚଳର କିଛି ବୁଲା ବିକାଳି ପରିବାର କୋରାପୁଟ ଜିଲାରୁ ରାୟଗଡା ଜିଲାର କାଶୀପୁର ଦେଇ କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ପଟକୁ ଗାଡିରେ ଯାଉଥିବାବେଳେ କାଠକୁରା ଗ୍ରାମ ପାଖରେ ଡ୍ରାଇଭର ଭାରସାମ୍ୟ ହରାଇଥିବାରୁ ଗାଡିଟି ରାସ୍ତା କଡକୁ ଓଲଟି ପଡିଥିଲା । ଫଳରେ ଗାଡିରେ ଥିବା ରାମରତୀ ସିଂ (୫୦), ସୁଲତାନ ସିଂ (୩୫), କଳାପତି ସିଂ (୨୫), ପ୍ରିୟଙ୍କା ସିଂ (୧୦), ରୀନା ସିଂ (୩ ମାସ) ଓ କାଳୀଙ୍କ ସିଂ (୨୫) ଗୁରୁତର ଆହତ ହୋଇଥିଲା ।

### ବ୍ଲକଗ୍ରାଣ୍ଟ ହାଇସ୍କୁଲ କିରାଣି ସଂଘର ସମାବେଶ

ଭବାନୀପାଟଣା,୫।୨(ଡି.ଏନ.ଏ.) କଳାହାଣ୍ଡି ଜିଲାର ସମସ୍ତ ବ୍ଲକଗ୍ରାଣ୍ଟ ହାଇସ୍କୁଲ କରାଣି ସଂଘର ଏକ ସମାବେଶ ଭବାନୀପାଟଣା ପୋଲିସ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ କିରାଣି ଜଗଦୀଶ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କିରାଣିମାନଙ୍କ ବିଭିନ୍ନ ସମସ୍ୟା ଉପରେ ବିଷଦ ଭାବରେ ଆଲୋଚନା ହୋଇଥିଲା। ଏ ନେଇ ଏକ କମିଟି ଗଠନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପ୍ରତ୍ୟେକ ଜିଲାର କମିଟି ଗଠନ କରି ବିଭିନ୍ନ ସମସ୍ୟା ସରକାରଙ୍କଠାରୁ ଉପସ୍ଥାପନ କରିବାକୁ ସ୍ଥିର ହୋଇଥିଲା। ବୃନ୍ଦାବନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବ୍ରଜମୋହନ ହାଇସ୍କୁଲର ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ଭବାନୀପାଟଣା,୫।୨(ଡି.ଏନ.ଏ.) କଳାହାଣ୍ଡି ଜିଲାର ସର୍ବପୁରାତନ ହାଇସ୍କୁଲ ବ୍ରଜମୋନ ଉଚ୍ଚବିଦ୍ୟାଳୟର ୧୯୮୧ରେ ମାଟ୍ରିକ୍ ପାସ୍ କରିଥିବା ପୁରାତନ ଛାତ୍ରମାନଙ୍କ ଏକ ବନ୍ଧୁମିଳନ ମେଦିନିପୁର ନିକଟସ୍ଥ ଜଶପାଲ ସିଂଙ୍କର ଫାର୍ମହାଉସଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦିବଙ୍ଗତ ଶିକ୍ଷକ ଓ ସହପାଠୀମାନଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିବା ବେଳେ ଯେଉଁ ସତୀର୍ଥମାନେ ଅସୁସ୍ଥ ଅଛନ୍ତି ସେମାନଙ୍କ ଅରୋଗ୍ୟ ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ସମ୍ମିଳିତ ହୋଇଥିବା ଛାତ୍ରମାନଙ୍କ ମଧ୍ୟରୁ ୧୯ ଜଣ ଛାତ୍ର ୧୯୮୧ରେ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଅନୁଷ୍ଠିତ ମାଟ୍ରିକ୍ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟର ସୁନାମ ବୃଦ୍ଧି କରିଥିଲେ। ବିଶେଷ ଭାବରେ ସେମାନେ ପ୍ରଶାସକ, ଯନ୍ତ୍ରୀ, ଡାକ୍ତର, ଶିକ୍ଷକ ଭାବେ କାର୍ଯ୍ୟକରି ଖ୍ୟାତି ଅର୍ଜନ କରିଥିଲେ। ସେମାନଙ୍କ ମଧ୍ୟରୁ ବହୁ ଶିକ୍ଷକ ରାଷ୍ଟ୍ରପତି ରାଜ୍ୟପାଳ ପ୍ରକୃତିବନ୍ଧୁ ଆଦି ପୁରସ୍କାରରେ ଯଶସ୍ୱୀ ହୋଇଛନ୍ତି। ଏହି ବନ୍ଧୁ ମିଳନ ପର୍ବରେ ପ୍ରାୟତଃ ସମସ୍ତ ବନ୍ଧୁ ଦୁରଦୁରାନ୍ତରୁ ଆସି ନିଜନିଜ ଜୀବନର ସ୍ମୃତିଚାରଣ କରି ଭାଇଚାରାର ବର୍ତ୍ତା ପ୍ରଦାନ କରିଥିଲେ।

## ଏକ ଦଶନ୍ଧି ପରେ ରାହୁଲଙ୍କ କଳାହାଣ୍ଡି ଗସ୍ତ ଆଜି

# କର୍ମୀ ମହଲରେ ଉତ୍ସାହ

- ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି
- ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ

ଭବାନୀପାଟଣା,୫।୨(ଡି.ଏନ.ଏ.)

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ୬ ତାରିଖ (ବୁଧବାର) କଳାହାଣ୍ଡି ଜିଲା ଗସ୍ତରେ ଆସୁଛନ୍ତି । ରାହୁଲଙ୍କ ଗସ୍ତ କାର୍ଯ୍ୟକ୍ରମ ପାଇଁ ଜିଲା ସଦର ମହକୁମା ଭବାନୀପାଟଣା ଉପକଣ୍ଠ ରିସିଗାଁସ୍ଥିତ ଶ୍ରୀକୃଷ୍ଣ ନଗରଠାରେ ଏକ ସୁସଜ୍ଜିତ ବିଶାଳ ମଞ୍ଚ ତିଆରି ହୋଇସାରିଛି। ଲକ୍ଷାଧିକ ଲୋକଙ୍କ ସମାଗମ ସକାଶେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। କଂଗ୍ରେସର ଏହି ସମାବେଶରେ କଳାହାଣ୍ଡି ଜିଲା ସମେତ ପଡୋଶୀ ନବରଙ୍ଗପୁର, କୋରାପୁଟ, ରାୟଗଡା, ମାଲକାନଗିରି, ନୂଆପଡା, ବଲାଙ୍ଗୀର, ସୁବର୍ଣ୍ଣପୁର ଓ କନ୍ଧମାଳ ଆଦି ଜିଲାରୁ ୧ ଲକ୍ଷରୁ ଅଧିକ କଂଗ୍ରେସ କର୍ମୀ ସମବେତ ହେବାର ସୂଚନା ମିଳିଛି। ବୁଧବାର ପୂର୍ବାହ୍ନ ୧୧ଟାରୁ ୧ଟା ମଧ୍ୟରେ ବିରାଟ ସମାବେଶ ହେବ । ଏଥିପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ରାହୁଲଙ୍କ ଗସ୍ତ ନେଇ ଅଖିଳ ଭାରତ କଂଗ୍ରେସ କମିଟି ଓଡିଶା ପ୍ରଭାରୀ ଜିତେନ୍ଦ୍ର ସିଂ, ଓଡିଶା ପ୍ରଦେଶ କଂଗ୍ରେସ କମିଟି ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସ, ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ଜିଲା କଂଗ୍ରେସ କମିଟି ସଭାପତି ଭାରତ ବେମାଲ, ପ୍ରଦେଶ କଂଗ୍ରେସ ସମ୍ପାଦକ ଶାନ୍ତନୁ କୁମାର ବେହେରା, ଚିତ୍ତରଞ୍ଜନ ମଣ୍ଡଳ ସମେତ ଅନ୍ୟାନ୍ୟ କଂଗ୍ରେସ ନେତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ତଦାରଖ କରିଛନ୍ତି । ଜିଲାର ପ୍ରତି ଗ୍ରାମପଞ୍ଚାୟତର ବୁଥ୍ କମିଟିରୁ ଅଧିକରୁ ଅଧିକ କିପରି କଂଗ୍ରେସ କର୍ମୀ ଯୋଗଦାନ କରିବେ ସେ ନେଇ ଯୋରସୋର ଉଦ୍ୟମ କରାଯାଇଥିବା ଦେଖାଯାଇଛି।

ଦୀର୍ଘ ଏକ ଦଶନ୍ଧି ପରେ ରାହୁଲ କଳାହାଣ୍ଡି ଗସ୍ତରେ ଆସୁଥିବାରୁ ଜିଲା କଂଗ୍ରେସ କମିଟି ଏବଂ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ଦ୍ୱିଗୁଣିତ ହୋଇଛି। ଏଥିରେ ରାହୁଲଙ୍କ ସମେତ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିରୋଧି ଦଳ ନେତା ନରସିଂହ ମିଶ୍ର, କଂଗ୍ରେସ ମୁଖ୍ୟ ସଚେତକ ତାରା ପ୍ରାସଦ ବାହିନୀ ପତି, ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, ପୂର୍ବତନମନ୍ତ୍ରୀ ପ୍ରଦେଶ କଂଗ୍ରେସ ସ୍କ୍ରିନିଙ୍ଗ କମିଟି ଅଧ୍ୟକ୍ଷ ଜଗନ୍ନାଥ ପଟ୍ଟନାୟକ, ରାସବିହାରୀ ବେହେରା, ଅନନ୍ତ ସେଠୀ, ପୂର୍ବତନ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଓ ବରିଷ୍ଠ କଂଗ୍ରେସ ନେତାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ କେତେକ ବିଜେଡି ଓ ଭାଜାପା ନେତା କଂଗ୍ରେସ ଦଳରେ ଯୋଗଦେବାର ସୂଚନା ମିଳିଛି।

ଆଗାମୀ ୨୦୧୯ ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ନିର୍ବାଚନ ମଣ୍ଡଳୀର ଆଶାୟୀ ପ୍ରାର୍ଥୀମାନେ ନିଜ ନିଜ ଉଦ୍ୟମରେ ନିଜ ଅଞ୍ଚଳର ଅଧିକ ସଂଖ୍ୟକ କର୍ମୀ ଯୋଗଦାନ କରିବା ନେଇ ସକ୍ରୀୟ ହୋଇପଡିଥିବା ଦେଖାଯାଉଛି। ୨୦୦୯ ନିର୍ବାଚନ ପୂର୍ବରୁ ରାହୁଲ ଲାଞ୍ଜିଗଡ ଆସି ଆଦିବାସୀ ସମାବେଶରେ ଯୋଗଦାନ କରିବା ସହ ନୀୟମଗିରି ପାହାଡ ଓ ଆଦିବାସୀମାନଙ୍କ ସୁରକ୍ଷା ପାଇଁ ସେ ଦିଲ୍ଲୀରେ ସିପାହୀ ଭାବେ କାର୍ଯ୍ୟ କରିବେ ବୋଲି ଉଦବୋଧନ ଦେଇଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ବେଦାନ୍ତକୁ ନୀୟମଗିରି ଖଣି ଖନନ ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ସବୁ କାରଣରୁ ରାହୁଲଙ୍କ କଳାହାଣ୍ଡି ଗସ୍ତ ବେଶ ଚର୍ଚ୍ଚାର ବିଷୟ ହୋଇପଡିଛି। ଭବାନୀପାଟଣାଠାରେ ଆୟୋଜିତ ଏହି ସମାବେଶରେ ରାହୁଲ କ'ଣ ସବୁ ପ୍ରତିଶ୍ରୁତି ଦେବେ ସେ ନେଇ ଜିଲାବାସୀଙ୍କ ମନରେ ଉତ୍କଣ୍ଠା ଲାଗି ରହିଛି।



କର୍ଲାମୁଣ୍ଡା ବ୍ଲକ କୃଷି କାର୍ଯ୍ୟାଳୟ ସମ୍ମୁଖରେ ଭିଏଡବ୍ଲ୍ୟୁମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି।

## ଗ୍ରାମ୍ୟ କୃଷି କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

କର୍ଲାମୁଣ୍ଡା,୫।୨(ଡି.ଏନ.ଏ.)

ଓଡିଶା ରାଜ୍ୟ ଗ୍ରାମ୍ୟକୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟକୃଷି କର୍ମଚାରୀ ସଂଘ ପକ୍ଷରୁ ରାଜ୍ୟ ବ୍ୟାପୀ ବିଭିନ୍ନ ଦାବି ନେଇ କଳାବ୍ୟାଜ୍ ଧାରଣ ଚାଲିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ମଧ ବିଭିନ୍ନ ଦାବି ନେଇ ଭିଏଡବ୍ଲ୍ୟୁମାନଙ୍କ କଳାବ୍ୟାଜ୍ ପରିଧାନ କରି ଧାରଣରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ଏହି ଅବସରରେ କର୍ଲାମୁଣ୍ଡା ଭିଡବ୍ଲ୍ୟୁ ସଂଘ ସଭାପତି ନବୀନ କୁମାର ମାଝିଙ୍କ ନେତୃତ୍ୱରେ ସମ୍ପାଦକ ଘନଶ୍ୟାମ ଜାନୀ, କୋଷାଧ୍ୟକ୍ଷ ଧର୍ମେନ୍ଦ୍ର ଶବର, ଉପସଭାପତି ପୀତାମ୍ବର ମାଝି, ଉପଦେଷ୍ଟା ଭବାନୀ ଶଙ୍କର ନାଏକ, ସରୋଜ ଶେଖର ସାହୁ, ସନ୍ତୋଷିନୀ ବରାହ ପ୍ରମୁଖ ଉପସ୍ଥିତ ରହି ସାମୂହିକ କଳାବ୍ୟାଜ୍ ପରିଧାନ କରି ଧାରଣରେ ସାମିଲ ହୋଇଥିଲେ। ତେବେ ସଂଘ ପକ୍ଷରୁ ମଙ୍ଗଳବାରଠାରୁ ୭ ଦିନ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରି ସରକାରୀ କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଥିବା ବେଳେ ଆସନ୍ତା ୧୨ ତାରିଖଠାରୁ ସମସ୍ତ ସଦସ୍ୟମାନେ ସାମୂହିକ ଛୁଟିରେ ଯିବେ ବୋଲି ବ୍ଲକ ସଂଘ ସଭାପତି ନବୀନ କୁମାର ମାଝି ପ୍ରକାଶ କରିଛନ୍ତି। ଗ୍ରାମ୍ୟ କୃଷି କର୍ମଚାରୀର ପଦବୀର ନାମ ପରିବର୍ତ୍ତନ କରି ପଞ୍ଚାୟତ କୃଷି ଅଧିକାରୀ କରିବା, ଗ୍ରାମ୍ୟ କୃଷି କର୍ମଚାରୀମାନଙ୍କ ଓ କୃଷି ଅଧିଦର୍ଶକମାନଙ୍କ କ୍ୟାଡର ପୁନଃଗଠନ କରିବା ପ୍ରମୁଖ ଦାବି ରହିଛି।

## ଜିଲାପାଳଙ୍କୁ ଭିନ୍ନକ୍ଷମ ମହାସଂଘର ଦାବିପତ୍ର

ଭବାନୀପାଟଣା,୫।୨(ଡି.ଏନ.ଏ.)

ଭବାନୀପାଟଣା ସହରସ୍ଥିତ ଏକ ହୋଟେଲଠାରେ କଳାହାଣ୍ଡି ଭିନ୍ନକ୍ଷମ ମହାସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କଳାହାଣ୍ଡି ଜିଲାରେ ୨୦୦୩ରେ ଭିନ୍ନକ୍ଷମ ଫାଉଣ୍ଡେଶନ ନାମରେ ଆବେଦନ କରାଯାଇଥିଲା ଓ ଜାଗା ଚିହ୍ନଟ ମଧ୍ୟ ହୋଇଛି । ସେହି ଜାଗାକୁ କାର୍ଯ୍ୟକାରୀ ଜାଗା ଯୋଗାଇ ଦେବା, ଗତ ୨୦୧୪ ବେଳେ ଜିଲାପାଳଙ୍କ ଦ୍ୱାରା ୧୨ଜଣ ଭିନ୍ନକ୍ଷମଙ୍କୁ ନିର୍ବାଚନ ସହଯୋଗ କରିବା ପାଇଁ ପରିଚୟପତ୍ର ପ୍ରଦାନ କରାଯାଇଥିଲା । ବର୍ତ୍ତମାନ ଆସନ୍ତା ସାଧାରଣ ନିର୍ବାଚନ ବେଳେ ପୁନର୍ବାର ଭିନ୍ନକ୍ଷମମାନଙ୍କୁ ସଂଯୋକ ଦାୟିତ୍ୱ ପ୍ରଦାନ କରାଯିବା, ଭବାନୀପାଟଣା ସହରସ୍ଥିତ ୱାର୍ଡ ନଂ. ୧୨ରେ ଭିନ୍ନକ୍ଷମ ମହାସଂଘକୁ ଡିଲରସିପ ପ୍ରଦାନ କରିବା ସମେତ ୩ ଦଫା ଦାବି ନେଇ ଆଲୋଚନା ହୋଇଥିଲା । ପରେ ସଂଘ ପକ୍ଷରୁ ଜିଲାପାଳଙ୍କୁ ଉକ୍ତ ଦାବିପତ୍ର ପ୍ରଦାନ କରାଯାଇଥିଲା ।

## କଳାହାଣ୍ଡି ହିନ୍ଦ୍ ମଜଦୁର ସଭାର ନୂତନ କର୍ମକର୍ତ୍ତା

ଭବାନୀପାଟଣା,୫।୨(ଡି.ଏନ.ଏ.)

ଭବାନୀପାଟଣାସ୍ଥିତ ଏକ ହୋଟେଲଠାରେ ହିନ୍ଦ୍ ମଜଦୁର ସଭାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ଓ ନୂଆପଡା ଜିଲା ହିନ୍ଦ୍ ମଜଦୁର ସଂଘର ସଭାପତି ତୀର୍ଥରାଜ ଦୁର୍ଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡିଶା ରାଜ୍ୟ ସହସମ୍ପାଦକ ବିରେନ୍ଦ୍ର ପ୍ରସାଦ ଦାଶ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ନେଇ ବୈଠକରେ ଆଲୋଚନା କରାଯିବା ପରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ କଳାହାଣ୍ଡି ଜିଲା ସଭାପତି ଭାବେ ତୀର୍ଥରାଜ ଦୁର୍ଗା ପୁଣିଥରେ ନିର୍ବାଚନ ହୋଇଛନ୍ତି । ଜିଲା ଉପସଭାପତି ସୁବୋଧ କର, ସାଧାରଣ ସମ୍ପାଦକ ଦୟାନିଧି ସାହୁ ଓ ସହସମ୍ପାଦିକା ଚଞ୍ଚଳା ପଟେଲ ଓ କୋଷାଧ୍ୟକ୍ଷ ଲକ୍ଷ୍ମଣ ତେଜି ପ୍ରମୁଖ ନିର୍ବାଚିତ ହୋଇଥିଲେ। ସେହିଭଳି ଭବାନୀପାଟଣା ବ୍ଲକ ସଭାପତି ଭାବରେ ବିଷ୍ଣୁପ୍ରସାଦ କାନୁନଗୋ, ଉପସଭାପତି ମୋହିତ ପଣ୍ଡା, ସାଧାରଣ ସମ୍ପାଦକ ଦୀପକ ରଞ୍ଜନ ଖମାରୀ, ସହସମ୍ପାଦକ ଧୀରେନ୍ଦ୍ର ପ୍ରସାଦ ଗୋପାଳ, କୋଷାଧ୍ୟକ୍ଷ ଭୂବନାନନ୍ଦ ନାୟକ ମନୋନୀତ ହୋଇଛନ୍ତି । ସଭାପତି ଭାବରେ ସୁମିତ୍ରା ମାଝି, ଉପସଭାପତି ଆଲକାନନ୍ଦା ଛତ୍ରିଆ, ସାଧାରଣ ସମ୍ପାଦକ ଜଳ ମାଝି, ସହସମ୍ପାଦିକା ମଦନା କୁମାର ଏବଂ କୋଷାଧ୍ୟକ୍ଷ ଭାବେ ସ୍ୱପ୍ନା ମହାନ୍ତି ପ୍ରମୁଖ ନିର୍ବାଚିତ ହୋଇଛନ୍ତି।

## ସିଟିଜେନ୍ ଫୋରମର ମାସିକ ବୈଠକ

ରିଷିଡା,୫।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ସିଟିଜେନ୍ ଫୋରମର ମାସିକ ବୈଠକ ଐତିହାସିକ ଶୈବପୀଠ ବେଲଖଣ୍ଡିରେ ଅନୁଷ୍ଠିତ ହୋଇଯାଇଛି। ରାମଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଫୋରମର ସଦସ୍ୟମାନେ ଔଷଧିୟ ବୃକ୍ଷ ରୋପଣ ଉପରେ ମତପ୍ରକାଶ କରିଥିଲେ। ଏଥିରେ ଜିଲା ଉପସଭାପତି ନନ୍ଦକିଶୋର ବିଶି, ଦୀନବନ୍ଧୁ ମୁଣ୍ଡ, ଜିଲା ସମ୍ପାଦକ ସୀମାଞ୍ଚଳ ମିଶ୍ର, ବି.କେ. ସେନାପତି, ଭାରତଭୂଷଣ ଚାଲନ, ଡମ୍ବରୁଧର ମିଶ୍ର, ସହ ସମ୍ପାଦକ ଏଜେ ମିଶ, ହରିଶଙ୍କର ପଟ୍ଟନାୟକ, କୋଷାଧ୍ୟକ୍ଷ ମଳୟ କୁମାର ମୁଣ୍ଡ, କୁବେର ଦାସ, ଉପଦେଷ୍ଟା କମିଟି ହାଜି ଅମୀନ ଖାନ୍, ଯୋଗେଶ ଚନ୍ଦ୍ର ଦୋରା, ଭାରତ ଦାସ, କର୍ଲାମୁଣ୍ଡାର ବରିଷ୍ଠ ସଦସ୍ୟ ଲାଲ ଚନ୍ଦ୍ର ଚୌଧୁରୀ ୪ ଡିସିମିଲ ଜମି ଦେବା ସହ ୧ଲକ୍ଷ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । କେସିଙ୍ଗା ବ୍ଲକର ହାତୀ ଖୋଜ, ସିର୍ଜାପାଲି ଓ ବେଲଖଣ୍ଡିର ନୂତନ କମିଟି ଗଠନ କରାଯାଇଥିଲା । କର୍ଲାମୁଣ୍ଡା ସିଟିଜେନ ଫୋରମ୍‌ର ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ, କମ୍ପୁପାଣି ସାହୁ, ଭଗବାନ ସାହୁ ପ୍ରମୁଖ ଯୋଗଦେଇଥିଲେ ।



ସିଟିଜେନ ଫୋରମର ମାସିକ ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଉଦ୍‌ଘାଟିତ


ଆଞ୍ଚଳିତ କଳିଙ୍ଗ ହର୍ବାଲ୍ ମେଳା ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ଅତିଥି।

ଭବାନୀପାଟଣା,୫।୨(ଡି.ଏନ.ଏ.)

ଓଡ଼ିଶା ରାଜ୍ୟ ଔଷଧିୟ ଉଦ୍ଭିଦ ପରିଷଦ ତରଫରୁ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ପକ୍ଷରୁ ୫ରୁ ୯ ତାରିଖ ପର୍ଯ୍ୟନ୍ତ କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲ୍‌ବାହାଦୁର ଷ୍ଟାଡିୟମ ପଡିଆରେ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା-୨୦୧୯ ମଙ୍ଗଳବାର ସନ୍ଧ୍ୟା ୭ଟାରେ ଉଦଘାଟିତ ହୋଇଯାଇଛି। ଏଥିରେ ଅତିଥି ଭାବରେ ରାଜ୍ୟ ମେଡିକାଲ ପ୍ଲାଣ୍ଟ ବୋର୍ଡର ଅଧ୍ୟକ୍ଷ ଏସ୍.ପି ମହାପାତ୍ର, ଟି. ଅଶୋକ କୁମାର, ଡିଏଫଓ କଳାହାଣ୍ଡି, ଡିଏଫଓ କେନ୍ଦୁଲିଫ୍ ମଳୟ କୁମାର ଦାସ, ଡିଏଫଓ ଖରିଆର ଖୁସ୍‌ବନ୍ତ ସିଂ, ଅବସରପ୍ରାପ୍ତ ଡିଏଫଓ ବିଶ୍ୱନାଥ ହୋତା ପ୍ରମୁଖ ଯୋଗଦେଇଥିଲେ । ଏସିଏଫ ବଂଶିଧର ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ମେଳାରେ ୫୦ଟି ଷ୍ଟଲ ଖୋଲାଯାଇଛି। ଉପରୋକ୍ତ ହର୍ବାଲ ମେଳାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ବୈଦ୍ୟ, ଏସଏଚଜି ଗ୍ରୁପ, ଏନ୍‌ଜିଓ, ବନ ସୁରକ୍ଷା ସମିତି, ଔଷଧିୟ ଉଦ୍ଭିଦଜାତ ପଦାର୍ଥର ଉତ୍ପାଦନକାରୀ ଓ ବ୍ୟବସାୟୀ ପ୍ରତିଷ୍ଠାନ, ପାରମ୍ପାରିକ ଚିକିତ୍ସାକ ବ୍ୟକ୍ତି ବିଶେଷ (ଆୟୁର୍ବେଦ/ହୋମିଓପାଥି/ୟୁନାନୀ) ଓ ଅନୁଷ୍ଠାନ ଅଂଶ ଗ୍ରହଣ କରିଛନ୍ତି। ଏପର୍ଯ୍ୟନ୍ତ ରାଜ୍ୟର ଗତ ୫ ବର୍ଷ ଧରି ଆୟୋଜିତ କୌଣସି ମେଳାରେ ଭାଗନେଇ ନ ଥିବା ବା କ୍ୱଚିତ ଭାଗ ନେଇଥିବା ବ୍ୟକ୍ତି/ସଂସ୍ଥାଙ୍କୁ ଅଗ୍ରାଧିକାର ଦିଆଯିବା ସହ ଓଡିଶାର ସବୁ ଜିଲାର ପ୍ରତିନିଧିତ୍ୱକୁ ମଧ ପ୍ରାଥମିକତା ଦିଆଯାଇଛି। ଏହି ମେଳାର ଉଦ୍ଦେଶ୍ୟ ଜନସାଧାରଣଙ୍କୁ ସମ୍ପୂର୍ଣ୍ଣ ଆୟୁର୍ବେଦିକ ଔଷଧର ସୁଫଳ ବ୍ୟବହାର, ସଚେତନ, ବ୍ୟବହାରିକ ପ୍ରଣାଳି ବିଷୟରେ ଅବଗତ କରିବା, ଆମର ସ୍ୱାସ୍ଥ୍ୟରେ ଔଷଧିୟ ଉଦ୍ଭିଦର ମହତ୍ତ୍ୱ, ଓଡିଶାର ବିଭିନ୍ନ ଯାଗାରେ ଥିବା ବୈଦ୍ୟ, ତାଙ୍କର ଚିକିତ୍ସା ପ୍ରଣାଳି ଓ ତାଙ୍କ ଦ୍ୱାରା ପ୍ରସ୍ତୁତି ଚେରିମୂଳି ଔଷଧକୁ ପ୍ରୋତ୍ସାହନ ଦେବା ଲକ୍ଷ ରହିଛି। ପ୍ରତ୍ୟେକ ଦିନ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବା ସହିତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଦ୍ୱିତୀୟ ଦିବସରେ ସକାଳ ୫ ଘଡିକାଠାରୁ ୬ ଘଡିକା ପର୍ଯ୍ୟନ୍ତ ଯୋଗ ଶିବିବର ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

## ବ୍ୟାଙ୍କ ସିକ୍ୟୁରିଟି ଗାର୍ଡଙ୍କ ଦବଙ୍ଗ ଗିରି

# ବ୍ୟାଙ୍କ ପରିଚାଳକଙ୍କଠାରେ ଗ୍ରାହକଙ୍କ ଫେରାଦ

- ନିୟମ ଭାଙ୍ଗି ଧାଡି ଆଗରେ ପଶିଲେ
- ପ୍ରତିବାଦ କରିବାରୁ ଗ୍ରାହକଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଜୁନାଗଡ,୫।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ମୁଖ୍ୟ ଶାଖାରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଏଠାରେ ଗ୍ରାହକଙ୍କ ସୁରକ୍ଷା ପାଇଁ କାର୍ଯ୍ୟରତ ବ୍ୟାଙ୍କ ସୁରକ୍ଷା କର୍ମୀ ନିଜ ଦାୟିତ୍ୱ ଭୁଲିଯାଇ ନିୟମକୁ ଉଲ୍ଲଂଘନ କରି ଗ୍ରାହକଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଉପସ୍ଥିତ ଗ୍ରାହକମାନେ ଉତ୍ତ୍ୟକ୍ତ ହୋଇ ବ୍ୟାଙ୍କ ଶାଖା ପରିଚାଳକଠାରେ ଫେରାଦ ହୋଇଛନ୍ତି। ସେମାନେ ଏ ସମ୍ପର୍କରେ ବ୍ୟାଙ୍କ ପରିଚାଳକଙ୍କୁ ଏକ ଲିଖିତ ଅଭିଯୋଗ ମଧ କରିଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ମଙ୍ଗଳବାର ମଧାହ୍ନରେ ଜୁନାଗଡ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାରେ ଥିବା ଅପଡେଟ (ଅଧୁନାତନ)ମେଶିନ ଆଗରେ ଗ୍ରାହକମାନେ ନିଜ ବ୍ୟାଙ୍କ ଖାତାକୁ ଅପଡେଟ କରିବା ପାଇଁ ଧାଡିରେ ଛିଡା ହୋଇଥିଲେ। ଏହି ସମୟରେ ବ୍ୟାଙ୍କ ସିକ୍ୟୁରିଟି ଗାର୍ଡ ବଂଶୀଧର ପୂଝାରୀ ନିଶାଶକ୍ତ ଅବସ୍ଥାରେ ଆସି ଧାଡି ଭାଙ୍ଗି ଆଗରେ ଯାଇ କିଛି ଲୋକଙ୍କ ବ୍ୟାଙ୍କ ଖାତାକୁ ଆଣି ଅପଡେଟ କରିଥିଲେ। ଏପରି ପାତରଅନ୍ତର ନିତୀକୁ ଦେଖି ଦୀର୍ଘ ସମୟ ଧରି ଛିଡା ହୋଇଥିବା ଗ୍ରାହକମାନେ ଏହାକୁ ପ୍ରତିବାଦ କରିଥିଲେ। ସମ୍ପୃକ୍ତ ବ୍ୟାଙ୍କ ସିକ୍ୟୁରିଟି ଗାର୍ଡ ଦବଙ୍ଗ ଗିରି ଦେଖାଇ ଗ୍ରାହକଙ୍କୁ ଦୁର୍ବ୍ୟବହାର କରିବା ସହ ଅପଡେଟ ମେଶିନିର ପ୍ଲକକୁ କାଢିଦେଇଥିଲେ। ଫଳରେ ମେଶିନ ବନ୍ଦ ହୋଇଯାଇଥିଲା। ଏହାପରେ ଗ୍ରାହକମାନେ ସମ୍ପୃକ୍ତ ସିକ୍ୟୁରିଟିଙ୍କ ନାମରେ ବ୍ୟାଙ୍କ ଶାଖା ପରିଚାଳକ ଜଶୋବନ୍ତ ନାଏକଙ୍କ ଠାରେ ଫେରାଦ ହୋଇଥିଲେ। ବ୍ୟାଙ୍କ ଶାଖା ପରିଚାଳକ ସମ୍ପୃକ୍ତ ସିକୁରିଟି ଗାର୍ଡଙ୍କୁ ଡାକି ତାଗିଦ କରିଥିଲେ। ପରେ ମେଶିନଙ୍କୁ ସ୍ୱାଭାବିକ ହେବା ପରେ ଗ୍ରାହକମାନେ ନିଜ ବ୍ୟାଙ୍କ ଖାତାକୁ ଅପଡେଟ କରିଥିଲେ। ଘଟଣା ସମ୍ପର୍କରେ ଜାଣି ଗଣମାଧମ ପ୍ରତିନିଧିମାନେ ଉପସ୍ଥତ ହୋଇ ଏହି ଅନିୟମିତତାକୁ ଫଟୋ ଉତ୍ତୋଳନ କରୁଥିବା ସମୟରେ ଅନ୍ୟ ଜଣେ ସିକ୍ୟୁରିଟି ଗାର୍ଡ ମଧ ଦବଙ୍ଗଗିରି ଦେଖାଇ ଫଟୋ ଉଠାଇବାକୁ ବାରଣ କରିଥିଲେ।


ବ୍ୟାଙ୍କ ଅପଡେଟ ମେଶନ ଆଗରେ ଗ୍ରାହକଙ୍କ ଲମ୍ବା ଧାଡି ।

## ବୋର୍ଡାଠାରେ ପ୍ରତିଷ୍ଠା ହେବ ଅତିରିକ୍ତ ତହସିଲ ଅଫିସ

ଭବାନୀପାଟଣା, ୫।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ସର୍ବ ପୁରାତନ କଳାହାଣ୍ଡି ତହସିଲ ଯାହା ଭବାନୀଟଣା ବ୍ଲକ ଏବଂ ମ୍ୟୁନିସିପାଲିଟିକୁ ନେଇ ଗଠିତ ହୋଇଥିଲା। ପ୍ରଥମ ୨୮ଟି ଗ୍ରାମପଞ୍ଚାୟତ ଓ ଏବେ ୩୬ଟି ଗ୍ରା.ପାକୁ ନେଇ ଗଠିତ ହୋଇଛି। ବ୍ଲକ୍‌ର ଯୁଗସାଏପାଟଣାରୁ ବୋର୍ଡା ଏବଂ ସୀମାବର୍ତ୍ତି ଅଞ୍ଚଳ ମସିଗୁଡାକୁ ଯଦି ଧରାଯାଏ ତେବେ ଏହାର କ୍ଷେତ୍ରଫଳ ୯୫ କି.ମି. ପରିବ୍ୟାପ୍ତ ଅଟେ। ମାତ୍ରାଧିକ ଦୂରତା କାରଣରୁ ଲୋକଙ୍କ ସମସ୍ୟାରେ ସମାଧାନ କରିବାରେ ଏହି ତହସିଲ ଅସମର୍ଥ ରହି ଆସିଛି । ସ୍ୱାଧୀନତା ପର ଏବଂ ୧୯୬୧ରେ ବ୍ଲକ ଗଠନ ପରେ ବିଶେଷ କରି ଦୂରତାକୁ ନେଇ ମିଳ୍କି ଅଞ୍ଚଳ ଯାହାକୁ ବୋର୍ଡା ଅଞ୍ଚଳ କହାଯାଉଛି ଏହି ଅଞ୍ଚଳରେ ଥିବା ଅର୍ଦ୍ଧଲ ଗ୍ରାମଞ୍ଚାୟତ ବୋରଭଟା, ବୋର୍ଡା ସେଁପୁର, ସିକୁଆଁ, ଡୁମୁରିଆ, ପଲନା, ଜୁଜୁରାଙ୍ଗ, ମାଟିଆ ଆଦି ପଞ୍ଚାୟତବାସୀ ବହୁବିଧାର ସମ୍ମୁଖୀନ ହଉଥିଲେ । ଲୋକଙ୍କ ସମସ୍ୟାକୁ ଆଖି ଆଗରେ ରଖି ସାଇନିଙ୍ଗ କଳାହାଣ୍ଡି ତରଫରୁ ଓଡ଼ିଶା ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ, ଆର୍‌ଡିସି ବ୍ରହ୍ମପୁର ଜିଲାପାଳଙ୍କୁ ବିଭିନ୍ନ ସମୟରେ ଧ୍ୟାନ ଆକର୍ଷଣ କରିଥିଲେ ସୁଦ୍ଧା ଫଳପ୍ରଦ ହେଉ ନ ଥିଲା । ପରେ ସାଇନିଙ୍ଗ କଳାହାଣ୍ଡି ତରଫରୁ ଯୁଧିଷ୍ଠିର ଜାଲ, ସରପଞ୍ଚ ସଞ୍ଜୀବ କୁମାର ମିଶ୍ର, ନିଲାଞ୍ଚଳ ସାହୁ, ରୋଶନଲାଲ୍ ଛତର ଏବଂ ଅଧ୍ୟକ୍ଷ ସାଇନିଙ୍ଗ କଳାହାଣ୍ଡି ଭବାନୀ ଶଙ୍କର ନିଆଲଙ୍କ ତରଫରୁ ମିଳିତ ଭାବରେ ଗତ ଜୁଲାଇ ୨୦୧୮ରେ ଓଡିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଜନସ୍ୱାର୍ଥ ମାମଲା ଭାବରେ ସ୍ୱୀକାର କରି ବୋର୍ଡାଠାରେ ଅତିରିକ୍ତ ତହସିଲ କାର୍ଯ୍ୟାଳୟ ସ୍ଥାପନର ଯୁକ୍ତି ଦର୍ଶାଇଥିଲେ। ଉକ୍ତ ଦରଖାସ୍ତ ଜନସ୍ୱାର୍ଥ ମାମଲା ଭାବେ ଓଡିଶା ହୋଇକୋର୍ଟ ଗ୍ରହଣ କରି ତାଙ୍କର ଆଦେଶ ସଂଖ୍ୟା ପି.ଆଇ.ଏଲ୍ ନଂ- ଡବ୍ଲୁ.ପି.ସି ଆଇ.ଏଲ୍. ୨୯୫/୨୦୧୯ ଆଦେସ ମୁତାବକ ବୋର୍ଡାଠାରେ ଅତିରିକ୍ତ ତହସିଲ କାର୍ଯ୍ୟାଳୟ ସ୍ଥାପନର ଆବଶ୍ୟକତା ଉପଲବ୍ଧି କରି ଏହାକୁ ଅତିଶୀଘ୍ର କାର୍ଯ୍ୟକାରୀ କରାଯାଉ ବୋଲି ରାଜସ୍ୱ ସଚିବ ଓଡିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଆବେଦକାରୀ ଯୁଧିଷ୍ଠିର ଜାଲ, ସଞ୍ଜୀବ କୁମାର ମିଶ୍ର, ନିଲାଞ୍ଚଳ ସାହୁ, ରୋଶନଲାଲ୍ ଛତର ଏବଂ ଅଧ୍ୟକ୍ଷ ସାଇନିଙ୍ଗ କଳାହାଣ୍ଡି ଭବାନୀ ଶଙ୍କର ନିଆଲଙ୍କୁ ଚାରି ସପ୍ତାହ ମଧ୍ୟରେ ଆଉ ଏକ ନୂତନ ଦରଖାସ୍ତ ସହ ହାଇକୋର୍ଟଙ୍କର ମୂଳ ଆଦେଶକୁ ସଂଲଗ୍ନ ପୂର୍ବକ ପୁନଃ ନିବେଦନ କରିବାକୁ ଓଡିଶା ହୋଇକୋର୍ଟଙ୍କ ମୁଖ୍ୟ ବିଚାରପତି କେ.ଏମ୍. ଝାବେରି ଏବଂ ବିଚାରପତି କେ.ଆର୍. ମହାପାତ୍ରଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ୭୦ ବର୍ଷ ପରେ ଏହି ସମସ୍ୟାରେ ସମାଧାନ ପାଇଁ ଓଡିଶା ହୋଇକୋର୍ଟଙ୍କ ଏ ଐତିହାସିକ ରାୟରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି । ନ୍ୟାୟ ବ୍ୟବସ୍ଥା ତଥା ତହସିଲ ପ୍ରଶାସନିକ ବ୍ୟବସ୍ଥା ଦ୍ୱାରା ଉକ୍ତ ପଞ୍ଚୟତରେ ରହୁଥିବା ପାଖାପାଖି ଦେଢ ଲକ୍ଷ ଲୋକେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ଉପକୃତ ହୋଇପାରିବେ।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେ ହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



## ସଂକ୍ଷେପରେ

### ଭାଜପାରେ ମିଶିଲେ ଅନ୍ୟ ଦଳର କର୍ମୀ

ଝାରସୁଗୁଡା ଅଫିସ,୫।୨: ଝାରସୁଗୁଡା ବ୍ଲକ୍ ଜମେରା ପଞ୍ଚାୟତରେ ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଭଜପା ନେତା ଆନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ଅନ୍ୟଦଳର ବହୁ କର୍ମୀ ଭାଜପାରେ ଯୋଗ ଦେଇଛନ୍ତି। ଭାଜପାରେ ମିଶିଥିବା ବ୍ୟକ୍ତିଙ୍କ ମଧ୍ୟରେ ବଦ୍ରିପ୍ରସାଦ ସିଂ, ମହେନ୍ଦ୍ର ବାରିକ, ଶରତ ସାହୁ, ଦୀନବନ୍ଧୁ ସେଠ୍, ପ୍ରେମ୍ ମେହେର, କୁନୁ ମେହେର, କୁଳମଣି ରୋହିଦାସ, ମନୋଜ ସାହୁ, ଭୁଜ ବାଦି ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

### ଏଲ.ଏନ୍. କଲେଜର ବାର୍ଷିକ କ୍ରୀଡା ଉଦ୍‌ଘାଟିତ

ଝାରସୁଗୁଡା ଅଫିସ,୫।୨: ଝାରସୁଗୁଡା ଏଲ.ଏନ୍ କଲେଜର ବାର୍ଷିକ କ୍ରୀଡା ମଙ୍ଗଳବାର ଯାନ୍ତ୍ରିକ ସ୍କୁଲ ପଡିଆରେ ଉଦ୍‌ଘାଟିତ ହୋଇଛି। ଝାରସୁଗୁଡା କ୍ରୀଡା ସଂଘର ସାଧାରଣ ସମ୍ପାଦକ ତାପସ ରାୟଚୌଧୁରୀ, ଉପ-ସଭାପତି ଜୀବନ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। କଲେଜ ଅଧକ୍ଷ ଡ. ଚୀରବ୍ରତ ଦତ୍ତ, ଅଧାପିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତ, ଶରତ ଦୁବେ, ଡ. ସରୋଜ କୁଅଁର, ଏ.କେ. ପଟ୍ଟନାୟକ, ଝଶ କୁମାର ଖମାରୀ, ପି.ସି. ପ୍ରଧାନ, ହିମାଂଶୁ ଷଡଙ୍ଗୀ, ପୂର୍ଣ୍ଣିମାମୟୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କ୍ରୀଡା ପ୍ରତିଯୋଗିତାକୁ ମାନସ ଆଚାର୍ଯ୍ୟ, ସଞ୍ଜୟ ରାୟ, ବିବେକାନନ୍ଦ ପ୍ରଧାନ, ପ୍ରଭାତ ରାଉତରାୟ, ପ୍ରକାଶ ପ୍ରଧାନ, ପୁରୁଷୋତ୍ତମ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

### ୭୭ ବ୍ଲକ୍‌ରେ ୩୫ ପ୍ରତିଶତରୁ କମ ଜଳସେଚନ

ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ଜଳସେଚନ ପ୍ରକଳ୍ପ ଅଧୁରା

ଭୁବନେଶ୍ୱର,୫।୨(ବ୍ୟୁରୋ): ରାଜ୍ୟରେ ଏବେ ବି ୭୭ଟି ବ୍ଲକ ଜଳସେଚନରୁ ବଞ୍ଚିତ ହୋଇଛନ୍ତି । ଏହି ବ୍ଲକଗୁଡିକରେ ୩୫ ପ୍ରତିଶତରୁ କମ ଜଳସେଚନ ହୋଇଛି। ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ। ଭାଜପା ସଭ୍ୟ କନକ ବର୍ଦ୍ଧନ ସିଂଦେଓଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ୨୦୦୮ରୁ ଏ ପର୍ଯ୍ୟନ୍ତ ୧୬୦ଟି ବ୍ଲକରେ ୩ଟି ମଧ୍ୟମ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିବା ବେଳେ ଗୋଟିଏ ବୃହତ୍ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଅନେକ ବ୍ଲକ ଅଛି, ଯେଉଁଠି କି ୩୩ ପ୍ରତିଶତରୁ ଜଳସେଚନ କମ ରହିଛି। ପ୍ରାୟ ୭୭ ବ୍ଲକରେ ୩୫ ପ୍ରତିଶତରୁ କମ ଜଳସେଚନ ହୋଇଛି। ଜମି ଅଧିଗ୍ରହଣରେ ସମସ୍ୟା, ପରିବେଶ ଅନୁମତିରେ ବିଳମ୍ବ ଏବଂ ଅନ୍ୟାନ୍ୟ କାରଣ ପାଇଁ ଜଳସେଚନ ପ୍ରକଳ୍ପଗୁଡିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଲୋୟର ସୁକତେଲ, କାନୁପୁର, ରେଙ୍ଗାଲି, ସୁବର୍ଣ୍ଣରେଖା ଏବଂ ଲୋୟର ଇନ୍ଦ୍ର ପ୍ରକଳ୍ପ ଭଳି ବୃହତ୍ ଜଳସେଚନ ପ୍ରକଳ୍ପଗୁଡିକର କାର୍ଯ୍ୟ ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ।

ବସ୍‌ଷ୍ଟାଣ୍ଡ ପାଲଟିଛି ଦିବାସ୍ୱପ୍ନ

# ନୂତନ ନିର୍ମାଣରେ ଲାଗିଲାଣି କଳଙ୍କି

ଝାରସୁଗୁଡା ଅଫିସ,୫।୨

ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ କୋଟି କୋଟି ଟଙ୍କା ଅପବ୍ୟବହାର କରାଯାଉଛି। ଆଗରୁ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିକୁ ଆତ୍ମସାତ୍ କରାଯାଉଥିଲା। ଏବେ ଡିଏମ୍ଏଫ ପାଣ୍ଠିର ଦୁରୁପଯୋଗ ହେଉଛି। ଏହି ଅର୍ଥରେ ନେତାମାନେ ଲୋକଙ୍କୁ ନୂତନ ନିର୍ମାଣର ଦିବାସ୍ୱପ୍ନ ଦେଖାଉଛନ୍ତି। ହେଲେ ଝାରସୁଗୁଡା ନୂତନ ନିର୍ମାଣର ନମୁନା କୁହାଯାଉଥିବା ନିର୍ମାଣାଧୀନ ନୂଆ ବସଷ୍ଟାଣ୍ଡରେ କଳଙ୍କି ଲାଗିବା ଆରମ୍ଭ ହେଲାଣି। ୭ ବର୍ଷ ହେବ ଝାରସୁଗୁଡା-ଧୁତୁରା ରୋଡରେ ନିର୍ମାଣ ହେଉଥିବା ନୂତନ ବସଷ୍ଟାଣ୍ଡର କାମ ସରୁନାହିଁ। କେବଳ ବସଷ୍ଟାଣ୍ଡ କାହିଁକି ଆହୁରି ଅନେକ ପ୍ରକଳ୍ପ ରହିଛି ଯାହାର ନିର୍ମାଣ ଶେଷ ହୋଇଥିଲେ ମଧ ଲୋକଙ୍କ ପାଇଁ ସେଗୁଡିକ ନିରର୍ଥକ। ନିର୍ମାଣ କାର୍ଯ୍ୟରେ ବିଳମ୍ବ, ଶିଳ୍ପସଂସ୍ଥା ପ୍ରତି ଅନୁଗ୍ରହ ଓ ଅନୁକମ୍ପା ଏବଂ ଠିକାଦାର ପ୍ରୀତି ଯୋଗୁ ଲୋକଙ୍କ ହିତ ଉଦ୍ଦେଶ୍ୟରେ ମିଳିଥିବା ଟଙ୍କା ଆତ୍ମସାତ ହେବାକୁ ବସିଛି। କେବଳ ପାଚେରି, ପିଲର ନିର୍ମାଣରେ ସରି ଯାଇଛି ୭ କୋଟି ଟଙ୍କା। ଲୋକଙ୍କ ସୁବିଧା ପାଇଁ ମିଳିଥିବା ଟଙ୍କା ଠିକ୍ ବାଟରେ ବିନିଯୋଗ ନ ହେବାରୁ ଅବଶିଷ୍ଟ କିସ୍ତି ଦେବାକୁ ବାରଣ କରିଛି ରାଷ୍ଟ୍ରାୟତ କମ୍ପାନୀ। ସରକାରୀ ଅଧିକାରୀ ଏବଂ ନେତାଙ୍କ ମଧ୍ୟରେ ଭିତିରିଆ ସଲାସୁତୁରା ଯୋଗୁ ଯୋଜନା ବିଳମ୍ବ ହେଉଛି। ଟଙ୍କା ଅପବ୍ୟବହାର ହେଉଛି। ଠିକାଦାର ଲାଭବାନ ହେଉଛନ୍ତି ଏବଂ ଲୋକ ହୀନସ୍ଥା ହେଉଛନ୍ତି। ସେଥିପାଇଁ ୬ ବର୍ଷ ଆଗରୁ ଆରମ୍ଭ ହୋଇଥିବା ବସଷ୍ଟାଣ୍ଡର ନିର୍ମାଣ ଶେଷ ହୋଇପାରିନାହିଁ। ଗୋଟିଏ ପଟେ ରେଲୱେ ଜମିରେ ଥିବାରୁ ପୁରୁଣା ବସଷ୍ଟାଣ୍ଡକୁ ବିକଶିତ କରାଯାଇପାରୁ ନ ଥିବା ବେଳେ ନୂଆ ବସଷ୍ଟାଣ୍ଡ ଶେଷ ନ ହୋଇ ପଡି ରହିବା ଦୁର୍ଭାଗ୍ୟଜନକ।

୨୦୧୨-୧୩ ମସିହାରେ ଝାରସୁଗୁଡାରେ ନୂତନ ନିର୍ମାଣର ନମୁନା ଭାବେ ନୂଆ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ବସଷ୍ଟାଣ୍ଡ ନିର୍ମାଣ ପାଇଁ ମହାନଦୀ କୋଲ ଫିଲ୍ଡସ୍ ଲିମିଟେଡ(ଏମ୍ସିଏଲ୍) ନିଜ ସିଏସ୍ଆର



ନୂତନ ବସଷ୍ଟାଣ୍ଡର ନିର୍ମାଣ କାମରେ ଅଟକି ରହିଛି।

ପାଣ୍ଠିରୁ ୫ କୋଟି ଏବଂ ବେଦାନ୍ତ ନିଜ ସିଏସ୍ଆର ପାଣ୍ଠିରୁ ୨ କୋଟି ଟଙ୍କା ଦେବାକୁ ସହମତି ପ୍ରକାଶ କରିଥିଲେ। ବସଷ୍ଟାଣ୍ଡ ନିର୍ମାଣ ପାଇଁ ୧୦ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିଲା। କମିଟି ଅନୁମୋଦନ କ୍ରମେ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ କନକାଷ୍ଟ ଷ୍ଟିଲ୍ ଆଣ୍ଡ ପାୱାରକୁ ପ୍ରଦାନ କରାଯାଇଥିଲା। କନକାଷ୍ଟ ନିଜେ ଏହି କାମକୁ ନ କରି ବାଲାଜୀ କନଷ୍ଟ୍ରକସନ୍ ନାମକ ଏକ ଠିକାସଂସ୍ଥାକୁ ନିର୍ମାଣ କାର୍ଯ୍ୟ ହସ୍ତାନ୍ତର କରିଥିଲା। ଠିକାସଂସ୍ଥା ଦ୍ୱାରା ୭ କୋଟି ଟଙ୍କାରେ ବସଷ୍ଟାଣ୍ଡ ଜମିରେ କେବଳ ନିର୍ମାଣ ହୋଇଛି ପାଚେରି, କେତେକ୍ ପିଲର୍ ଏବଂ ଠିକା କର୍ମଚାରୀ ରହିବା ପାଇଁ ଅସ୍ଥାୟୀ ଘର। ଏତିକିରେ ସିରିଯାଇଛି ଟଙ୍କା। ବନ୍ଦ ହୋଇ ପଡିଛି ନିର୍ମାଣ କାମ ଏବଂ କମ୍ପାନୀ ବନ୍ଦ କରି ଚାଲିଯାଇଛି କନକାଷ୍ଟ ଷ୍ଟିଲ୍।

ବସଷ୍ଟାଣ୍ଡ ନିର୍ମାଣ ପାଇଁ ପୁନଶ୍ଚ ବ୍ୟୟ ଅଟକଳର ସଂଶୋଧନ ହୋଇଥିଲା। ସଂଶୋଧିତ ଅଟକଳର ମୂଲ୍ୟ ୧୨ କୋଟି ୯୦ ଲକ୍ଷ ଟଙ୍କା ଦର୍ଶାଯିବା ପରେ ମୁଖ୍ୟଯନ୍ତ୍ରୀ(ବିଲ୍ଡିଂ) ଆପତ୍ତି ଉଠାଇ ଅଟକଳ ସମୀକ୍ଷା କରିବାକୁ ଅଧସ୍ତନ କର୍ମଚାରୀଙ୍କ ନିକଟକୁ ପଠାଇ ଦେଇଥିଲେ। ଏହାପରେ ସଂଶୋଧିତ ଅଟକଳ ମୂଲ୍ୟର ଅବଶିଷ୍ଟ ଅର୍ଥ ଦେବାକୁ ଏମ୍ସିଏଲ୍ ମନା କରିଥିବା ସୂଚନା ମିଳିଛି। ବର୍ତ୍ତମାନ ଏହାର ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ ଡିଏମଏଫ ପାଣ୍ଠିରୁ ୭ କୋଟି ୮୮ ଲକ୍ଷ ୧୦ ହଜାର ଟଙ୍କା ବିନିଯୋଗ କରାଯାଉଛି। ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଏକ ଉନ୍ନୟନ ମୂଳକ ପ୍ରକଳ୍ପ ନିର୍ମାଣର ଦାୟିତ୍ୱ ଶିଳ୍ପସଂସ୍ଥା ହାତରେ ନ୍ୟସ୍ତକରିବା ଏବଂ ଶିଳ୍ପସଂସ୍ଥା ନିଜେ ଏହି କାମ ନ କରି ଅନ୍ୟ ଏକ ଠିକାସଂସ୍ଥା ହାତକୁ ଟେକିଦେବା କେତେଦୂର ଯୁକ୍ତିଯୁକ୍ତ ଓ ନ୍ୟାୟସଙ୍ଗତ ତାହା ପ୍ରଶ୍ନ ସୃଷ୍ଟି କରିଛି। ପାରିପାର୍ଶ୍ୱିକ ଉନ୍ନୟନ କମିଟି ଗୋଟିଏ ଶିଳ୍ପସଂସ୍ଥାର ଅର୍ଥ ଅନ୍ୟ ଏକ ଶିଳ୍ପସଂସ୍ଥାକୁ ପ୍ରଦାନ କରିବା ପାଇଁ ସହମତି ପ୍ରକାଶ କଲା କିପରି ବୋଲି ପ୍ରଶ୍ନ ଉଠିଛି। ବସଷ୍ଟାଣ୍ଡ ନିର୍ମାଣ ସମ୍ପୂର୍ଣ୍ଣ ବିଷୟରେ ମତଦେଇ ଜିଲାପାଳ କହିଛନ୍ତି ଯେ, ପ୍ରଥମେ ଏମ୍ସିଏଲ୍ ଏବଂ ବେଦାନ୍ତ ସିଏସ୍ଆର ପାଣ୍ଠିରୁ ୭ କୋଟି ଟଙ୍କା ମିଳିଥିଲା। ଅଧିକ ଟଙ୍କା ଆବଶ୍ୟକ ହେବାରୁ ଏମ୍ସିଏଲ୍ ଦେବା ପାଇଁ ବାରଣ କରିଥିଲା। ସେଥିପାଇଁ ଡିଏମ୍ଏଫରୁ ଅବଶିଷ୍ଟ ପାଣ୍ଠି ମଞ୍ଜୁର କରାଯାଇଛି।



ଲଇକେରା-ଠେଲକୋବୁଡ ନଦୀକୂଳ ଆମ୍ବତୋଟାରେ ବୈଠକରେ ନବକିଶୋର ଦାସ ଓ ଅନ୍ୟମାନେ।

## ସମର୍ଥକଙ୍କୁ ନେଇ ନବଙ୍କ ବୈଠକ

ଲଇକେରା, ୫।୨ (ଡି.ଏନ.ଏ.)

ଲଇକେରା ବ୍ଲକ ଜୋନ-୨ର ୫ଟି ପଞ୍ଚାୟତର ସମର୍ଥକଙ୍କୁ ଏକଜୁଟ କରି ମଙ୍ଗଳବାର ଲଇକେରା-ଠେଲକୋବୁଡ ନଦୀକୂଳ ଆମ୍ବତୋଟାରେ ନବକିଶୋର ଦାସ ବୈଠକ କରିଛନ୍ତି। ବିଜେଡି ବ୍ଲକ ସଭାପତି ସୁକାନ୍ତୀ ଜୟପୁରିଆ ଏଥିରେ ସଭାପତିତ୍ୱ କରିଥିଲେ। ତାପସ ରାଏ ଚୌଧୁରୀ, ଲଙ୍କେଶ୍ୱର ଭିମ, ଯୋଗେନ୍ଦ୍ର ନାଏକ, ଭୁପାଳ ବେହେରା, ପଞ୍ଚାନନ ନାଏକ, ଲଇକେରା ସରପଞ୍ଚ ସୁଶୀଲ କିସାନ, ଅରୁଣ ନାଏକ, ଅଶୋକ ମାଝୀ, ଲକ୍ଷ୍ମୀ ରଣା, ସଞ୍ଜିତ ନାଏକ, ସଦାନନ୍ଦ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନରେ ନିଜ ନିଜ ଭିତରେ ଭେଦଭାବ ନ ରଖି ଏକତ୍ରିତ ହୋଇ ବିଜେଡି ପାଇଁ କାମ କରିବାକୁ ନବ କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି। ରୂପେଶ ଅଗ୍ରୱାଲ ସଭାପରିଚାଳନା କରିଥିବା ବେଳେ ଦୁର୍ଗା ପ୍ରସାଦ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ବିଜେଡିର ପଞ୍ଚାୟତସ୍ତରୀୟ ବୈଠକ

କୁଚିଣ୍ଡା, ୫।୨ (ଡି.ଏନ.ଏ)

କୁଚିଣ୍ଡା ବ୍ଲକ ବିଜେଡି ପକ୍ଷରୁ ମଙ୍ଗଳବାର କୁନ୍ତରା ଗ୍ରାମ ପଞ୍ଚାୟତରେ ଏକ ପଞ୍ଚାୟତସ୍ତରୀୟ ବୈଠକ ଆୟୋଜିତ ହୋଇଯାଇଛି । ସୁଶିଲ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଭୁବନେଶ୍ୱର କିସାନ, ଗଗନ ଶର୍ମା, ଜଗଦୀଶ ପ୍ରସାଦ ଖଣ୍ଡେଲୱାଲ, ସଞ୍ଜୟ ମିଶ୍ର, ସମିତି ସଭ୍ୟା ସଞ୍ଜୁ କଣ୍ଟା, ମହିଳା ବ୍ଲକ ସଭାନେତ୍ରୀ ସୌଦାମିନୀ ପଟେଲ, ପିଙ୍କି ନାୟକ, କୃଷକ ମୋର୍ଚ୍ଚା ସଭାପତି ଯୁଧିଷ୍ଠିର ପ୍ରଧାନ, ମନବୋଧ କଣ୍ଟା ପ୍ରମୁଖ ଉପସ୍ଥିତ ରହିଥିଲେ। ଏମାନେ କର୍ମୀମାନଙ୍କୁ ନବୀନ ସରକାରଙ୍କ ଯୋଜନା ବାବଦରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଜନସାଧାରଣଙ୍କ ମଧ୍ୟରେ ଏହାର ବ୍ୟାପକ ଭାବେ ପ୍ରଚାର, ପ୍ରସାର କରି ପାରିଲେ ଆଗାମୀ ନିର୍ବାଚନରେ କୁଚିଣ୍ଡାରୁ ବିଜେଡି ପ୍ରାର୍ଥୀ ବିଜୟୀ ହୋଇପାରିବେ ବୋଲି ମତ ଦେଇଥିଲେ । ଶେଷରେ ପିଙ୍କି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତିରେ କୃମି ଔଷଧ ବଣ୍ଟନ କରାଯାଉ

ରେଙ୍ଗାଲି, ୫।୨ (ଡି.ଏନ.ଏ)- ସମ୍ବଲପୁର ଜିଲା ରେଙ୍ଗାଲି ପ୍ରାଥମିକ ଶିକ୍ଷକ ସଂଘ ଏବଂ ସମସ୍ତ ବର୍ଗର ଶିକ୍ଷୟତ୍ରୀ, ଶିକ୍ଷକ କୃମି ଔଷଧ ବଣ୍ଟନ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଉପସ୍ଥିତିରେ କରିବା ପାଇଁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଦାବି କରିଛନ୍ତି । ଶିକ୍ଷକ ସଂଘର ଦାବୀ ଅନୁସାରେ କୃମି ଔଷଧ ବଣ୍ଟନ ସମୟରେ ଛାତ୍ରୀଛାତ୍ରମାନେ ବାରମ୍ବାର ଅସୁସ୍ଥ ହୋଇ ପଡୁଛନ୍ତି । ଫଳରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ମାଡ ମରାଯିବା ସହ ଆକ୍ରମଣ କରାଯାଉଛି। ଫଳରେ ଆଗାମୀ ଦିନରେ କୃମି ବଟିକା ଶିକ୍ଷୟିତ୍ରୀ ଶିକ୍ଷକ ବଣ୍ଟନ ନ କରି ସ୍ୱାସ୍ଥ କର୍ମଚାରୀ ବଣ୍ଟନ କରିବେ । ଶିକ୍ଷୟିତ୍ରୀ, ଶିକ୍ଷକ କେବଳ ଆବଶ୍ୟକ ସହଯୋଗ ଏବଂ ଭିତ୍ତିଭୂମି ଯୋଗାଇ ଦେବେ । ସ୍ୱାସ୍ଥ୍ୟ କର୍ମଚାରୀ ନିଜ ଦାୟିତ୍ୱରେ ଔଷଧ ଆଣି ବଣ୍ଟନ କରିବେ ଏବଂ ଔଷଧ ବଣ୍ଟନ ପରେ ଛାତ୍ରୀଛାତ୍ରଙ୍କ ଶାରୀରିକ ଅସୁସ୍ଥତା ପାଇଁ ସଂପୃକ୍ତ ସ୍ୱାସ୍ଥ୍ୟ କର୍ମଚାରୀ ଦାୟୀ ରହିବେ ବୋଲି ସଂଘ ପକ୍ଷରୁ ଲିଖିତ ଦାବି କରାଯାଇଛି ।

## ଶିମିଳିପାଳ ବିସ୍ଥାପିତ କଲୋନୀରେ ଅଗ୍ନିକାଣ୍ଡ: ୨୪ ଘର ପାଉଁଶ

ବାରିପଦା ଅଫିସ, ୫।୨: ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଅଧୀନ ଶିଆଳିନଇଁ ଗ୍ରାମରେ ଥିବା ବିସ୍ଥାପିତ କଲୋନୀରେ ସୋମବାର ରାତିରେ ନିଆଁ ଲାଗି ୨୪ ଘର ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ଧନହାନୀ କିମ୍ବା ଜୀବନ ହାନି ହୋଇ ନ ଥିବା କରଞ୍ଜିଆ ଏସିଏଫ ବଟକୃଷ୍ଣ ପାଢ଼ୀ କହିଛନ୍ତି। ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ, ତହସିଲଦାର ପହଞ୍ଚି ଥିଲେ। ଏସିଏଫ ପାଢ଼ୀଙ୍କ କହିବା ମୁତାବକ କଲୋନିରେ ନିଆଁ ଲାଗିଥିବା ଖବର ପାଇ ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ଦମକଳ ବାହିନୀ ଗ୍ରାମକୁ ଆସି ନିଆଁକୁ ଆୟତ୍ତ କରିଥିଲେ। ଆଉ କିଛି ସମୟ ପରେ ପୁନର୍ବାର ନିଆଁ ଲାଗି ଯାଇଥିଲା। ପୁଣି ଥରେ ଦମକଳ ବାହିନୀ ଆସି ନିଆଁକୁ ଲିଭାଇ ଥିଲେ। ଗତ ଜାନୁୟାରୀ ୨୩ ରାତିରେ ନିଆଁ ଲାଗି ୧୬ ଘର ଜଳି ଯାଇଥିଲା। ଏଥିରେ ଜଣେ ମହିଳା ପୋଡି ହୋଇ ଗୁରୁତର ହୋଇଥିଲେ। ଘରର ଆସବାବପତ୍ର ସହ ଧାନ, ଚାଉଳ ଓ ବିଭିନ୍ନ ସରମଗ୍ରୀ ନଷ୍ଟ ହୋଇଥିଲା। ଶିମିଳିପାଳର ବଫର ଏରିଆରେ ରହୁଥିବା ୭୩ ପରିବାରକୁ ଗତ ଜୁନ ୨୦୧୮ରେ ସ୍ଥାନାନ୍ତରିତ କରାଯାଇ ଶିଆଳିନଇଁ ଗାଁରେ ବିସ୍ଥାପିତ କରାଯାଇଥିଲା।

## ଭାଲୁପତ୍ରା ମଦଭାଟି ବନ୍ଦ ଦାବିକୁ ସବୁଆଡୁ ସମର୍ଥନ

କିର୍ମିରା, ୫।୨ (ଡି.ଏନ.ଏ)

କିର୍ମିରା ବ୍ଲକ ଅନ୍ତର୍ଗତ ଭାଲୁପତ୍ରା ଗ୍ରାମସ୍ଥିତ ସରକାରୀ ଦେଶୀ ମଦଭାଟି ବନ୍ଦ ଦାବି ନେଇ ଚାଲିଥିବା ମହିଳାଙ୍କ ଆନ୍ଦୋଳନ ମଙ୍ଗଳବାର ଦ୍ୱିତୀୟ ଦିନ ମଧ୍ୟ ଜାରି ରହିଛି । ବନ୍ଧପାଲି ପଞ୍ଚାୟତର ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଭାଲୁପତ୍ରା ମୁଖ୍ୟରାସ୍ତାରେ ଥିବା ଦେଶୀ ମଦ ଭାଟିକୁ ସଂପୂର୍ଣ୍ଣ ଉଚ୍ଛେଦ କରିବା ଦାବିରେ ଧାରଣାରେ ବସିଛନ୍ତି । ଏଥିରେ ବନ୍ଧପାଲି ସରପଞ୍ଚ ମଞ୍ଜୁଲତା ପଟେଲ ମହିଳାଙ୍କ ମଦଭାଟି ବନ୍ଦ ଦାବି ସଂପୂର୍ଣ୍ଣ ଯଥାର୍ଥ କହିବା ସହ ଏଥିରେ ତାଙ୍କ ସହଯୋଗ ରହିବ ବୋଲି କହିଛନ୍ତି। ସରପଞ୍ଚଙ୍କ ସହ ନାଏବ ସରପଞ୍ଚ ଅନିତା ଛଞ୍ଚାଣ, ୱାର୍ଡ ସଭ୍ୟ ଘନଶ୍ୟାମ କଉଡି, ସଞ୍ଜୟ ପଟେଲ, ଗୀତାଞ୍ଜଳି ନାଏକ ଏବଂ ଗ୍ରାମବାସୀ ଏହାକୁ ସମର୍ଥନ କରିଛନ୍ତି । ଜନପ୍ରତିନିଧି, ଗ୍ରାମବାସୀ, ଆନ୍ଦୋଳନକାରୀ ଓ ଭାଟି କର୍ମଚାରୀଙ୍କୁ ନେଇ ଲଇକେରା ପୋଲିସ ମଧ୍ୟସ୍ଥତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଭାଟି କର୍ତ୍ତୃପକ୍ଷ ଲାଇସେନ୍ସ ଅବଧି ଦେଢ଼ମାସ ଥିବାରୁ ସେହି ସମୟ ପର୍ଯ୍ୟନ୍ତ ଭାଟି ଚାଲୁ ରହିବ ବୋଲି କହିଥିଲେ । ତେବେ ଆନ୍ଦୋଳନକାରୀ ଭାଟି ଉଚ୍ଛେଦ ଦାବିରେ ଅଟଳ ରହିବା ସହ ଭାଟି ଉଚ୍ଛେଦ ନହେବା ଯାଏ ଧାରଣା ଜାରି ରହିବ ବୋଲି ଚରମ ବାଣୀ ଶୁଣାଇଥିଲେ ।



ମଦ ଭାଟି ବନ୍ଦ ଦାବିରେ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରିବା ଅବସରରେ।

ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ

# ୬୦ ଇଭେଣ୍ଟରେ ଭାଗ ନେଲେ ୨୮୧ ଛାତ୍ରୀଛାତ୍ର

ଲଖନପୁର,୫।୨(ଡି.ଏନ୍.ଏ)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୭ତମ ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଏହି କ୍ରୀଡା ପ୍ରତିଯୋଗିତା ୨ଟି ପର୍ଯ୍ୟାୟରେ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଜଗନ୍ନାଥ ନଗରସ୍ଥିତ ପ୍ରାଥମିକ ସ୍କୁଲ୍‌ରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ସେହିଭଳି ବନ୍ଧବାହାଲ ଖେଳପଡିଆରେ ଦ୍ୱିତୀୟ ପର୍ଯ୍ୟାୟ କ୍ରୀଡା ପ୍ରତିଯୋଗିତା ହୋଇଥିଲା । ଏଥିରେ ତୃତୀୟରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ପ୍ରଥମ ପର୍ଯ୍ୟାୟ କ୍ରୀଡା ପ୍ରତିଯୋଗିତାକୁ ସ୍କୁଲ୍ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ଗିରି ଉଦଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ମନୋଜ ପାଢୀ, ହାଇସ୍କୁଲ୍ ପ୍ରଧାନ ଶିକ୍ଷକ କେଶବ ସା, ବ୍ରଜରାଜନଗର ସଂକୁଳ ପ୍ରମୁଖ ବିଜୟ ଦାସ ପ୍ରମୁଖ ଯୋଗ ଦେଇଥିଲେ।



ମଞ୍ଚାସୀନ ଅତିଥିମାନଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ସେହିଭଳି ଦ୍ୱିତୀୟ ପର୍ଯ୍ୟାୟ କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏମ୍ସିଏଲ୍ ଲଖନପୁର କ୍ଷେତ୍ର ମହାପ୍ରବନ୍ଧକ ରାଜେନ୍ଦ୍ର ପ୍ରସାଦ ଗୁପ୍ତା, ସମ୍ମାନିତ ଅତିଥି ଭାବେ ଶ୍ରମିକ ନେତା ଅଜୟ ବିଶ୍ୱାଳ, ଶରତ ପ୍ରଧାନ, ଯଶୋବନ୍ତ ପାଲ, ସୁମିତ୍ରା ଦାସ, ଗୀତାରାଣୀ ମେହେର ପ୍ରମୁଖ ଯୋଗ ଦେଇଥିଲେ । ସ୍କୁଲ୍ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ଗିରିଙ୍କ ଅଧ୍ୟକ୍ଷତାରେ ଏକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହାକୁ ଶିକ୍ଷୟିତ୍ରୀ ପଙ୍କଜିନୀ ସା ପରିଚାଳନା କରିଥିଲେ । ପ୍ରଧାନ ଶିକ୍ଷକ ଜୟକୃଷ୍ଣ ପଟେଲ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଶିକ୍ଷକ ସୁନିଲ ସେଠ୍ ବାର୍ଷିକ କ୍ରୀଡା ବିବରଣୀ ପାଠ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ୬୦ ପ୍ରକାର ଖେଳକୁଦ ପ୍ରତିଯୋଗିତା ହୋଇଥିଲା। ଏଥିମଧ୍ୟରେ ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ସଟ୍‌ଫଟ୍, ଜାଭେଲିନ୍ ଆଦି ବିଭିନ୍ନ ପ୍ରକାରର ଖେଳ ହୋଇଥିଲା। କ୍ରୀଡାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ୪ଭାଗରେ ବିଭକ୍ତ କରାଯାଇଥିଲା। ଏଥିମଧ୍ୟରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ କନିଷ୍ଠବର୍ଗ, ତୃତୀୟ, ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ଶିଶୁବର୍ଗ ଷଷ୍ଠ,ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ ବାଲ୍‌ବର୍ଗ, ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ କିଶୋରବର୍ଗରେ ବିଭକ୍ତ କରାଯାଇଥିଲା। ସମୁଦାୟ ୨୮୧ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କନିଷ୍ଠବର୍ଗର ଛାତ୍ରୀ ଆଦ୍ୟାଶା ମହାରଣା, ଶିଶୁବର୍ଗର ଛାତ୍ର ମଳୟ ସା, ବାଲ୍ ବର୍ଗରେ ଗିରିଧାରୀ ଭୋଇ, ଛାତ୍ରୀ ଐଶ୍ୱର୍ଯ୍ୟା ସା, କିଶୋରବର୍ଗରେ ଛାତ୍ର କୁନା ନାୟକ ଓ ଶରତ ଓରାମ, ଛାତ୍ରୀ ରୋଶନୀ ଗଉର ପ୍ରମୁଖ ଚାମ୍ପିୟନ ହୋଇଥିଲେ। ଏଥିରେ ସ୍କୁଲ୍‌ର କ୍ଷେତ୍ରବାସୀ ବିଶ୍ୱାଳ, ରାକେଶ ପଣ୍ଡା, ଜିତେନ୍ଦ୍ର ପ୍ରଧାନ, ଭବାନୀ ଶଙ୍କର ରଣା, ଏକେ ପାତ୍ର, ଝସକେତନ ସାହୁ, ପାଣ୍ଡବ ସା, ସୁଧାଂଶୁ ନାୟକ, ଜନକରାମ ସାହୁ, ସୀମାଞ୍ଚଳ ଜେନା ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକମାନେ ସହଯୋଗ କରିଥିଲେ । ସ୍କୁଲ୍ ପରିଚାଳନା କମିଟି ସମ୍ପାଦକ ଯୋଗେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ପ୍ରସଙ୍ଗ

# ଆମରଣ ଅନଶନରେ ସାମିଲ ହେଲେ ମହିଳା

ସମ୍ବଲପୁର, ୫।୨ (ବ୍ୟୁରୋ)

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଚାଲିଥିବା ଆନ୍ଦୋଳନ ମଙ୍ଗଳବାର ୧୫୪ ଦିନରେ ପହଞ୍ଚିଛି। ସେହିପରି ୭୯ ଦିନରେ ଆମରଣ ଅନଶନରେ ପହଞ୍ଚିଛି। ମଙ୍ଗଳବାର ଏହି ଆମରଣ ଅନଶନରେ ବନ୍ଦିତାରାଣୀ ମିଶ୍ର, ରୀନା ତ୍ରିବେଦୀ, ଅନିତା ଛାବ୍ରିଆ ଓ କନକବାଲା ପଟ୍ଟନାୟକ ସାମିଲ ହୋଇଥିଲେ। ଜିଲା ଓକିଲ ସଂଘ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା।





ସମ୍ବଲପୁର ଜେଲ ଛକଠାରେ ଚାଲିଥିବା ଆମରଣ ଅନଶନରେ ମଙ୍ଗଳବାର ମହିଳାମାନେ ସାମିଲ ହୋଇଛନ୍ତି ।



ଜୀବନର ପ୍ରତ୍ୟେକ ସଫଳତାର ଶ୍ରେୟ ମୁଁ ମାତାପିତାଙ୍କୁ ଦିଏ।
-ଅଙ୍କିତା ଲୋଖାଣ୍ଡେ, ବଲିଉଡ ଅଭିନେତ୍ରୀ



## ସଂକ୍ଷେପରେ

### ଅଟୋ ଧକ୍କାରେ ସ୍କୁଟି ଚାଳକ ଗୁରୁତର

କୁଆଁରମୁଣ୍ଡା,୫।୨(ଡି.ଏନ୍.ଏ.) ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅଧୀନ ଅନ୍ଧାରି ପଞ୍ଚାୟତ କାର୍ଯ୍ୟାଳୟ ବୁଲାଣି ନିକଟରେ ମଙ୍ଗଳାବର ସନ୍ଧ୍ୟାରେ ଏକ ଅଟୋ ଧକ୍କାରେ ଜଣେ ସ୍କୁଟି ଚାଳକ ଗୁରୁତର ଆହତ ହୋଇଛନ୍ତି। ସେହେଲେ ବୀରମିତ୍ରପୁର ପୌରାଞ୍ଚଳର ପ୍ରବୋଧ ଲାକ୍ରା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବୀରମିତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବର ପାଇ ବୀରମିତ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଦ୍ୱୟକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

### ୪୪ ଟନ୍ କୋଇଲା ଜବତ

ବଡଗାଁ, ୫।୨(ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ଅଧୀନ ୧୦ ନମ୍ବର ରାଜ୍ୟ ରାଜପଥ ଗରିଆମାଲ ଗାଁ ନିକଟରେ ଥିବା ଆର୍ଯ୍ୟନ ୱେ ବ୍ରିଜରେ ମଙ୍ଗଳବାର ସକାଳେ ବଡଗାଁ ପୋଲିସ ଚଢ଼ାଉ କରି ୪୪ଟନ୍ କୋଇଲା ଜବତ କରିଛି। ହେଲେ ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ଜଣାପଡିଛି। ପୋଲିସ ଏକ ପିକଅପ୍ ଭ୍ୟାନ ସହ ଏକ ବାଇକ୍ ଜବତ କରିଛି। ଚଢାଉରେ ବଡଗାଁ ଥାନା ଆଇଆଇସି ସୂର୍ଯ୍ୟକାନ୍ତି ଦାସଙ୍କ ସହ ଥାନା କର୍ମଚାରୀ ସାମିଲ ଥିଲେ।

# ମେଗା ସେଚ ପ୍ରକଳ୍ପ ନିକଟରେ ବ୍ୟାରେଜ ନିର୍ମାଣ ଦାବି

## ଜିଲାପାଳ, ଯନ୍ତ୍ରୀଙ୍କୁ ଜଣାଇଲେ ବଡ଼ଗାଁର କୃଷିଜୀବୀ

ବଡଗାଁ, ୫।୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡଗାଁ ନିକଟ ସଫେଇ ନଦୀରେ ଜଳ ସମ୍ପଦ ବିଭାଗ ପକ୍ଷରୁ ୧ଶହ କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରଧାନମନ୍ତ୍ରୀ ସିଚାଇ ଯୋଜନାରେ ୨ଟି ମେଗା ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି। ଉକ୍ତ ପ୍ରକଳ୍ପ ନିକଟରେ ଏକ ବ୍ୟାରେଜ ନିର୍ମାଣ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଖରିଫ ଋତୁରେ ନଦୀ ଜଳ ହ୍ରାସ ପାଇଥାଏ। ଫଳର ଉକ୍ତ କ୍ଷମତା ସମ୍ପନ୍ନ ପ୍ରକଳ୍ପ ଦ୍ୱୟ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାନେଇ ଚାଷୀ ଲବଣୀଧର ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ସେଠ, କୈତୁକ ପୃଷେଟ, ଅଭିଳାଷ ପାଣିଗ୍ରାହୀ, ପରମାନନ୍ଦ ପାଣିଗ୍ରାହୀ, ଲକ୍ଷ୍ମଣ ସା, ରଘୁ ନାୟକ, ଦେବେନ୍ଦ୍ର ନାଥ ଦାସ, ବିରଞ୍ଚି ନାରାୟଣ ପଣ୍ଡା, କମଳାକାନ୍ତ ମିଶ୍ର, ଧରଣୀଧର ସା, ମନୋରଞ୍ଜନ ପୃଷେଟ ପ୍ରମୁଖ ସନ୍ଦେହ ପ୍ରକଟ କରିଛନ୍ତି। ଏପରି କି ଏକ ଦାବିପତ୍ର ସୁନ୍ଦରଗଡ଼ ଜିଲାପାଳ ଏବଂ ପ୍ରୋଜେକ୍ଟ ଦାୟିତ୍ୱରେ ଥିବା



ପ୍ରକଳ୍ପରେ ଲାଗିଥିବା ପାଇପ୍।

ଝାରସୁଗୁଡ଼ା ବୃହତ୍ ଉଠାଜଳସେଚନ ନିର୍ବାହୀ ଯନ୍ତ୍ରୀଙ୍କୁ ଦେଇଛନ୍ତି। ସେଥିରେ ବ୍ୟାରେଜ ନିର୍ମାଣ ଦାବି ସହ ପ୍ରକଳ୍ପ କାର୍ଯ୍ୟକାରିତାରେ ଅବ୍ୟବସ୍ଥା ସମ୍ପର୍କରେ ଦର୍ଶାଯାଇଛି। ଜଳ ନିଷ୍କାସିତ ହେବାକୁ ଥିବା ପାଇପ୍ ଉଚ୍ଚ ସ୍ଥାନରେ ସ୍ଥାପନ ନ ହୋଇ ଖାଲୁଆ ସ୍ଥାନର କରାଯାଇଛି । ମୁଖ୍ୟନାଳରୁ ଆସିଥିବା ପାଇପ ଜଳ ବିରାଜନ ସ୍ଥାନରେ ଭାଲ୍‌ଭଗୁଡିକ ଠିକ ଭାବେ ଲଗାଯାଇ ନାହିଁ । ମେଶିନ ଗୃହର ଚତୁଃପାର୍ଶ୍ୱରେ ଅଳିଆ ଆବର୍ଜନା ପଡି ରହିଛି। ଏହା ନଦୀ ଜଳକୁ ଦୂଷିତ କରିବ। ପାଇପ ଲାଇନ ବିଛାଇବା ପାଇଁ ଖୋଳା କରାଯାଇଥିବା ସ୍ଥାନଗୁଡିକୁ ସମତୁଳ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅଦ୍ୟାବଧି କରାଯାଇ ନ ଥିବାରୁ ଲୋକ ଅସୁବିଧାର ସମ୍ମୁଖୀନ ହେବେ। ନଦୀଗର୍ଭରେ ମେଗା ପ୍ରୋଜେକ୍ଟର କୂଅ ଖୋଳିବା ପରେ ନଦୀ ଗତିପଥ ବଦଳି ଯିବା ଦ୍ୱାରା ପୂର୍ବରୁ ଥିବା ଉଠାଜଳ ସେଚନ ପଏଣ୍ଟ ଓ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ଫଳରେ ୨ବର୍ଷ ହେଲା ଚାଷୀମାନେ ଖରାଟିଆ ଚାଷ କରି ପାରିନାହାନ୍ତି । ବିଭାଗୀୟ ଅଫିସର ଓ କର୍ମଚାରୀ ପଞ୍ଚାୟତ କାର୍ଯ୍ୟାଳୟରେ ବସି ଚାଷୀମାନଙ୍କ ବିନା ପରାମର୍ଶରେ ପ୍ରକଳ୍ପ କାର୍ଯ୍ୟ କରୁଥିବାରୁ ଅବ୍ୟବସ୍ଥା ଦେଖାଦେଉଛି। ତେବେ ଏହି ପ୍ରକଳ୍ପ ହେଲେ ଫୁଲବାରୀ, ବଡଗାଁ, ଭୋଇପାଲି ପଞ୍ଚାୟତର ଅନେକ ଜମି ଜଳସେଚିତ ହେବ ବୋଲି ଯେଉଁ ଆଶା କରାଯାଉଥିଲା ତାହା କେତେ ଦୂର ଫଳପ୍ରଦ ହେବ ତାକୁ ନେଇ ଆଶଙ୍କା କରାଯାଉଛି। ଅନ୍ୟପକ୍ଷେ ନଦୀର ଜଳଧାରଣ କ୍ଷମତା ହରାଇ ଥିବାରୁ ବର୍ଷା ଋତୁ ପରେ ଖରିଫ ଧାନଚାଷ ସମୟରେ କ୍ଷୀଣ ଜଳସ୍ରୋତ ରହିଥାଏ। ମେଗା ପ୍ରୋଜେକ୍ଟର ବୃହତ ପାଇପର ଉଚ୍ଚତାଠାରୁ କମ୍ ପାଣି ରହୁଥିବାରୁ ସେଚ ପାଇଁ ଜଳ ଯୋଗାଣ କରିବା ସମ୍ଭବ ନୁହେଁ । ଏ ସମ୍ପର୍କରେ ପ୍ରୋଜେକ୍ଟର କେତେକ କର୍ମଚାରୀ ବର୍ଷା ଋତୁ ପରେ ପାଣି ବହୁତ କମି ଯାଉଥିବାରୁ ବ୍ୟାରେଜ ନିର୍ମାଣ ଜରୁରୀ କହିଥିଲା ବେଳେ ଚାଷୀମାନେ ମଧ୍ୟ ଜଳସ୍ରୋତ ରହୁ ନ ଥିବାରୁ ବ୍ୟାରେଜ ନିର୍ମାଣ ଦାବି କରିଛନ୍ତି ।

## ସବ୍‌ଡେଗା ଷ୍ଟେଟ ବ୍ୟାଙ୍କ ଝରକା କାଟି ଚୋରି ଉଦ୍ୟମ

### ଗାମୁଛା ଏବଂ ସ୍କୃ ଡ୍ରାଇଭର ଜବତ

ସବଡେଗା,୫।୨(ଡି.ଏନ୍.ଏ.)

ଗ୍ୟାସ କଟର ସାହାଯ୍ୟରେ ଦୁର୍ବୃତ୍ତମାନେ ସୁନ୍ଦରଗଡ଼ ଜିଲା ସବ୍‌ଡେଗା ଷ୍ଟେଟ ବ୍ୟାଙ୍କ ଝରକା କାଟି ଲୁଟ ଉଦ୍ୟମ କରିଛନ୍ତି। ଏନେଇ ସୋମବାର ଥାନାରେ ଏକ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତି କରି ଘଟଣାର ତଦନ୍ତ ଚଳାଇଛି। ମିଳିଥିବା ସୂଚନା ମୁତାବକ, ଶନିବାର କାମ ପରେ କର୍ମଚାରୀମାନେ ବ୍ୟାଙ୍କ ବନ୍ଦ କରିଥିଲେ। ରବିବାର ବ୍ୟାଙ୍କ ଛୁଟି ରହିଥିଲା। ହେଲେ ସୋମବାର ବ୍ୟାଙ୍କ ଖୋଲା ଯିବା ପରେ ଏହି ଘଟଣା ପଦାକୁ ଆସିଛି। ଖବର ପାଇ ପୋଲିସ ବ୍ୟାଙ୍କରେ ପହଞ୍ଚି ତଦନ୍ତ କରିଥିଲା। ପୋଲିସ ତଦନ୍ତ ବେଳେ ସିସିଟିଭି ଫୁଟେଜରୁ ଦୁର୍ବୃତ୍ତମାନେ ଶନିବାର ରାତିରେ ବ୍ୟାଙ୍କ ଭିତରେ ପଶିଥିବା ଜାଣିବାକୁପାଇଛି। ଏପରିକି ପୋଲିସ ବ୍ୟାଙ୍କ ଭିତରୁ ଏକ ଗାମୁଛା ଏବଂ ସ୍କୃ ଡ୍ରାଇଭର ଜବତ କରିଛି। ପୋଲିସ ମଙ୍ଗଳବାର ମଧ୍ୟ ଘଟଣାର ତଦନ୍ତ କରିଥିଲା। ହେଲେ ବ୍ୟାଙ୍କରୁ କୌଣସି ଜିନିଷ ଚୋରି ହୋଇ ନ ଥିବା ବ୍ୟାଙ୍କ କର୍ମଚାରୀମାନେ କହିଛନ୍ତି। ଅନ୍ୟପକ୍ଷେ ବ୍ୟାଙ୍କ ଚତୁଃପାର୍ଶ୍ୱରେ ବାଡ ନ ଥିବା ବେଳେ ରାତିଜଗୁଆଳି ମଧ୍ୟ ନିୟୋଜିତ ନ ଥିବା ଜଣାପଡିଛି।

### ଓରାମ ସାଂସ୍କୃତିକ ସମାଜର ବାର୍ଷିକ ସମ୍ମିଳନୀ

# ଭାଷା, ସଂସ୍କୃତି ଉପରେ ଗୁରୁତ୍ୱାରୋପ



ଓରାମ ସାଂସ୍କୃତିକ ସମାଜର ବାର୍ଷିକ ସମ୍ମିଳନୀ ଅବସରରେ ପାରମ୍ପରିକ ବାଦ୍ୟ ପରିବେଷଣ କରାଯାଉଛି।

ସୁନ୍ଦରଗଡ଼,୫।୨(ଡି.ଏନ.ଏ.)

ସରକାରୀ ମହାବିଦ୍ୟାଳୟ ପଡ଼ିଆ ନିକଟସ୍ଥ ନିର୍ମାଣାଧୀନ ଓରାମ କମ୍ୟୁନିଟି ସେଣ୍ଟରଠାରେ ଓରାମ ସାଂସ୍କୃତିକ ସମାଜର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ର ଶତାଧିକ ଓରାମ ସମ୍ପ୍ରଦାୟ ସଦସ୍ୟ ଯୋଗଦେଇଥିଲେ। ବରିଷ୍ଠ ସଦସ୍ୟ ତଥା ସଭାପତି ବାଲକୁ ବାର୍ଲା, ସମ୍ମାନିତ ଅତିଥି ପ୍ରବାସୀ ଭାରତୀୟ ପ୍ରୋଫେସର ତତ୍ତ୍ୱାରତ୍ନା ନନ୍ଦ ସରସ୍ୱତୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ସାମୂହିକ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ସମସ୍ତ ସଦସ୍ୟ ନିଜ ପରିଚୟ ପ୍ରଦାନ କରିଥିଲେ । ସମାଜର ସାଧାରଣ ସମ୍ପାଦକ ସୁଜିତ ଗୋସାଇଁ ମିଞ୍ଜ ବାର୍ଷିକ ବିବରଣୀ ପାଠ ଏବଂ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମଞ୍ଚାସୀନ ସଭାପତି ବାର୍ଲା, ବେଚନା ଓରାମ, ମୀନକେତନ ଓରାମ, ଧରଣୀଧର କୁଜୁର ପ୍ରମୁଖ ଓରାମ ସମାଜର ଭାଷା, ସଭ୍ୟତା, ପରମ୍ପରା, ସଂସ୍କୃତି ବିଷୟରେ ବୁଝାଇଥିଲେ। ଏଡି ଅବସରରେ ଓରାମ ସମାଜର ପାରମ୍ପରିକ ନୃତ୍ୟ, ଗୀତ ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ବନମାଳି ଓରାମ, ଶ୍ରୀପତି ଓରାମ, କାର୍ତ୍ତିକ ଚନ୍ଦ୍ର ବେକ, ଠଣସୁନ୍ଦର ଓରାମ, ହେମନ୍ତ ମିଞ୍ଜ, ଜିତେନ ଓରାମ, ନାମ୍ଭା ମିଞ୍ଜ, ଚାରୁଆ ବାର୍ଲା, କୁନାଲ ତିର୍କୀ, ଦୀପକ ଟପ୍ପୋ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସମାଜର ଉପଦେଷ୍ଟା ତ୍ରିନାଥ ଖାଲଖୋ ଧନ୍ୟବାଦ ଅର୍ପଣ କରିଥିଲେ।

# ପରୀକ୍ଷାରୁ ବାଦ୍ ପଡ଼ିଲେ ପ୍ରତିଭାବାନ୍ ଛାତ୍ରୀଛାତ୍ର

## ପ୍ରତିଭା ଚୟନ ପରୀକ୍ଷାକେନ୍ଦ୍ର ସ୍ଥାନାନ୍ତର ଘଟଣା

ଲେଫ୍ରିପଡା,୫।୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକରେ ପ୍ରତିଭା ଚୟନ ପରୀକ୍ଷାକେନ୍ଦ୍ର ସ୍ଥାନାନ୍ତର ନେଇ ବହୁ ପ୍ରତିଭାବାନ୍ ଛାତ୍ରୀଛାତ୍ର ପରୀକ୍ଷା ଦେବାରୁ ବାଦ୍‌ପଡିଥିବାଅଭିଯାଗ ହୋଇଛି। ଏନେ୨ଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ସୂଚନାଯୋଗ୍ୟ, ପ୍ରତିଭା ଚୟନ ପରୀକ୍ଷା ନେଇ ସୋମବାର ପରୀକ୍ଷା କେନ୍ଦ୍ର ଭାବେ ଲେଫ୍ରିପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରଖାଯାଇଥିଲା। ଖବର ପାଇ ଅଭିଭାବକମାନେ ନିଜ ପୁଅ ଝିଅଙ୍କୁ ଧରି ନିର୍ଦ୍ଧାରିତ ସମୟ ମଧ୍ୟରେ ପରୀକ୍ଷାକେନ୍ଦ୍ରରେ ପହଞ୍ଚିଥିଲେ। ହେଲେ ହଠାତ୍ ପରୀକ୍ଷା କେନ୍ଦ୍ରର ପରିବର୍ତ୍ତନ କରି ସିପିଜିପି ଉଚ୍ଚ ବିଦ୍ୟାଳୟ ସୁର୍ଗୁଡାରେ ପରୀକ୍ଷା ଦେବାକୁ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ କୁହାଯାଇଥିଲା। ହେଲେ ଅଳ୍ପ ସମୟ ମଧ୍ୟରେ ନୂତନ ପରୀକ୍ଷାକେନ୍ଦ୍ରରେ ପହଞ୍ଚିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ସମ୍ଭବ ନ ଥିଲା। ଫଳରେ ବହୁ ପ୍ରତିଭାବାନ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିଲେ। ଅନ୍ୟପକ୍ଷେ ଶିକ୍ଷା ବିଭାଗର ମନମୁଖି କକକନିର୍ଦ୍ଦେଶକୁ ବୁଦ୍ଧିଜୀବୀ ମହଲରେ ନା ପସନ୍ଦ କରାଯାଇଛି। ଏନେଇ ଲେଫ୍ରିପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷେତ୍ରବର ପଟେଲଙ୍କୁ ପଚାରିବାରୁ ଶିକ୍ଷା ବିଭାଗର ନିର୍ଦ୍ଦେଶ ପାଇ ପରୀକ୍ଷାର୍ଥୀଙ୍କ ପାଇଁ ସ୍କୁଲରେ ବ୍ୟବସ୍ଥା କରାଯାଇଥିଲା। ହେଲେ ହଠାତ୍ ପରୀକ୍ଷାକେନ୍ଦ୍ର ସ୍ଥାନାନ୍ତର ଖବର ପାଇ ସେ ଚକିତ ହୋଇଯାଇଥିବା କହିଥିଲେ। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ହରେକୃଷ୍ଣ ପୁରୋହିତଙ୍କୁ ପଚାରିବାରୁ ପରୀକ୍ଷାର ୨ ଦିନ ପୂର୍ବରୁ ବୈଠକରେ ସମସ୍ତ ସିଆର୍‌ସିସିଙ୍କୁ ସିପିଜିପି ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରିବା ନେଇ କୁହାଯାଇଥିଲା। ହେଲେ ସିଆରସିସିଙ୍କ ଯୋଗାଯୋଗରେ କୌଣସି ବ୍ୟତିକ୍ରମ ହୋଇଥାଇ ପାରେ ବୋଲି କହିଥିଲେ। ଅନ୍ୟପକ୍ଷେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ ମଧ୍ୟ ସିଆର୍‌ସିସିମାନେ କୌଣସି ଭ୍ରୂକ୍ଷେପ କରୁ ନ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଲେଫ୍ରିପଡ଼ା ବ୍ଲକ୍‌ରେ ଶିକ୍ଷା ବ୍ୟବସ୍ଥା ଦିଗହରା ହୋଇପଡିଥିବା ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଜିଲା ଶିକ୍ଷା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ସଡ଼କ ସୁରକ୍ଷା ରଥର ଶୁଭାରମ୍ଭ

ରେଙ୍ଗାଲି, ୫।୨ (ଡି.ଏନ.ଏ)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଠେଲକଲୋଇସ୍ଥିତ ଭୂଷଣ କାରଖାନା ପକ୍ଷରୁ ସୁରକ୍ଷା ରଥର ଶୁଭାରମ୍ଭ କରାଯାଇଛି। କାରଖାନାର କାର୍ଯ୍ୟକାରୀ ନିର୍ଦ୍ଦେଶକ ଦିନେଶ କୁମାର ଯାଦବ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏହି ସୁରକ୍ଷା ରଥ ରେଙ୍ଗାଲି ବ୍ଲକର ବିଭିନ୍ନ ଗାଁରେ ବୁଲି ଜନସାଧାରଣଙ୍କୁ ସଡକ ସୁରକ୍ଷା ଉପରେ ସଚେତନ କରିବ। ଶ୍ୟାମପ୍ରସାଦ ମହାକୁଡ, ପି. ଶ୍ରୀନିବାସ, ଡା. ବିବି ମଙ୍ଗରାଜ, ପ୍ରଫୁଲ୍ଲ ନାୟକ, କୁଳଦୀପ କୁମାର ଭରଦ୍ୱାଜ, ଏ.ଏନ. ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ଲକସ୍ତରୀୟ ଶିକ୍ଷକ ସମ୍ମିଳନୀ

କୁତ୍ରା,୫।୨(ଡି.ଏନ.ଏ.)



ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଗୋମାରଡ଼ିହିସ୍ଥିତ ଟାଟା ଷ୍ଟିଲ କମ୍ପାନୀ କମ୍ୟୁନିଟି ସେଣ୍ଟରଠାରେ ମଙ୍ଗଳବାର ବ୍ଲକସ୍ତରୀୟ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୧୨୦ଟି ବିଦ୍ୟାଳୟର ୩୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ। ସମ୍ମିଳନୀରେ ଗୋମାରଡିହି ଟାଟା ଷ୍ଟିଲ ମୁଖ୍ୟ ରାଜେଶ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଗୋମାରଡିହି ଟିଏସ୍‌ଆର୍‌ଡିଏସ୍ ମୁଖ୍ୟ ସଞ୍ଜୟ ସର୍ଦ୍ଦାର, ଗୋମାରଡ଼ିହି ଖଣି ମଜଦୁର ୟୁନିୟନ ସଭାପତି ଅଜିତ ହରୋ, ବ୍ଲକ ମଜଦୁର ୟୁନିୟନ ସମ୍ପାଦକ ସିଦ୍ଧାର୍ଥ ବାଗ, ଜିନ୍ଦଲ ସିମେଣ୍ଟ କମ୍ପାନୀର ଅଜୟ କୁମାର ଚକ୍ରବର୍ତ୍ତି, ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀବତ୍ସ ଚୌଧୁରୀ, ଶ୍ରୀକାନ୍ତ ଟପ୍ପୋ, ମଦନ ମୋହନ ବେହେରା, କେ. ନାରାୟଣ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏଡିଇଓ ରାଜଶ୍ରୀ ପଟ୍ଟନାୟକ, ଡିପିସି ଅମୂଲ୍ୟ କୁମାର ପ୍ରଧାନ, ବିଇଓ ଅଜୟ କୁମାର ଏକ୍କା, ସାରଙ୍ଗଧର ବରିହା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ସର୍ଗୁଜିଷାନ ବିଦ୍ୟାପୀଠରେ ବିଜ୍ଞାନ ଶିକ୍ଷ ଅମରେଶ କୁମାର ସାହୁଙ୍କୁ ଶ୍ରେଷ୍ଠ ଶିକ୍ଷକ ଭାବେ ସମ୍ମାନିତ କରାଯାଇଥିଲା। କୁତ୍ରା ଶିକ୍ଷା ଅଧିକାରୀ ଆଦିତ୍ୟ କୁମାର ଷଡଙ୍ଗୀ କାର୍ଯ୍ୟକ୍ରମର ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଶିକ୍ଷକ ଗୋବିନ୍ଦ ମିଶ୍ର, ମମ୍ରେସ ସାହୁ, ଅଶୋକ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦର୍ଜିଂ କୃଷକ ସଙ୍ଗଠନ ବୈଠକ

ଲହୁଣିପଡା,୫।୨(ଡି.ଏନ.ଏ.)

ଦର୍ଜିଂ ପଞ୍ଚାୟତ ସାଲେଇପାଲି ଫୁଟବଲ ପଡ଼ିଆଠାରେ ଦର୍ଜିଂ କୃଷକ ସଙ୍ଗଠନର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଦର୍ଜିଂ କୃଷକ ସଙ୍ଗଠନ ସଭାପତି ଭାବେ ଦୁର୍ଯ୍ୟୋଧନ ମହାନ୍ତ, ଉପସଭାପତି ରମେଶ ଚନ୍ଦ୍ର ମହାନ୍ତ, ସମ୍ପାଦକ ବୀରେନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଶଙ୍କର ମହାନ୍ତ ମନୋନୀତ ହୋଇଥିଲେ। ବୈଠକରେ ବିଭିନ୍ନ ସମସ୍ୟା ଏବଂ ଏହାର ସାମଧାନ ନେଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ମଙ୍ଗଳ ମୁଣ୍ଡାରୀ, ଅବସରପ୍ରାପ୍ତ ଶିକ୍ଷକ ଗାଙ୍ଗୁ ମହାନ୍ତ, ନେତାଜୀ କୃଷକ ସଂଘର ସମ୍ପାଦକ ରାଜୁପାତ୍ରଙ୍କ ସମେତ ଶତାଧିକ କୃଷକ ଉପସ୍ଥିତ ଥିଲେ।

# ଭବାନୀଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ସୁନ୍ଦରଗଡ଼,୫।୨(ଡି.ଏନ.ଏ.)

ସ୍ଥାନୀୟ ଭବାନୀଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟର ୧୧୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ବିଦ୍ୟାଧର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ଉପକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ପୂର୍ବତନ ଜିଲାବିଜ୍ଞାନ ନିରୀକ୍ଷକ ଶରତ ଚନ୍ଦ୍ର ମହାପାତ୍ର ବକ୍ତବ୍ୟରେ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ମାର୍ଗଦର୍ଶନ ଦେଇଥିଲେ। ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ସରାଫ ଓ ହେମନ୍ତ କୁମାର ଦାଶ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଜୀବନରେ କ୍ରୀଡାର ଗୁରୁତ୍ୱ ଉପରେ ଛାତ୍ରୀଛାତ୍ରମାନଙ୍କୁ ଦିଗଦର୍ଶନ ଦେଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପବନ୍ଧୁ ପଟେଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷୟିତ୍ରୀ ସୁବାସିନୀ ରାଉତରାୟ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସୁଶ୍ରୀ ନନ୍ଦିତା ନାଏକ ମଞ୍ଚ ପରିଚାଳନା କରିବା ସହ ବାର୍ଷିକ କ୍ରୀଡ଼ା ବିବରଣୀ ପାଠ କରିଥିଲେ । ଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର କ୍ରୀଡ଼ାଶିକ୍ଷକ ବୀରେନ୍ଦ୍ର ପ୍ରତାପ କେଶରୀ କ୍ରୀଡ଼ା ପରିଚାଳନ କରିଥିଲେ। ସୁଧାଂଶୁ ଚୌଧୁରୀ, ସରେଖା ପଟେଲ, ସୁନନ୍ଦା ଚୌଧୁରୀ, ସୁଚିତା ପାଣିଗ୍ରାହୀ, ଚନ୍ଦ୍ରଶେଖର ସା, ରାଘବେନ୍ଦ୍ର ନାରାୟଣ, ବିଧୁଭୂଷଣ ନାଏକ, ଅଫତାଫ୍ ଆଲାମ, ଦେବେନ୍ଦ୍ର ଭୈସାଲ କ୍ରୀଡ଼ା ଉତ୍ସବକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ଅନ୍ୟାନ୍ୟ ସମସ୍ତ କର୍ମଚାରୀ ବୃନ୍ଦ ଏଥିରେ ସହଯୋଗ କରିଥିଲେ।




ମଙ୍ଗଳବାର ଭବାନୀଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ଅତିଥି।

# ଏମ୍‌ଜିଏମ୍ ଖଣିରୁ ଉତ୍ତୋଳନ ବୃଦ୍ଧି ନେଇ ଜନଶୁଣାଣି

ଟେନସା, ୫।୨ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୋଇଡ଼ା ମାଇନିଂ ସେକ୍ଟର ଅଧୀନ ମାଳଦା ପଞ୍ଚାୟତ ପଟାବେଢ଼ା, ଗଣୁଆଁଠାରେ ଥିବା ଏମ୍‌ଜିଏମ୍ ଖଣିର ପଟାବେଡା ଆଇରନ୍ ଓର୍ ଖଣିର ଉତ୍ତୋଳନ କ୍ଷମତା ବୃଦ୍ଧି ନେଇ ମଙ୍ଗଳାବର ଗଣୁଆଁ ଖେଳ ପଡ଼ିଆଠାରେ ଏକ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। କୋଇଡା ତହସିଲ ଅନ୍ତର୍ଗତ ପଟାବେଡା ଗ୍ରାମରେ ଥିବା ୨୮.୩୯୭ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ ଏଡି ଖଣିର ଉତ୍ପାଦନ କ୍ଷମତା ବାର୍ଷିକ ୦.୮ ନିୟୁତ ଟନରୁ ୧.୫ ନିୟୁତ ଟନକୁ ବୃଦ୍ଧି କରିବା ସହିତ କ୍ରଶର ଏବଂ ସ୍କ୍ରିନିଙ୍ଗ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ପ୍ରଦୂଷଣ ବିଭାଗ ଏବଂ ବନ ବିଭାଗ ପକ୍ଷରୁ ଜନଶୁଣାଣି କରାଯାଇଥିଲା । ଏଥିରେ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ଡୁରୁକ, ରାଜ୍ୟ ପ୍ରଦୂଷଣ ବୋର୍ଡ ରାଉରକେଲାର ଆଞ୍ଚଳିକ ଅଧିକାରୀ ହେମେନ୍ଦ୍ର ନାଏକ, ବେରିବେଶ ବୈଜ୍ଞାନିକ ଦୀପକ ସାହୁ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କଠାରୁ ମତାମତ ଲୋଡିଥିଲେ। ଏମ୍‌ଜିଏସ୍ ଖଣି ପରିଚାଳକ ହିମାଂଶୁ ପଟ୍ଟନାୟକ ଖଣିବୃଦ୍ଧି




ଜନଶୁଣାଣିରେ ଉପସ୍ଥିତ ଅଧିକାରୀମାନେ।

ହେଲେ ପାରିପାର୍ଶ୍ୱିକ ଅଞ୍ଚଳରେ କି ପ୍ରଭାବ ପଡିବ ଏବଂ ଏହାର ପ୍ରତିକାର ନେଇ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଗଣୁଆଁ ଗ୍ରାମର ଉଗ୍ରସେନ କକକକକକନାଏକ, ରଞ୍ଜିତ ନାଏକ, ଆନନ୍ଦ ବାରିକ, ଡମ୍ବରୁଧର ବାରିକ, କମଳ ନାଏକ, ମାନଗୋବିନ୍ଦ ପାତ୍ର, ସ୍ଥାନୀୟ ସରପଞ୍ଚ ଦିବାକର ନାଏକ, ପୂର୍ବତନ ଜିଲା ପରିଷଦ ସନ୍ତୋଷ ମହାକୁଡ, ସମାଜସେବୀ ବାଦଲ ବାରିକ, ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ଭୀମସେନ ଚୌଧୁରୀ, ଜିଲାପରିଷଦ ସଭ୍ୟା ମିତାରାଣୀ ନାଏକ, କୋଇଡା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଦିକବାକର ନାଏକ, ଆସାମାନ ମାଝୀ, ପୂର୍ବତନ ସରପଞ୍ଚ ନଦୀୟା ନାଏକ ପ୍ରମୁଖଙ୍କ ସହ ସ୍ଥାନୀୟ ଜନସାଧାରଣ ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ଖଣିରେ ନିଯୁକ୍ତି, ସ୍କୁଲ ଗାଡିର ବ୍ୟବସ୍ଥା, ରାସ୍ତାର ଉନ୍ନତୀକରଣ, ପାନୀୟଜଳ ଯୋଗାଣ, ଗ୍ରାମରେ ଥିବା ଦେବୀ ପୀଠଗୁଡିକରେ ବାଉଣ୍ଡିରି ନିର୍ମାଣ ନେଇ ଦାବି କରିଥିଲେ । ଖଣିବୃଦ୍ଧି ହେଲେ ସମସ୍ତ ଦାବି ପୂରଣ କରାଯିବ ବୋଲି ଖଣି ପରିଚାଳକ ହିମାଂଶୁ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିଲେ । ଏଥିରେ ଆଖପାଖ ଅଞ୍ଚଳର ୫ଶହରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ । ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



ଯାହାର କୌଣସି ମୂଲ୍ୟ ନାହିଁ, ତାକୁ ହିଁ ପାଇବା ପାଇଁ ସମୟେ ସମୟେ ଯେଉଁ ଶକ୍ତି ବ୍ୟୟ ହୁଏ ତାହା ମହାଦୁଃଖଦାୟକ।
- ଆଇନଷ୍ଟାଇନ୍

## ସଂକ୍ଷେପରେ



### ତାଲା କାଟି ଘରୁ ଚୋରି

**ରାଉରକେଲା ଅଫିସ,୫।୨:** ଉଦିତନଗର ଥାନା ଅନ୍ତର୍ଗତ ପାୱାର ହାଉସ ରୋଡ୍ ବଙ୍ଗାଳିସାହି ଅଞ୍ଚଳର ଡାକ୍ତର ଅସୀତ କୀର୍ତ୍ତନିଆଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। କୀର୍ତ୍ତନିଆଙ୍କ ପରିବାର ଲୋକଙ୍କ ଅନୁପସ୍ଥିତିରେ ଦୁର୍ବୃତ୍ତମାନେ ତାଙ୍କ ଘର ତାଲା କାଟି ୧୨ଭରି ଓଜନର ଗୋଟିଏ ସୁନା ହାର, ଗୋଟିଏ ହୀରା ମୁଦି, ସୁନା ଚେନ୍ ଓ ୧୫ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ତଦନ୍ତ ଆରମ୍ଭ କରିଛି। ସୁଚନାନୁସାରେ ଡାକ୍ତର କୀର୍ତ୍ତନିଆ ନିଜ ପରିବାର ସହ ଗତ ୨୮ ତାରିଖରେ କୋଲକାତା ଯାଇଥିଲେ। ସୋମବାର ଘରକୁ ଫେରି ମୁଖ୍ୟ କବାଟ ଖୋଲାଥିବା ଦେଖି ତାଙ୍କର ସନ୍ଦେହ ହୋଇଥିଲା। ସେ ଘର ଆଲମିରା ଯାଞ୍ଚକରି ଉପରୋକ୍ତ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।

### ମନ୍ଦିର ହୁଣ୍ଡିରୁ ଚୋରି ନେଇ ଉଦ୍‌ବେଗ

**ରାଉରକେଲା ଅଫିସ,୫।୨:** ଦକ୍ଷିଣ ରାଉରକେଲା ଅଞ୍ଚଳରେ ଥିବା ବିଭିନ୍ନ ଦେବଦେବୀ ମନ୍ଦିର ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତମାନେ ଦାନ ଅର୍ଥ ଲୁଟ୍ କରୁଥିବାରୁ ଶ୍ରୀ ଜଗନ୍ନାଥ ସଂସ୍କୃତି ଜାଗରଣ ମଞ୍ଚ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏକ ବିବୃତିରେ ଏହାର କର୍ମକର୍ତ୍ତା କହିଛନ୍ତ ଯେ ଗତ ୨ତାରିଖରେ ସେକ୍ଟର-୨୨ ଜଗନ୍ନାଥ ମନ୍ଦିର ଦାନପାତ୍ର ଭାଙ୍ଗି ଦୁର୍ବୃତ୍ତ ଦାନ ଅର୍ଥ ଲୁଟି ନେଇଛନ୍ତି। ଏହାକୁ ସଂଗଠନ ପକ୍ଷରୁ ନିନ୍ଦା କରାଯିବା ସହ ଘଟଣାରେ ଜଡ଼ିତ ଦୁର୍ବୃତ୍ତଙ୍କୁ ଗିରଫ କରିବାକୁ ଦାବି କରାଯାଇଛି।

### ଡେଭିଡ ମଲ୍ପାସ ହୋଇପାରନ୍ତି ବିଶ୍ୱବ୍ୟାଙ୍କ ମୁଖ୍ୟ

**ୱାଶିଂଟନ,୫।୨:** ଆମେରିକା ପ୍ରଶାସନରେ କାର୍ଯ୍ୟ କରୁଥିବା ଡେଭିଡ ମଲ୍ପାସ ବିଶ୍ୱ ବ୍ୟାଙ୍କର ମୁଖ୍ୟ ହୋଇପାରନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ନାମ ସୁପାରିସ କରିପାରନ୍ତି ବୋଲି ବେଶ୍ ଚର୍ଚ୍ଚା ହେଉଛି। ସୂଚନାଥାଉ କି, ମଲ୍ପାସ ବିଶ୍ୱ ବ୍ୟାଙ୍କର ଜଣେ ବଡ଼ ସମାଲୋଚକ ଭାବେ ଜଣାଶୁଣା। ଟ୍ରମ୍ପ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ ଏହା ପ୍ରକାଶ କରିଛନ୍ତି। ଚଳିତ ସପ୍ତାହରେ ସେ ଏ ସମ୍ପର୍କରେ ଘୋଷଣା କରିପାରନ୍ତି ବୋଲି ଅଧିକାରୀ ଜଣକ କହିଛନ୍ତି। ମଲ୍ପାସ ବର୍ତ୍ତମାନ ଟ୍ରମ୍ପ ପ୍ରଶାସନରେ ଅର୍ଥ ବିଭାଗରେ ଅନ୍ତରାଷ୍ଟ୍ରୀୟ ବ୍ୟାପାର ଉପସଚିବ ଭାବେ ଦାୟିତ୍ୱ ତୁଲାଉଛନ୍ତି। ବିଶ୍ୱ ବ୍ୟାଙ୍କରେ ସଂସ୍କାର ଆଣିବା ଲାଗି ସେ ବହୁଥର ପ୍ରସ୍ତାବ ଦେବା ସହ ଏହାକୁ ନେଇ ବିରୂପ ମନ୍ତବ୍ୟମାନ ଦେଇଛନ୍ତି। ବିଶ୍ୱ ବ୍ୟାଙ୍କର ସବୁଠାରୁ ବଡ଼ ନିନ୍ଦୁକ ଭାବେ ପରିଚିତ ମଲ୍ପାସଙ୍କ ମନୋନୋୟନ ନେଇ ଝଡ଼ ସୃଷ୍ଟି ହୋଇପାରେ।

# ରାହୁଲଙ୍କ ଗସ୍ତ ଆଜି, ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**ରାଉରକେଲା ଅଫିସ,୫।୨**

ବୁଧବାର ରାଉରକେଲା ଗସ୍ତରେ ଆସୁଛନ୍ତି କଂଗ୍ରେସ ସଭାପତି ରାହୁଲ ଗାନ୍ଧୀ। ସ୍ୱତନ୍ତ୍ର ବିମାନରେ ଆସି ରାହୁଲ ଅପରାହ୍ନ ୨ଟାରେ ରାଉରକେଲା ଏୟାରଷ୍ଟ୍ରିପ୍‌ରେ ଅବତରଣ କରିବେ। ଏରୋଡ୍ରମ ପଡ଼ିଆରେ ଆୟୋଜିତ ସମାବେଶରେ ଯୋଗଦେଇ କଂଗ୍ରେସ କର୍ମୀଙ୍କୁ ଉଦ୍‌ବୋଧନ ଦେବେ। ଏ ନେଇ ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ଅପରାହ୍ନ ୪ଟାରେ ଏରୋଡ୍ରମ୍ ପଡ଼ିଆରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ସୁନ୍ଦରଗଡ଼ ଜିଲାରେ ଦୁର୍ବଳ କଂଗ୍ରେସ ସଂଗଠନକୁ ସଜାଡ଼ିବାକୁ ଆସୁଥିବା ରାହୁଲଙ୍କ ସମାବେଶକୁ ସଫଳ କରିବାକୁ ଅଣ୍ଟା ଭିଡ଼ିଛନ୍ତି ନିକଟରେ ଦଳରେ ଯୋଗଦେଇଥିବା ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ। ଇତିମଧ୍ୟରେ କଂଗ୍ରେସ ନେତା ତଥା ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ ସିଂ ଦଳ ଛାଡ଼ି ସାରିଥିବା ବେଳେ ତଳସରା ବିଦାୟକ ଡ. ପ୍ରଫୁଲ୍ଲ ମାଝି, ପୂର୍ବତନ ରାଜଗାଙ୍ଗପୁର ବିଧାୟକ ଗ୍ରିଗୋରୀ ମିଞ୍ଜ, ସଦର ନେତା ପ୍ରଫୁଲ୍ଲ ସୁନାନୀ, ବଣାଇଁଗଡ଼ କଂଗ୍ରେସ ନେତା ଜନାର୍ଦ୍ଦନ ଦେହୁରୀ ପ୍ରମୁଖ ଲୋକ ଯୋଗାଡ଼ରେ ଲାଗିଛନ୍ତି। ମୋଟାମୋଟି ଜର୍ଜଙ୍କ ସଂଗଠନ ଉପରେ ଭରସା ରଖିଛନ୍ତି କଂଗ୍ରେସ ନେତା। ଜିଲାରେ ସଂଗଠନ ସଜାଡ଼ିବାକୁ ଗତ କିଛିଦିନ ହେବ ଜର୍ଜ ଲାଗି ପଡ଼ିଥିବାବେଳେ ରାହୁଲଙ୍କ ସଭାକୁ ସଫଳ କରିବାକୁ ସେ ଦିନରାତି ଏକାକାର କରି ଦେଇଛନ୍ତି। ସଭାରେ ଯେମିତି ଲକ୍ଷାଧିକ କର୍ମୀ, ସମର୍ଥକ ଏକତ୍ରିତ ହେବେ, ସେ ନେଇ ତାଙ୍କ ଅନୁଗତ ବିଭିନ୍ନ ବ୍ଲକ ଅଞ୍ଚଳ ବୁଲି ପ୍ରଚାର କାର୍ଯ୍ୟ ଶେଷ କରିଛନ୍ତି। ମଞ୍ଚକୁ ଆକର୍ଷଣୀୟ କରାଯିବା ସହ ବ୍ୟାନର ହୋର୍ଡିଂରେ ଛାଇ ଦିଆଯାଇଛି। ସୁରକ୍ଷା ଦୃଷ୍ଟିରୁ ମଙ୍ଗଳବାର ଅପରାହ୍ନରୁ ଏସ୍‌ପିଜି ମଞ୍ଚକୁ ନିଜ ହେପାଜତକୁ ନେଇଛି। ଜିଲା ପୋଲିସର ବରିଷ୍ଠ ଅଧିକାରୀ ସଭାସ୍ଥଳ ଯାଞ୍ଚ କରିବା ସହ କଡ଼ା ସୁରକ୍ଷା ବ୍ୟବସ୍ଥା କରିବାକୁ ପ୍ରସ୍ତୁତି ଶେଷ କରିଛନ୍ତି। ସଭା ମଞ୍ଚ ନିକଟରେ ସନ୍ଧାନୀ କୁକୁର ପଇଁତରା ମାରିଛି। ସୁନ୍ଦରଗଡ଼ ଜିଲ୍ଲା ମାଓବାଦୀ ଅଧ୍ୟୁଷିତ ହୋଇଥିବାରୁ ଏଠାରେ ସୁରକ୍ଷା ବ୍ୟବସ୍ଥାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ କଂଗ୍ରେସର କେତେଜଣ ନେତା ଇତିମଧ୍ୟରେ ରାଉକେଲା ପହଞ୍ଚି ସଭାର ସଫଳତା ନେଇ ଘନ ଘନ ଆଲୋଚନା ଚଳାଇଛନ୍ତି। ଜିଲାର ବରିଷ୍ଠ ନେତାମାନେ ସଭାସ୍ଥଳ ବୁଲି ଦେଖିବା ସହ କର୍ମୀମାନେ କିପରି ସୁରୁଖୁରୁରେ ଆସି ସଭାସ୍ଥଳରେ ପହଞ୍ଚିବେ ସେ ନେଇ ନଜର ରଖିଛନ୍ତି। ରାଉରକେଲା ଏସ୍‌ପି ଡ. ଉମାଶଙ୍କର ଦାସ ସଭାସ୍ଥଳରେ ଉପସ୍ଥିତ ରହି ଫୋର୍ସ ମୋବିଲାଇଜେଶନ ପ୍ରକ୍ରିୟା ଉପରେ ଦୃଷ୍ଟି ରଖିଛନ୍ତି। ଏସ୍‌ପିଜି ଓ ପ୍ରୋଟୋକଲ ବ୍ୟବସ୍ଥାକୁ ଏଠାରେ କଡ଼ାକଡ଼ି ପାଳନ କରାଯିବା ସହ ସୁରକ୍ଷା ଦାୟିତ୍ୱରେ ୨୦ ପ୍ଲାଟୁନ ଫୋର୍ସ ମୁତୟନ ରହିବେ ବୋଲି ଏସ୍‌ପି ଦାସ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଏଆଇସିସି ସମ୍ପାଦକ ସେଖ ମସ୍ତାନ ୱାଲି, ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, ତଳସରା ବିଧାୟକ ଡ. ପ୍ରଫୁଲ୍ଲ ମାଝି, ପୂର୍ବତନ ବାଚସ୍ପତି କିଶୋର ପଟେଲ ପ୍ରମୁଖ ଯୋଗଦେଇଥିଲେ।



ଖବରଦାତା ସମ୍ମିଳନୀରେ ରାହୁଲ ଗାନ୍ଧୀଙ୍କ ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଉଛନ୍ତି କଂଗ୍ରେସ ନେତା।

## ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ ବୈଠକ

**ରାଉରକେଲା ଅଫିସ,୫।୨**

ଫର୍ଟିଲାଇଜର ଟାଉନଶିପ ସୋନା ଉଦ୍ୟାନଠାରେ ନିଖିଳ ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ ସ୍ଥାନୀୟ ଶାଖା କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ସଭାପତି ସୁରେନ୍ଦ୍ରନାଥ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଗତ ବାର୍ଷିକୋତ୍ସବ ସମ୍ପର୍କରେ ଆଲୋଚନା କରାଯିବା ପରେ ସମାଜର ଅନ୍ୟ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ସଂଗଠନ ସଦସ୍ୟଙ୍କ ପାରିବାରିକ କଳହ ସମାଧାନ ସହ ଆଗାମୀ ଦିନରେ ଶୃଙ୍ଖଳା ରକ୍ଷା ପ୍ରତି ବିଶେଷ ଦୃଷ୍ଟି ଦିଆଯିବ ବୋଲି ସଭାପତି ମତ ପ୍ରକାଶ କରିଥିଲେ। ଏହି ଅବସରରେ ଓଡ୍ର କାଳଞ୍ଜି ସମାକକୁ ଆହୁରି ଅଧିକ ସୁଦୃଢ଼ କରାଯାଇ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ସାମିଲ ହେବାକୁ କୁହାଯାଇଥିଲା। ଏଥିରେ ବରିଷ୍ଠ ସଦସ୍ୟ ମୁଲଲୀଧର ଗୌଡ଼, ରବୀନ୍ଦ୍ର ବିଶୋୟୀ, ସୁରେନ୍ଦ୍ର ତାରିଣୀ, ସୁଦର୍ଶନ ଭୂୟାଁ, କେଶବ ସାହୁ, ବାବୁ ବିଶୋୟୀ, ଗାନ୍ଧୀ ପଲେଇ, ଭଗବାନ ସ୍ୱାଇଁ ଓ କେଶବ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ସରସ୍ୱତୀ ବିଦ୍ୟାମନ୍ଦିରର କ୍ରୀଡ଼ୋତ୍ସବ

**ରାଉରକେଲା ଅଫିସ,୫।୨**

ବିଶ୍ରା ଡାହାର ରୋଡ୍‌ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରର ୩୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦିତନଗର ପରେଡ୍ ପଡ଼ିଆରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ମନୋଜ ରତେରିଆ, ସୀତାରାମ ଗୋୟଲ, ରାଜେଶ ଅଗ୍ରୱାଲ, ରାମଲାଲ ମହେମିଆ ଓ ସୀମା ରାଣା ପ୍ରମୁଖ ମଞ୍ଚାସୀନ ଥିଲେ। କ୍ରୀଡ଼ା ଶିକ୍ଷକ ବିଜୟ ପ୍ରଧାନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ରତେରିଆ କହିଥିଲେ, ଶିକ୍ଷା ଗ୍ରହଣ ସହ ଛାତ୍ରୀଛାତ୍ର ନିୟମିତ କ୍ରୀଡ଼ା, ବ୍ୟାୟାମ ଅଭ୍ୟାସ ଜାରି ରଖିବା ଉଚିତ। ଏହାଦ୍ୱାରା ପିଲାଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ବଜାୟ ରହିବ। ଏ ଦିଗରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ ପିଲାଙ୍କୁ ପ୍ରେରିତ କରିବା ଆବଶ୍ୟକ ବୋଲି ରତେରିଆ କହିଥିଲେ। କ୍ରୀଡ଼ା ମଶାଲ ପଡ଼ିଆ ପରିକ୍ରମା କରିବା ପରେ ଖେଳ ଆରମ୍ଭ ହୋଇଥିଲା। ଛାତ୍ରୀଛାତ୍ରଙ୍କୁ ସିନିୟର, ଜୁନିୟର ଓ ଇଣ୍ଟର ଏଭଳି ୩ ଭାଗରେ ବିଭକ୍ତ କରାଯାଇ ୧୦୦, ୪୦୦ ଓ ୬୦୦ମିଟର ଦୌଡ଼ ପ୍ରତିଯୋଗିତା କରାଯାଇଥିଲା। ଏଥିସହ ଉଚ୍ଚ ଓ ଲମ୍ବ ଡିଆଁ, ଅଖା ଡିଆଁ, ବାଲାନ୍ସ ରେସ, ବେଙ୍ଗ ଡିଆଁ ଆଦି ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ସୁସ୍ମିତା ବ୍ରାହ୍ମା ଓ ପ୍ରତିମା ତ୍ରିପାଠୀ ପରିଚାଳନା କରିଥିଲେ। ସୁନୀତା ଅଗ୍ରୱାଲ ଧନ୍ୟବାଦ ପ୍ରଦାନ କରିଥିଲେ।



ଉଦିତନଗର ପରେଡ୍ ପଡ଼ିଆରେ ଆୟୋଜିତ ସରସ୍ୱତୀ ବିଦ୍ୟାମନ୍ଦିର କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

## ଖବରଦାତା ସମ୍ମିଳନୀରେ ବିଳମ୍ବ ନେଇ ଅସନ୍ତୋଷ

**ରାଉରକେଲା ଅଫିସ,୫।୨**

ମଙ୍ଗଳବାର ଅପରାହ୍ନ ୪ଟାରେ ରାଉରକେଲା ଏରୋଡ୍ରମ ପଡ଼ିଆ ରାହୁଲ ଗାନ୍ଧୀଙ୍କ ସଭାମଞ୍ଚ ସ୍ଥଳରେ ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ ଡାକି ଗଣମାଧ୍ୟମ ପ୍ରତିନିଧିଙ୍କୁ ହଟହଟା କରାଯିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ମିଳନୀରେ ଯୋଗଦେବାକୁ ଆସିଥିବା ଖବରଦାତାଙ୍କୁ ଘଣ୍ଟାଏ ପର୍ଯ୍ୟନ୍ତ ପଡ଼ିଆ ଚାରିପଟେ ବାରଦୁଆର ଶୁଣ୍ଢିପିଣ୍ଡା ଅବସ୍ଥା ଭୋଗିବାକୁ ପଡ଼ିଥିଲା। ଶେଷରେ ମଞ୍ଚ ସମ୍ମୁଖରେ ରୁଣ୍ଡ ହୋଇଥିବା ଖବରଦାତାଙ୍କୁ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ବାହାରକୁ ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପିଜି କର୍ଡନ ଭିତରେ ରହିଥିବା ସଭାମଞ୍ଚ ସମ୍ମୁଖକୁ ଆମକୁ କାହିଁକି ଡକାଗଲା ଓ ଅପରାହ୍ନ ୩ଟାରେ ଖବରଦାତା ସମ୍ମିଳନୀ ଡକାଯାଇ ୪ଟା ପର୍ଯ୍ୟନ୍ତ କାହିଁକି ଠିଆ କରାଗଲା ବୋଲି ପ୍ରଶ୍ନ କରିଥିଲେ ଗଣମାଧମ ପ୍ରତନିଧି। ଏଣେ ସମନ୍ୱୟ ଅଭାବରୁ ଏହାର ଉତ୍ତର କୌଣସି କଂଗ୍ରେସ ନେତାଙ୍କ ପାଖରୁ ମିଳି ନ ଥିଲା। ତେବେ ସେଠାରେ ଉପସ୍ଥିତ ଜିଲା କଂଗ୍ରେସ ସଭାପତି ରବି ରାୟ ଓ ପୂର୍ବତନ ସଭାପତି ବୀରେନ ସେନାପତି ଗଣମାଧ୍ୟମ ପ୍ରତିନିଧିଙ୍କୁ ବୁଝାଶୁଝା କରିଥିଲେ। ଶେଷରେ ଦର୍ଶକ ଗ୍ୟାଲେରି ଭିତରେ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ବିଳମ୍ବ ଓ ଅଣଦେଖା ନେଇ କେତେଜଣ ଗଣମାଧମ ପ୍ରତିନିଧି ସ୍ଥାନ ଛାଡ଼ି ଚାଲି ଯାଇଥିବା ଦେଖିବାକୁ ମିଳିଥିଲା।

### ଶ୍ରୀମନ୍ଦିର ହୁଣ୍ଡିରୁ ମିଳିଲା ବିଦେଶୀ ମୁଦ୍ରା

## ଗଣତି ବେଳେ ବାହାରିଲା ୨୬ ଆମେରିକୀୟ ଡଲାର

ପୁରୀ ଅଫିସ, ୫।୨

ଶ୍ରୀମନ୍ଦିର ହୁଣ୍ଡିରୁ ମିଳିଛି ବିଦେଶୀ ମୁଦ୍ରା। ମଙ୍ଗଳବାର ହୁଣ୍ଡି ଗଣତି ସମୟରେ ଏହି ମୁଦ୍ରା ଦେଖିବାକୁ ମିଳିଥିଲା। ହୁଣ୍ଡିରୁ ୨୬ ଆମେରିକୀୟ ଡଲାର ବାହାରିଥିବା ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଶ୍ରୀମନ୍ଦିର ହୁଣ୍ଡିରେ ବିଦେଶୀ ମୁଦ୍ରା ପଡିବା କିଛି ନୂଆ କଥା ନୁହେଁ। ମଝିରେ ମଝିରେ ହୁଣ୍ଡିରୁ ବିଦେଶୀ ମୁଦ୍ରା ବାହାରିଥାଏ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ତେବେ ଏହି ବିଦେଶୀ ମୁଦ୍ରା କିଏ ପକାଇଛି ସେ ନେଇ ନାନା ପ୍ରକାର ଆଲୋଚନା ଶୁଣିବାକୁ ମିଳୁଛି। କେହି ଏନ୍‌ଆରଆଇ ଏହା ପକାଇଥାଇପାରନ୍ତି ବୋଲି କୁହାଯାଉଛି। ସେହିପରି ଅଜାଣତରେ କୌଣସି ବିଦେଶୀ ଭକ୍ତ ମନ୍ଦିର ଭିତରେ ପଶିଯାଇ ପାରିଥାନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି।

ଶ୍ରୀମନ୍ଦିର ହୁଣ୍ଡିରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ଟଙ୍କା, ସୁନା, ରୁପା ଇତ୍ୟାଦି ପକାଇଥାନ୍ତି। ଏହି ଦାନ ଅର୍ଥ ଏବଂ ସୁନା, ଅଳଙ୍କାର ଆଦି ପ୍ରତିଦିନ ସନ୍ଧ୍ୟାରେ ଗଣତି କରାଯାଇଥାଏ। ଶ୍ରୀମନ୍ଦିର ବେଢା ପରିସର ଶାଖା କାର୍ଯ୍ୟାଳୟରେ ଏହି ଗଣତି ହୁଏ। ପ୍ରତିଦିନ ହୁଣ୍ଡିରୁ କେତେ ଟଙ୍କା ମିଳେ ତାହାକୁ ଶ୍ରୀମନ୍ଦିର ପ୍ରଶାସନ ସର୍ବସାଧାରଣରେ ଅବଗତ କରାଇଥାଏ। ତେବେ ମଙ୍ଗଳବାର ହୁଣ୍ଡିରୁ ମୋଟ ୨ ଲକ୍ଷ ୧୪ ହଜାର ୮୯ ଟଙ୍କା, ୧୪ ଗ୍ରାମ୍ ୩୮୦ ମିଲିଗ୍ରାମ୍ ସୁନା, ୯୬ ଗ୍ରାମ୍ ୪୦୦ ମିଲିଗ୍ରାମ ରୁପା ଏବଂ ୨୬ ଆମେରିକୀୟ ଡଲାର ବାହାରିଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ଗତବର୍ଷ ମେ ୩୦ତାରିଖରେ ଶ୍ରୀମନ୍ଦିର ହୁଣ୍ଡିରୁ ଅଷ୍ଟ୍ରେଲୀୟ ୨୦ ଡଲାର ଏବଂ ଆମେରିକୀୟ ୨୬ ଡଲାର ବାହାରିଥିଲା।



ଦେଓଗାଁ ଶିକ୍ଷା ନିକେତନ ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

## ଦେଓଗାଁ ଶିକ୍ଷା ନିକେତନର ବାର୍ଷିକୋତ୍ସବ

**ରାଉରକେଲା ଅଫିସ,୫।୨**

ଆର୍‌ଏମ୍‌ସି ଅନ୍ତର୍ଗତ ଦେଓଗାଁଠାରେ ଥିବା ଶିକ୍ଷା ନିକେତନ ତ୍ରିଭାଷୀ ବିଦ୍ୟାଳୟର ୧୭ତମ ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ଆର୍‌ଡିଏ ଅଧ୍ୟକ୍ଷ ସାରଦା ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଯୁଗୋପଯୋଗୀ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରୀଛାତ୍ରଙ୍କ ଉପରେ ଯେପରି ବସ୍ତାନି ବୋଝ ନ ହୁଏ ସେ ଦିଗରେ ଯତ୍ନବାନ ହେବାକୁ ନାୟକ ପରାମର୍ଶ ଦେଇଥିଲେ। ବିଶ୍ରା ବ୍ଲକ ସହକାରୀ ଶିକ୍ଷାଧିକାରୀ ପ୍ରଶାନ୍ତ ବେହେରା ସମ୍ମାନିତ ଅତିଥି ରୂପେ ଯୋଗଦେଇ ସରକାରୀ ଯୋଜନା ଓ ଏହାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ, ବିଦ୍ୟାଳୟ ପରିବେଷ୍ଟନୀ ସହ ଶ୍ରେଣୀଗୃହର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦିଆଯିବା ନିହାତି ଆବଶ୍ୟକ। ଶୈକ୍ଷିକ ବାତାବରଣ ଯେପରି ଛାତ୍ରୀଛାତ୍ରୀଙ୍କ ଅନୁକୂଳ ହୋଇପାରିବ ସେ ଦିଗରେ କର୍ତ୍ତୃପକ୍ଷ ସର୍ବଦା ଧ୍ୟାନ ଦେବା ଆବଶ୍ୟକ। ପିଲାଙ୍କ ମାନସିକତାକୁ ଅନୁଧ୍ୟାନ କରି ଶିକ୍ଷୟିତ୍ରୀ ଶିକ୍ଷକ ପଠନ ଉପଯୋଗୀ ପଦକ୍ଷେପ ନିଅନ୍ତୁ ବୋଲି ବେହେରା ମତ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଗାନ୍ଧୀ ମହାବିଦ୍ୟାଳୟ ଅଧ୍ୟକ୍ଷା ସନ୍ଧାରାଣୀ ବରାଳ, ଶିକ୍ଷାବିତ୍ ଅନ୍ନଦାପ୍ରସାଦ ମହାପାତ୍ର ବକ୍ତବ୍ୟ ରଖି ଛାତ୍ରୀଛାତ୍ର ଶୃଙ୍ଖଳା ଜ୍ଞାନ ପ୍ରତି ଦୃଷ୍ଟି ଦେବା ସହ କର୍ତ୍ତବ୍ୟପରାୟଣ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ କହିଥିଲେ, ଶ୍ରେଣୀ ବା ବିଦ୍ୟାଳୟ ଶିକ୍ଷା ସହ ଛାତ୍ରୀଛାତ୍ର ନୈତିକ ମୂଲ୍ୟବୋଧ, ପାରିବାରିକ ଓ ସାମାଜିକ କର୍ତ୍ତବ୍ୟ ପାଳନ ଦିଗରେ ସଚେତନ ହେବା ଆବଶ୍ୟକ। ଏ ନେଇ ଅଭିଭାବକ ଦୃଷ୍ଟି ଦେବାକୁ ସାହୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ସଭାପତି ପ୍ରତିଭା ପତି ଓ ସମ୍ପାଦକ ପ୍ରମୋଦ ଦାସ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରଭାସ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ରୋଜିନା ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଦମୟନ୍ତୀ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ଫଟୋରେ ଖବର



ରାହୁଲ ଗାନ୍ଧୀଙ୍କ ସଭାମଞ୍ଚସ୍ଥଳକୁ ମଙ୍ଗଳବାର ସନ୍ଧାନୀ କୁକୁର ସହାୟତାରେ ଯାଞ୍ଚ କରାଯାଉଛି।



ରାହୁଲ ଗାନ୍ଧୀଙ୍କ ଗସ୍ତ ନେଇ ଷ୍ଟିଲ ଟାଉନଶିପ୍ ରିଂ ରୋଡ୍‌ରେ ଦଳୀୟ ପତାକା ଲଗାଇବାରେ ବ୍ୟସ୍ତ ଦୁଇ କଂଗ୍ରେସ କର୍ମୀ।

# ଗୌରବମୟ ପରମ୍ପରା ଉଜ୍ଜୀବିତ ରଖିବାକୁ ଆହ୍ୱାନ

**ରାଉରକେଲା ଅଫିସ,୫।୨**



ଯାଦବ ସମାଜ ସମାବେଶ ଅବସରରେ ଶୋଭାଯାତ୍ରା ସହର ପରିକ୍ରମା କରୁଛି।

- ଜିଲା ଯାଦବ ମହାସଭା ସମାବେଶ
- ମନ ମୋହିଲା ପାରମ୍ପରିକ ନୃତ୍ୟ ଲଉଡ଼ି

ରବିବାରଠାରୁ ସୁନ୍ଦରଗଡ଼ ଜିଲା ଯାଦବ ମହାସଭା ପକ୍ଷରୁ ଫର୍ଟିଲାଇଜର ଟାଉନଶିପ ଅନ୍ତର୍ଗତ ସୋନା ଉଦ୍ୟାନରେ ଆୟୋଜିତ ଦୁଇଦିନିଆ ଯାଦବ ମହାସଭା ଓ ନୃତ୍ୟୋତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ମନୋଜ ଗୌଡ଼ଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇଷ୍ଟ ଦେବତା ରାଧାକୃଷ୍ଣଙ୍କ ପୂଜାପାଠ ଓ ପାଲିଙ୍କି ଶୋଭାଯାତ୍ରା ବେଶ୍ ଆକର୍ଷଣୀୟ ହୋଇଥିଲା। ସ୍ୱତନ୍ତ୍ର ଭାବେ ଆୟୋଜିତ ଲଉଡ଼ି ଖେଳ ମଙ୍ଗଳା ଛକ ନିକଟରୁ ବାହାରି ମୁଖ୍ୟ ରାସ୍ତାରେ ସୋନା ଉଦ୍ୟାନ ପର୍ଯ୍ୟନ୍ତ ଆସିଥିଲା। ଏଥିରେ ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର ସମେତ ପଡ଼ୋଶୀ ଝାଡ଼ଖଣ୍ଡରୁ ମହାସଭାର ଶୁଭେଚ୍ଛୁମାନେ ଯୋଗଦେଇଥିଲେ। ଆୟୋଜକ ମନୋଜ ଗୌଡ଼ ବକ୍ତବ୍ୟ ରଖି କହିଥିଲେ, ସମାଜରୁ ଦିନକୁ ଦିନ ପରମ୍ପରା ଲୁପ୍ତ ହେବାକୁ ବସିଛି। ନୂଆ ପିଢ଼ିର ଯୁବକମାନେ ନିଜ ଐତିହ୍ୟ ସଂସ୍କୃତିକୁ ଭୁଲି ପଶ୍ଚାତ୍ୟ ଢାଞ୍ଚାକୁ ଆଦରିବା ଶୁଭଲକ୍ଷଣ ନୁହେଁ। ପରମ୍ପରା ପ୍ରତି ଅବହେଳା ଆମ ସଂସ୍କୃତି ପ୍ରତି ବିପଦ ସୃଷ୍ଟି କରିବ ବୋଲି ମନୋଜ କହିଥିଲେ। ସମାଜର ସର୍ବାଙ୍ଗୀନ ବିକାଶ ପାଇଁ ଗୋଟିଏ ମଞ୍ଚରେ ଏକତ୍ରିତ ହେବାକୁ ସଭାପତି ହୃଦାନନ୍ଦ ଯାଦବ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ରୂପେ ଝାଡ଼ଖଣ୍ଡ ଯାଦବ ସଂଗଠନର ବିଶିଷ୍ଟ କର୍ମକର୍ତ୍ତା ଏ.ବି. ଯାଦବ ଯୋଗଦେଇ ସମାଜରେ ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟ ମଧ୍ୟରେ ସମନ୍ୱୟ ରଖି ଦେଶର ଉତ୍ଥାନ ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସମସ୍ତ ଯାଦବ କୁଳ ଏକତ୍ରିତ ହୋଇ ନିଜ ଗୌରବମୟ ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଦେବଗଡ଼ରୁ ଆସିଥିବା ମାଙ୍ଗିଲାଲ ମହାକୁଡ଼, ସମ୍ବଲପୁରର ବଳରାମ ଭଇଁଷା, ବଣାଇଁର ଦଶରଥ ମହାକୁଡ଼, ସୁନ୍ଦରଗଡ଼ର ଜଗବନ୍ଧୁ ରଥ ପ୍ରମୁଖ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ। ଭରତ ଗୌଡ଼, ଲୋଚନ ଗୋପ, ଶରତ ମହାକୁଡ଼, ଶକୁନ୍ତଳା ମହାକୁଡ଼, ସଞ୍ଜୁକ୍ତା ଗୌଡ଼, ମହାଦେବ ଗୌଡ଼, ବିରଞ୍ଚି ଭାଜି, ଅଜିତ ଗୋପ, ମୁରଲୀ ଗୌଡ଼, ରବି ଗୌଡ଼ ଓ ମୁକେଶ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।